# ଧରିତ୍ରୀ DHARITRI

52 Years

ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୨୮/୨୦୨୫ (୧୮ ପୃଷ୍ଠା) | Bhubaneswar, Friday, November 28/2025 | Page 18 | ₹ 7.00

୫୨ଶ ଭାଗ ୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 5 | ମୂଲ୍ୟ₹୭/-



90 900 484 84

www.metrogroup.ind.in

FLAGSHIP PROJECT OF METRO GROUP

# PRIVACY
## IS THE ULTIMATE LUXURY

Welcome to The Mansion Life

ULTRA LUXURY LIMITED EDITION VILLAS | Prices Start ₹ 4 Cr*




PRIVATE SWIMMING POOL

PRIVATE ELEVATOR

PERSONAL GYM

50+ LIFESTYLE AMENITIES

*Introducing*

## THE MANSION

PRIVATE ✽ PRIVILEGED ✽ PERFECT

*An* EXTRAORDINARY *Legacy Forged in Trust*

CELEBRATING 33 *Years*

K

METRO KING's COURT

YOUR LEGACY LIVES ON FOREVER.

*South Bhubaneswar*

*Developed by :* CITY TRADE ARCADE PVT. LTD. | SITE ADDRESS : METRO KING'S COURT, Jatani Gate, South Bhubaneswar - 752050. | ** Terms & Conditions Apply*

ORERA REGISTRATION NO. : PHASE 1 - MP/19/2022/00770 | PHASE 2 - RP/19/2022/00841 | PHASE 3 - RP/19/2023/00899 | PHASE 4 - RP/19/2024/01148 | PHASE 5 - RP/19/2024/01128 | PHASE 6 (PLOTTING) - RP/19/2024/01124 | SEVILLE BY METRO KINGS COURT - RP/19/2024/01307 | BARCELONA BY METRO KINGS COURT - RP/19/2024/01306 | GENEVA BY METRO KINGS COURT - RP/19/2025/01387 | *rera.odisha.gov.in*

Disclaimer : This advertisement is indicative in nature & may not constitute as an offer or invitation for the purpose of registration/ bookings / sale. Elevations shown are artistic impressions and are indicative only. Actual could substantially differ from the images shown above. Visuals and other representations including amenities in this advertisement are purely conceptual / artistic impressions and do not constitute a legal offering or binding. The advertisement does not constitute or form part of an offer or contract and all the transactions in this project shall be governed by the agreement to sale to be entered between the parties. Images used are for illustration purpose. The information/ images contained in this advertisement are not guaranteed or warranted in terms of correctness,completeness,accuracy,reliability or otherwise howsoever. Any ideas / information gained in/ from this advertisement would not necessarily reflect our views.

GOVERNMENT OF JHARKHAND
झारखण्ड सरकार

मंईयां सम्मान ₹2500

अधिवक्ताओं और राज्यकर्मियों के लिए स्वास्थ्य बीमा

झारखण्ड राज्य विस्थापन एवं पुनर्वास आयोग का गठन

रांची में हाईटेक फ्लाईओवर

झारखण्ड फ़्लाईंग इंस्टिट्यूट शुरू

520 बेड बहुमंजिला छात्रावास का निर्माण शुरू

महिला महाविद्यालय, डिग्री कॉलेज एवं राजकीय अभियंत्रण महाविद्यालयों के निर्माण की स्वीकृति

पहले मिल्क पाउडर प्लांट की आधारशिला

फूलो झानो आशीर्वाद अभियान से 40 हजार महिलाओं को करोड़ों रुपए की मदद

2 लाख 80 हजार से अधिक SHGs को ₹17,374 Cr क्रेडिट लिंकेज

हजारों स्टूडेंट्स को गुरुजी स्टूडेंट क्रेडिट कार्ड का लाभ

पलाश ब्रांड से ₹56.47 Cr का व्यापार

झारखण्ड 25 अनंत संभावनाओं की ओर

भगवान बिरसा मुंडा की 150वीं जयंती एवं रजत पर्व पर भव्य आयोजन

राजस्व निरीक्षक, स्नातकोत्तर प्रशिक्षित शिक्षक, सहायक शिक्षक, प्रयोगशाला सहायकों, स्नातक प्रशिक्षित शिक्षक, चिकित्सा पदाधिकारियों, विधि सहायक आदि अंतर्गत विभिन्न विभागों में हजारों नियुक्तियां

मुख्यमंत्री फेलोशिप योजना

खूंटी, चाईबासा एवं चांडिल में BAR COUNCIL BULIDING का शिलान्यास

मानकी मुंडा छात्रवृत्ति योजना

स्कूलों में STEM एवं SCIENCE लैब की स्थापना

राज्य में नए 800 MW बिजली का उत्पादन

इको टूरिज्म को बढ़ावा

4th SAAF CHAMPIONSHIP 2025 का आयोजन

# हेमन्त सरकार के

# प्रथम वर्षगांठ

## पर चयनित हजारों अभ्यर्थियों का

# नियुक्ति पत्र वितरण समारोह

**28 नवंबर, 2025**
**अपराह्न 12:15 बजे से**
**मोरहाबादी मैदान, रांची**

स्कैन करें और इस समारोह के सहभागी बनें!



**अध्यक्षता**

**श्री हेमन्त सोरेन**
माननीय मुख्यमंत्री, झारखण्ड

**सम्मानित अतिथि**

**श्री राधा कृष्ण किशोर**
माननीय मंत्री

**श्री दीपक बिरुवा**
माननीय मंत्री

**श्री चमरा लिण्डा**
माननीय मंत्री

**श्री संजय प्रसाद यादव**
माननीय मंत्री

**श्री इरफान अंसारी**
माननीय मंत्री

**श्री हफीजूल हसन**
माननीय मंत्री

**श्रीमती दीपिका पाण्डेय सिंह**
माननीय मंत्री

**श्री योगेन्द्र प्रसाद**
माननीय मंत्री

**श्री सुदिव्य कुमार**
माननीय मंत्री

**श्रीमती शिल्पी नेहा तिर्की**
माननीय मंत्री

**हेमन्त सोरेन**
मुख्यमंत्री, झारखण्ड

सूचना एवं जनसंपर्क विभाग, झारखण्ड सरकार

PR 367265 (IPRD) 25-26

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ନଭେମ୍ବର ୨୮/୨୦୨୫ | Bhubaneswar, Friday, November 28/2025 | ପୃଷ୍ଠା-୧


ଭୁବନେଶ୍ୱର ବିମାନବନ୍ଦରରେ ଗୁରୁବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ କରୁଛନ୍ତି। ନିକଟରେ ଅଛନ୍ତି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି। **(ଅଧିକ ଫଟୋ ଓ ଖବର ପୃଷ୍ଠା-୫)**

# ଶିକ୍ଷକ ବଦଳିରେ ଏମ୍‌ପି, ବିଧାୟକ ସୁପାରିସ କରିପାରିବେନି

**ସରକାରୀ ନିର୍ଦ୍ଦେଶନାମା ଖାରଜ କଲେ ହାଇକୋର୍ଟ**

**ସରକାରୀ ସ୍କୁଲରେ ଶିକ୍ଷକ ବଦଳି ପାଇଁ ଏମ୍‌ପି, ବିଧାୟକ ସୁପାରିଶ କରିପାରିବେ ନାହିଁ ଏଭଳି ସୁପାରିସ ଦ୍ୱାରା ପ୍ରଶାସନିକ ଓ ଶିକ୍ଷା ବ୍ୟବସ୍ଥାରେ ଅନାବଶ୍ୟକ ରାଜନୈତିକ ହସ୍ତକ୍ଷେପ ହେବା ତେଣୁ ରାଜ୍ୟ ସରକାରଙ୍କ ଚାକିରି ନିୟମାବଳୀ ଅନୁଯାୟୀ ସରକାରୀ ସ୍କୁଲରେ ଶିକ୍ଷକ ବଦଳି କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟର ବିଚାରପତି ଦୀକ୍ଷିତ କୃଷ୍ଣ ଶ୍ରୀପଦ ଏ ସଂକ୍ରାନ୍ତୀୟ ଏକାଧିକ ମାମଲାର ଶୁଣାଣିକରି ରାଜ୍ୟ ସରକାରଙ୍କ ଦ୍ୱାରା ୨୦୨୫ ମେ ୧୩ରେ ଜାରି ନିର୍ଦ୍ଦେଶନାମାକୁ ଗୁରୁବାର ଖାରଜ କରିଦେଇଛନ୍ତି। ଏଥିସହ ଏହି ମାମଲାରେ ହାଇକୋର୍ଟ ଶିକ୍ଷକ ବଦଳି ଉପରେ ଗତ ଜୁଲାଇରେ ଦେଇଥିବା ଅନ୍ତରୀଣ ରହିତାଦେଶ ଏବେ ସ୍ଥାୟୀ ହୋଇଯାଇଛି। ତେବେ ଏହିଭଳି ଭାବେ ବଦଳି ହୋଇସାରିଥିବା ଶିକ୍ଷକମାନେ ଚଳିତ ଶିକ୍ଷାବର୍ଷ ଶେଷ ପର୍ଯ୍ୟନ୍ତ କାର୍ଯ୍ୟ କରିବାକୁ ହାଇକୋର୍ଟ ଅନୁମତି ଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ନ ହେବା ଉପରେ ହାଇକୋର୍ଟ ଗୁରୁତ୍ୱ ଦେଇଛନ୍ତି। ଫଳରେ ଶିକ୍ଷାବର୍ଷ ଶେଷ ପରେ ସେହି ଶିକ୍ଷକମାନେ ନିଜର ପୂର୍ବ ସ୍କୁଲକୁ ଫେରିବେ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।**



କଟକ/ଭୁବନେଶ୍ୱର,୨୭।୧୧
(କାର୍ତ୍ତିକ ସାହୁ/ରବିନାରାୟଣ ଜେନା)

ରାଜ୍ୟରେ ଶିକ୍ଷକ ବଦଳି ପାଇଁ ୨୦୨୫ ମେ ୧୩ରେ ସରକାର ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ଏମ୍‌ପି, ବିଧାୟକମାନେ ନିଜ ନିର୍ବାଚନମଣ୍ଡଳୀର ୧୫ ଜଣ ଶିକ୍ଷକଙ୍କ ବଦଳି ପାଇଁ ସୁପାରିସ କରିପାରିବେ। ସେହି ସୁପାରିସ ଅନୁଯାୟୀ ଜିଲା ଶିକ୍ଷାଧିକାରୀ ବଦଳି କାର୍ଯ୍ୟକାରୀ କରିବେ ବୋଲି ଉକ୍ତ ନିର୍ଦ୍ଦେଶନାମାରେ ସ୍ପଷ୍ଟ କରାଯାଇଥିଲା। ଏହି ନିର୍ଦ୍ଦେଶନାମା ଅନୁସାରେ ବଦଳି ଆଶାୟୀ ଶିକ୍ଷକମାନେ ଏମ୍‌ପି, ଏମ୍‌ଏଲ୍‌ଏଙ୍କ ନିକଟରେ ସେମାନଙ୍କ ଆବେଦନପତ୍ର ଦାଖଲ କରିଥିଲେ। ଏଥିପାଇଁ ବହୁ ଭାବରେ ଲବି ମଧ୍ୟ ଆରମ୍ଭ ହୋଇଯାଇଥିଲା। କେତେକାଂଶରେ ମୋଟା ଅଙ୍କର ଅର୍ଥ କାରବାର ହୋଇଥିବା ଅଭିଯୋଗ ହୋଇଥିଲା। ଏଭଳି ନିର୍ଦ୍ଦେଶନାମାକୁ ବିରୋଧକରି ହାଇକୋର୍ଟରେ କଳାହାଣ୍ଡିର ୨ ଶିକ୍ଷକ ରଞ୍ଜନ କୁମାର ତ୍ରିପାଠୀ, ଫକୀର ମହାନନ୍ଦଙ୍କ ସମେତ ୨୪ଜଣଙ୍କ ପକ୍ଷରୁ ପିଟିଶନ ଦାଖଲ ହୋଇଥିଲା। ହାଇକୋର୍ଟ ଏସବୁ ମାମଲାର ଏକତ୍ର ଶୁଣାଣି କରିଥିଲେ। ହାଇକୋର୍ଟ ଗତ ଜୁଲାଇ ୨୯ରେ ପ୍ରାଥମିକ ଶୁଣାଣି କରି ସରକାରଙ୍କ ନିର୍ଦ୍ଦେଶନାମା ଉପରେ ଅନ୍ତରୀଣ ରହିତାଦେଶ ଲାଗୁ କରିଥିଲେ।

ଗୁରୁବାର ହାଇକୋର୍ଟଙ୍କ ଏହି ରାୟ ପରେ ବଦଳି ହୋଇଥିବା ଶିକ୍ଷକ ଏବଂ ସେମାନଙ୍କ ପାଇଁ ସୁପାରିସ କରିଥିବା ବିଧାୟକ ଓ ଏମ୍‌ପିମାନଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି। ଯଦି ବଦଳି ସୁପାରିଶ ପଛରେ ଅର୍ଥ ☞ପୃଷ୍ଠା-୨

# କ୍ଷୁଦ୍ର ଶିଳ୍ପାନୁଷ୍ଠାନକୁ ଅଣଦେଖା, ଇଡ୍‌କୋ ଦାୟୀ

ଭୁବନେଶ୍ୱର,୨୭।୧୧(ସୁନିତ୍ ମିଶ୍ର)

ଓଡ଼ିଶାରେ ଶିଳ୍ପକୁ ଗୁରୁତ୍ୱ ଦିଆଯାଉଛି ବୋଲି ରାଜ୍ୟରେ ଯେଉଁ ଦଳ ସରକାରକୁ ଆସୁଛନ୍ତି ସେମାନେ ଅନେକ ସମୟରେ ଡିଣ୍ଡିମ ପିଟୁଛନ୍ତି। ହେଲେ ବାସ୍ତବ ସ୍ଥିତି କିନ୍ତୁ ସମ୍ପୂର୍ଣ୍ଣ ଓଲଟା। ଉଦାହରଣ ଭାବେ ରସୁଲଗଡ଼ ଶିଳ୍ପାଞ୍ଚଳର ବିଭିନ୍ନ ସ୍ଥାନକୁ ବୁଲି ଦେଖିଲେ ସେକଥା ଭଲ ଭାବେ ବୁଝାପଡୁଛି। ଏହି ଶିଳ୍ପାଞ୍ଚଳରେ କ୍ଷୁଦ୍ର ଏବଂ ମଧ୍ୟକ୍ଷ କ୍ଷୁଦ୍ର ଶିଳ୍ପାନୁଷ୍ଠାନ ପ୍ରତିଷ୍ଠିତ ହୋଇ ଦୀର୍ଘକାଳ ଧରି କାର୍ଯ୍ୟ କରୁଛନ୍ତି। ହେଲେ ରସୁଲଗଡ଼ ଶିଳ୍ପାଞ୍ଚଳ ଭିତରକୁ ଯଦି କେହି ଆସିବାକୁ ଚାହାନ୍ତି ତେବେ ଏହାର ୪ ପାଖର ଛୋଟ, ବଡ଼ ସମସ୍ତ ରାସ୍ତା ଏବେ ଅବରୋଧ କରି ଏକ ପ୍ରକାର ବନ୍ଦ କରିଦିଆଯାଉଛି। ଏହା ଭିତରକୁ ଆସିବା ଲାଗି ଯେଉଁ ଗୋଟିଏ ମୁଖ୍ୟ ରାସ୍ତା ରହିଛି ତାହା ମଧ୍ୟ ବିଭିନ୍ନ ଛୋଟ, ବଡ଼ ଦୋକାନୀଙ୍କଠାରୁ ଆରମ୍ଭ କରି ଏହି ଅଞ୍ଚଳରେ ରହିଥିବା ଏସ୍‌ପ୍ଲାନେଡ୍ ମଲ୍ ପକ୍ଷରୁ ନିଜର ସୀମାଠାରୁ ଅଧିକ ବାଟ ବଢ଼ାଇ ଅବରୋଧ କରାଯାଇ ସାରିଲାଣି। ଏହାଦ୍ୱାରା ଯେଉଁ ଗୋଟିଏ ମୁଖ୍ୟ ରାସ୍ତା ରହିଛି ସେହି ବାଟ ଦେଇ ଶିଳ୍ପାଞ୍ଚଳ ଭିତରକୁ ଯିବାବେଳେ ଲୋକମାନଙ୍କୁ ନାକେଦମ୍ ହେବାକୁ ପଡୁଛି। କେବଳ ସେତିକି ନୁହେଁ, ସେହି ମୁଖ୍ୟ ସଙ୍କୀର୍ଣ୍ଣ ରାସ୍ତାଟି ମଧ୍ୟ ଏବେ ଅତ୍ୟନ୍ତ କଦର୍ଯ୍ୟ ଅବସ୍ଥାରେ ରହିଛି। ରାସ୍ତାର ପ୍ରାୟ ସବୁ ସ୍ଥାନ ଖାଲ, ଢିପରେ ପରିଣତ ହୋଇଗଲାଣି। ଏଠାରେ ଅନେକଗୁଡ଼ିଏ ଶିଳ୍ପ ସଂସ୍ଥା ରହିଥିବା ବେଳେ ଯେଉଁମାନେ ସେସବୁ ସ୍ଥାନକୁ ଆସୁଛନ୍ତି ସେମାନଙ୍କୁ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ହେଲେ ଏ ଦିଗରେ ଇଡ୍‌କୋର ଜମାରୁ ଦୃଷ୍ଟି ନାହିଁ। ଅନେକ ଶହ ଯୁବତୀ, ଯୁବକଙ୍କୁ ଏହି ଶିଳ୍ପାଞ୍ଚଳରେ ଥିବା ସଂସ୍ଥାଗୁଡ଼ିକ ନିଯୁକ୍ତି ଦେଇଛନ୍ତି। ହେଲେ ଅପରପଟେ ସରକାର କ୍ଷୁଦ୍ର ଏବଂ ମଧ୍ୟମ କ୍ଷୁଦ୍ର ଶିଳ୍ପକୁ ପ୍ରୋତ୍ସାହନ ଦେବାକୁ ଘୋଷଣା କରିବା ସତ୍ତ୍ୱେ ଏଠାର ଭିତ୍ତିଭୂମିକୁ ସଜାଡ଼ିବା ଦିଗରେ ଦାୟିତ୍ୱରେ ରହିଥିବା ସରକାରୀ ଅଧିକାରୀମାନଙ୍କ ଅନିଚ୍ଛା ଦେଖି ଯୁବବର୍ଗଙ୍କଠାରୁ ଆରମ୍ଭ କରି ଏହି ରାସ୍ତା ଦେଇ ଯାଉଥିବା ଶତାଧିକ ସାଧାରଣ ଲୋକଙ୍କ ମନରେ ଅସନ୍ତୋଷ ବୃଦ୍ଧି ପାଇଛି। ☞ପୃଷ୍ଠା-୨


BHUBANESWAR DEVELOPMENT AUTHORITY
Akash Shova Building, Sachivalaya Marg, Kharavela Nagar, Unit-III
Bhubaneswar

No. 24487 /BDA, Bhubaneswar, Dated: 16.10.2019
PLANNING (R&L) -80/2019

**ORDER**

**1. Misuse of the area reserved for parking of vehicles for other purpose;**

The BDA (Planning & Building Standards) Regulations, 2018 prescribes that mandatory off-street parking shall be provided in different establishments such as commercial buildings, shopping malls, multiplexes, hospitals, apartments and housing projects, etc. It has come to the notice of BDA that the parking area shown in the approved building plan is being used for purposes other than parking of vehicles in some of such buildings. Such misuse of parking is resulting in on-street parking and thereby adversely affecting the traffic movement on the public road.

The sub-regulation (7) of regulation 37 of the aforesaid regulations prescribes that, the misuse of the parking spaces shall be summarily removed or demolished by the Authority.

It is therefore directed to all property owners to abide by the mandatory off-street parking provisions in the approved building plan and any deviations in the parking provisions shall be restored by the property owners as per the provisions of approved building plan within 30 days from the date of issue of this notice.

**2. Charging of fees towards parking spaces provided in Commercial buildings, apartment/housing projects, hospitals, etc. for which Floor Area Ratio (F.A.R.) has been exempted under the BDA (Planning & Building Standards) Regulations.**

Different establishments such as commercial buildings, shopping malls, multiplexes, hospitals, apartments / housing projects, etc. are required to provide mandatory off-street parking as per the provisions of BDA (Planning & Building Standards) Regulations. Such parking areas are exempted in the calculation of built-up area towards Floor Area Ratio (F.A.R.).

ବିଡିଏ ପକ୍ଷରୁ ଜାରି କରାଯାଇଥିବା ପାର୍କିଂ ଫି ସମ୍ପର୍କିତ ନୋଟିସ।

# ଆଧାର ପାଇଥିବା ବିଦେଶୀଙ୍କୁ ଭୋଟ ଅନୁମତି ମିଳିବ କି

**ଏସ୍‌ଆଇଆର୍ ଆବେଦନ ଉପରେ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ**

ନୂଆଦିଲ୍ଲୀ,୨୭।୧୧

ଆଧାରକୁ ନାଗରିକତ୍ୱର ନିର୍ବିବାଦ ପ୍ରମାଣ ଭାବେ ଗ୍ରହଣ କରାଯାଇପାରିବ ନାହିଁ। ବିଭିନ୍ନ ରାଜ୍ୟରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପାଇଁ ନିର୍ବାଚନ କମିଶନଙ୍କ ନିଷ୍ପତ୍ତିକୁ ବିରୋଧକରି ଦାଏର ଅନେକ ପିଟିଶନ ଉପରେ ଚୂଡ଼ାନ୍ତ ଶୁଣାଣି ଅବସରରେ ସୁପ୍ରିମକୋର୍ଟ ଏହା କହିଛନ୍ତି। ଭୋଟର ପଞ୍ଜୀକରଣ ପାଇଁ ବ୍ୟବହୃତ ଫର୍ମ-୬ରେ ଉଲ୍ଲେଖ ବିବରଣୀର ବାସ୍ତବତା ପରଖିବାର ଅନ୍ତର୍ନିହିତ ଶକ୍ତି ନିର୍ବାଚନ କମିଶନଙ୍କ ପାଖରେ ରହିଥିବା ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଦୃଢ଼ୋକ୍ତି କରିଛନ୍ତି। ଖଣ୍ଡପୀଠ ଆଧାରର ସୀମିତ ଉଦ୍ଦେଶ୍ୟ ସମ୍ପର୍କରେ ପୁନର୍ବାର ଦୋହରାଇ କହିଛନ୍ତି, ବିଭିନ୍ନ ସୁବିଧା ଉପଲବ୍ଧ କରିବା ☞ପୃଷ୍ଠା-୨

# ଝାଡ଼ଖଣ୍ଡ ସରକାରଙ୍କ ସେବା ଅଧିକାର ସପ୍ତାହ ପାଳିତ

ରାଞ୍ଚି,୨୭।୧୧

ଝାଡ଼ଖଣ୍ଡର ରୌପ୍ୟ ଜୟନ୍ତୀ ବର୍ଷ ଅବସରରେ ରାଜ୍ୟ ସରକାର ସେବା ଅଧିକାର ସପ୍ତାହ ପାଳନ କରୁଛନ୍ତି। ଏହି କ୍ରମରେ 'ଆପଣଙ୍କ ଯୋଜନା- ଆପଣଙ୍କ ସରକାର ଆପଣଙ୍କ ଦ୍ୱାରରେ' କାର୍ଯ୍ୟକ୍ରମ ସହ ସରକାର ଲୋକଙ୍କ ଅଧିକାର ସିଧା ସେମାନଙ୍କ ଗାଁ ପାଖରେ ପହଞ୍ଚାଉଛନ୍ତି।

୨୦୨୫ ନଭେମ୍ବର ୨୧ରୁ ୨୮ ସମଗ୍ର ରାଜ୍ୟରେ ଖୋଲିଥିବା ଶିବିରରେ ଜାତି ପ୍ରମାଣପତ୍ର, ସ୍ଥାନୀୟ ବାସିନ୍ଦା ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ଜନ୍ମ ପ୍ରମାଣପତ୍ର, ମୃତ୍ୟୁ ପ୍ରମାଣପତ୍ର, ନୂଆ ରାଶନ କାର୍ଡ, ଜମି ମାପ, ବିଭିନ୍ନ ସାମାଜିକ ସୁରକ୍ଷା ପେନ୍‌ସନ ଏବଂ ସାଧାରଣ ଜନତାଙ୍କ ସହ ଜଡ଼ିତ ସେବା ଓ ଜନକଲ୍ୟାଣକାରୀ ☞ପୃଷ୍ଠା-୨


ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍

# ନେପାଳ ବ୍ୟାଙ୍କ ନୋଟ୍‌ରେ ଭାରତୀୟ ଅଞ୍ଚଳ

କାଠମାଣ୍ଡୁ,୨୭।୧୧(ପି.ଟି.)




ନେପାଳର କେନ୍ଦ୍ରୀୟ ବ୍ୟାଙ୍କ ଗୁରୁବାର ନୂଆ ୧୦୦ ଟଙ୍କିଆ ବ୍ୟାଙ୍କନୋଟ୍ ଜାରି କରିଛି। ଏହି ନୋଟ୍‌ରେ ନେପାଳର ଏକ ସଂଶୋଧିତ ମାନଚିତ୍ର ରହିଛି, ଯେଉଁଥିରେ ଭାରତୀୟ ଅଞ୍ଚଳ କାଲାପାନି, ଲିପୁଲେଖ ଏବଂ ଲିମ୍ପିୟାଧୁରା ଅଞ୍ଚଳକୁ ସାମିଲ କରାଯାଇଛି। ନେପାଳ ରାଷ୍ଟ୍ର ବ୍ୟାଙ୍କର ପୂର୍ବତନ ଗଭର୍ନର ମହାପ୍ରସାଦ ଅଧିକାରୀଙ୍କ ସ୍ୱାକ୍ଷର ଥାଇ ଉକ୍ତ ନୂଆ ବ୍ୟାଙ୍କନୋଟ ଆସିଛି। ଏଥିରେ ଜାରି ତାରିଖ ୨୦୮୧ ବିଏସ୍ ଲେଖାଅଛି, ଯାହା ୨୦୨୪ ବର୍ଷକୁ ବୁଝାଉଛି। କେ.ପି. ଶର୍ମା ଓଲିଙ୍କ ସରକର ସମୟରେ ୨୦୨୦ ମେ'ରେ ପାର୍ଲାମେଣ୍ଟର ଅନୁମୋଦନକ୍ରମେ ନେପାଳ ମାନଚିତ୍ରରେ ସଂଶୋଧନ କରାଯାଇ ସେଥିରେ କାଲାପାନି, ଲିପୁଲେଖ ଏବଂ ଲିମ୍ପିୟାଧୁରାକୁ ସାମିଲ କରାଯାଇଥିଲା, ଯାହା ଭାରତୀୟ ଅଞ୍ଚଳ। ୨୦୨୦ରେ ଭାରତ ଏହାର ଦୃଢ଼ ପ୍ରତିବାଦ କରିବା ସହ ଏହା ଏକତରଫା କାର୍ଯ୍ୟ ବୋଲି କହିଥିଲା। ଏଭଳି କୃତ୍ରିମ ସମ୍ପ୍ରସାରଣ ଗ୍ରହଣୀୟ ନୁହେଁ ବୋଲି ନୂଆଦିଲ୍ଲୀ କାଠମାଣ୍ଡୁକୁ ଜଣାଇ ଦେଇଥିଲା। ତେବେ ସରକାରଙ୍କ ନିଷ୍ପତ୍ତିକ୍ରମେ ନୂଆ ବ୍ୟାଙ୍କନୋଟ୍‌ରେ ସଂଶୋଧନ କରାଯାଇଥିବା ନେପାଳ ରାଷ୍ଟ୍ର ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

# ବସ୍ ଧର୍ମଘଟ ଡାକରା ପ୍ରତ୍ୟାହୃତ

**ପରିବହନ ବିଭାଗ ସହ ଆଲୋଚନା ପରେ ସଂଘର ନିଷ୍ପତ୍ତି**

ଭୁବନେଶ୍ୱର,୨୭।୧୧
(ସତ୍ୟଜିତ ରାଉତ)

ଅଲ୍ ଓଡ଼ିଶା ମୋଟର ବସ୍ ଓନର୍ସ ଆସୋସିଏଶନ ପକ୍ଷରୁ ଡିସେମ୍ବର ୧ରୁ ହେବାକୁ ଥିବା ରାଜ୍ୟବ୍ୟାପୀ ବସ୍ ଧର୍ମଘଟ ପ୍ରତ୍ୟାହୃତ ହୋଇଛି। ବସ୍ ମାଲିକ ସଂଘର ଏକ ପ୍ରତିନିଧି ମଣ୍ଡଳୀ ପରିବହନ ବିଭାଗ ସହ ଆଲୋଚନା କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ସଂଘ ପକ୍ଷରୁ ଧର୍ମଘଟ ପ୍ରତ୍ୟାହୃତ କରାଯାଇଥିବା ନେଇ ଗୁରୁବାର ଏକ ପ୍ରେସ୍‌ବାର୍ତ୍ତା ଯୋଗେ ସୂଚନା ଦିଆଯାଇଛି।

ରାଜ୍ୟ ସରକାର ପୋଲିସକୁ ମୋଟର ଯାନ ଯାଞ୍ଚ କ୍ଷମତା ପ୍ରଦାନ ନିଷ୍ପତ୍ତିକୁ ବିରୋଧ କରି ବସ୍ ମାଲିକ ସଂଘ ପକ୍ଷରୁ ନଭେମ୍ବର ୧୭ରେ ଧର୍ମଘଟ ନେଇ ଘୋଷଣା କରାଯାଇଥିଲା। ସଂଘ ତୀବ୍ର ପ୍ରତିକ୍ରିୟା କରିବା ସହ ଉକ୍ତ ନିଷ୍ପତ୍ତିର ପୁନର୍ବିଚାର ପାଇଁ ଦାବିକରି ଆସୁଥିଲା। ସଂଘ ସଭାପତି ଲୋକନାଥ ପାଣି, ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, କୋଷାଧ୍ୟକ୍ଷ ବରଦା ପ୍ରସନ୍ନ ଆଚାର୍ଯ୍ୟ ପ୍ରମୁଖଙ୍କୁ ନେଇ ଏକ ପ୍ରତିନିଧି ମଣ୍ଡଳୀ ପରିବହନ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ସାକ୍ଷାତ ଆଲୋଚନା କରି ଏଥିଯୋଗୁ ସୃଷ୍ଟି ହେବାକୁ ଥିବା ସମସ୍ୟା ସଂକ୍ରାନ୍ତରେ ଅବଗତ କରିଥିଲେ। ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ☞ପୃଷ୍ଠା-୨

# ସିଙ୍ଗଲ୍ ଡୋଜ୍ ଡେଙ୍ଗୁ ଟିକାକୁ ବ୍ରାଜିଲର ମଞ୍ଜୁରୀ

ବ୍ରାସିଲିଆ,୨୭।୧୧




ବିଶ୍ୱର ପ୍ରଥମ ସିଙ୍ଗଲ୍ ଡୋଜ୍ ଡେଙ୍ଗୁ ଟିକାକୁ ବ୍ରାଜିଲ କର୍ତ୍ତୃପକ୍ଷ ବୁଧବାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ତାପମାତ୍ରା ବୃଦ୍ଧି ଯୋଗୁ ବିଶ୍ୱବ୍ୟାପୀ ମଶାଜନିତ ରୋଗ ବ୍ୟାପୁଥିବାବେଳେ ଏହା ଏକ ଐତିହାସିକ ସଫଳତା ବୋଲି ବ୍ରାଜିଲ କହିଛି। ଡେଙ୍ଗୁରେ ଅତ୍ୟଧିକ ଜ୍ୱର ହେବା ସହ ଥକ୍କା ଲାଗିବା ଓ ଦେହ ବିନ୍ଧା ଭଳି ଲକ୍ଷଣ ଦେଖାଦେଇଥାଏ। ୨୦୨୪ରେ ବିଶ୍ୱବ୍ୟାପୀ ସର୍ବାଧିକ ଡେଙ୍ଗୁ ସଂକ୍ରମିତ ହୋଇଥିଲା। ଏହି ରୋଗର ସଂକ୍ରମଣ ପାଇଁ ଗବେଷକମାନେ ଜଳବାୟୁ ପରିବର୍ତ୍ତନକୁ ଦାୟୀ କରିଛନ୍ତି। ସାଓ ପାଉଲୋସ୍ଥିତ ବୁଟାଣ୍ଟାନ୍ ଇନ୍‌ଷ୍ଟିଚ୍ୟୁଟ୍ ଦ୍ୱାରା ବିକଶିତ ବୁଟାଣ୍ଟାନ୍-ଡିଭି ଟିକା ୧୨ରୁ ୫୯ ବର୍ଷ ବୟସର ଲୋକମାନଙ୍କ ନିମନ୍ତେ ବ୍ୟବହାର ପାଇଁ ବ୍ରାଜିଲ ସ୍ୱାସ୍ଥ୍ୟ ନିୟାମକ ସଂସ୍ଥା ଏଏନ୍‌ଭିଆଇଏସ୍‌ଏ ମଞ୍ଜୁରୀ ଦେଇଛି। ସମ୍ପ୍ରତି ସାରା ବିଶ୍ୱରେ ଡେଙ୍ଗୁର ଗୋଟିଏ ଟିକା ଟିଏକେ-୦୦୩ ଉପଲବ୍ଧ ହେଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ଏହି ଟିକା ୩ ମାସ ଅନ୍ତରରେ ୨ଟି ଡୋଜ୍‌ରେ ଦିଆଯାଇଥାଏ। ବ୍ରାଜିଲରେ ପରୀକ୍ଷା ନିରୀକ୍ଷା ହେବାର ୮ ବର୍ଷ ପରେ ଏକକ ଡୋଜ୍ ବିଶିଷ୍ଟ ଟିକା ବିକଶିତ ହୋଇଛି। ଦ୍ରୁତତର ଏବଂ ସରଳ ଟିକାକରଣ ଅଭିଯାନ ପାଇଁ ଏହାକୁ ଅନୁମତି ମିଳିବ। ବ୍ରାଜିଲରେ ବିଜ୍ଞାନ ଓ ସ୍ୱାସ୍ଥ୍ୟ ପାଇଁ ଏହା ଏକ ଐତିହାସିକ ସଫଳତା ବୋଲି ବୁଟାଣ୍ଟାନ୍ ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ଏସ୍‌ପେର କଲାସ କହିଛନ୍ତି। ଯେଉଁ ରୋଗ ବହୁ ଦଶନ୍ଧି ହେଲା ଆମକୁ ଅସ୍ତବ୍ୟସ୍ତ କରିଆସିଥିବାବେଳେ ଏବେ ଏକ ବହୁ ଶକ୍ତିଶାଳୀ ଅସ୍ତ୍ରରେ ଏହାର ମୁକାବିଲା କରାଯିବ ବୋଲି ସେ କହିଛନ୍ତି। କ୍ଲିନିକାଲ ପରୀକ୍ଷା ବେଳେ ଏହି ଟିକା ୯୧.୬ ପ୍ରତିଶତ ସଫଳ ହୋଇଛି। ୧୬,୦୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀଙ୍କ ଉପରେ କ୍ଲିନିକାଲ ପରୀକ୍ଷା ହୋଇଥିଲା। ଏଡିସ୍ ମଶା ଦ୍ୱାରା ଡେଙ୍ଗୁ ସଂକ୍ରମିତ ହୋଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ରିପୋର୍ଟ ଅନୁଯାୟୀ ୨୦୨୪ରେ ୧୪.୬ ନିୟୁତରୁ ଊର୍ଦ୍ଧ୍ୱ ଡେଙ୍ଗୁ ମାମଲା ଚିହ୍ନଟ ହୋଇଥିବାବେଳେ ପ୍ରାୟ ୧୨,୦୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା। ସେଥିରୁ ଅର୍ଦ୍ଧେକ ମୃତ୍ୟୁ କେବଳ ବ୍ରାଜିଲରେ ହୋଇଥିଲା। ସେବର୍ଷ ୧୯ ପ୍ରତିଶତ ଡେଙ୍ଗୁ ବ୍ୟାପିବା ପାଇଁ ବୈଶ୍ୱିକ ଉତ୍ତାପ ବୃଦ୍ଧି ଦାୟୀ ବୋଲି ଆମେରିକା ଷ୍ଟାନ୍‌ଫୋର୍ଡ ୟୁନିଭର୍ସିଟିର ଗବେଷକମାନେ ଅଧ୍ୟୟନରୁ ଜାଣିବାକୁ ପାଇଥିଲେ।

**ଆଜିର ସମ୍ପାଦକୀୟ**
**ଗମ୍ଭୀର ଭାଗୀଦାରି**



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ବିକଳ୍ପ ପକ୍ଷରୁ ରାଜ୍ୟସ୍ତରୀୟ ବିଚାର ବିମର୍ଷ କାର୍ଯ୍ୟକ୍ରମ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- କାର୍ଯ୍ୟରତ ଟିଜିଟି ଶିକ୍ଷକଙ୍କ ବଦଳି ସମ୍ବନ୍ଧୀୟ ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ସମ୍ବାଦିକ ସଂଘ, କେଶରୀ ଟକିଜ୍ ପଛପଟ, ସମୟ: ଅପରାହ୍ନ ୪ଟା ୩୦।
- ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ୍ ପକ୍ଷରୁ ବାର୍ଷିକ ମ୍ୟୁଜିକ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

**କଟକ**
- ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ପକ୍ଷରୁ ଏମ୍ଏସ୍ଏମ୍ଇ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ, ସ୍ଥାନ: ରୋଟାରି ଚକ୍ଷୁ ଚିକିତ୍ସାଳୟ ପରିସର, ସେକ୍ଟର-୬, ସିଡିଏ, ସମୟ: ପୂର୍ବାହ୍ନ ୧୧ଟା।
- କାଉନସିଲ୍ ଅଫ୍ କଲ୍‌ଚରାଲ ଗ୍ରୋଥ୍ ଆଣ୍ଡ କଲ୍‌ଚରାଲ ରିଲେସନ୍ସ ପକ୍ଷରୁ ଡ. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମ ଜୟନ୍ତୀ, ସ୍ଥାନ: ସାରଳା ଭବନ, ସମୟ: ସନ୍ଧ୍ୟା ୬ଟା।

**ପୁରୀ**
- ନିମାପଡ଼ା ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା ଓ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସଂସଦ କ୍ରୀଡ଼ା ମହୋତ୍ସବ ଅବସରରେ କ୍ରିକେଟ ପ୍ରତିଯୋଗିତା, ସ୍ଥାନ: ଜଗନ୍ନାଥ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଲେଖକ ସାମ୍ମୁଖ୍ୟ ପକ୍ଷରୁ ସାହିତ୍ୟ ଉତ୍ସବ, ସ୍ଥାନ: ୟୁଥ୍ ହଷ୍ଟେଲ, ସମୟ: ଅପରାହ୍ନ ୩ଟା।
- ସିନିଅର ସଫ୍ଟ ବଲ୍ ଚାମ୍ପିଅନସିପ, ସ୍ଥାନ: ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ତାଳବଣିଆ, ସମୟ: ଅପରାହ୍ନ ୩ଟା୩୦।

**ବାଲେଶ୍ୱର**
- ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, ବାଣପୁର, ଖଇରା ସମୟ: ସକାଳ ୮ଟା।
- ବାଲେଶ୍ୱର ଲୋକ ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

**ଭଦ୍ରକ**
- କଳ୍ପନାଦେବୀ ଶାରଦା କମଳା ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ମୋଟେଲ ଛକ, ଭଦ୍ରକ, ସମୟ: ଅପରାହ୍ନ ୨ଟା।
- ତ୍ୟାଗଭୂମି ମହୋତ୍ସବର ୫ମ ସନ୍ଧ୍ୟା, ସ୍ଥାନ: ମଠସାହି ଗୋପାଳଜୀଉ ପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

**କେନ୍ଦୁଝର**
- ଆବାସ ଯୋଜନାର ସମୀକ୍ଷା ବୈଠକ, ସ୍ଥାନ: ହାଟଡିହୀ ବ୍ଲକ,ସମୟ: ଅପରାହ୍ନ ୨ଟା।
- ୩୧ ତମ ବାର୍ଷିକ କ୍ରୀଡ଼ା ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବଡବିଲ, ସମୟ: ପୂର୍ବାହ୍ନ ୧୦ଟା।

**ମୟୂରଭଞ୍ଜ**
- ଗୋପବନ୍ଧୁ ନଗର ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ, ସ୍ଥାନ:ସରକାରୀ ଉଚ୍ଚ ବିଦ୍ୟାଳୟ, ରାଣୀବନ୍ଧ, ସମୟ: ସକାଳ ୮ଟା।
- ସୀମାନ୍ତ ମହାବିଦ୍ୟାଳୟ ଆଥ୍‌ଲେଟିକ କ୍ଲବର ୪୦ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ମହାବିଦ୍ୟାଳୟ ପରିସର କ୍ରୀଡ଼ା ପ୍ରାଙ୍ଗଣ, ଝାରପୋଖରିଆ,ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ,ସ୍ଥାନ:ଉଦଳା ହାଇସ୍କୁଲ ପଡ଼ିଆ,ସମୟ:ପୂର୍ବାହ୍ନ ୧୦ଟା।
- ଚକ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ:ହଳଦୀପାଳ, ପାରିଆଉଡ଼ା ଗ୍ରାମ,ମୋରଡ଼ା,ସମୟ:ସନ୍ଧ୍ୟା ୭ଟା।

**ବ୍ରହ୍ମପୁର**
- ମଧୁମେହ ସଚେତନତା ରାଲି, ସ୍ଥାନ: ଏମକେସିଜି ଖେଳପଡିଆ, ସମୟ: ସକାଳ ୮ଟା।

**ଗଞ୍ଜାମ**
- ଆସିକା ସରସ୍ୱତୀ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: କାଳଷଣ୍ଡପୁର ମିନିଷ୍ଟାଡିୟମ, ଆସିକା, ସମୟ, ସକାଳ: ୮ଟା ୩୦।
- ସାଂସଦ ଖେଳ ମହୋତ୍ସବ ଆନୁକୂଲ୍ୟରେ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ପାଟପୁର କଲେଜ ଖେଳ ପଡିଆ, ସାନଖେମୁଣ୍ଡି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆସିକା ଇସ୍କନ ଶାଖା ପକ୍ଷରୁ 'ସାଧୁ ସଙ୍ଗେ ହରିକଥା' କାର୍ଯ୍ୟକ୍ରମ, ସ୍ଥାନ: ଟାଉନ୍ ହଲ୍, ଆସିକା, ସମୟ: ପୂର୍ବାହ୍ନ ୧୧ ଟା ୩୦।

**କନ୍ଧମାଳ**
- ନାରାୟଣ ଭଗବାନଙ୍କ ନୂତନ ମନ୍ଦିରର ଭୂମିପୂଜନ ଉତ୍ସବ, ସ୍ଥାନ: ଦାରିଙ୍ଗବାଡ଼ି ବ୍ଲକ୍ ଋଷିମାଳ ତୀର୍ଥ କ୍ଷେତ୍ର, ସମୟ: ସକାଳ ୯ଟା ୧୦।

**ଅନୁଗୋଳ**
- ଜିଲାସ୍ତରୀୟ ଯୁବ ମହୋତ୍ସବ, ସ୍ଥାନ: ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

**ଜଗତ୍‌ସିଂହପୁର**
- ଜଗନ୍ନାଥ ଲଳିତ କଳା ସଂସଦ ପକ୍ଷରୁ ସାଂସ୍କୃତିକ ସମାରୋହର ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ରାଜସ୍ୱ ସମ୍ପର୍କୀୟ ଅଭିଯୋଗ ଶୁଣାଣି ଶିବର, ସ୍ଥାନ: ତହସିଲ କାର୍ଯ୍ୟାଳୟ, ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୦ଟା।

**ଯାଜପୁର**
- ତୃତୀୟ ବାର୍ଷିକ ହିଙ୍ଗୁଳା କ୍ରିକେଟ କପ-୨୦୨୫ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ରସୁଲପୁର ବ୍ଲକର ସୁଆଁସାହି ଗାଁ ଖେଳ ପଡିଆ, ସମୟ: ପୂର୍ବାହ୍ନ ୧୦ଟା୩୦।
- ଯାଜପୁର ଜିଲାସ୍ତରୀୟ ଯୁବ ଉତ୍ସବ-୨୦୨୫, ସ୍ଥାନ : ଯାଜପୁର ଇନଡୋର ଷ୍ଟାଡିୟମ, ସମୟ : ପୂର୍ବାହ୍ନ ୧୧ଟା।

**ନୟାଗଡ଼**
- ଘୋଡଲାଗି ପର୍ବର ୩ୟ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ଘୋଡଲାଗି ପର୍ବର ୩ୟ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭.୩୦ଟା।

**ରାୟଗଡ଼ା**
- ବ୍ଲକ୍‌ସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତା, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଗୁଣପୁର, ସମୟ: ପୂର୍ବାହ୍ନ ୧୦ ଟା।
- ବିକଶିତ ଭାରତ ଯୁବ ନେତୃତ୍ୱ ସଂଳାପ ଉପଲକ୍ଷେ ଦୁଇଦିନିଆ ପ୍ରତିଭା ଚୟନ କାର୍ଯ୍ୟକ୍ରମ ଉଦ୍‌ଘାଟନ, ସ୍ଥାନ: ଲାୟନ୍ସ କ୍ଲବ ଓ ଜିଲା ସଂସ୍କୃତି ଭବନ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଅମ୍ରିତ କଳା ସାଂସ୍କୃତିକ ସମାରୋହ, ସ୍ଥାନ: ବିଜୁ ପଟ୍ଟନାୟକ ଅଡିଟୋରିୟମ, ରାୟଗଡା, ସମୟ: ସନ୍ଧ୍ୟା ୬ଟା।

**ନବରଙ୍ଗପୁର**
- ସଂସଦୀୟ ସଙ୍କୁଳ ବିକାଶ ପରିଯୋଜନା କାର୍ଯ୍ୟକ୍ରମ, ସ୍ଥାନ: ଝରିଗାଁ ସଣ୍ଡସା ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।
- ଦୀର୍ଘସ୍ଥାୟୀ ଭିତ୍ତିଭୂମି ସହିତ ଗ୍ରାମୀଣ ସମୁଦାୟକୁ ସଶକ୍ତ କରିବା ତାଲିମ୍, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

**କୋରାପୁଟ**
- ଜିଲାପାଳଙ୍କ ବୋରିଗୁମ୍ମା ବ୍ଲକ ଅଞ୍ଚଳ ପରିଦର୍ଶନ, ସ୍ଥାନ: ବୋରିଗୁମ୍ମା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା, ସ୍ଥାନ: ଶୀତମ ଇନ୍‌ଷ୍ଟିଚ୍ୟୁସନ ଅଫ ପରିସର, ସେମିଳିଗୁଡା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ମେଳା, ସ୍ଥାନ: ଡିଏଭି ସରକାରୀ ମହାବିଦ୍ୟାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୧ଟା।
- ପୌରାଞ୍ଚଳ ସ୍ତରିୟ ପରବ ଉଦ୍‌ଯାପିତ, ସ୍ଥାନ: ଦଶହରା ପଡ଼ିଆ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାପାଳଙ୍କ ଜିଲା ଜର୍ଜ କୋର୍ଟରେ ସମୀକ୍ଷା ବୈଠକ, ସ୍ଥାନ: ଜିଲା ଜର୍ଜ କୋର୍ଟ, ଜୟପୁର, ସମୟ: ଅପରାହ୍ନ ୪ଟା।
- ଏପିଏଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ହାଲ ଖେଳ ପଡ଼ିଆ, ସୁନାବେଡା, ସମୟ: ସନ୍ଧ୍ୟା ୬ଟା।

**ସମ୍ବଲପୁର**
- ଖରିଫ ଧାନ ସଂଗ୍ରହ କାର୍ଯ୍ୟକ୍ରମର ଶୁଭାରମ୍ଭ, ସ୍ଥାନ: ବରେଇପାଲି ମାର୍କେଟ ୟାର୍ଡ, ସମୟ: ସକାଳ ୯ଟା ୩୦।
- ଜିଲା କ୍ରୀଡ଼ା ସଂଘ ଆୟୋଜିତ ୬୧ତମ ଜିଲାସ୍ତରୀୟ ବାର୍ଷିକ ଆଥେଲେଟିକ ମିଟ-୨୦୨୫ର ପ୍ରସ୍ତୁତି ବୈଠକ, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା।
- ସମ୍ବଲପୁରୀ ଧନୁଯାତ୍ରା କଳାକାରମାନଙ୍କ ଆଲୋଚନା, ସ୍ଥାନ: ସାମ୍ବାଦିକ ଭବନ, ସମୟ: ରାତି ୭ଟା।

**ବଲାଙ୍ଗୀର**
- ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ ଫୁଟବଲ, ଫେନ୍‌ସିଂ, ଥାଙ୍ଗ୍‌ଟା ପ୍ରତିଯୋଗିତା, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ୍, ବଲାଙ୍ଗୀର,ସମୟ: ସକାଳ ୮ଟା ୩୦ ମିନିଟ।

**ରାଉରକେଲା**
- ଜାତୀୟ ଫଟୋଗ୍ରାଫି ପ୍ରତିଯୋଗିତା, ସ୍ଥାନ: ସେକ୍ଟର-୧୪, ସମୟ: ପୂର୍ବାହ୍ନ ୧୦ଟା।
- ହୋମିଓପାଥିକ୍ କଲେଜରେ ଛାତ୍ର ବିକ୍ଷୋଭ, ସ୍ଥାନ: ସେକ୍ଟର-୨୧, ସମୟ: ପୂର୍ବାହ୍ନ ୧୦ଟା।
- ଶିରିଡି ସାଇବାବାଙ୍କ ବାର୍ଷିକ ଉତ୍ସବ, ସ୍ଥାନ: ଶୀତଳପଡା, ଉଦିତନଗର, ସମୟ: ସନ୍ଧ୍ୟା ୬ଟା ୩୦।

**ବରଗଡ଼**
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ: ସନ୍ଧ୍ୟା ୫ଟା।
- ପୁସ୍ତକମେଳାରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼,ସମୟ:ସନ୍ଧ୍ୟା ୫ଟା।

**କଳାହାଣ୍ଡି**
- ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ମହାଲକ୍ଷ୍ମୀ ପୂଜା ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଜୁନାଗଡ଼ ବଜାରପଡା, ସମୟ: ଅପରାହ୍ନ ୫ଟା ୩୦।
- କର୍ଲାମୁଣ୍ଡା କୃଷକ ସାଥି ଉତ୍ପାଦକ କମ୍ପାନୀ ଲିମିଟେଡ଼ର ତୃତୀୟ ବାର୍ଷିକ ସାଧାରଣ ସଭା, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ବିଜାପାଟି, ସମୟ: ମଧ୍ୟାହ୍ନ ୧୨ଟା।
- ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ, ଲାଞ୍ଜିଗଡ ବ୍ଲକ ବିଶ୍ୱନାଥପୁର ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ସକାଳ ୧୦ଟା।

**ବୌଦ୍ଧ**
- ବ୍ଲକସ୍ତରୀୟ ବିଜ୍ଞାନମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ହରଭଙ୍ଗା ବ୍ଲକ ଧଳପୁରସ୍ଥିତ ରାଜେନ୍ଦ୍ର ନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୯ଟା।
- ନିଖିଳ ଓଡ଼ିଶା ମଧ୍ୟାହ୍ନଭୋଜନ ପାଚକ ପାଚିକା ସଂଘ ପକ୍ଷରୁ ବିକ୍ଷୋଭ ସମାବେଶ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ୧୧ଟା।

**ଦେବଗଡ଼**
- ସର୍ବଭାରତୀୟ ପ୍ରଧାନପାଟ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ପଞ୍ଚମ ଦିବସ, ସ୍ଥାନ: ଦେବଗଡ଼ ଇନ୍ଦିରାଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

**ସୁବର୍ଣ୍ଣପୁର**
- ଫ୍ରେଣ୍ଡସ କ୍ଲବ ବୈଠକ, ସ୍ଥାନ: ଅମରପାଲି, ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।
- ସର୍ବଭାରତୀୟ ଜୟ ଜଗନାଥ ଲୁତୁରପଙ୍କ କ୍ରିକେଟ କପ୍ ବୈଠକ, ସ୍ଥାନ: ଲୁତୁରପଙ୍କ ପଡିଆ, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- କୁରାଳ ପଞ୍ଚମୀ ମହୋତ୍ସବରେ ଧନୁଯାତ୍ରାର ପଞ୍ଚମ ସନ୍ଧ୍ୟା, ସ୍ଥାନ: ଷଣ୍ଢା, ବୀରମହାରାଜପୁର, ସମୟ: ସନ୍ଧ୍ୟା ୭ଟା।
- ତରଭା ସହରରେ ଲକ୍ଷ୍ମୀପୂଜାର ଦ୍ୱିତୀୟ ଦିନ ଅବସରରେ ଲକ୍ଷ୍ମୀପୁରାଣ ପଠନ ଓ ଭଜନ ସମାରୋହ, ସ୍ଥାନ: ମେହେରପଡା, ସମୟ: ସକାଳ ୯ଟା।
- ସୁବର୍ଣ୍ଣପୁର ଜିଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

**ନୂଆପଡ଼ା**
- ୩ୟ ଫୁଟ୍‌ବଲ ମହାକୁମ୍ଭ ଏକାଦଶ ଦିବସ, ସ୍ଥାନ: ରାଜା ଏଟି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା।

## ଦୀପ ନିଆଁରେ ଜଳିଗଲା ଘର, ସମ୍ପତ୍ତି

**ବାସୁଦେବପୁର,୨୭।୧୧(କାଳିପଦ ରାୟ)**

ବାସୁଦେବପୁର ବ୍ଲକ ବାଲିମେଦ ପଞ୍ଚାୟତର ଦୟାନିଧିପୁର ଗ୍ରାମରେ ଗୁରୁବାର ସକାଳେ ଦୀପରୁ ନିଆଁ ଲାଗି ବ୍ରହ୍ମାନନ୍ଦ ନାଥଙ୍କର ଏକ ବଖରା ଘର ଜଳିଯାଇଛି। ଘରେ ଥିବା ସମସ୍ତ ଆସବାବପତ୍ର, ଲୁଗା ଓ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି। ସୂଚନା ଅନୁଯାୟୀ, ମାଣବସା ପୂଜା ପାଇଁ ଦିଆଯାଇଥିବା ଦୀପରୁ ଆଲଣାରେ ଥିବା ଲୁଗାରେ ନିଆଁ ଲାଗି ଅନ୍ୟ ଆସବାବପତ୍ରରେ ଲାଗିଯାଇଥିବା ଅନୁମାନ କରାଯାଉଛି। ପୂଜା ପରେ ଘର ଲୋକ ବାହାରୁ କବାଟ ବନ୍ଦ କରି ଅନ୍ୟତ୍ର କାମ କରୁଥିବାରୁ ନିଆଁ ଲାଗିଥିବା ଜାଣିପାରି ନ ଥିଲେ। ଖବର ପାଇ ବାସୁଦେବପୁର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଏ ଘରେ ମୁଁ ରହିବି ନାହିଁ;**
**ଖଣ୍ଡିଆ ପଥୁରି ଧୋଇବି ନାହିଁ।**

ଯେଉଁଘରେ ବ୍ୟକ୍ତିଙ୍କୁ ସ୍ନେହ ଆଦର ମିଳି ନ ଥାଏ, ସେ ଘର ପ୍ରତି ବ୍ୟକ୍ତିର ମୋହମାୟା ତୁଟିଯାଇଥାଏ। ପରିବାର ସଦସ୍ୟଙ୍କ ମଧ୍ୟରେ ରହିଥିବା ସମ୍ପର୍କ ମଧ୍ୟ କ୍ରମଶଃ ଫିକା ପଡିଯାଇଥାଏ। ଏପରି ସ୍ଥିତିରେ ଶାଶୁଘର ସଦସ୍ୟଙ୍କ ଠାରୁ କଥାକଥାକେ ମାଡ଼ଗାଳି ଶୁଣୁଥିବା ବୋହୂ ସେଠାରେ ଚଳିବାକୁ ଇଚ୍ଛା ପ୍ରକାଶ ନ କରିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଏଇ କଥା କି କଥାରେ ଲେଖା?**
**ଆଉ କଥା ଥିଲେ ଦାଣ୍ଡରେ ଦେଖା।**

କଥାକୁ ଧରିବସିଲେ ତାହା ବଡ଼ ଆକାର ଧାରଣ କରିଥାଏ। ତେଣୁ ଛୋଟ ଛୋଟ କଥାକୁ ନେଇ ଅଧିକ ହୋହଲ୍ଲା କରିବା ଉଚିତ ହୋଇ ନ ଥାଏ। ସେହିପରି ସାମାନ୍ୟ କଥା ମଧ୍ୟ ବେଳେବେଳେ ସମ୍ପର୍କରେ ଫାଟ ସୃଷ୍ଟି କରିଥାଏ। ଛୋଟକଥାକୁ ନେଇ ବଡ଼ ସଭା ବସାଇବା ମୋଟେ ଶୋଭନୀୟ ନୁହେଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଗୁରୁବାର ଅପରାହ୍ନ ୪ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଶିକ୍ଷକ ବଦଳିରେ...

କାରବାର ହୋଇଥିବ, ତା'ହେଲେ ସେହି ଅର୍ଥ ଫେରସ୍ତ ପାଇଁ ସେମାନଙ୍କ ମଧ୍ୟରେ ଅପ୍ରୀତିକର ସ୍ଥିତି ଘଟିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏହି ପ୍ରସଙ୍ଗରେ ବିରୋଧୀ ଦଳ ଶାସକ ଦଳକୁ ଘେରିଛନ୍ତି। ବିରୋଧୀ ଦଳ ବିଜେଡି ସଦସ୍ୟ ଡ. ଅରୁଣ କୁମାର ସାହୁ ବିଧାନସଭା ବାହାରେ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ଯେଉଁ ୧୫ଜଣିଆ ଶିକ୍ଷକଙ୍କ ବଦଳି ସୁପାରିସ ଅଧିକାର ପ୍ରଦାନ କରାଯାଇଥିଲା, ତାହା ସମ୍ପୂର୍ଣ୍ଣ ଭାବେ ଅକ୍ଷମଣୀୟ ତ୍ରୁଟି। ଏହାକୁ ହାଇକୋର୍ଟ ଏବେ ରଦ୍ଦ କରିବା ପରେ ସରକାର ଲଜ୍ଜିତ ହୋଇଛନ୍ତି। ଜଣେ ବିଧାୟକଙ୍କୁ ଯେଉଁ ୧୫ଜଣ ଶିକ୍ଷକଙ୍କ ବଦଳି ନେଇ ସୁପାରିସ ଦାୟିତ୍ୱ ପ୍ରଦାନ କରାଗଲା ତାହା ସେ କେଉଁ ଆଧାରରେ ନିରୂପଣ କରିବେ। ସରକାରଙ୍କ ଏହି ନିଷ୍ପତ୍ତିକୁ ନେଇ ଶତାଧିକ ଶିକ୍ଷକ ବିଧାୟକ ଓ ସାଂସଦଙ୍କ ନିକଟରେ ନିଜର ବଦଳି ଦାବି କଲେ, ଯାହାକି ପରବର୍ତ୍ତୀ ପର୍ଯ୍ୟାୟରେ ହାଇକୋର୍ଟ ପର୍ଯ୍ୟନ୍ତ କଥା ଗଲା। ଏହାଦ୍ୱାରା ବିପୁଳ ପରିମାଣର ବେପାର ହୋଇଛି। ହାଇକୋର୍ଟଙ୍କ ଛାଟ ବାଜିବା ପରେ ଏବେ ସରକାର ଚେତିବେ ବୋଲି ସେ କହିଛନ୍ତି। ଏହାର ଜବାବ ଦେଇ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ, ପୂର୍ବ ସରକାରରେ ସେଭଳି କିଛି କାର୍ଯ୍ୟ ହୋଇଥିଲା ବୋଲି ବିଧାୟକ ଆଜି ଏପରି କହୁଛନ୍ତି। ମାତ୍ର ସରକାର ଯେଉଁ ନିଷ୍ପତ୍ତି ନେଇଥିଲେ, ତାହା ତୃଣମୂଳସ୍ତରରେ ଅବହେଳିତ ଶିକ୍ଷକଙ୍କ ହିତକୁ ଦୃଷ୍ଟିରେ ରଖି ହୋଇଥିଲା। ହେଲେ ବିଧାୟକ ସାହୁ ଏଭଳି ମନ୍ତବ୍ୟ ଗଣମାଧ୍ୟମରେ ଦେବା ଅତ୍ୟନ୍ତ ଦୁଃଖର ବିଷୟ ବୋଲି ମନ୍ତ୍ରୀ ଗଣ୍ଡ କହିଛନ୍ତି।

### ଆଧାର ପାଇଥିବା...

ପାଇଁ ଆଧାର ଆଇନ ପ୍ରଣୟନ କରାଯାଇଛି। ରାଶନ ପାଇବା ପାଇଁ ଜଣେ ବ୍ୟକ୍ତିଙ୍କୁ ଆଧାର ମଞ୍ଜୁର କରାଯାଇଛି। ତେବେ ତାଙ୍କୁ ଜଣେ ଭୋଟର କରାଯିବ କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ଉଦାହରଣ ସ୍ୱରୂପ ପଡ଼ୋଶୀ ଦେଶର ଜଣେ ବ୍ୟକ୍ତି ଭାରତରେ ଶ୍ରମିକ ଭାବେ କାମ କରୁଛନ୍ତି। ତାଙ୍କୁ ଭୋଟ ପାଇଁ ଅନୁମତି ମିଳିବ କି ବୋଲି ସିଜେଆଇ ପ୍ରଶ୍ନ କରିଛନ୍ତି। ନିର୍ବାଚନ କମିଶନ ଏକ ଡାକଘର ଭଳି କାର୍ଯ୍ୟ କରି ଦାଖଲ ହୋଇଥିବା ପ୍ରତ୍ୟେକ ଫର୍ମ-୬କୁ ସ୍ୱତଃ ଗ୍ରହଣ କରିନେବା ଲାଗି ଦିଆଯାଇଥିବା ପ୍ରସ୍ତାବକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି।

କେତେଜଣ ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ଉପସ୍ଥିତ ରହି କହିଥିଲେ, ସାଧାରଣ ଭୋଟରଙ୍କ ଉପରେ ଏସ୍ଆଇଆର୍ ପ୍ରକ୍ରିୟା ଏକ ଅସାମ୍ବିଧାନିକ ବୋଝ ଭାବେ ଲଦିଦିଆଯାଉଛି। ସେମାନଙ୍କ ମଧ୍ୟରୁ ଅନେକଙ୍କୁ କାଗଜପତ୍ର କାମ ପାଇଁ ଧନ୍ଦିହେବାକୁ ପଡୁଛି ଓ ଭୋଟର ତାଲିକାରୁ ନାଁ କଟିଯିବା ଆଶଙ୍କା ରହୁଛି। ଏଭଳି ପଦକ୍ଷେପ ଗଣତନ୍ତ୍ରକୁ ପ୍ରଭାବିତ କରୁଥିବା ସିବଲ କହିଥିଲେ। ଏସ୍ଆଇଆର୍ ପ୍ରକ୍ରିୟା ପାଇଁ ନିର୍ବାଚନ କମିଶନଙ୍କ କ୍ଷମତା ଉପରେ ଟିପ୍ପଣୀ ଦେଇ ପୂର୍ବରୁ ଏଭଳି ସଂଶୋଧନ ହୋଇ ନ ଥିଲା କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଭୋଟର ତାଲିକାରୁ କୌଣସି ନାଁ କଟାଗଲେ, ତାହା ପୂର୍ବରୁ ଉପଯୁକ୍ତ ନୋଟିସ କରାଯିବ ବୋଲି ଖଣ୍ଡପୀଠ କହିଥିଲେ। ତାମିଲନାଡୁ, କେରଳ ଓ ପଶ୍ଚିମବଙ୍ଗରେ ଏସ୍ଆଇଆର୍‌କୁ ଚ୍ୟାଲେଞ୍ଜ କରି ଦାଏର ପିଟିଶନଗୁଡ଼ିକର ଶୁଣାଣି ପାଇଁ ସୁପ୍ରିମକୋର୍ଟ ସମୟ ନିର୍ଦ୍ଧିଷ୍ଟ ଧାର୍ଯ୍ୟ କରିଛନ୍ତି।

### ଝାଡ଼ଖଣ୍ଡ ସରକାରଙ୍କ...

ଯୋଜନା ସମ୍ବନ୍ଧୀୟ ଆବେଦନର ଅନ୍-ଦି-ସ୍ପଟ୍ ନିଷ୍ପତ୍ତି ନିଆଯାଇ ଯୋଜନାର ଲାଭ ପ୍ରଦାନ କରାଯାଉଛି। ବିନା ଧାଁଦୌଡ଼ ଓ ବିନା ଚିନ୍ତାରେ ସବୁ ଅଧିକାର ସିଧା ଲୋକଙ୍କ ହାତ ପାଆନ୍ତାରେ ମିଳୁଛି। ଲୋକମାନେ ଶିବିରକୁ ଯାଇ ଆବେଦନ କରିବା ସହ ତତ୍କାଳ ସମାଧାନର ସୁବିଧା ନେବାକୁ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଆହ୍ୱାନ ଦେଇଛନ୍ତି।

### ବସ୍ ଧର୍ମଘଟ...

ମଧ୍ୟରେ ଆଲୋଚନା ହୋଇ ଏହି ପ୍ରସଙ୍ଗ ଅଧିକ ତର୍ଜମା ଓ ପରୀକ୍ଷଣ ସାପେକ୍ଷ ବୋଲି ପ୍ରସ୍ତାବ ଗ୍ରହଣ କରାଯାଇଛି। ତେଣୁ ଏବେ ଏହି ଯାଞ୍ଚ ବ୍ୟବସ୍ଥା ଲାଗୁ କରାଯିବ ନାହିଁ ବୋଲି ବିଭାଗୀୟ ଅଧିକାରୀ ଦୃଢ଼ ପ୍ରତିଶ୍ରୁତି ଦେବା ପରେ ବସ୍ ବନ୍ଦ ଡାକରାକୁ ପ୍ରତ୍ୟାହୃତ କରାଯାଇଛି ବୋଲି ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ନଭେମ୍ବର ୧୭ରେ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ଦିଆଯାଇଥିଲା। ସରକାର ପୋଲିସକୁ ମୋଟର ଯାନ ଯାଞ୍ଚ ଦାୟିତ୍ୱ ପ୍ରଦାନ କଲେ ବସ୍ ଓ ମୋଟର ଯାନ ମାଲିକମାନେ ବିଶେଷ ଭାବେ କ୍ଷତିଗ୍ରସ୍ତ ହେବେ। ସରକାର ତୁରନ୍ତ ଏହାର ସୁବିଚାର କରନ୍ତୁ। ପୋଲିସକୁ ତା' କାର୍ଯ୍ୟ କରିବାକୁ ଦିଆଯାଉ ଏବଂ ଏମ୍‌ଭିଆଇଙ୍କୁ ତାଙ୍କ କାର୍ଯ୍ୟ କରିବାକୁ ଦିଆଯାଉ ବୋଲି ସ୍ମାରକପତ୍ରରେ ଦର୍ଶାଯାଇଥିଲା।

### କ୍ଷୁଦ୍ର ଶିଳ୍ପାନୁଷ୍ଠାନକୁ...

ସୂଚନାଯୋଗ୍ୟ, ରାଜ୍ୟରେ ଥିବା ବିଭିନ୍ନ ଶପିଂ ମଲ୍‌ଗୁଡ଼ିକ ପାର୍କିଂ ଫି ଆଦାୟ କରିପାରିବେ ନାହିଁ ବୋଲି ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ପକ୍ଷରୁ ୨୦୧୯ ଅକ୍ଟୋବର ୧୦ରେ ନୋଟିସ୍ ଜାରି କରାଯାଇଥିଲା। ହେଲେ ବିଡିଏର ଏହି ନିଷ୍ପତ୍ତି ଉପରେ କେତେଗୁଡ଼ିଏ ଶପିଂ ମଲ୍ ମାଲିକମାନେ ହାଇକୋର୍ଟ ଯାଇଥିଲେ, ଯାହା ଏପର୍ଯ୍ୟନ୍ତ ବିଚାରାଧୀନ ରହିଛି। ହେଲେ ପୁଣିଥରେ କେତେଗୁଡ଼ିଏ ମଲ୍ ଏବେ ପାର୍କିଂ ଫି ଆଦାୟ କରିବା ଆରମ୍ଭ କରିଦେଇଛନ୍ତି। ରସୁଲଗଡ଼ ଶିଳ୍ପାଞ୍ଚଳରେ ରହିଥିବା ଏସ୍ପ୍ଲାନେଡ୍ ମଲ୍ ଗଲା କିଛି ମାସ ହେବ ଉଭୟ ଦୁଇ ଏବଂ ଚାରିଚକିଆ ଗାଡ଼ିଠାରୁ ପାର୍କିଂ ଫି ନେଉଛି। ହେଲେ ତାହାକୁ ସେ 'ପାର୍କିଂ ଫାସିଲେଶନ ଚାର୍ଜେସ୍' ବୋଲି କହି ଆଦାୟ କରୁଛି। ଏକ ଘଣ୍ଟା ପର୍ଯ୍ୟନ୍ତ ପାର୍କିଂ କଲେ କୌଣସି ଫି ନ ଥିବାବେଳେ ଏହାଠାରୁ ଅଧିକ ସମୟ ହେଲେ ୪ ଘଣ୍ଟା ପାଇଁ ବାଇକ୍‌ଠାରୁ ୧୦ ଟଙ୍କା ଏବଂ ଚାରି ଚକିଆଠାରୁ ୨୦ ଟଙ୍କା ଆଦାୟ କରୁଛି। ୪ ଘଣ୍ଟା ପରଠାରୁ ଘଣ୍ଟାକୁ ଦୁଇ ଚକିଆଠାରୁ ୧୦ ଏବଂ ଚାରି ଚକିଆଠାରୁ ୨୦ ଟଙ୍କା ହିସାବରେ ଆଦାୟ ହେବ ବୋଲି ଏକ ବୋର୍ଡ ଲଗାଇଛି। ଏସ୍ପ୍ଲାନେଡ୍‌ର ପାର୍କିଂ ପରିଚାଳନା ଦାୟିତ୍ୱରେ ଥିବା ଜଣେ ଅଧିକାରୀ କହିଛନ୍ତି, ଏହା ପାର୍କିଂ ଫି ନୁହେଁ, ଏହା ହେଉଛି ପାର୍କିଂ ଅଞ୍ଚଳ ସଫା ହେବା, ପାର୍କିଂ ସ୍ଥଳକୁ ଗାଡ଼ି କଢ଼େଇ ଦେବା ଲାଗି ରହିଥିବା ପିଲାଙ୍କ ଖର୍ଚ୍ଚ ଆଦି ଲାଗି 'ଫି' ନିଆଯାଉଛି। ଏହା ଫଳରେ ଏସ୍ପ୍ଲାନେଡ୍ ମଲ୍ ଆସୁଥିବା ସଂଖ୍ୟାଧିକ ଲୋକ ଫି ନ ଦେବା ଚିନ୍ତାରେ ଶିଳ୍ପାଞ୍ଚଳ ଭିତରକୁ ଯାଇଥିବା ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ମୋଟର ରଖିଦେଉଛନ୍ତି। ଗୋଟିଏ ପଟେ ରାସ୍ତାର ଉଭୟ ପାର୍ଶ୍ୱରେ ଛୋଟ, ଛୋଟ ଦୋକାନ ହୋଇଯିବା ଏବଂ ଏସ୍ପ୍ଲାନେଡ୍ ନିଜର ସୀମାଠାରୁ ଆହୁରି ଅଧିକ ଅଞ୍ଚଳ ରାସ୍ତାକୁ ମଡ଼ାଇ ଅବରୋଧ କରି ରଖିବା ଦ୍ୱାରା ଶିଳ୍ପାଞ୍ଚଳ ଭିତରକୁ ଯାଉଥିବା ରାସ୍ତା ସମ୍ପୂର୍ଣ୍ଣ ଜାମ୍ ହୋଇଯାଉଛି। ଏସ୍ପ୍ଲାନେଡ୍ ଭଳି ଭୁବନେଶ୍ୱରର ଏକ ବଡ଼ ମଲ୍ ସରକାରୀ ରାସ୍ତା ଆଡ଼କୁ ଅକ୍ତିଆର କରି ରଖିବା ଦୃଶ୍ୟ ଜଳଜଳ ହୋଇ ଦେଖାଯାଉଥିଲେ ମଧ୍ୟ ପ୍ରଶାସନିକ ଅଧିକାରୀ କେବେ ହେଲେ ସେଠାକୁ ଆସି ଉକ୍ତ ସ୍ଥାନକୁ ଜବରଦଖଲମୁକ୍ତ କରୁନାହାନ୍ତି।

ରସୁଲଗଡ଼ ଶିଳ୍ପାଞ୍ଚଳର ପୂର୍ବପଟରୁ କୋଚିଲେଇ ହାଟ, ସେପଟୁ ସବୁ ରାସ୍ତା ବନ୍ଦ ହୋଇଯାଇଛି। ପଶ୍ଚିମପଟରେ ଥିବା ବାଣୀବିହାର ପାସେଞ୍ଜର ହଲ୍ଟ ଏବଂ ରେଳଲାଇନ ଶିଳ୍ପାଞ୍ଚଳର ଅନ୍ୟ ଏକ ସୀମାକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି। ଉତ୍ତର ପାର୍ଶ୍ୱରେ ଜାତୀୟ ରାଜପଥ ୩୧୬ ଅବରୋଧ କରିବା ସହିତ ଏହି ପଟରୁ ଶିଳ୍ପାଞ୍ଚଳକୁ ଯୋଗାଯୋଗର ସୁବିଧା ସୃଷ୍ଟି କରାଯାଉ ନ ଥିବାରୁ ସେଠାରେ ବସ୍ତି ବସିଗଲାଣି। ବାକିଥିବା ଶିଳ୍ପାଞ୍ଚଳର ଦକ୍ଷିଣ ପାର୍ଶ୍ୱରେ ଯିବା ଆସିବା ପାଇଁ ଏକ ମାତ୍ର ରାସ୍ତାକୁ ସମ୍ପୂର୍ଣ୍ଣ ଭାବେ ଏସ୍ପ୍ଲାନେଡ୍ ମଲ୍ ଦ୍ୱାରା ଅବରୋଧ କରାଯାଉଥିବାରୁ ଅନେକ କ୍ଷୁଦ୍ରଶିଳ୍ପ କ୍ଷତିଗ୍ରସ୍ତ ହୋଇ ନିଜର ଦ୍ୱାର ବନ୍ଦ କରିବାକୁ ବାଧ୍ୟ ହେଉଛନ୍ତି। ଇଡ୍‌କୋର ସମ୍ପୂର୍ଣ୍ଣ ନିଷ୍କ୍ରିୟତା ଭିତିରି ବୁଝାମଣା ଏବଂ ସୁବିଧାକୁ ଇଙ୍ଗିତ କରୁଛି। ରାସ୍ତା ଅବରୋଧ ଶିଳ୍ପ ଅନୁଷ୍ଠାନକୁ କ୍ଷତି କରିବା ସହିତ ବାଣୀବିହାର ପାସେଞ୍ଜର ହଲ୍ଟକୁ ବ୍ୟବହାର କରୁଥିବା ଅନେକ ଶହ ଯାତ୍ରୀଙ୍କୁ ଅସୁବିଧା ବ୍ୟତୀତ ବିପଦରେ ପକାଉଛି। ଏଥିପାଇଁ କେବଳ ଇଡ୍‌କୋ ଦାୟୀ ବୋଲି କୁହାଯାଇପାରେ।

ଅନ୍ୟପକ୍ଷରେ ଇଡ୍‌କୋ ଅଧ୍ୟକ୍ଷ ତଥା ପ୍ରମୁଖ ସଚିବ ସଞ୍ଜୀବ କୁମାର ମିଶ୍ରଙ୍କ ସହ ଏ ସମ୍ପର୍କରେ ମତାମତ ନେବା ଲାଗି ତାଙ୍କ ଟେଲିଫୋନ୍ ନମ୍ବରରେ ଯୋଗାଯୋଗ କରାଯାଇଥିଲା, ହେଲେ ସେ ଉଠାଇ ନାହାନ୍ତି। ତାଙ୍କ ମୋବାଇଲ୍ ନମ୍ବରରେ ମେସେଜ ପଠାଯାଇଥିଲା, ଯାହାର ଉତ୍ତର ମିଳିପାରି ନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ଏକାଦଶସ୍ଥ ଚନ୍ଦ୍ର ପାପଗ୍ରହ ରାହୁଯୁକ୍ତ କାରଣରୁ ଭଲ ସମ୍ପର୍କ ରହିଥିବା ବ୍ୟକ୍ତିଙ୍କ ସହ ମତାନ୍ତର ଘଟିପାରେ। ସନ୍ତାନଙ୍କ ସ୍ୱାସ୍ଥ୍ୟ କିମ୍ବା ଶିକ୍ଷା କ୍ଷେତ୍ରରେ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ। ଶୁକ୍ରଙ୍କ ପ୍ରଭାବରେ ମନୋରଞ୍ଜନ ସକାଶେ ଅନୁକୂଳ ପରିବେଶ ପାଇବେ। ପ୍ରଶାସନିକ ସ୍ତରରେ ବୁଝାମଣା ନେଇ ତିକ୍ତତା ସୃଷ୍ଟି ହୋଇପାରେ।

**ବୃଷ** - ପୁରାତନ ରୋଗପୀଡ଼ା, ଋଣ ପରିଶୋଧ ଓ ଆତ୍ମୀୟଙ୍କ ବିରୁଦ୍ଧାଚରଣ ବିଷୟରେ ଚିନ୍ତା କରିବେ। ତଥାପି କୌଣସି କାମ ହାସଲ ସକାଶେ ଅନ୍ୟମାନଙ୍କୁ ମନେଇବାକୁ ବିଭିନ୍ନ ପ୍ରକାର ଚେଷ୍ଟାକରି ସଫଳତା ହାସଲ କରିପାରନ୍ତି। ଏକାଧିକ ଗ୍ରହ ସପ୍ତମସ୍ଥ ରହିଥିବାରୁ ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ଭଲ ଲାଭ ମିଳିବ।

**ମିଥୁନ** - ଷଡ଼ାଷ୍ଟକ ସ୍ଥିତିରେ ଚନ୍ଦ୍ର ଏବଂ ବୃହସ୍ପତି ରହିଥିବାରୁ ଆର୍ଥିକ ସ୍ଥିତିରେ ଉନ୍ନତି ଘଟିବ ହେଲେ ଆଶାନୁରୂପ ହୋଇ ନ ପାରେ। କର୍ମକ୍ଷେତ୍ରରେ ଅଟକିରହିଥିବା କାମ ସକାଶେ ଅନୁତାପ କରିପାରନ୍ତି। ଅତିଥି ଚର୍ଚ୍ଚାକୁ କେନ୍ଦ୍ରକରି ପରିବାରରେ କଳହ ଲାଗିପାରେ। ପ୍ରାତଃ ଭ୍ରମଣ, ରାଜନୀତି, ପ୍ରଶାସନ, ବାଣିଜ୍ୟ ପାଇଁ ଦିନଟି ଭଲ।

**କର୍କଟ** - ଅଷ୍ଟମଭାବରେ ରାଶ୍ୟାଧିପତି ପାପଗ୍ରହ ଯୁକ୍ତ କାରଣରୁ ଦୈହିକ ଏବଂ ମାନସିକ ସ୍ୱାସ୍ଥ୍ୟ ଭଲ ରହିବନାହିଁ। ଅଶ୍ଳେଷା ସକାଶେ ସମୟର ଅନୁକୂଳ ପ୍ରବାହରେ ସମସ୍ୟା ସମାଧନ ହୋଇଯିବ। ପଡ଼ୋଶୀଙ୍କ ଦ୍ୱାରା ପ୍ରଭାବିତ ହୋଇ ଭୁଲ୍ କରିପାରନ୍ତି। ପରିବାର ଭିତରେ ବିନା କାରଣରେ ବିରକ୍ତି ପ୍ରକାଶ କରିବା ଠିକ୍ ହେବ ନାହିଁ।

**ସିଂହ** - ରବିଙ୍କ ଦୁର୍ବଳତା କାରଣରୁ ଅବନତି ଘଟୁଥିବା ସ୍ୱାସ୍ଥ୍ୟ ସକାଶେ ମନସ୍ତାପ କରିପାରନ୍ତି। ଆନୁଷ୍ଠାନିକ କାମରେ ନୀଚ ମନୋଭାବର ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହେବାର ସୂଚନା ରହିଛି। ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ। ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ କିମ୍ବା ବନ୍ଧୁ ଗହଣରେ ପ୍ରଶଂସିତ ହେବେ।

**କନ୍ୟା** - କର୍ମାଧିପ ବୁଧ କେନ୍ଦ୍ରସ୍ଥ ଯୋଗୁ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କମିଯିବ। ପ୍ରତିବେଶୀଙ୍କ ସାହାଯ୍ୟ ନେଇ ଅସମାହିତ କାମକୁ ସମ୍ପନ୍ନ କରିବେ। ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟିହେବା ଆଶଙ୍କା ରହିଛି। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଆଗରେ ନ ହେଲେ ମଧ୍ୟ ପଛରେ ବିଭିନ୍ନ ପ୍ରକାର ମନଗଢ଼ା କଥା କହିପାରନ୍ତି।

**ତୁଳା** - ଉଚ୍ଚଭାବସ୍ଥ ଦେବଗୁରୁଙ୍କ ପ୍ରଭାବରେ କର୍ମାରମ୍ଭ ସକାଶେ ମନ ବଳାଇ ଆନୁଷଙ୍ଗିକ ସୁବିଧା ପାଇବେ। ବନ୍ଧୁବର୍ଗଙ୍କ ସହଯୋଗ କାର୍ଯ୍ୟକୁ ତ୍ୱରାନ୍ୱିତ କରାଇବାରେ ସାହାଯ୍ୟ କରିବ। ପାରିବାରିକ କ୍ଷେତ୍ରରେ କୌଣସି କଥାକୁ ଠିକ୍ ଭାବରେ ନ ବୁଝି ପ୍ରତିକ୍ରିୟାଶୀଳ ହେବା ଠିକ୍ ହେବନାହିଁ। ପ୍ରକାଶନ, ଆଇନ, କଳା ସାହିତ୍ୟରେ ସଫଳତା ପାଇପାରିବେ।

**ବିଛା** - ରାଶିରେ ତିନୋଟି ପାପଗ୍ରହ ଅବସ୍ଥାନ କରୁଥିବାରୁ ଆପଣଙ୍କ ଚିନ୍ତାଧାରା ଓ କାର୍ଯ୍ୟକଳାପ ଶୃଙ୍ଖଳିତ ନ ହୋଇପାରେ। ଆଜି ଆପଣ ବିବାଦୀୟ କଥା,ଶତ୍ରୁତା କରୁଥିବା ବ୍ୟକ୍ତି କିମ୍ବା ଅର୍ଥ ସମ୍ପର୍କିତ ସମସ୍ୟା ବିଷୟରେ ଚିନ୍ତା କରିପାରନ୍ତି। ପାରିବାରିକ କ୍ଷେତ୍ରରେ ଆତ୍ମୀୟମାନଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବାର ସୂଚନା ରହିଛି।

**ଧନୁ** - ବନ୍ଧୁଙ୍କ ସ୍ନେହ, ପାରିବାରିକ ଆଦର, ଅର୍ଥଲାଭ ସାଙ୍ଗକୁ ସନ୍ତାନସୁଖ ଶାନ୍ତି ପ୍ରଦାନ କରିବ। ଶିଳ୍ପ, ବାଣିଜ୍ୟ ବ୍ୟବସାୟ ଏବଂ ବନ୍ଧୁଙ୍କ ସହ ଆଲୋଚନା ସକାଶେ ଦିନଟି ଶୁଭପ୍ରଦ ରହିବ। ବକେୟା ଟଙ୍କା ପାଇବାର ମାର୍ଗ ସୁଗମ ହୋଇଯିବ। କୃତି ଏବଂ କୃତିତ୍ୱ ସାଙ୍ଗକୁ ଆପଣଙ୍କ ଦକ୍ଷତା କର୍ମକ୍ଷେତ୍ର ଓ ସାମାଜିକ ସ୍ଥିତିକୁ ଉନ୍ନତ କରାଇବ।

**ମକର** - ପାପାକ୍ରାନ୍ତ ଚତୁର୍ଥାଧିପ ଯୋଗୁ ନିଜ ଘରକଥା, ଜମିବାଡ଼ି, ଯାନବାହନ ତଥା ଲୋକ ସମ୍ପର୍କ ବିଷୟରେ ଚିନ୍ତିତ ରହିପାରନ୍ତି। କ୍ରୀଡ଼ା, ଚଳଚ୍ଚିତ୍ର, ସଙ୍ଗୀତ ଏବଂ ସାହିତ୍ୟାଲୋଚନା କ୍ଷେତ୍ରରେ ଥିବା ଅସଙ୍ଗତି ଦୂର ହୋଇଯିବ। ସହକର୍ମୀଙ୍କ ଅସହଯୋଗ କାରଣରୁ ବୃତ୍ତିଗତ ଧନ୍ଦାରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**କୁମ୍ଭ** - ପ୍ରତିକୂଳ ଗ୍ରହ ସ୍ଥିତି ଯୋଗୁ ସମସ୍ୟାମୂଳକ କାମର ଅନ୍ତ ଘଟିବାର ଚେଷ୍ଟା ଫଳବତୀ ନ ହୋଇପାରେ। ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧହୋଇ କାମ ହାସଲ କରିପାରନ୍ତି। ଧର୍ମାନୁଷ୍ଠାନ କ୍ଷେତ୍ରରେ ବନ୍ଧୁବର୍ଗଙ୍କ ପ୍ରେରଣା ଲାଭ କରିବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ମୀନ** - ପାରିବାରିକ କଳହ ସାଙ୍ଗକୁ ଆର୍ଥିକ ସଙ୍କଟ ମାନସିକ ଦୁଶ୍ଚିନ୍ତାକୁ ଦ୍ୱିଗୁଣିତ କରିପାରେ। ଅବଶ୍ୟ କ୍ରୀଡ଼ା, ସଙ୍ଗୀତରୁ ପ୍ରଶଂସିତ ହେବେ। ଆଲୋଚନା ପରିସରରେ ଭିନ୍ନ କଥାବାର୍ତ୍ତାକରି ସମାଲୋଚିତ ହୋଇପାରନ୍ତି। ଭଲ ସମ୍ପର୍କ ଥିବା ବନ୍ଧୁ ନିଜର ସୁବିଧା ହାସଲକରିବା ସକାଶେ ଆପଣଙ୍କୁ ଅସୁବିଧାରେ ପକାଇପାରନ୍ତି।

ଆଜି ନଭେମ୍ବର ୨୮ତାରିଖ, ମାର୍ଗଶିର ଶୁକ୍ଳ ଅଷ୍ଟମୀ ଶୁକ୍ରବାର। ରାଶିନକ୍ଷତ୍ର-ଶତଭିଷା/କୁମ୍ଭ, ଅଷ୍ଟମୀରେ ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୦୬ ଗତେ, ଘ.୦୬।୫୦ ମଧ୍ୟେ, ଘ.୦୭।୩୪ ଗତେ, ଘ.୦୮।୫୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୧୦।୧୨ ମି. ଗତେ, ଘ.୧୧।୩୪ ମଧ୍ୟେ ରାହୁକାଳ।

# ଆଶଙ୍କାରେ ପ୍ରସ୍ତାବିତ ବୃହତ୍ ଷ୍ଟିଲ୍ ପ୍ଲାଣ୍ଟ

କେନ୍ଦୁଝର,୨୭।୧୧(ଦୀପକ ମିଶ୍ର)

ରାଜ୍ୟ ସରକାରଙ୍କ ଦ୍ୱାରା କେନ୍ଦୁଝର ଜିଲା ପାଟଣାରେ ପ୍ରସ୍ତାବିତ ଷ୍ଟିଲ ପ୍ଲାଣ୍ଟ୍ ଆଶା, ଆଶଙ୍କା ଦେଇ ଗତି କରୁଛି। ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଜମି ଅଧିଗ୍ରହଣ ପାଇଁ ସର୍ଭେ କାମ ଚଳାଇଛନ୍ତି। ମାତ୍ର ଅଞ୍ଚଳରେ ଷ୍ଟିଲ୍ ପ୍ଲାଣ୍ଟ୍ ନିର୍ମାଣକୁ ବିରୋଧକରି ବିରୋଧୀ ମଞ୍ଚ ଗଠିତ ହୋଇଛି। ଅନେକ ସମୟରେ ମଞ୍ଚ ପକ୍ଷରୁ ପ୍ରଶାସନିକ ଅଧିକାରୀଙ୍କୁ ବିରୋଧ କରାଯାଇ ଗାଡ଼ି ଅଟକ ରଖାଯାଇଛି। ଫଳରେ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଉଛି। ପ୍ରକଳ୍ପ ସପକ୍ଷ ମଞ୍ଚ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉଛି। ବିରୋଧୀ ଓ ସପକ୍ଷ ମଞ୍ଚର ଛକାପଞ୍ଝା ଭିତରେ ବିବାଦୀୟ ପରିସ୍ଥିତି ଉପୁଜୁଛି। ଫଳରେ ଷ୍ଟେରେଲାଇଟ, ଆର୍ସେଲର ମିତ୍ତଲ ଭଳି ଜେଏସ୍‌ଡବ୍ଲ୍ୟୁ ଓ ପୋସ୍କୋ ଚୁକ୍ତି ବାତିଲ କରି ଫେରିଯିବାର ସମ୍ଭାବନା ଦେଖାଯାଉଛି।

ପ୍ରକାଶ ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିରୋଧୀ ଦଳରେ ବିଧାୟକ ଥିବା ସମୟରେ କେନ୍ଦୁଝରରେ ଇସ୍ପାତ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଲଢ଼େଇ ଜାରି ରଖିଥିଲେ। ମୁଖ୍ୟମନ୍ତ୍ରୀ ହେବା ପରେ ପ୍ରଥମ ଉଦ୍ୟମରେ କେନ୍ଦୁଝର ପାଟଣା ଅଞ୍ଚଳରେ ବୃହତ୍ ଇସ୍ପାତ ପ୍ରକଳ୍ପ ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏ ନେଇ ଜେଏସ୍‌ଡବ୍ଲ୍ୟୁ ଓ ପୋସ୍କୋ ଭଳି ବିଶ୍ୱର ବୃହତ୍ତମ ଇସ୍ପାତ ପ୍ରକଳ୍ପ ପ୍ରତିଷ୍ଠାତା ରାଜ୍ୟ ସରକାରଙ୍କ ସହ ଏମ୍‌ଓୟୁ ସ୍ୱାକ୍ଷର କରିଛନ୍ତି। ଏ ଦିଗରେ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ପକ୍ଷରୁ ଜମି ଅଧିଗ୍ରହଣ ପାଇଁ ସର୍ଭେ କାମ ଚାଲିଛି। ମାତ୍ର ଉକ୍ତ ଅଞ୍ଚଳରେ ଷ୍ଟିଲ ପ୍ଲାଣ୍ଟ୍ ନିର୍ମାଣକୁ ବିରୋଧ କରି ବିରୋଧୀ ମଞ୍ଚ ସଦସ୍ୟ ପ୍ରଶାସନିକ ଅଧିକାରୀଙ୍କୁ ଅଞ୍ଚଳରେ ପୂରାଇ ଦେଉନାହାନ୍ତି। ଫଳରେ ବୃହତ୍ ଇସ୍ପାତ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଏକ ସକାରାତ୍ମକ ପରିବେଶ ସୃଷ୍ଟି ନ ହେଲେ ଆର୍ସେଲର-ମିତ୍ତଲ ପରି ଜେଏସ୍‌ଡବ୍ଲ୍ୟୁ-ପୋସ୍କୋ ଫେରିଯିବା କିଛି ବିଚିତ୍ର ନୁହେଁ ବୋଲି ଆଲୋଚନା ହେଉଛି। ଏଥିସହ ଷ୍ଟିଲ ପ୍ଲାଣ୍ଟ୍ ପ୍ରତିଷ୍ଠା ପାଇଁ ସଚେତନତା ସୃଷ୍ଟି ନିମନ୍ତେ ଏକ ସମର୍ଥନ ମଞ୍ଚ ଗଠନ ହୋଇଛି। ମଞ୍ଚ ପକ୍ଷରୁ ଶିଳ୍ପ ପ୍ରତିଷ୍ଠାର ଫାଇଦା ସମ୍ପର୍କରେ ଲୋକଙ୍କୁ ବୁଝାଯାଉଛି। ମାତ୍ର ଏହାର ପ୍ରଭାବ ପଡ଼ିଲା ଭଳି ଦେଖାଯାଉନି ବୋଲି ବୁଦ୍ଧିଜୀବୀ ଅଜୟ ମିଶ୍ର, ସୁଶାନ୍ତ ସାହୁ ଓ ଦୁର୍ଯ୍ୟୋଧନ ନାଏକ ପ୍ରକାଶ କରିଛନ୍ତି। ରାଉରକେଲାଠାରେ ୧୯୫୨ରେ ରାଜ୍ୟର ବୃହତ୍ ଇସ୍ପାତ କାରଖାନା ପ୍ରତିଷ୍ଠା ହେବାପରଠାରୁ ଖଣିଜ ସମ୍ପଦ ଓ ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ କେନ୍ଦୁଝରରେ ଦ୍ୱିତୀୟ ବୃହତ୍ ଇସ୍ପାତ କାରଖାନା ପ୍ରତିଷ୍ଠା ନେଇ ଦାବି ହୋଇଆସୁଛି। ରାଜ୍ୟ ରାଜକୋଷକୁ ଯୋଡ଼ା ଖଣିମଣ୍ଡଳ ବର୍ଷକୁ ୨୫ହଜାର କୋଟି, କେନ୍ଦୁଝର ଖଣିମଣ୍ଡଳ ବର୍ଷକୁ ୧୫ଶହ କୋଟି ଟଙ୍କା ଖଣି ରାଜସ୍ୱ ଦେଉଛି, ଯାହାକି ରାଜ୍ୟର ମୋଟ ଖଣି ରାଜସ୍ୱର ଅଧାରୁ ଅଧିକ। ରାଜ୍ୟର ମୋଟ ୧୪ଟି ଖଣି ସର୍କଲରୁ ରାଜ୍ୟ ସରକାର ବାର୍ଷିକ ୫୦ ହଜାର କୋଟି ଟଙ୍କା ରାଜସ୍ୱ ପାଇଥାନ୍ତି।

ଷ୍ଟିଲ ପ୍ଲାଣ୍ଟ୍ ସପକ୍ଷବାଦୀ ମଞ୍ଚ ସଦସ୍ୟ ତଥା ପାଟଣା ବିଧାୟକଙ୍କ ପ୍ରତିନିଧି କମଳାକାନ୍ତ ଦାଶ କହିଛନ୍ତି, ପାଟଣା ଅଞ୍ଚଳରେ ପ୍ରସ୍ତାବିତ ଇସ୍ପାତ ପ୍ରକଳ୍ପକୁ ସ୍ୱତଃପ୍ରବୃତ୍ତ ସମର୍ଥନ ମିଳିଛି। ତେବେ ବିସ୍ଥାପିତ ହେବାକୁ ଥିବା ଆଦିବାସୀ ଓ ଓବିସି ଲୋକଙ୍କ ଜମିର ମୂଲ୍ୟ ସରକାରୀସ୍ତରରେ ବହୁତ କମ। ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏକ ଗ୍ରହଣଯୋଗ୍ୟ କ୍ଷତିପୂରଣ ରାଶି ନିର୍ଦ୍ଧାରିତ କରିବାକୁ ଗତ ଶୁକ୍ରବାର ଏମ୍‌ପି ଅନନ୍ତ ନାୟକ, ପାଟଣା ବିଧାୟକ ଅଖିଳ ନାୟକ ଏବଂ କେନ୍ଦୁଝର ଅତିରିକ୍ତ ଜିଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ପ୍ରଧାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଜିଲାପାଳଙ୍କୁ ମଧ ଅବଗତ କରାଇଛନ୍ତି ବୋଲି ସେ କହିଛନ୍ତି। ବିରୋଧୀ ମଞ୍ଚର ସମ୍ପାଦକ ବେଣୁଧର ସର୍ଦ୍ଦାର କହିଛନ୍ତି, ସେମାନେ ଷ୍ଟିଲ ପ୍ଲାଣ୍ଟ୍‌କୁ ବିରୋଧ କରୁନାହାନ୍ତି। ଜଳସେଚିତ ଜମି ବଦଳରେ ଅଣଜଳସେଚିତ ଜମିରେ ପ୍ରସ୍ତାବିତ ପ୍ରକଳ୍ପ କରାଯାଉ ବୋଲି ଦାବି କରୁଛନ୍ତି। ଅତିରିକ୍ତ ଜିଲାପାଳ ରବୀନ୍ଦ୍ର ପ୍ରଧାନ କହିଛନ୍ତି, ବର୍ତ୍ତମାନ ସର୍ଭେ କାର୍ଯ୍ୟ ଚାଲିଛି। ବିସ୍ଥାପିତ ହେବାକୁ ଥିବା ପରିବାରଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି, ଅନୁକୂଳ ବାତାବରଣ ସୃଷ୍ଟି କରି ପ୍ରକଳ୍ପ କାର୍ଯ୍ୟ କରାଯିବାକୁ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଉଦ୍ୟମ ଜାରି ରଖିଛନ୍ତି।

ପ୍ରକାଶଯୋଗ୍ୟ, ୨୦୦୪ ଅକ୍ଟୋବର ୧୫ରେ ଷ୍ଟେରେଲାଇଟ୍ ୧୨ ହଜାର ୫୦୨ କୋଟି ମୂଲ୍ୟର ଏକ ଇସ୍ପାତ କାରଖାନା ସଦର ବ୍ଲକ୍ ଅଞ୍ଚଳରେ ପ୍ରତିଷ୍ଠା କରିବାକୁ ରାଜ୍ୟ ସରକାରଙ୍କ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲା। ସେହିପରି ଆର୍ସେଲର-ମିତ୍ତଲ ୨୦୦୬ ଡିସେମ୍ବର ୨୧ରେ ୪୦ ହଜାର କୋଟି ଟଙ୍କା ବ୍ୟୟରେ ପାଟଣା ବ୍ଲକ୍‌ରେ ଷ୍ଟିଲ୍ ପ୍ଲାଣ୍ଟ କରିବାକୁ ରାଜ୍ୟ ସରକାରଙ୍କଠାରେ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲା। ଅନ୍ୟତମ ବୃହତ୍ ଉତ୍ତମ ଗାଲଭା ଷ୍ଟିଲ୍ କମ୍ପାନୀ ୧୩ ଅକ୍ଟୋବର ୨୦୦୬ରେ ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିସ୍ତାପାଳଠାରେ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ସହ ଚୁକ୍ତି ସ୍ୱାକ୍ଷର କରିଥିଲା। ସ୍ଥାନୀୟ ଲୋକଙ୍କ ବିରୋଧ ଯୋଗୁ ଷ୍ଟିଲ୍ ପ୍ଲାଣ୍ଟ୍ ପ୍ରତିଷ୍ଠା ସମ୍ଭବ ହୋଇପାରିନାହିଁ।

ଏଠାରେ ମନେ ରଖିବାକୁ ହେବ ଯେ, ସ୍ଥାନୀୟ ଲୋକଙ୍କ ବିରୋଧ ଯଥାର୍ଥ, କାରଣ କୃଷି କ୍ଷେତ୍ରରେ କାର୍ଯ୍ୟ କରୁଥିବା ସାଧାରଣ ଚାଷୀ ପରିବାର ଶିଳ୍ପାନୁଷ୍ଠାନର କୌଣସି ଗୁରୁତ୍ୱ ପାଇବ ନାହିଁ। ସମ୍ମାନହାନି ସହିତ ରୋଜଗାର ପନ୍ଥା ମଧ ଉଭେଇ ଯିବ। ଜମିହରା ପ୍ରଜାର ସ୍ଥିତି ଓଡ଼ିଶାବ୍ୟାପୀ ଅତ୍ୟନ୍ତ ଦୁଃଖଦାୟକ। ସରକାରୀ ଦରରେ ଯେତିକି ଅର୍ଥ ପାଇଲେ ମଧ, ସମ୍ପୃକ୍ତ ପରିବାରଗୁଡ଼ିକ ଜମିବିହୀନ ଦରିଦ୍ର ହୋଇଯିବାର ଅନେକ ଉଦାହାରଣ ଓଡ଼ିଶାର ବିଭିନ୍ନ ଜିଲାରେ ଦେଖିବାକୁ ମିଳୁଛି। ଏଥିପ୍ରତି କେନ୍ଦୁଝରବାସୀ ଅନେକ ସଚେତନ ହୋଇଯାଇଛନ୍ତି ବୋଲି ଇସ୍ପାତ କାରଖାନା ବିରୋଧୀ ଗୋଷ୍ଠୀ ମତ ଦେଇଛନ୍ତି।

## ପ୍ରସ୍ତାବିତ ଷ୍ଟିଲ୍ ପ୍ଲାଣ୍ଟ ବିରୋଧୀ ୬ ନେତା ଗିରଫ




ଥାନା ସମ୍ମୁଖ ରାଜପଥ ସର୍ଭିସ୍ ରୋଡ଼୍‌ରେ ମହିଳା, ପୁରୁଷ ଧାରଣାରେ ବସିଛନ୍ତି।

ପାଟଣା,୨୭।୧୧(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣାରେ ପ୍ରସ୍ତାବିତ ଜେଏସ୍‌ଡବ୍ଲ୍ୟୁ- ପୋସ୍କୋ ଷ୍ଟିଲ ପ୍ଲାଣ୍ଟ୍ ବିରୋଧୀ ମଞ୍ଚର ୬ ନେତାଙ୍କୁ ତୁରୁମୁଙ୍ଗା ପୋଲିସ ବୁଧବାର ରାତିରେ ଉଠାଇନେଇଛି। ଗିରଫ ନେତାଙ୍କ ମଧ୍ୟରେ ଯମୁନାପଶିର ଜିନ୍ଦଲ ପୋସ୍କୋ ପ୍ରତିରୋଧ ମଞ୍ଚ ସମ୍ପାଦକ ବେଣୁଧର ସର୍ଦ୍ଦାର, ତାଙ୍କ ଭାଇ ଭୁବୁନା ନନ୍ଦ ସର୍ଦ୍ଦାର, ମଞ୍ଚର ଉପସଭାପତି ସରୋଜ କୁମାର ସିଂ, ରବୀନ୍ଦ୍ର ମାହାନ୍ତ, ବରିଷ୍ଠ କର୍ମୀ ଅନାମ ନାୟକ, ବିରେନ୍ଦ୍ର ମହାକୁଡ଼ ରହିଛନ୍ତି। ତୁରୁମୁଙ୍ଗା ପୋଲିସ ମରଣାନ୍ତକ ଆକ୍ରମଣ ମାମଲା(ନଂ.୨୬୫/୨୫) ରୁଜୁ କରି ଗୁରୁବାର ୬ ନେତାଙ୍କୁ କୋର୍ଟଚାଲାଣ କରିଛି। ନେତାଙ୍କୁ ଛାଡ଼ିବା ଦାବି କରି ବହୁଳ ସଂଖ୍ୟାରେ ମହିଳା, ପୁରୁଷ ଗୁରୁବାର ଥାନା ସମ୍ମୁଖରେ ଧାରଣାରେ ବସିଛନ୍ତି।

ପ୍ରକାଶ ଯେ, ପାଟଣା ତହସିଲଦାର ୩ ପ୍ଲାଟୁନ ଫୋର୍ସ ସହିତ ବୁଧବାର ରାତିରେ ଚଢ଼ାଉ କରି ଜିନ୍ଦଲ, ପୋସ୍କୋ ପ୍ରତିରୋଧ ମଞ୍ଚର ସମ୍ପାଦକ ବେଣୁଧରଙ୍କ ସମେତ ୬ ପ୍ଲାଣ୍ଟ୍ ବିରୋଧୀ ନେତାଙ୍କୁ ଉଠାଇନେଇଥିଲା। ଏହି ସମୟରେ ପୋଲିସ ଓ ଗାଁ ଲୋକଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇ ୧୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଓ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଗିରଫ ନେତାଙ୍କୁ ଛାଡ଼ିବା ଦାବିରେ ଶତାଧିକ ଲୋକ ପୋଲିସ ଗାଡି ସମ୍ମୁଖରେ ଶୋଇଯାଇଥିଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ପୋଲିସ ଲାଠିଚାଳନା କରିଥିଲା। ଗୁରୁବାର ପ୍ଲାଣ୍ଟ୍ ପ୍ରଭାବିତ ଗାଁର ୨ ହଜାରରୁ ଊର୍ଦ୍ଧ୍ୱ ମହିଳା, ପୁରୁଷ ଜିନ୍ଦଲ ପୋସ୍କୋ ପ୍ରତିରୋଧ ମଞ୍ଚର ନେତାଙ୍କୁ ଛାଡ଼ିବା ପାଇଁ ଦାବି କରି ହାତୀବାରି ଛକରୁ ରାଲିରେ ବାହାରି ୪୯ ନମ୍ବର ଜାତୀୟ ରାଜପଥ ଦେଇ ତୁରୁମୁଙ୍ଗା ଥାନା ଅଭିମୁଖେ ଯାଉଥିଲେ। ଥାନା ସମ୍ମୁଖ ସର୍ଭିସ୍ ରାସ୍ତା ପାର୍ଶ୍ୱରେ ପୋଲିସ ଅଟକାଇଥିଲା। ସେଠାରେ ଆନ୍ଦୋଳନକାରୀ ଧାରଣାରେ ବସି ଏମ୍‌ଓୟୁ ବାତିଲ, ରକ୍ତ ଦେବୁ ପଛେ ଭିଟାମାଟି ଛାଡିବୁ ନାହିଁ ଆଦି ପ୍ଲାକାର୍ଡ ଧରି ହୋହଲ୍ଲା କରିଥିଲେ। ଘଟଣାସ୍ଥଳରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସ୍ନେହାଶିଷ ସାହୁ, ପାଟଣା ତହସିଲଦାର ଅଶ୍ୱିନୀ ନାୟକ, ଚମ୍ପୁଆ ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ, ଘଟଗାଁ ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର, ପାଟଣା ବିଡିଓ ମାନସ ଦଣ୍ଡପାଟ, ଅତିରିକ୍ତ ତହସିଲଦାର ଶରଣ ଜେନା, ତୁରୁମୁଙ୍ଗା ଥାନା ଅଧିକାରୀ ଦୀପ୍ତି ରଞ୍ଜନ ସାହୁ, ପାଟଣା ଥାନା ଅଧିକାରୀ ମାନସ ମହାକୁଡ଼, ଚମ୍ପୁଆ ଥାନା ଅଧିକାରୀ ରଞ୍ଜୁ ହାସିନୀ କୁଲୁ ପ୍ରମୁଖ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା ପରେ ସନ୍ଧ୍ୟା ୫ଟାରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ବେଣୁଧରଙ୍କ ନାମରେ ଚେମେଣା ଗ୍ରାମର ପ୍ରତାପ ଦାସଙ୍କୁ ମରଣାନ୍ତକ ଆକ୍ରମଣ କରି ଟଙ୍କା ଛଡ଼ାଇବା ତଥା ଡକାୟତି ମାମଲା ରୁଜୁକୁ ନେଇ ଗ୍ରାବବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜିନ୍ଦଲ ପୋସ୍କୋ ପ୍ରତିରୋଧ ମଞ୍ଚର ଉପଦେଷ୍ଟା କମ୍ରେଡ୍ ରଘୁନାଥ ଦାସ କହିଛନ୍ତି, ରାତିଅଧରେ ପୋଲିସର ଗିରଫଦାରି ଅଗଣତାନ୍ତ୍ରିକ। ମଞ୍ଚର ସଭାପତି ଘନଶ୍ୟାମ ମହାନ୍ତ ମଧ ଗିରଫଦାରିକୁ ତୀବ୍ର ନିନ୍ଦା କରି ସମସ୍ତଙ୍କୁ ନିଃସର୍ତ୍ତରେ ଛାଡ଼ିବାକୁ ଦାବି କରିଛନ୍ତି। ଚମ୍ପୁଆ ଏସ୍‌ଡିପିଓ ରଶ୍ମିରଞ୍ଜନ ସାହୁ କହିଛନ୍ତି, ସେମାନେ ତଦନ୍ତରେ ସହଯୋଗ ନ କରିବାରୁ ବାଧହୋଇ ରାତିରେ ଉଠାଯାଇଛି।

## ବିରୋଧ, ସପକ୍ଷ ମଧ୍ୟରେ ଛକାପଞ୍ଝା

## ଶାଢ଼ିରେ ନିଆଁ ଲାଗି ପାଚିକା ଗୁରୁତର

ଆନନ୍ଦପୁର,୨୭।୧୧(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଅଧୀନ ହାତିବନ୍ଧା ଗାଁର ପ୍ରାଥମିକ ବିଦ୍ୟାଳୟର ପାଚିକାଙ୍କ ଶାଢ଼ିରେ ନିଆଁ ଲାଗି ଗୁରୁତର ହୋଇଛନ୍ତି। ଗୁରୁତର ଜଣଙ୍କ ହେଲେ ଗ୍ରାମର ତଅପୋଇ ପ୍ରଧାନ। ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ଥିବାରୁ କଟକ ସ୍ଥାନାନ୍ତର କରାଯାଇଛି। ପ୍ରକାଶ ଯେ, ପାଚିକା ଗୁରୁତର ଛାତ୍ରୀଛାତ୍ରଙ୍କ ପାଇଁ ରୋଷେଇ କରୁଥିଲେ। ଅନ୍ୟ ୨ ଜଣ ସହାୟିକା ଓ ପାଚିକା ସଉଦା ଆଣିବାକୁ ଗାଁ ଦୋକାନକୁ ଯାଇଥିଲେ। ସେ ସମୟରେ ଅସାବଧାନତା ବଶତଃ ଚୁଲିରୁ ନିଆଁ ତଅପୋଇଙ୍କ ଶାଢ଼ିରେ ଲାଗିଯାଇଥିଲା। ଛାତ୍ରୀଛାତ୍ର ଦେଖି ତାଙ୍କ ଉପରେ ପାଣି ଢାଳିଥିଲେ। ପରେ ସ୍ଥାନୀୟ ଲୋକେ ପହଞ୍ଚି ତଅପୋଇଙ୍କୁ ଉଦ୍ଧାର କରି ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।









ଆମର ଏଇ ସାଧାରଣ ମାନବୀୟ ସ୍ତରରୁ ଊର୍ଦ୍ଧ୍ୱକୁ ଉଠିଥିବା ଯେକୌଣସି ମହାନ୍ ମଣିଷ ଆମକୁ ଏହି ପ୍ରତ୍ୟୟ ଦିଅନ୍ତି ଯେ– ମଣିଷ ପକ୍ଷରେ ଏକ ଦିବ୍ୟ ଜୀବନ ବଞ୍ଚିବାର ସମ୍ଭାବନା ଅଛି। ଏବଂ ଯେକୌଣସି ମନୁଷ୍ୟ ମଧ ଇଚ୍ଛା ବା ସଂକଳ୍ପ କଲେ– ଦିବ୍ୟ ଆଲୋକ ଓ ଦିବ୍ୟଶକ୍ତି ପ୍ରାପ୍ତ ହୋଇପାରିବ। **–ଶ୍ରୀଅରବିନ୍ଦ**



# ଗମ୍ଭୀର ଭାଗୀଦାରି



ବ୍ରହ୍ମ ଚେଲାନି

ଡୋନାଲ୍ଡ ଟ୍ରମ୍ପ୍ ପ୍ରଥମ ଥର ଆମେରିକାର ରାଷ୍ଟ୍ରପତି ହେବା ପରେ ସେ ପାକିସ୍ତାନ ଉପରେ କ୍ରୋଧିତ ଥିଲେ ବୋଲି ୨୦୧୮ରେ ତାଙ୍କର ପ୍ରଥମ ସୋସିଆଲ ମିଡିଆ ପୋଷ୍ଟରୁ ଜଣାପଡ଼ିଥିଲା। ସେ ଦୁଃଖ ପ୍ରକାଶ କରି କହିଥିଲେ, ଦୀର୍ଘ ୧୫ ବର୍ଷ ହେଲା ଆମେରିକା ବୋକା ଭାବେ ପାକିସ୍ତାନକୁ ୩୩ ବିଲିୟନ ଡଲାରରୁ ଅଧିକ ସହାୟତା ଦେଇଛି ଏବଂ ଏହା ବଦଳରେ କେବଳ ଧୋକା ଓ ମିଥ୍ୟା ପାଇଛି। ୧୧ ସେପ୍ଟେମ୍ବର ୨୦୦୧ ଆତଙ୍କବାଦ ଆକ୍ରମଣ ପରେ ପାଖାପାଖି ଏକ ଦଶନ୍ଧି ଧରି ପାକିସ୍ତାନ ଓସ୍‌ମା ବିନ୍ ଲାଡେନଙ୍କୁ ଆଶ୍ରୟ ଦେବା ସହ ଆତଙ୍କବାଦୀଙ୍କୁ ସାହାଯ୍ୟ କରୁଥିବା ଦର୍ଶାଇ ପାକିସ୍ତାନକୁ ଦିଆଯାଉଥିବା ପ୍ରତିରକ୍ଷା ସହାୟତା ଟ୍ରମ୍ପ୍ ବନ୍ଦ କରିଥିଲେ। ଏବେ ପାକିସ୍ତାନ ସାମରିକ ଓ ଗୋଇନ୍ଦା ସହାୟତା ପାଇ ସନ୍ତ୍ରାସବାଦ ଗୋଷ୍ଠୀଙ୍କ ପାଇଁ ସୁରକ୍ଷିତ ସ୍ୱର୍ଗ ପାଲଟିଯାଇଛି। ଚାଇନା ସହ ଏହାର ସମ୍ପର୍କ ମଧ ନିବିଡ଼। ଚଳିତ ମାସ ପ୍ରାରମ୍ଭରେ ଟ୍ରମ୍ପ୍ ପ୍ରଶାସନ ସହ ଚାଇନାର ବାଣିଜ୍ୟ ଚୁକ୍ତି ହୋଇଛି। ହେଲେ ଆମେରିକାର ପ୍ରଥମ ଶତ୍ରୁ ଭାବେ ଚାଇନା ରହିଛି। ତଥାପି ପାକିସ୍ତାନ ପ୍ରତି ଆମେରିକା ଅସନ୍ତୋଷ ପ୍ରକାଶ କରିବା ବଦଳରେ ତା'ସହ ନିବିଡ଼ ସମ୍ପର୍କ ରଖିବାକୁ ଚାହୁଁଛି।

ଟ୍ରମ୍ପ୍ ପ୍ରଶାସନ ଅଧିକାରୀମାନେ ଏଭଳି ବିପରୀତ ସ୍ଥିତିକୁ ଯୁକ୍ତିଯୁକ୍ତ ମନେକରିଛନ୍ତି। କାରଣ ଇରାନକୁ ରୋକିବା ସହ ସେହି ଅଞ୍ଚଳରେ ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକ ଦ୍ୱାରା ଆମେରିକା ସ୍ୱାର୍ଥ ପ୍ରତି ବିପଦ ସୃଷ୍ଟି ହେବାର ସମ୍ଭାବନା ଥିବାରୁ ସେମାନଙ୍କ ଉପରେ ଲଗାମ ଲଗାଇବା ପାଇଁ ଏଭଳି ପଦକ୍ଷେପ ନେଇଛି। କିନ୍ତୁ ପାକିସ୍ତାନ ବାରମ୍ବାର ସାବ୍ୟସ୍ତ କରିଛି ଯେ, ଏହା ଏକ ବିଶ୍ୱସ୍ତ ପ୍ରତିରକ୍ଷା ଅଂଶୀଦାର ନୁହେଁ ଏବଂ ଏଥିରେ ପରିବର୍ତ୍ତନ ହେବାର କୌଣସି କାରଣ ବି ଦେଖାଯାଉନାହିଁ। ଟ୍ରମ୍ପ୍ ପାକିସ୍ତାନକୁ କୋଳେଇ ନେବା କାରଣ ପଛରେ ରହିଛି ତାଙ୍କର ଆର୍ଥିକ ଲାଭ ଓ ବୈଦେଶିକ ନୀତି ପ୍ରତି ବ୍ୟାବହାରିକ ଦୃଷ୍ଟିକୋଣ। ତେବେ ଟ୍ରମ୍ପ୍‌ଙ୍କ ପରିବାରର ଅଧିକାଂଶ ଶେୟାର ଥିବା ଏକ କ୍ରିପ୍ଟୋକରେନ୍ସି ଫାର୍ମ ୱାର୍ଲ୍ଡ ଲିବର୍ଟି ଫାଇନାନ୍‌ସିଆଲ ସହ ଏପ୍ରିଲରେ ବିବାଦୀୟ ନିବେଶ ଚୁକ୍ତିରେ ପାକିସ୍ତାନ ସ୍ୱାକ୍ଷର କରିବା ଘଟଣାକୁ ଦେଖାଯାଉ। ମଧ୍ୟପ୍ରାଚ୍ୟରେ ଟ୍ରମ୍ପ୍‌ଙ୍କ ସ୍ୱତନ୍ତ୍ର ରାଷ୍ଟ୍ରଦୂତ ଥିବା ଷ୍ଟିଭ ୱିଟ୍‌କୋଫ୍‌ଙ୍କ ପୁଅ ଜାକ୍ ୱିଟ୍‌କୋଫ ଏହି କମ୍ପାନୀର ସିଇଓ ଅଛନ୍ତି ଏବଂ ସେ ମଧ ଉଭୟ ଟ୍ରମ୍ପ୍ ଓ ୱିଟ୍‌କୋଫ୍‌ଙ୍କ ପରିବାର ପ୍ରମୁଖ ଅଂଶୀଦାର ଥିବା ଏକ କମ୍ପାନୀର ମୁଖ୍ୟ। ଏହି ଚୁକ୍ତି ଆମେରିକାର ପୂର୍ବତନ ଅଧିକାରୀ ତଥା ସରକାର ତଥା ଲୋକଙ୍କ ସ୍ୱାର୍ଥକୁ ଜଗୁଥିବା ସଂସ୍ଥାଗୁଡ଼ିକୁ ଚିନ୍ତାରେ ପକାଇଦେଇଛି। ସେମାନେ ସତର୍କ କରିଦେଇଛନ୍ତି, ଟ୍ରମ୍ପ୍‌ଙ୍କ ଜଟିଳ ବିଜ୍‌ନେସ ସ୍ଥିତି ଆମେରିକାର ବୈଦେଶିକ ନୀତିକୁ ପ୍ରଭାବିତ କରୁଛି। ଏହା ମଧ ଏକ ଆଞ୍ଚଳିକ ଅବଧାରଣାକୁ ଦୃଢ଼ୀଭୂତ କରିଛି ଯେ, ଟ୍ରମ୍ପ୍‌ଙ୍କ ବୈଦେଶିକ ନୀତିର ବଡ଼ ପ୍ରାଥମିକତା ହେଉଛି ବ୍ୟକ୍ତିଗତ ସମୃଦ୍ଧି, ଯାହା ପୁନର୍ବାର ଆମେରିକାର ବିଶ୍ୱସନୀୟତାକୁ କ୍ଷତି କରୁଛି।



ଜୁଲାଇରେ ଆମେରିକା ଓ ପାକିସ୍ତାନ ଏକ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିଥିବା ଘୋଷଣା କରିଥିଲେ। ଚୁକ୍ତି ସମ୍ପର୍କିତ ସବିଶେଷ ତଥ୍ୟ ପ୍ରକାଶ କରାଯାଇ ନ ଥିଲେ ମଧ ଆମେରିକାର ଟାରିଫ୍ ହ୍ରାସକୁ ନେଇ ପାକିସ୍ତାନ ଉଲ୍ଲସିତ ହୋଇଛି ଏବଂ ଭବିଷ୍ୟତରେ ଆମେରିକା ନିବେଶ ବୃଦ୍ଧିକୁ ନେଇ ଆଶାବାଦୀ ଅଛି। ତେବେ ପାକିସ୍ତାନ ଅଧିକାରୀମାନେ ଘୋଷଣା କରିଛନ୍ତି ଯେ, ଏହି ଚୁକ୍ତି ଆର୍ଥିକ ସହଯୋଗ ବିଶେଷକରି ଶକ୍ତି, ଖଣି ଏବଂ ଖଣିଜଦ୍ରବ୍ୟ, ଆଇଟି, କ୍ରିପ୍ଟୋକରେନ୍ସି ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭକୁ ସୂଚିତ କରେ। ସେବେଠାରୁ ପାକିସ୍ତାନ ଗୁରୁତ୍ୱପୂର୍ଣ୍ଣ ଖଣିଜ ଦ୍ରବ୍ୟର ବଡ଼ ଯୋଗାଣକାରୀ ହେବାକୁ ଚାହିଁଛି, ଯାହା ରେୟାର ଆର୍ଥ (ବିରଳ ସ୍କାଣ୍ଡିୟମ, ଇଟ୍ରିୟମ ଭଳି ଖଣିଜ ଦ୍ରବ୍ୟ)କୁ ନେଇ ଚାଇନାର ଏକଚାଟିଆ ଅଧିକାର ଉପରେ ଆମେରିକାର ନିର୍ଭରଶୀଳତା ହ୍ରାସ କରିବାରେ ସାହାଯ୍ୟ କରିପାରିବ। ସେପ୍ଟେମ୍ବରରେ ପାକିସ୍ତାନର ସାମରିକ କ୍ଷେତ୍ର ସହ ଜଡ଼ିତ ଫ୍ରଣ୍ଟିୟର ୱାର୍କସ୍ ଅର୍ଗାନାଇଜେଶନ ଆମେରିକାର ଘରୋଇ କମ୍ପାନୀ ଷ୍ଟ୍ରାଟେଜିକ୍ ମେଟାଲ୍ସ ସହିତ ୫୦୦ ମିଲିୟନ ଡଲାରର ଏକ ଚୁକ୍ତି ସ୍ୱାକ୍ଷର କରିଛି। ପାକିସ୍ତାନରେ ଗୁରୁତ୍ୱପୂର୍ଣ୍ଣ ଖଣିଜ ଦ୍ରବ୍ୟ ଅଧିକ ଗଚ୍ଛିତ କରି ରଖିବା ସକାଶେ ଏହା କରାଯାଇଛି।

ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ଏବଂ ସେନାର କ୍ଷମତାଶାଳୀ ଫିଲ୍ଡ ମାର୍ଶାଲ ଅସିମ ମୁନିର ଯେତେବେଳେ ଟ୍ରମ୍ପ୍‌ଙ୍କୁ ସାକ୍ଷାତ୍ କରିଥିଲେ, ସେତେବେଳେ ସେମାନେ ତାଙ୍କୁ ଖଣିଜଦ୍ରବ୍ୟ ସାମିଲ ଥିବା ଏକ ଆକର୍ଷଣୀୟ ବାକ୍ସ ଉପହାର ଦେଇଥିଲେ। ଏହାର ଠିକ୍ ପରେ ପାକିସ୍ତାନ ରେୟାର ଆର୍ଥ ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଖଣିଜ ଦ୍ରବ୍ୟ ଭର୍ତ୍ତି ଏକ ଜାହାଜ ଆମେରିକାକୁ ପଠାଇଥିଲା। କିନ୍ତୁ ପାକିସ୍ତାନ ଆବଶ୍ୟକ ଅଧିକ ପରିମାଣର ବିରଳ ଧାତବ ପଦାର୍ଥ ଆମେରିକାକୁ ଯୋଗାଇଦେବ ବୋଲି ସ୍ପଷ୍ଟ ନୁହେଁ। ପାକିସ୍ତାନ ବହୁ ସମୟରେ ଦାବି କରିଆସୁଛି ଯେ, ତା' ନିକଟରେ ୬–୮ ଟ୍ରିଲିୟନ ମୂଲ୍ୟର ଖଣିଜ ସମ୍ପଦ ରହିଛି, ଯାହା ସତ୍ୟ ତଥ୍ୟ ଉପରେ ଆଧାରିତ ନୁହେଁ। ଗଚ୍ଛିତ ଥିବା ଅଧିକାଂଶ ଖଣିଜ ବେଲୁଚିସ୍ତାନ ଓ ଖୈବର ପାଖତୁନଖୱା ଅଞ୍ଚଳରେ ଅଛି, ଯେଉଁଠି ସକ୍ରିୟ ବିଦ୍ରୋହ ଯୋଗୁ ଖଣିଜ ଉତ୍ତୋଳନ କରିବା ବିପଜ୍ଜନକ। ଜଣେ ଆନାଲିଷ୍ଟଙ୍କ ମତରେ, ପାକିସ୍ତାନ ଲମ୍ବା ସମୟ ଧରି ସୁନା ଦେବାକୁ କହି ଆସିଛି ଓ ବଜୁରି ଗୋଡ଼ି ଦେଉଛି।

ସରିଫ ଓ ମୁନିର ବିଶେଷକରି ଟ୍ରମ୍ପ୍‌ଙ୍କ ବ୍ୟକ୍ତିଗତ ପ୍ରଶଂସା ସହ ଏତେବଡ଼ ପ୍ରତିଶ୍ରୁତିରେ ଟ୍ରମ୍ପ୍ ପ୍ରଭାବିତ ହୋଇଛନ୍ତି। ଆଶ୍ଚର୍ଯ୍ୟର କଥା, ପାକିସ୍ତାନ ନେତାମାନେ ଟ୍ରମ୍ପ୍‌ଙ୍କୁ ଅତ୍ୟଧିକ ପ୍ରଶଂସା କରିବା ସହ ସେ ଆଶାୟୀ ଥିବା ନୋବେଲ ଶାନ୍ତି ପୁରସ୍କାର ପାଇଁ ତାଙ୍କ ନାମ ଉପସ୍ଥାପନ କରିଥିଲେ। ଅଧିକ ଉତ୍ସାହିତ ହୋଇ ପାକିସ୍ତାନ ନେତାମାନେ ସେନାମୁଖ୍ୟଙ୍କୁ, ଯାହାଙ୍କୁ ଟ୍ରମ୍ପ୍ ତାଙ୍କର 'ଅତି ପ୍ରିୟ ଫିଲ୍ଡ ମାର୍ଶାଲ' ବୋଲି କହିଥା'ନ୍ତି, ତାଙ୍କୁ ପ୍ରକୃତ କ୍ଷମତାର ଅଧିକାରୀ ପଦବୀକୁ ପଦୋନ୍ନତି ଦେବା ପାଇଁ ଏକ ସାମ୍ବିଧାନିକ ସଂଶୋଧନ କରିଛନ୍ତି। ଟ୍ରମ୍ପ୍ ପ୍ରଶାସନ ପାକିସ୍ତାନକୁ କୋଳେଇ ନେବା ଭାରତ ପାଇଁ ବିଶ୍ୱାସଘାତକତା ଭଳି ମନେହେଉଛି। ଭାରତ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଆମେରିକା ସହ ରଣନୀତିକ ଭାଗୀଦାରି ରଖିଆସିଛି, ଯାହା ମିଳିତ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ଚାଇନାକୁ ପ୍ରତିରୋଧ କରିବାର ପାରସ୍ପରିକ ଇଚ୍ଛା ଉପରେ ଆଧାରିତ। ଏବେ ଆମେରିକା ସକ୍ରିୟ ଭାବେ ଭାରତର କୂଟନୀତିକ ଏବଂ ସୁରକ୍ଷା ସ୍ୱାର୍ଥ ବିରୋଧରେ କାମ କରୁଛି।

ଗତ ମେ'ରେ ଭାରତ ଓ ପାକିସ୍ତାନ ମଧ୍ୟରେ ତିନି ଦିନ ଯୁଦ୍ଧ ପରେ ଯୁଦ୍ଧ ବିରତିରେ ଶେଷ ହୋଇଥିଲା। ଟ୍ରମ୍ପ୍ ଏହି ଯୁଦ୍ଧ ବନ୍ଦ କରିବାର ଶ୍ରେୟ ନେଇ ସାଧାରଣରେ ପ୍ରକାଶ କରିଥିଲେ। ଟ୍ରମ୍ପ୍‌ଙ୍କର ଏହି ଦାବିକୁ ଭାରତ ଗ୍ରହଣ କରି ନ ଥିଲା। ଏପରିକି ଯୁଦ୍ଧ ସମୟରେ ଟ୍ରମ୍ପ୍‌ଙ୍କ ସହ କେବେ ବି କଥା ହୋଇ ନ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ। ଏହା ଭାରତରେ ଏକ ଦୃଷ୍ଟିକୋଣକୁ ଦୃଢ଼ କରିଥିଲା ଯେ, ଆମେରିକାକୁ ବିଶ୍ୱାସ କରାଯାଇପାରିବ ନାହିଁ। ନୋବେଲ ପୁରସ୍କାର ପାଇଁ ଟ୍ରମ୍ପ୍‌ଙ୍କ ନାମ ମୋଦି ନ କହିବା ଯୋଗୁ ବିଭେଦ ଆହୁରି ଗମ୍ଭୀର ହୋଇଥିଲା। ଏହି ବିଭେଦ ଏକ ବାଣିଜ୍ୟିକ ଯୁଦ୍ଧ ଆଡ଼କୁ ମୁହାଁଇଲା ଏବଂ ଟ୍ରମ୍ପ୍ ଭାରତରୁ ରପ୍ତାନି ହେଉଥିବା ସାମଗ୍ରୀ ଉପରେ ଅଧିକ ୨୫% ଟାରିଫ୍ ବୃଦ୍ଧି କରି ତାହାକୁ ୫୦% କରିଦେଇଥିଲେ। ଭାରତ ରୁଷିଆରୁ ତେଲ କିଣୁଥିବାରୁ ଏଭଳି କରାଯାଇଥିବା କୁହାଯାଇଥିଲା। କିନ୍ତୁ ୟୁରୋପୀୟ ସଂଘ, ଜାପାନ ଓ ତୁର୍କୀ ଅଧିକ ପରିମାଣରେ ତେଲ ରୁଷିଆଠାରୁ କିଣିଥିଲେ ମଧ ସେମାନେ ଆମେରିକାର କଟକଣା ସାମ୍ନା କରି ନ ଥିଲେ। ଏପରିକି ଟ୍ରମ୍ପ୍ ସମର୍ଥକ ହଙ୍ଗେରୀ ତାହାର ଆବଶ୍ୟକ ହେଉଥିବା ତୈଳର ୯୦% ରୁଷିଆଠାରୁ କିଣୁଥିଲେ ବି ତାହା ଟ୍ରମ୍ପ୍ ପ୍ରଶାସନ ପ୍ରତିବନ୍ଧକରୁ ମୁକ୍ତ ରହିଥିଲା।

ଭାରତ ପାଇଁ ଏହି ସ୍ଥିତିଗୁଡ଼ିକ କୂଟନୈତିକ ବିପର୍ଯ୍ୟୟଠାରୁ ଅଧିକ। ଆମେରିକା ଓ ପାକିସ୍ତାନ ଏକ ଜଟିଳ ବା ଗମ୍ଭୀର ରଣନୀତିକ ଭାଗୀଦାରି ଖୋଲିବାକୁ ଧମକ ଦେଇଛନ୍ତି, ଯାହାକୁ ଆମେରିକାର ପ୍ରଶାସକମାନେ ଭାରତ-ପ୍ରଶାନ୍ତ ମହାସାଗରୀୟ ସୁରକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ମାନିଛନ୍ତି। ଚାଟୁକାରିତା ବା ମିଥ୍ୟା ପ୍ରଶଂସା, ସାଙ୍କେତିକ ଆଭାସ ତଥା ବ୍ୟକ୍ତିଗତ ସମୃଦ୍ଧତାର ପ୍ରତିଶ୍ରୁତି ବଳରେ ପାକିସ୍ତାନକୁ ଟ୍ରମ୍ପ୍ ସମର୍ଥନ କରି ସମଗ୍ର ଅଞ୍ଚଳକୁ ବିପଦରେ ପକାଉଛନ୍ତି।

**ପ୍ରଫେସର, ଏମରିଟସ୍ ଅଫ୍ ଷ୍ଟ୍ରାଟେଜିକ ଷ୍ଟଡିଜ୍, ସେଣ୍ଟର ଫର୍ ପଲିସି ରିସର୍ଚ୍ଚ, ନୂଆଦିଲ୍ଲୀ**

## ଏଇ ଭାରତରେ

ବୟସ ଏକ ସଂଖ୍ୟା ଓ ଏହାର ପ୍ରଭାବକୁ ପ୍ରତିହତ କରି ଆଗକୁ ବଢ଼ିବା ସମ୍ଭବ ବୋଲି ପ୍ରମାଣ କରିଛନ୍ତି ଆନ୍ଧ୍ରପ୍ରଦେଶ ବିଜୟନଗରମର ବିଦ୍ୟା ସିଂ। ସେ ୫୯ ବର୍ଷ ବୟସରେ ପର୍ବତ ଆରୋହଣ ଆରମ୍ଭ କରିବା ପରେ ୧୯ଟି ଉଚ୍ଚ ଶୃଙ୍ଗ ଶୀର୍ଷରେ ପହଞ୍ଚିସାରିଲେଣି। ଏହା ମଧ୍ୟରେ ରହିଛି ପୂର୍ବ ଲଦାଖର ମେଣ୍ଟକ କାଂଗ୍ରି (୬୨୫୦ମିଟର) ଓ ସ୍ପିତି ଭ୍ୟାଲିର ୟୁନାମ ପିକ (୬୧୧୧ ମିଟର) ଶୃଙ୍ଗ। ଏବେ ତାଙ୍କ ବୟସ ୭୨ ଓ ସେ ପୂର୍ବ ଆଫ୍ରିକାର ମାଉଣ୍ଟ କିଲିମାଞ୍ଜାରୋ ଅରୋହଣ କରିଛନ୍ତି। ଏହି ସଫଳତା ହାସଲ କରିବାରେ ସେ ହେଉଛନ୍ତି ସବୁଠୁ ବୟସ୍କ ଭାରତୀୟ ମହିଳା। ତାଙ୍କ ଫିଟନେସ ପଛର ରହସ୍ୟ ହେଉଛି, ସେ କଲେଜ ଜୀବନରୁ ଟେନିସ ଖେଳୁଥିଲେ ଓ ମାଡ୍ରାସ ବିଶ୍ୱବିଦ୍ୟାଳୟ ଟିମ୍‌ର ଅଧିନାୟିକା ଥିଲେ। ଏହାସହ ସେ ସୁଇମିଂରେ ମଧ ପଦକ ହାସଲ କରିଥିଲେ। ସେ ଦୀର୍ଘ ୧୨ ବର୍ଷ ହେଲା ସପ୍ତାହରେ ଥରେ ୬୦ କି.ମି. ସାଇକ୍ଲିଂ କରୁଛନ୍ତି। ଏହା ସହ ବିଭିନ୍ନ ସ୍ଥାନରେ ହାଫ୍ ମାରାଥନରେ ମଧ ଭାଗ ନେଉଛନ୍ତି। ପରିଣତ ବୟସରେ ସେ ନିଜକୁ ଫିଟ୍ ରଖିବା ସହ ପର୍ବତାରୋହଣକୁ ତାଙ୍କ ଜୀବନର ଏକ ଅଂଶ କରିଦେଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୨୮ ନଭେମ୍ବର ୧୯୭୬

- ରାଜ୍ୟର ପ୍ରଶାସନିକ ବ୍ୟବସ୍ଥାକୁ ଅଧିକ ସକ୍ରିୟ, ଶୃଙ୍ଖଳିତ ଓ ସୁଦୃଢ଼ କରିବା ଲାଗି ରାଜ୍ୟ ମନ୍ତ୍ରିମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ବିଭାଗ ପୁନର୍ବଣ୍ଟନ।
- ଭିଏତନାମକୁ ଜାତିସଂଘର ସଭ୍ୟ ଶ୍ରେଣୀଭୁକ୍ତ କରାଯିବା ନିମନ୍ତେ ଜାତିସଂଘ ସାଧାରଣ ପରିଷଦ ଆହ୍ୱାନ ଜଣାଇବା ସହ ନିରାପତ୍ତା ପରିଷଦକୁ ଏହାର ପୁନର୍ବିଚାର ନିମନ୍ତେ ସୁପାରିଶ କରିଛନ୍ତି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | | | | 5 | | | | |
| | | | | | | 1 | | 7 |
| | | | | | | | 2 | 4 |
| 6 | | | | | | | | 9 |
| | 5 | | 9 | | 7 | | | |
| | 8 | 1 | | 3 | | | | |
| | 1 | | | 8 | | | 7 | |
| | | | 7 | | | 2 | 4 | |
| | 4 | | | | 3 | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 5 | 3 | 2 | 9 | 7 | 1 | 8 | 4 |
| 8 | 4 | 2 | 3 | 1 | 6 | 7 | 9 | 5 |
| 1 | 7 | 9 | 5 | 4 | 8 | 6 | 3 | 2 |
| 4 | 3 | 8 | 9 | 7 | 5 | 2 | 1 | 6 |
| 7 | 2 | 6 | 1 | 8 | 4 | 3 | 5 | 9 |
| 5 | 9 | 1 | 6 | 3 | 2 | 8 | 4 | 7 |
| 3 | 1 | 4 | 7 | 6 | 9 | 5 | 2 | 8 |
| 2 | 8 | 7 | 4 | 5 | 1 | 9 | 6 | 3 |
| 9 | 6 | 5 | 8 | 2 | 3 | 4 | 7 | 1 |

ଗତକାଲିର ଉତ୍ତର

# ଅଦୃଶ୍ୟ ବନ୍ଧନ



ଡ. ବାସୁଦେବ ମିଶ୍ର

କେହି ଚାହାନ୍ତି ନାହିଁ ବନ୍ଧନ। ସମସ୍ତେ ଚାହାନ୍ତି ମୁକ୍ତ ଜୀବନ ବଞ୍ଚିବା ପାଇଁ। କିନ୍ତୁ ଦେଖିବାକୁ ଗଲେ ଜଡ଼ ହେଉ କି ଜୀବ, ଆରମ୍ଭରୁ ଶେଷ ପର୍ଯ୍ୟନ୍ତ, ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତେ ସବୁବେଳେ ବନ୍ଧନରେ ଥାଆନ୍ତି। ଜୀବ କ୍ଷେତ୍ରରେ ଏହି ବନ୍ଧନ ମାତୃଗର୍ଭରୁ ଆରମ୍ଭ ହୋଇଥାଏ। ମାତୃଗର୍ଭରେ ସେ କେବଳ ଗର୍ଭର ବନ୍ଧନରେ ଥିବାବେଳେ ଭୂମିଷ୍ଠ ହେବା ପରେ ଅନେକ ବନ୍ଧନରେ ବାନ୍ଧି ହୋଇଯାଏ। ଯେମିତି ମାତାପିତା, ଜେଜେବାପା, ଜେଜେମା', ଭ୍ରାତା ଓ ଭଗିନୀଙ୍କର ସ୍ନେହର ବନ୍ଧନ, ପ୍ରକୃତିରୁ ଜଳ, ବାୟୁ ଆଦି ଗ୍ରହଣ କରିବାକୁ ବାଧ୍ୟ ହେଉଥିବାରୁ ପ୍ରକୃତିର ବନ୍ଧନ, କ୍ଷୁଧା ନିବାରଣ ନିମିତ୍ତ ମାତୃସ୍ତନ୍ୟର ବନ୍ଧନ ଏମିତି କେତେ ବନ୍ଧନରେ ତାକୁ ଛନ୍ଦିହେବାକୁ ହୁଏ। ଏସବୁ ବନ୍ଧନ ଆଖିକୁ ଦେଖାଯାଇ ନଥାଏ, କିନ୍ତୁ ଆଖିରେ ଦେଖିହେଉଥିବା ବନ୍ଧନଠାରୁ ଏଗୁଡ଼ିକ ହଜାରଗୁଣ ଶକ୍ତ ବୋଲି ଅନୁଭବ କରୁ। ଶିଶୁଟିକୁ ଦେଖିଲେ ଆମର ମନେହୁଏ, ତାର କିଛି ଚିନ୍ତା ନାହିଁ, କିଛି ବନ୍ଧନ ନାହିଁ। ସମୟ ପୂର୍ବରୁ ତା'ର ସମସ୍ତ ଆବଶ୍ୟକତା ପୂରଣ କରିଦିଆଯାଏ। ତା'ର ସମସ୍ତ କାର୍ଯ୍ୟ ଅନ୍ୟମାନେ ସ୍ନେହପୂର୍ବକ କରିଦିଅନ୍ତି। ନିର୍ବିଘ୍ନ ଏବଂ ସ୍ନେହପୂର୍ଣ୍ଣ ସେବା ତାକୁ ଅନାୟାସରେ ପ୍ରାପ୍ତହୁଏ। ତେଣୁ ସେ ବନ୍ଧନମୁକ୍ତ। କିନ୍ତୁ ବାସ୍ତବରେ ସେହି ଶିଶୁଟି ଜନ୍ମନେବା ପରଠାରୁ ଅନେକ ବନ୍ଧନରେ ଆବଦ୍ଧ ହୋଇସାରିଛି। ପ୍ରସିଦ୍ଧ ଦାର୍ଶନିକ ରୁଷୋ କହିଥିଲେ– ପ୍ରକୃତିଗତ ଦୃଷ୍ଟିରୁ ମଣିଷ ମୁକ୍ତଭାବେ ଜନ୍ମନିଏ ସିନା, ପରିବାର ତଥା ସମାଜ ଦୃଷ୍ଟିରୁ ସେ ବିଭିନ୍ନ ପ୍ରକାର ବନ୍ଧନରେ ଆବଦ୍ଧ। ସବୁଠାରୁ ବଡ଼ ବନ୍ଧନ, ଯାହା ଆମ ଶାସ୍ତ୍ରଗୁଡ଼ିକରେ ବ୍ୟାଖ୍ୟା କରାଯାଇଛି, ତାହା ହେଉଛି ମାୟାର ବନ୍ଧନ। ପ୍ରତ୍ୟେକଟି ଜୀବ ଏହି ମାୟା ବନ୍ଧନକୁ କାଟି ପରମଙ୍କ ସହିତ ଏକାକାର ହୋଇଯିବାକୁ, ମୋକ୍ଷପ୍ରାପ୍ତ କରିବାକୁ ଚାହେଁ।



ଶିଶୁଟିଏ ଭୂମିଷ୍ଠ ହେବା ମାତ୍ରେ ପରିବାର ତଥା ସମଗ୍ର ସମାଜ ତା'ଠାରୁ ଅନେକ କିଛି ଆଶା କରିବସନ୍ତି। ସେହି ସମୟଠାରୁ ତା' ଉପରେ ପରିବାର ତଥା ସମାଜର ଅନେକ ଦାୟିତ୍ୱ ଅଜାଡ଼ି ହୋଇପଡ଼େ। ପରିବାରର ସଦସ୍ୟମାନେ ଆଶା ରଖନ୍ତି ଶିଶୁଟି ବଡ଼ ହୋଇ ସେହି ପରିବାରର ଭବିଷ୍ୟତକୁ ଉଜ୍ଜ୍ୱଳ କରିବ। ପରିବାର ପାଇଁ ସାମାଜିକ ପ୍ରତିଷ୍ଠା ଆଣିଦେବ। ବଂଶକୁ ଆଗକୁ ନେବ। ସମାଜ ଆଶା ରଖେ ଏଇ ଶିଶୁଟି ହୁଏତ ଭବିଷ୍ୟତରେ ବଡ଼ ମଣିଷଟିଏ ହୋଇ ସମସ୍ତଙ୍କୁ ଦିଗ୍‌ଦର୍ଶନ ଦେବ। ତା'ର ପରିବାର, ଗ୍ରାମ ଦେଶର ସୁନାମ ବଢ଼ାଇବ। ନବଜାତ ଶିଶୁଟିଠାରୁ ଏସବୁ ଆଶା ରଖିବା ପରିବାର କି ସମାଜ ପକ୍ଷରେ କିଛି ଅସ୍ୱାଭାବିକ, ଅସମୀଚୀନ କିମ୍ବା ଅନୀତିପୂର୍ଣ୍ଣ ନୁହେଁ।

ଗୋଟିଏ ଦୃଷ୍ଟିରୁ ଦେଖିଲେ ବନ୍ଧନ ବିନା ଆମେ ସୁଖକର ଜୀବନଟିଏ ବଞ୍ଚିପାରୁନା ଏବଂ ସେଥିପାଇଁ ଆମେ ବନ୍ଧନରେ ରହିବାପାଇଁ ଆତୁର ହୋଇପଡ଼ୁ। ଜୀବନ ଆରମ୍ଭରୁ ଆମେ ବନ୍ଧନରେ ରହିବାରେ ଅଭ୍ୟସ୍ତ ହୋଇଯାଉ। କେବଳ ମଣିଷ ନୁହେଁ, ସକାଳେ ପଘାରୁ ମୁକ୍ତ ହୋଇ ଚରିବାକୁ ଯାଇଥିବା ଗାଈଟି ଦିବାଶେଷରେ ଅବା ପେଟ ପୂରିଗଲେ ନିଜ ଗୁହାଳକୁ ଫେରିଆସେ ପୁଣି ପଘାରେ ବାନ୍ଧି ହେବା ପାଇଁ। ସେମିତି ମଣିଷ ମଧ ନିଜ ପାଇଁ ବନ୍ଧନଟିଏ ତିଆରି କରେ ନିଜ ଚାରିପଟେ। ଘରଟିଏ ତିଆରି କରି ତା' ଦେହରେ କବାଟ ଝରକା ଇତ୍ୟାଦି ଲଗାଇ ତାକୁ ନିବୁଜ କରେ ଏବଂ ତା' ଭିତରେ ବନ୍ଧନରେ ରହି ସମୟ କାଟେ। ପାରିବାରିକ, ସାମାଜିକ ବନ୍ଧନରେ ନିଜକୁ ନିଜେ ବନ୍ଦୀ ରଖି ସେ ଆନନ୍ଦ ପାଏ। ବିଭିନ୍ନ ଲୋକଙ୍କ ଦାୟିତ୍ୱ ବୁଝି, ସେବା କର୍ତ୍ତବ୍ୟର ବନ୍ଧନରେ ବାନ୍ଧି ହୋଇ ଆନନ୍ଦ ପାଏ। ତାକୁ ପ୍ରକୃତ ଜୀବନ ବୋଲି ମାନିନିଏ। ସେହି ବନ୍ଧନ ଭିତରେ ଭଗବାନ୍‌ଙ୍କ ସହିତ ସାକ୍ଷାତ ହୁଏ ବୋଲି ସେ ମନେକରେ।

ଶାସ୍ତ୍ରାନୁସାରେ ଜୀବ ଏହି ପୃଥିବୀପୃଷ୍ଠରେ ବାରମ୍ବାର ଜନ୍ମଲାଭ କରେ। ନିଜର ସୁକର୍ମ ପ୍ରଭାବରେ ସେ କ୍ରମେ ସେହି ବନ୍ଧନରୁ ମୁକ୍ତ ପ୍ରାପ୍ତ ହୋଇ ଈଶ୍ୱରଙ୍କ ସହିତ ମିଳିତ ହୁଏ। ତା'ପରେ ତା'ର ଆଉ ପୁନର୍ଜନ୍ମ ହୁଏନାହିଁ। କଥାଟି କିନ୍ତୁ ଏତେ ସହଜସାଧ୍ୟ ହୋଇ ନଥାଏ। ସେଥିପାଇଁ ଅନେକ ସାଧନା ଓ ତ୍ୟାଗ କରିବାକୁ ପଡ଼େ। କିଛି ଲୋକ ତ ସାଂସାରିକ ବନ୍ଧନରୁ ମୁକ୍ତ ହୋଇ ଈଶ୍ୱରଙ୍କ ନିକଟବର୍ତ୍ତୀ ହେବା ପାଇଁ ଜୀବନସାରା ସାଧନାରେ ବ୍ୟସ୍ତ ରହିଥା'ନ୍ତି। ସେମାନେ ମୃତ୍ୟୁପରେ ମୋକ୍ଷ ପ୍ରାପ୍ତ ହୁଅନ୍ତି କି ନାହିଁ, ପୁନର୍ଜନ୍ମ ପାଆନ୍ତି କି ନାହିଁ, ତାହା କାହାକୁ ଜଣା ନ ଥାଏ। ତେବେ ବଞ୍ଚିଥିବା ଅବସ୍ଥାରେ ବନ୍ଧନ ଯେ ଆମର ଚିର ସହଚର ତାହା ଅନସ୍ୱୀକାର୍ଯ୍ୟ। ଜୀବନସାରା ବନ୍ଧନ ଆମର କାମ୍ୟ ହୋଇଥାଏ ଯେମିତି। ବନ୍ଧନ ବିନା ଘଡ଼ିଏ ଜୀବନ ବଞ୍ଚିବା ଆମ ପକ୍ଷରେ ସମ୍ଭବ ହୁଏନାହିଁ। କେହି ଆମକୁ ବାନ୍ଧିବା ଆଗରୁ ଆମେ ନିଜେ ନିଜକୁ ବନ୍ଧନରେ ଆବଦ୍ଧ କରିବା ଲାଗି ବ୍ୟସ୍ତ, ବିବ୍ରତ ହୋଇପଡ଼ୁ। ଶୈଶବରେ ମାତାପିତାଙ୍କର ସ୍ନେହର ବନ୍ଧନ ଆମର ମନକୁ ସ୍ନିଗ୍ଧ କରେ, କୈଶୋରରେ ସାଙ୍ଗସାଥୀଙ୍କର ପ୍ରେମର ବନ୍ଧନ ଆମକୁ ମୁଗ୍ଧ କରି ରଖେ। ଯୌବନରେ ପ୍ରିୟାର ପ୍ରଣୟ ଆମକୁ ମଦମତ୍ତ କରେ ଏବଂ ଶେଷରେ ପରିଣତ ବୟସରେ ଅସମର୍ଥ ଶରୀରକୁ ନେଇ ବଞ୍ଚିବା ଅପେକ୍ଷା ମୃତ୍ୟୁର ସୁଶୀତଳ ବନ୍ଧନ ଆମକୁ ସ୍ପର୍ଶ କରୁ ବୋଲି ଆମେ ସତୃଷ୍ଣ ନୟନରେ ତା'ର ଅପେକ୍ଷାରେ ରହୁ। ବେଳେବେଳେ ଏମିତି ମନେହୁଏ ଜୀବନର ଅନ୍ୟ ନାମ ହିଁ ବନ୍ଧନ।

ସାଂସାରିକ ବନ୍ଧନରୁ ମୁକ୍ତି ପାଇବା ପାଇଁ ଚିନ୍ତା କରୁଥିବା ଜଣେ ବ୍ୟକ୍ତି ଦିନେ ଦେଖିଲା ମାହୁନ୍ତଟିଏ ତା' ହାତୀକୁ ସାଧାରଣ ଦଉଡ଼ିଟିଏରେ ବାନ୍ଧି ଗଛମୂଳେ ଶୋଇଛି। ସେ ଭାବିଲା– ''ହାତୀ ପରି ବଳଶାଳୀ ଜନ୍ତୁକୁ ଏପରି ସାମାନ୍ୟ ଦଉଡ଼ିରେ ବାନ୍ଧି ରଖାଯିବା ବିପଜ୍ଜନକ ହୋଇପାରେ। ମାହୁନ୍ତକୁ ନିଦରୁ ଉଠାଇ ସେ ତା'ର ଭାବନା ପ୍ରକାଶ କଲା। ମାହୁନ୍ତ କହିଲା, ''ଏପରି କେବେ ହେବନାହିଁ। କାରଣ ହାତୀଟି ପିଲା ଥିଲାବେଳେ ତା' ଗୋଡ଼ରେ ଲୁହାର ଶିକୁଳି ଲଗାଯାଇ ଶକ୍ତ ଲୌହସ୍ତମ୍ଭରେ ବନ୍ଧାଯାଇଥିଲା। ସେହି ସମୟରେ ସେହି ଶିକୁଳିକୁ ଛିଡ଼ାଇବାପାଇଁ ସେ ବହୁ ଚେଷ୍ଟାକରି ବିଫଳ ହୋଇଛି। ତେଣୁ ସେ ବନ୍ଧନର ବଶ୍ୟତା ସ୍ୱୀକାର କରିସାରିଛି। ଏହି ଦଉଡ଼ିଟି ଯେତେ ଦୁର୍ବଳ ହେଲେ ମଧ ବନ୍ଧନ ପ୍ରତି ତା'ର ବଶ୍ୟତା ତାକୁ ଏହି ଦଉଡ଼ିଟିକୁ ଛିଡ଼ାଇବାକୁ ଦେବନାହିଁ।' ପିଲାଦିନରୁ ଅନେକ ସଂସ୍କାର ଏମିତି ଆମକୁ ବିଭିନ୍ନ ବନ୍ଧନରେ ବାନ୍ଧି ରଖିଥାଏ। ଆମେ ସେଗୁଡ଼ିକ ପ୍ରତି ବଶ୍ୟତା ସ୍ୱୀକାର କରିଥାଉ। ତେଣୁ ସେଗୁଡ଼ିକୁ ଆମେ ତୁଟାଇ ପାରୁନା କି ସାଂସାରିକ ବନ୍ଧନରୁ ମୁକ୍ତି ପାଇପାରୁନା।

**ଦଶରଥପୁର, ଯାଜପୁର**
**ମୋ: ୮୯୧୭୨୭୨୭୭୩**

# ଲଣ୍ଡା ଚାକୁଣ୍ଡାର ଲୁହ



ଅଶୋକ କୁମାର ପଣ୍ଡା

ହଁ ଆଜ୍ଞା, ମୁଁ ହେଉଛି ଗୋଟେ ଲଣ୍ଡା ବୁଢ଼ା ଚାକୁଣ୍ଡା ଗଛ। ମୋର ବୟସ ପ୍ରାୟ ଶହେ ବର୍ଷରୁ ଊର୍ଦ୍ଧ୍ୱ ହେବ। ମୁଁ କେନ୍ଦ୍ରାପଡ଼ା ଜିଲାର ଆଳି ବ୍ଲକ ଅନ୍ତର୍ଗତ ବଡ଼ାମିଳା ଗ୍ରାମ ପଞ୍ଚାୟତରେ ଠିଆ ହୋଇଛି। ନ'ମୌଜା ଡାକଘର ସାମ୍ନା ସରକାରୀ ଜାଗା ହେଉଛି ମୋର ଜନ୍ମସ୍ଥାନ। ଗଛକୁ ଛାଡ଼ି ଅନେକ ଜୀବଜନ୍ତୁ, ପକ୍ଷୀ ଓ ମଣିଷ ମୋର ଅତି ଆପଣାର ଲାଗନ୍ତି। ସେମାନେ ମୋ ଛାଇରେ ଖେଳନ୍ତି, ନାଚନ୍ତି, ହସଖୁସି ହୋଇ ମଉଜ କରନ୍ତି। ଅଳ୍ପ କିଛିଦିନ ହେବ ସତେ ଯେମିତି ମୋ ଜୀବନ ଉପରେ ଖେଳିଗଲା ଗୋଟେ କଳା ବାଦଲ। କିଛି ଲୋକଙ୍କର ଲୋଲୁପ ଦୃଷ୍ଟି ପଡ଼ିଲା ମୋ ସଶକ୍ତ ଗଣ୍ଡି ଓ ମୋଟା ଡାଳ ଉପରେ। ଲୁଚିଛପି ସେମାନେ ଆଲୋଚନା କଲେ ଏ ଗଛକୁ କାଟି ବିକ୍ରି କରିଦେବା। ଭଲ ପଇସା ହେବ। ସରକାରୀ ଜମିରେ ଅଛି ଯାହା ମିଳିବ ତାକୁ ବାଣ୍ଟିନେବା। ଯୋଜନା ମୁତାବକ ଦିନେ ସକାଳେ କିଛି ଲୋକ ଆସି ମୋ ପାଖରେ ପହଞ୍ଚିଲେ। ତାଙ୍କ ହାତରେ ଥାଏ ଧାରୁଆ କୁରାଢ଼ି। ମୁଁ କହୁଥାଏ ହେ ମଣିଷ ମୁଁ ତୁମର କି କ୍ଷତି କରିଛି, ମୁଁ ତୁମର ଶତ୍ରୁ ନୁହେଁ ବରଂ ମିତ୍ର। ମୋତେ କାଟ ନାହିଁ। ମୋ କଥା ସେମାନଙ୍କୁ ଶୁଭିଲା ନାହିଁ। ମୁଁ ଜାଣିଲି ଟଙ୍କା ପାଖରେ ମଣିଷ ବନ୍ଧା ପଡିଛି। ମଣିଷପଣିଆ ଏମାନଙ୍କ ପାଖରେ ଆସିବ ବା କେଉଁଠୁ ? ପୁଣି ନିଜ ମନକୁ ବୁଝାଉଥାଏ, ମଣିଷ କାଳେ ଶ୍ରେଷ୍ଠ ଜୀବ! ତା'ର ଚିନ୍ତା କରିବାର ଶକ୍ତି ଅଧିକ। ସେହି ମଣିଷ ଯଦି ଭାବିପାରୁଛି ତାକୁ ଯେଉଁ ମା' ବାପା ଜନ୍ମ ଦେଇ ବଡ଼ କରାଇଲେ, ସେମାନେ ବୁଢ଼ାବୁଢ଼ୀ ହୋଇଗଲେ ପିଲାଙ୍କ ପାଇଁ ଅଲୋଡ଼ା ଓ ବୋଝ ପାଲଟୁଛନ୍ତି। ଯେଉଁଠି ପିଲାମାନେ ସେହି ମା' ବାପାଙ୍କୁ ଅଲଗା କରିଦେଉଛନ୍ତି, ସେଠି ଏ ବୁଢ଼ା ଗଛ କଥା ଶୁଣିବ ବା କିଏ ?

ଏତିକି କଥା ଭାବି ନିଜ ମନକୁ ବୁଝାଉଥିବା ବେଳେ ଏକ ଶକ୍ତ କୁରାଢ଼ି ଚୋଟ ବସିଲା ମୋର ଗୋଟିଏ ଡାଳ ଉପରେ। ଚାଟ ପରେ ଚୋଟ ବସିଚାଲିଲା। ଗୋଟିଏ ପରେ ଗୋଟିଏ ପ୍ରାୟ ମୋର ଅଧା ଡାଳ କାଟିଦେଲେ। ଅନେକ ଲୋକ ଦେଖୁଥାନ୍ତି କିନ୍ତୁ ନୀରବ। ମୁଁ ସରକାରୀ ଜାଗାରେ ବଢ଼ିଛି ବୋଲି ନିଜକୁ ଖୁବ୍ ନିଃସହାୟ ମନେକଲି। ଆତ୍ମାକୁ ବାଧିଲେ ମଣିଷ ଯେମିତି କାନ୍ଦେ, ଆଖିରୁ ଲୁହ ଝରାଏ, ଆମେ ଗଛ ବି ସେମିତି କାନ୍ଦୁ। କିନ୍ତୁ ଆମ କାନ୍ଦ ସମସ୍ତଙ୍କୁ ଶୁଭେ ନାହିଁ। କେବଳ ଆମକୁ ଭଲ ପାଉଥିବା ଲୋକମାନେ କାନ୍ଦ ଶୁଣନ୍ତି। ଦୁଇଦିନ ପରେ ସେହି ଅଞ୍ଚଳର କେତେଜଣ ପିଲା ଏବିଷୟ ଜାଣିବାକୁ ପାଇଲେ। ମୋର ଏପରି ପରିସ୍ଥିତି ଦେଖି ତାଙ୍କ ମଣିଷପଣିଆ ଚେଇଁଉଠିଲା। ସାଙ୍ଗମାନଙ୍କୁ ମେଳିକରି ସରକାରଙ୍କ ପାଖରେ ଜଣାଇଲେ। ଗଛକଟାକୁ ବିରୋଧ କରି ମୋତେ ନୂଆ ଜୀବନ ଦେଲେ।

ମୁଁ ୧୯୯୯ ମସିହାର ମହାବାତ୍ୟା ଦେଖିଛି। ଫାଇଲିନ, ହୁଡ୍‌ହୁଡ୍, ତିତ୍‌ଲି, ଅମ୍ଫନ, ଓ ଦାନା ଭଳି କେତେ ବଡ଼ ବଡ଼ ବାତ୍ୟା ଦେଖିସାରିଲିଣି। ଗତ ବାର ବର୍ଷ ଭିତରେ ବାର ଥର ବାତ୍ୟା ହୋଇସାରିଲାଣି। ଏବେଠୁ ସଜାଗ ନ ରହିଲେ ବର୍ଷକୁ ଚାରି ପାଞ୍ଚୋଟି ବାତ୍ୟା ହେବା କିଛି ଅସମ୍ଭବ ନୁହେଁ। ଏବେ ବି ସମୟ ଅଛି, ପରିବେଶ ସୁରକ୍ଷା କଲେ ଜୀବଜଗତ ଓ ମଣିଷ ସମାଜ ସୁରକ୍ଷିତ ରହିବ। ନିହାତି ଆବଶ୍ୟକ ପଡ଼ିଲେ ଗଛ କାଟ, କିନ୍ତୁ ଯେତିକି ଗଛ କାଟୁଛ ତା'ର ଦୁଇଗୁଣା ଗଛ ଲଗାଅ ଓ ତାକୁ ବଞ୍ଚାଇ ରଖିବାର ବ୍ୟବସ୍ଥା କର।

ଆଉ ଗୋଟେ ଜରୁରୀ କଥା ଭୁଲିଗଲି। ସମଗ୍ର ମଣିଷ ଜାତିକୁ ସୂଚେଇ ଦେଉଛି ତୁମମାନଙ୍କର ବଂଶ ବିସ୍ତାର ହେଉଛି ସେଥିରେ ଆମର କିଛି କରିବାର ନାହିଁ। ଆମ ଗଛଗୁଡ଼ିକର ବଂଶ କମିଲେ ପରିବେଶ ଉପରେ ବଡ଼ ପ୍ରଭାବ ପଡ଼ିବ। ସୁସ୍ଥ ପରିବେଶ ରହିଲେ ଆମ ସମାଜ ଓ ଏହାର ପାରିପାର୍ଶ୍ୱିକ ପରିସ୍ଥିତି ସୁସ୍ଥ ରହିବ। ଅଙ୍ଗାରକାମ୍ଳ ଭଳି ବିଷକୁ ଆମେ ପିଇ ପରିବେଶକୁ ଦେଉଛୁ ଶୁଦ୍ଧ ଅମ୍ଳଜାନ। ଅମ୍ଳଜାନ ବିନା ଜୀବଜଗତ ବଞ୍ଚିବା ଅସମ୍ଭବ। ସମସ୍ତେ କୁହନ୍ତି ବୃକ୍ଷ ଆମର ବନ୍ଧୁ। ଏହି ପରିପ୍ରେକ୍ଷୀରେ ମୁଁ କହିବି ବୃକ୍ଷ ଜୀବଜଗତର ବନ୍ଧୁ ହୋଇପାରେ କିନ୍ତୁ ସତ କହିବାକୁ ଗଲେ ବୃକ୍ଷ ହେଉଛି ଜୀବଜଗତର ଜୀବନ। ସୂର୍ଯ୍ୟକିରଣ କିଛିଦିନ ନ ପଡ଼ିଲେ ଜୀବଜଗତ ଅଳ୍ପଦିନ ବଞ୍ଚିଯିବ। ପାଣି ନ ପିଇ ମଣିଷ କିଛି ସମୟ ବଞ୍ଚି ପାରିବ କିନ୍ତୁ ଅମ୍ଳଜାନ ନ ମିଳିଲେ ମାତ୍ର କେଇ କ୍ଷଣରେ ପ୍ରାଣୀ ଓ ମଣିଷ ଜୀବନଶୂନ୍ୟ ହୋଇଯାଏ। ତେଣୁ ବୃକ୍ଷକୁ ଜୀବନ କହିଲେ ଆମ ଭଳି ଗଛଗୁଡ଼ିକ ବେଶି ଖୁସିହେବେ। ଗଛ ଲଗାଇବା ନା ଲଗାଯାଇଥିବା ଗଛକୁ କାଟିବା ? ଜୀବନ ତୁମର ନିଷ୍ପତ୍ତି ବି ତୁମର।

**କଳଦିଆ, ନ'ମୌଜା, ଆଳି, କେନ୍ଦ୍ରାପଡ଼ା**
**ମୋ: ୯୦୪୦୮୩୭୩୬୨**

## ଚିରନ୍ତନୀ

ନ ପାରିଲି କହି କଥା କଥାଇଲା ଅନ୍ତର,
ନ ପାରିଲି ମୁଖେ ଚାହିଁ କଲ କିବା ମନ୍ତର ।
ନୀଳ ତୁମ କୁନ୍ତଳେ ଗୋ ଚୁମିଥିଲା ଜୋଛନା,
ଧବଳ କପୋଳେ ତବ କାନ୍ଦିଲା ମୋ ବାସନା ।
ବକୁଳ ଫୁଲର ଗନ୍ଧେ ଉଡ଼େ ପାଟ ପଟନୀ,
କିମ୍ବା ଆସି ଧୀରପଦେ ଉଭା ହେଲ ସଜନୀ !

–(ଛନ୍ଦ ନାୟିକା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୀମନ୍ଦିର ସୁରକ୍ଷା କଡ଼ାକଡ଼ି ହେଉ

ମହାଶୟ,

ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ଭିତର ଫଟୋଚିତ୍ର ଭାଇରାଲ ହେବା ଘଟଣା ଲଗାତର ଘଟିଚାଲିଛି। ଏହା ପରୋକ୍ଷ ଭାବେ ଶ୍ରୀମନ୍ଦିରକୁ ବିପଦ ମଧ୍ୟକୁ ଟାଣି ନେଉ ନାହିଁ କି ? ପ୍ରକୃତ ପକ୍ଷେ କୁହାଯାଇ ପାରେ ଯେ, ଶ୍ରୀମନ୍ଦିରର ସୁରକ୍ଷା ଦାୟିତ୍ୱରେ ନିୟୋଜିତ ହୋଇଥିବା ସୁରକ୍ଷା କର୍ମୀ ତଥା ପ୍ରଶାସନ ଏବଂ ପୋଲିସ ବିଭାଗ ଏଥିପାଇଁ ଉତ୍ତରଦାୟୀ ନୁହେଁ କି ? ଶ୍ରୀମନ୍ଦିର ପ୍ରଶାସନ ଏବଂ ପୋଲିସ ବିଭାଗ କେବଳ ପ୍ରାଥମିକ ସାଧାରଣ ଏକ ତଦନ୍ତ କରିଦେଇ ଚୁପ୍ ହୋଇ ବସିରହୁଛନ୍ତି। ତଦନ୍ତର ଆଳ ଦେଖାଇ ପର ମୁହୂର୍ତ୍ତରେ ଅନୁସନ୍ଧାନ କରାଯିବ ବୋଲି କହି ଚୁପ୍ ହୋଇ ବସିଯାଉଛନ୍ତି। ଫଳରେ ଥରକୁ ଥର ଶ୍ରୀମନ୍ଦିରର ଭିତର ଫଟୋ ଓ ଡ୍ରୋନ୍ ଉଡ଼ାଯାଇ ବାହାରର ଦୃଶ୍ୟପଟ ଭାଇରାଲ ହୋଇଆସୁଛି। ଏହା ଆମର ଶାସନ ବ୍ୟବସ୍ଥାକୁ ସିଧା ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ଏହି ଅବ୍ୟବସ୍ଥାର ସମ୍ପୂର୍ଣ୍ଣ ନିରାକରଣ ପାଇଁ ପ୍ରଶାସନ ମଧ୍ୟ କୌଣସି ଉପାୟ ଅବଲମ୍ବନ ନ କରି ଯଥା ପୂର୍ବଂ ତଥା ପର ନୀତିରେ ବସିଯାଉଛି। ଏହା କ'ଣ ଜାଣିଶୁଣି ବିଶ୍ୱପ୍ରସିଦ୍ଧ ବଡ଼ଦେଉଳକୁ ଧ୍ୱଂସମୁଖକୁ ଆମେ ଠେଲି ଦେଉନାହିଁ କି ?

**–ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗାନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ବିଧାନସଭା ପରିସରରେ ଗୁରୁବାର ଅପରାହ୍ନରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଏବଂ ଗୃହର ସଦସ୍ୟଗଣଙ୍କ ସହ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ।

# ଜନତାଙ୍କ ସେବକ ଭାବି କାମ କର:ରାଷ୍ଟ୍ରପତି

## ବିଧାନସଭାରେ ଐତିହାସିକ ଉଦ୍‌ବୋଧନ

**ଭୁବନେଶ୍ୱର,୨୭।୧୧ (ରବିନାରାୟଣ ଜେନା)**

ଶାସନର ଡୋରି ସବୁବେଳ ପାଇଁ ଜନଗଣଙ୍କ ହାତରେ ରହିଛି। ଆପଣମାନେ ଜନଗଣଙ୍କ ପ୍ରତିନିଧି, ସେମାନଙ୍କ ସେବକ। କେତେ ଆଶା, ଭରସା ଓ ବିଶ୍ୱାସ ନେଇ ସେମାନେ ଆପଣଙ୍କ ହାତରେ କ୍ଷମତା ପ୍ରଦାନ କରିଛନ୍ତି। ସେମାନଙ୍କ ଆଶା ପୂରଣ କରିବା, ସ୍ୱପ୍ନ ସାକାର କରିବା ଓ ସର୍ବୋପରି ତାଙ୍କ ମୁହଁରେ ହସ ଫୁଟାଇବା ଆମ ସମସ୍ତଙ୍କ କର୍ତ୍ତବ୍ୟ। ଆପଣମାନେ ଏଭଳି କାର୍ଯ୍ୟ କରିବେ, ଯାହା ସାଧାରଣ ଲୋକଙ୍କ ହିତ ପାଇଁ ଉଦ୍ଦିଷ୍ଟ ହେବା ଆବଶ୍ୟକ। ଦେଶର ଦରିଦ୍ରତମ ଲୋକଟିର ହିତ ପାଇଁ କାମ କରିବା ହିଁ ଅନ୍ତ୍ୟୋଦୟର ବାର୍ତ୍ତା ବୋଲି ବିଧାନସଭାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ଉଦ୍‌ବୋଧନରେ କହିଛନ୍ତି।

ବିଧାନସଭାରେ ଗୁରୁବାର ଅପରାହ୍ନରେ ରାଷ୍ଟ୍ରପତି ଗୃହରେ ତାଙ୍କ ପ୍ରଥମ ଅଭିଭାଷଣ ରଖି କହିଛନ୍ତି, ବର୍ତ୍ତମାନ ଟେକ୍ନୋଲୋଜିର ସମୟ। ଜନପ୍ରତିନିଧି ଭାବରେ ଆପଣ ସାରା ରାଜ୍ୟରେ ଚିହ୍ନା ମୁହଁ। ଆପଣଙ୍କ ପ୍ରଶଂସକ ଓ ଅନୁଗାମୀ ବହୁତ ଅଛନ୍ତି। ଆପଣ କ'ଣ କହୁଛନ୍ତି ଏବଂ କ'ଣ କରୁଛନ୍ତି ତାହା ଜାଣିବାପାଇଁ ଲୋକଙ୍କ ଉତ୍ସୁକ ଥାଏ। ଆପଣଙ୍କ ଉଚ୍ଚାରଣ ଓ ଆଚରଣ ଉଭୟ ମୂଲ୍ୟବାନ। ଆପଣମାନେ ହେଲେ ଲିଡର, ଜନତାଙ୍କୁ ଲିଡ୍ କରୁଛନ୍ତି, ଜନତା ହେଲେ ଫଲୋଅର। ଆପଣ ଯାହା କରିବେ ଜନତା ତାକୁ ଅନୁସରଣ କରିବେ। ତେଣୁ ଆପଣଙ୍କ ଉଚ୍ଚାରଣ ଓ ଆଚରଣରେ ସଂଯମତା ରହିବା ଆବଶ୍ୟକତା ରହିଛି। ଆପଣ ଗୃହ ଭିତରେ ଓ ଗୃହ ବାହାରେ ଏପରି ଆଚରଣ କରିବା ଆବଶ୍ୟକ, ଯାହାକୁ ଆପଣଙ୍କ ଅନୁଗାମୀ ଅନୁସରଣ କରି ରାଜ୍ୟ ଗଠନରେ ସହାୟକ ହୋଇପାରିବେ ବୋଲି ରାଷ୍ଟ୍ରପତି କହିଛନ୍ତି।

ଏହି ଅବସରରେ ରାଷ୍ଟ୍ରପତି ନିଜର ବ୍ୟକ୍ତିଗତ କଥା ମନେପକାଇ କହିଥିଲେ, ଏକାଧିକ ରାଜ୍ୟ ଓ ଦେଶରେ ସମ୍ବୋଧନ ଦେଇଛି। ହେଲେ ଓଡ଼ିଶାରେ ଆଜି ଯେଉଁ ସମ୍ବୋଧନ ଦେବାକୁ ଯାଉଛି ଏହାର ବହୁତ ବିଶେଷତ୍ୱ ରହିଛି। ଏହି ଗୃହ ମୋତେ ସବୁ କିଛି ଶିଖାଇଛି। ଏହି ଗୃହ ମୋର ରାଜନୈତିକ ମୂଳଦୁଆ ପକାଇବା ସହିତ ଆଜି ଏହିଠାରେ ପହଞ୍ଚାଇଛି। ଏଠାରେ ଉପସ୍ଥିତି ମୋର ଅତୀତର ସ୍ମୃତିକୁ ତାଜା କରିଦେଉଛି। ବିଧାୟକ, ମନ୍ତ୍ରୀ ଓ ସ୍ଥାୟୀ କମିଟିର ସଦସ୍ୟ ଭାବେ ଗୃହରେ ଉପସ୍ଥିତ କିଛି ସଦସ୍ୟଙ୍କ ସହ କାମ କରିବାର ସୁଯୋଗ ମିଳିଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ କାମ କରିଛି। ଏଠାକାର ଆତ୍ମୀୟ ପରିବେଶରେ ଭାବପ୍ରବଣ ହୋଇଯାଉଛି। ସେ କହିଥିଲେ, ଓଡ଼ିଶା ପ୍ରଗତି ପଥରେ ଦ୍ରୁତଗତିରେ ଆଗକୁ ଗତି କରୁଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ତାଙ୍କର ଅଳ୍ପଦିନର କାର୍ଯ୍ୟକାଳ ମଧ୍ୟରେ ଅନେକ କିଛି କାର୍ଯ୍ୟ କରିଛନ୍ତି। ଓଡ଼ିଶାର ମହିଳାମାନେ 'ସୁଭଦ୍ରା' ଯୋଜନାରେ ସ୍ୱାବଲମ୍ବୀ ହେବା ସହିତ ଲକ୍ଷପତି ଦିଦି ହେବାର ସୁଯୋଗ ଲାଭ କରିପାରିଛନ୍ତି। ସେହିପରି ଶିକ୍ଷା, ସ୍ୱାସ୍ଥ୍ୟ, ଆବାସ, ବିପର୍ଯ୍ୟୟ ପରିଚାଳନା ଓ କୃଷି କ୍ଷେତ୍ରରେ ମଧ୍ୟ ଅନେକ ପ୍ରଗତି ହୋଇଛି। ଓଡ଼ିଶା ଚାଷ ଓ ଚାଷୀର ରାଜ୍ୟ। ଧାନକିଣାରେ ଚାଷୀମାନଙ୍କୁ ସବ୍‌ସିଡି ଦେବା ଏକ ଉତ୍ତମ ପଦକ୍ଷେପ। ଚାଷୀ ସଶକ୍ତ ନ ହେଲେ ଦେଶ ସଶକ୍ତ ହୋଇପାରିବ ନାହିଁ। ଓଡ଼ିଶାରେ ରେଳପଥ, ବନ୍ଦରପଥରେ ବହୁତ କିଛି ଉନ୍ନତି ହୋଇଛି। ଶିଳ୍ପାୟନ କ୍ଷେତ୍ରରେ ମଧ୍ୟ ଅଧିକ ତ୍ୱରାନ୍ୱିତ ହୋଇପାରିଛି। ଓଡ଼ିଶାର ପ୍ରଗତି ପାଇଁ କୃଷକ, ବୁଦ୍ଧିଜୀବୀ ଓ ସମସ୍ତେ ମିଳିମିଶି କାର୍ଯ୍ୟ କରିବା ଉଚିତ। ପ୍ରକୃତି ସବୁପ୍ରକାର ପ୍ରାଚୁର୍ଯ୍ୟ ଅଜାଡ଼ି ଦେଇଛି ଓଡ଼ିଶା ଭୂଇଁରେ। ବିପୁଳ ଖଣିଜ ସମ୍ପଦ, ଜଙ୍ଗଲ ସମ୍ପଦ ଓ ଜଳସମ୍ପଦରେ ପରିପୂର୍ଣ୍ଣ ଓଡ଼ିଶା । ଓଡ଼ିଶା ମାନବସମ୍ବଳ ବିକାଶରେ ମଧ୍ୟ ପଛରେ ପଡ଼ିନାହିଁ। ଓଡ଼ିଶାରେ ମଧ୍ୟ ସୁଦୀର୍ଘ ବେଳାଭୂମି ଓ ଉର୍ବର ଚାଷ ଜମି ରହିଛି। ଏସବୁ ସମ୍ବଳର ସଦୁପଯୋଗ କରାଯାଇ ଓଡ଼ିଶାକୁ ବିକଶିତ କରାଯାଇ ପାରିବ। ପ୍ରଗତିକୁ ଜୀବନର ବ୍ରତ ଭାବେ ଧରିବାକୁ ହେବ। ଭାରତ ବିଶ୍ୱର ଏକ ବୃହତ୍ ଅର୍ଥନୀତି ଭାବେ ଉଭା ହେବାକୁ ଯାଉଛି। ଆଇଟି ଏବଂ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ବିଶ୍ୱରେ ପ୍ରଶଂସନୀୟ ହୋଇପାରିଛି। ଅନେକ ଦେଶ ଜ୍ଞାନକୌଶଳ ଉପରେ ଆସ୍ଥା ପ୍ରକଟ କରିଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଭାରତ ଏବେ ବିଶ୍ୱର ଏକ ଡେଷ୍ଟିନେଶନ ପାଲଟିଛି। ଅନେକ ଦେଶର ଛାତ୍ରୀଛାତ୍ର ଏବେ ଭାରତରେ ଅଧ୍ୟୟନ କରିବାକୁ ଶ୍ରେୟ ମଣୁଛନ୍ତି। ଏସବୁ ବିକଶିତ ଭାରତର ପ୍ରାକ୍ ସୂଚନା ବୋଲି ରାଷ୍ଟ୍ରପତି ତାଙ୍କ ଅଭିଭାଷଣରେ କହିଥିଲେ। ଏହି ଅବସରରେ ରାଷ୍ଟ୍ରପତି ମୁର୍ମୁ ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କଠାରୁ ଆରମ୍ଭ କରି ମହିଳା ସଶକ୍ତୀକରଣ କ୍ଷେତ୍ରରେ ମାଳତୀ ଦେବୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତା ନନ୍ଦିନୀ ଶତପଥୀ ଏବଂ ବୀର ସୁରେନ୍ଦ୍ର ସାଏ, ଶହୀଦ ଲକ୍ଷ୍ମଣ ନାୟକ ଓ ବାଜି ରାଉତ ପ୍ରମୁଖଙ୍କ ଗୁଣାବଳୀ ଗାନ କରିଥିଲେ। ଅଭିଭାଷଣ ପରେ ରାଷ୍ଟ୍ରପତି ମୁର୍ମୁ ବିଧାନସଭାର ସମସ୍ତ ସଦସ୍ୟ, ପୂର୍ବତନ ବିଧାୟକଙ୍କ ସହ ମତ ବିନିମୟ କରି ଏହି ଦିନ ତାଙ୍କ ପାଇଁ ସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ। ଗୃହରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ଅଭିଭାଷଣ ରଖି କହିଥିଲେ, ଏହି ସଭାରେ ଆପଣଙ୍କ ଯାତ୍ରା ସଂସଦୀୟ ପରମ୍ପରାକୁ ଶକ୍ତିଶାଳୀ କରିବା ସହ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଉତ୍ତୋଳନ କରିଛି। ଏଥିସହ ଅସଂଖ୍ୟ ମହିଳାଙ୍କୁ ପ୍ରଭାବିତ କରିବା ସହିତ ସମସ୍ତ ଜନସାଧାରଣଙ୍କଠାରେ ପ୍ରେରଣା ସୃଷ୍ଟି କରିଛି। ରାଜ୍ୟପାଳ କହିଥିଲେ, ଓଡ଼ିଶାର ଏକ ଛୋଟ ଜନଜାତି ଗାଁରୁ ରାଇସିନା ହିଲ୍‌ର ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀ ପର୍ଯ୍ୟନ୍ତ ଆପଣଙ୍କ ଜୀବନ ଯାତ୍ରା ଆଧୁନିକ ଭାରତର ସବୁଠାରୁ ପ୍ରେରଣାଦାୟକ। ଏହା ଗଣତନ୍ତ୍ରର ପରିବର୍ତ୍ତନଶୀଳ ଶକ୍ତିକୁ, ଶିକ୍ଷାର ଭୂମିକାକୁ ଏବଂ ଅଦମ୍ୟ ପ୍ରୟାସର ଶକ୍ତିକୁ ପ୍ରତିପାଦନ କରୁଛି। ଆପଣଙ୍କ ଯାତ୍ରା ଆଜି ମଧ୍ୟ ଲକ୍ଷାଧିକ ଲୋକଙ୍କୁ ବିଶେଷକରି ଯୁବ, ମହିଳା ଓ ଦେଶର ସମସ୍ତ ଜନଜାତି ସମୁଦାୟଙ୍କୁ ପ୍ରେରଣା ଦେଇ ଆସୁଛି।



ବିଧାନସଭାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ।

### ଚର୍ଚ୍ଚାରେ ବିଧାନସଭାର ୧୧ ନମ୍ବର ପ୍ରକୋଷ୍ଠ

**ଭୁବନେଶ୍ୱର,୨୭।୧୧ (ରବିନାରାୟଣ ଜେନା)**

ବିଧାନସଭାର ୧୧ ନମ୍ବର ପ୍ରକୋଷ୍ଠଟି ଗୁରୁବାର ବହୁତ୍ ଚର୍ଚ୍ଚାରେ ରହିଥିଲା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପାଇଁ ପ୍ରକୋଷ୍ଠଟି ସୁସଜ୍ଜିତ କରାଯାଇଥିଲା। ଅପରାହ୍ନରେ ଗୃହରେ ସମ୍ବୋଧନ ଦେବା ପରେ ରାଷ୍ଟ୍ରପତି ମୁର୍ମୁ ଉକ୍ତ ୧୧ ନମ୍ବର ପ୍ରକୋଷ୍ଠକୁ ଯାଇଥିଲେ। ସେଠାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଓ ଅନ୍ୟ ସଦସ୍ୟ ରାଷ୍ଟ୍ରପତିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ।

# ଜନସେବା, ତପସ୍ୟାର ଫଳ ହିଁ ସର୍ବୋଚ୍ଚ ଆସନ ଦେଇଛି: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୭।୧୧ (ରବିନାରାୟଣ ଜେନା)**



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ଦେଶର ସର୍ବୋଚ୍ଚ ଆସନରେ ପହଞ୍ଚିବା କେବେହେଲେ ସଂଯୋଗ ନୁହେଁ। ଏହା ଜନସେବା ପାଇଁ ଆପଣଙ୍କ କଠୋର ତପସ୍ୟା ଏବଂ ଈଶ୍ୱରଙ୍କ ଆଶୀର୍ବାଦର ଫଳ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଗୃହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ୱାଗତ ଅଭିଭାଷଣ ଅବସରରେ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ବ୍ୟକ୍ତିଗତ ଭାବେ ମୁଁ ଅଭିଭୂତ। କାରଣ ମୋ ପରି ଜଣେ ସାଧାରଣ ଆଦିବାସୀ ପରିବାରରେ ଜନ୍ମିତ ସାଧାରଣ ବ୍ୟକ୍ତିକୁ ରାଷ୍ଟ୍ରପତିଙ୍କର ମାର୍ଗଦର୍ଶନରେ ଓଡିଶାବାସୀଙ୍କ ସେବା କରିବା ପାଇଁ ସୁଯୋଗ ମିଳିଛି। ଓଡ଼ିଶା ପରି ରାଜ୍ୟ, ଯେଉଁଠାରେ ପ୍ରାୟ ଏକ ଚତୁର୍ଥାଂଶ ଜନସଂଖ୍ୟା ହେଉଛନ୍ତି, ଜନଜାତି ସମ୍ପ୍ରଦାୟର। ସେହି ସମ୍ପ୍ରଦାୟରୁ ଦେଶର କନିଷ୍ଠତମ ରାଷ୍ଟ୍ରପତି ତଥା ପ୍ରଥମ ନାଗରିକ ଭାବେ ସେବା କରିବା ପାଇଁ ଦ୍ରୌପଦୀ ମୁର୍ମୁଙ୍କୁ ସୁଯୋଗ ମିଳିଛି ଏବଂ ରାଜ୍ୟର ସେବା କରିବା ପାଇଁ ମୁଖ୍ୟ ସେବକ ଭାବେ ମୋତେ ସୁଯୋଗ ମିଳିଛି। ବିଧାନସଭାରେ ଆଜିର ଆଗମନ, ପୁଣିଥରେ ଆପଣଙ୍କ ସ୍ୱଚ୍ଛ, ଦକ୍ଷ ଏବଂ ନିପୁଣ କାର୍ଯ୍ୟଶୈଳୀ ବିଷୟରେ ସମସ୍ତ ସ୍ମୃତିକୁ ଜାଗ୍ରତ କରିଛି। ଏହି ପବିତ୍ର ଗୃହରେ ଆପଣଙ୍କ କାର୍ଯ୍ୟଦକ୍ଷତା ପାଇଁ ଆପଣ ପ୍ରଥମ ମହିଳା ଶ୍ରେଷ୍ଠ ବିଧାୟିକା ଭାବରେ ସମ୍ମାନିତ ହୋଇଥିଲେ, ଯାହାକି, ସମଗ୍ର ନାରୀ ଜାତି ପାଇଁ ଏକ ଦୃଷ୍ଟାନ୍ତମୂଳକ ଉଦାହରଣ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆପଣଙ୍କ ନୀତିନିଷ୍ଠ କାର୍ଯ୍ୟ ଓ ଉତ୍ସର୍ଗୀକୃତ ସମାଜ ସେବା ପାଇଁ ଆପଣ ଝାଡ଼ଖଣ୍ଡର ପ୍ରଥମ ଆଦିବାସୀ ମହିଳା ରାଜ୍ୟପାଳ ଭାବରେ ୨୦୧୫ରୁ ୨୦୨୧ ପର୍ଯ୍ୟନ୍ତ ଅଧିଷ୍ଠିତ ହୋଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ଆମ ସରକାର ଓଡ଼ିଶାର ପ୍ରତ୍ୟେକ ବର୍ଗ ଯେପରି କି ମହିଳା, ଅନ୍ନଦାତା, ଯୁବ, ଗରିବ, ଅନୁସୂଚିତ ଜାତି ଏବଂ ଜନଜାତିଙ୍କ ପାଇଁ ଉତ୍ସର୍ଗୀକୃତ ଭାବେ କାର୍ଯ୍ୟକରୁଛି ଏବଂ ଆପଣଙ୍କ ମାର୍ଗଦର୍ଶନରେ ଆଗକୁ ମଧ୍ୟ ଏହା ଜାରି ରହିବ। ଏହି ଅଳ୍ପ ଦିନର ଶାସନରେ ଆମ ସରକାର ଲୋକଙ୍କୁ ସ୍ୱଚ୍ଛ, ନିର୍ମଳ, ଦକ୍ଷ ଓ ପ୍ରଗତିଶୀଳ ଶାସନ ପ୍ରଦାନ କରିଆସୁଛି। ସରକାର ଓ ଲୋକଙ୍କ ଭିତରେ ଥିବା ପ୍ରତିବନ୍ଧକୁ ଭାଙ୍ଗି ସରକାରକୁ ଲୋକଙ୍କ ନିକଟତର କରିଛୁ। ସେଥିପାଇଁ ଆମ ସରକାରକୁ ସାଧାରଣ ଜନତା 'ଲୋକଙ୍କ ସରକାର'ର ଆଖ୍ୟା ଦେଇଛନ୍ତି ଏବଂ ତାଙ୍କର ମୁଖ୍ୟ ସେବକଙ୍କୁ 'ଲୋକଙ୍କ ମୁଖ୍ୟମନ୍ତ୍ରୀ' ଭାବେ ଅଭିହିତ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ରାଷ୍ଟ୍ରପତିଙ୍କ ରାଜନୈତିକ ଯାତ୍ରା ସଂଘର୍ଷପୂର୍ଣ୍ଣ ଥିଲା: ବାଚସ୍ପତି

**ଭୁବନେଶ୍ୱର,୨୭।୧୧ (ରବିନାରାୟଣ ଜେନା)**



ବାଚସ୍ପତି ସୁରମା ପାଢ଼ୀ

ରାଇରଙ୍ଗପୁରରୁ ଓଡ଼ିଶା ବିଧାନସଭା ଓ ଝାଡଖଣ୍ଡ ରାଜଭବନ ଦେଇ ରାଇସିନା ହିଲ୍‌କୁ ଆପଣଙ୍କର ରାଜନୈତିକ ଯାତ୍ରା ଏକ ସାହସ, ସଂଘର୍ଷପୂର୍ଣ୍ଣ, ପ୍ରେରଣାଦାୟୀ ଓ ଭାରତବାସୀଙ୍କ ମଧ୍ୟରେ ଅପାର ଉତ୍ସାହ ଓ ସମ୍ଭାବନା ସୃଷ୍ଟି କରିଛି ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି। ବିଧାନସଭାରେ ଗୁରୁବାର ଅପରାହ୍ନରେ ବାଚସ୍ପତି ସ୍ୱାଗତ ଭାଷଣ ପ୍ରଦାନ କରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ, ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ଏକଲା ଚଲୋ ନୀତି ଆପଣେଇ, ଆପଣ ଆପଣଙ୍କ ଯାତ୍ରାକୁ ଅଦ୍ଭୁତପୂର୍ବ ଓ ଗୌରବମୟ କରିପାରିଛନ୍ତି । ଆପଣ କେବଳ ଦେଶର ପ୍ରଥମ ନାଗରିକ, ଜଳ, ସ୍ଥଳ ଓ ଆକାଶବାହିନୀର ମୁଖ୍ୟ ନୁହନ୍ତି, ବରଂ ଆପଣ ଓଡ଼ିଶାର ପ୍ରଥମ ମହିଳା ଶ୍ରେଷ୍ଠ ବିଧାୟିକା ଭାବେ ୨୦୦୭ରେ ପଣ୍ଡିତ ନୀଳକଣ୍ଠ ଦାସ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ୨୦୦୦ରୁ ୨୦୦୯ ମଧ୍ୟରେ ଦୁଇ ଥର ଓଡ଼ିଶା ବିଧାନସଭାର ସଦସ୍ୟା ଥିଲା ବେଳେ, ରାଜ୍ୟର ବିକାଶ ତଥା ଜନଜାତିଙ୍କର ଆର୍ଥିକ, ଶିକ୍ଷାଗତ ଓ ସାଂସ୍କୃତିକ ଉନ୍ନତି ପାଇଁ ଆପଣଙ୍କ ଉଦ୍ୟମ ଅତ୍ୟନ୍ତ ପ୍ରଶଂସନୀୟ। ଗଣତନ୍ତ୍ରର ରକ୍ଷକ ତଥା ସମ୍ବିଧାନର ପରିଚାଳକ ଭାବରେ ଆପଣ ଏକ ସମୃଦ୍ଧମୟ ପରମ୍ପରା ସୃଷ୍ଟି କରି ପାରିଛନ୍ତି । ଜଳ, ସ୍ଥଳ, ଆକାଶ ବାହିନୀର ମୁଖ୍ୟ ହିସାବରେ ରାଫେଲ୍ ଓ ସୁଖୋଇ ଯୁଦ୍ଧ ବିମାନରେ ବରଫାବୃତ ସିଆଚୀନକୁ ଆପଣଙ୍କର ଗୌରବମୟ ଯାତ୍ରା କେବଳ ତିନି ବାହିନୀର ଅଧିକାରୀ ଓ କର୍ମଚାରୀମାନଙ୍କ ମନୋବଳକୁ ଦୃଢ କରିଥିଲା ତା ନୁହେଁ ବରଂ ଆପଣ ଯେ ମହିଳା ସଶକ୍ତିକରଣର ସର୍ବୋତ୍ତମ ଉଦାହରଣ ତାହା ପ୍ରମାଣିତ ହୋଇଛି ବୋଲି ବାଚସ୍ପତି କହିଛନ୍ତି।












# ଶ୍ରେଷ୍ଠ ବିଦ୍ୟାର୍ଥୀ ତିଆରି କରୁଛି ଉତ୍କଳ ବିଶ୍ୱବିଦ୍ୟାଳୟ

## ଉତ୍କଳ ବିଶ୍ୱବିଦ୍ୟାଳୟର ୮୩ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୨୭।୧୧(ସୁଚିସ୍ମିତା ସାହୁ)

ଉତ୍କଳ ବିଶ୍ୱବିଦ୍ୟାଳୟର ୮୩ତମ ପ୍ରତିଷ୍ଠା ଦିବସ ଗୁରୁବାର ବିଶ୍ୱବିଦ୍ୟାଳୟର ଏମ୍‌କେସିଜି ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପି.ପ୍ରକାଶ ବାବୁ ଯୋଗଦେଇ କହିଲେ, ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଶାର ସର୍ବପୁରାତନ ବିଶ୍ୱବିଦ୍ୟାଳୟ। ଶ୍ରେଷ୍ଠ ବିଦ୍ୟାର୍ଥୀ ତିଆରି କରିବାରେ ବିଶ୍ୱବିଦ୍ୟାଳୟର ଅନନ୍ୟ ଭୂମିକା ରହିଛି। ଏହି ବିଶ୍ୱବିଦ୍ୟାଳୟରୁ ସୃଷ୍ଟି ହୋଇଥିବା ବିଶିଷ୍ଟ ବ୍ୟକ୍ତିମାନେ ବିଶ୍ୱର ବିଭିନ୍ନ କୋଣ ଅନୁକୋଣରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ଏଠାରେ ବିଦ୍ୟାର୍ଥୀଙ୍କ ପାଠପଢ଼ାରେ ଉନ୍ନତି ଆଣିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଏଥିସହିତ ପିଲାମାନେ କଳା, ସାହିତ୍ୟ ଓ ସଂସ୍କୃତିରେ ନିପୁଣ ହୋଇପାରୁଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ଏଥିରେ ସଭାପତିତ୍ୱ କରି ଓଡ଼ିଶାର ଶିକ୍ଷା କ୍ଷେତ୍ରକୁ ରୂପ ଦେବାରେ ଉତ୍କଳ ବିଶ୍ୱବିଦ୍ୟାଳୟର ରୂପାନ୍ତରକାରୀ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ।



ପ୍ରତିଷ୍ଠା ଉତ୍ସବରେ ଅତିଥିମାନେ ଛାତ୍ରୀ ଶାଶ୍ୱତୀ ପ୍ରିୟଦର୍ଶିନୀଙ୍କୁ 'ଲତିକା ସୁନ୍ଦରୀ ରାୟ ସ୍ୱର୍ଣ୍ଣପଦକ' ପ୍ରଦାନ କରୁଛନ୍ତି।

ସେ କହିଲେ, ବିଶ୍ୱବିଦ୍ୟାଳୟର ଐତିହ୍ୟ ଓ ପରିଚୟ ଏହା ଦ୍ୱାରା ଗଢ଼ା ହୋଇଥିବା ହଜାର ହଜାର ମସ୍ତିଷ୍କ, ପ୍ରେରଣା ଦେଇଥିବା ଗବେଷଣା ଏବଂ ପାଳନ କରାଯାଇଥିବା ମୂଲ୍ୟବୋଧ ମାଧ୍ୟମରେ ମାପ କରାଯାଏ। ଡିଜିଟାଲ ଅଗ୍ରଗତିକୁ ଆପଣାଇବା, ଯୁଗାନ୍ତକାରୀ ସଂସ୍କାର ଆଣିବା ଏବଂ ଗବେଷଣା ତଥା ଉଦ୍ଭାବନରେ ସୁଯୋଗ ବଢାଇବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏଥିସହ ସେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଏକ ଐତିହ୍ୟ ଅନୁଷ୍ଠାନ, ନୂତନ ଗବେଷଣାର ଏକ ଶକ୍ତିକେନ୍ଦ୍ର ଏବଂ ବିଶ୍ୱର ଶିକ୍ଷାର୍ଥୀଙ୍କ ପାଇଁ ଏକ ସ୍ୱପ୍ନର ଗନ୍ତବ୍ୟସ୍ଥଳ ଭାବରେ ପରିକଳ୍ପନା କରିଥିଲେ। ସେ କହିଲେ, ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଉଛି। ଗବେଷଣା ପରିବେଶ ସହିତ ଶୈକ୍ଷିକ ବାତାବରଣ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ଅଧ୍ୟୟନରେ ସହଯୋଗ କରୁଛି। ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବାକୁ ଯୋଜନା ରଖାଯାଇଛି। ଖାଲି ପଡିଥିବା ପଦବୀ ପୂରଣ ସହିତ ଏଠାରେ ବୌଦ୍ଧିକ ଓ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ପ୍ରଦାନ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଛି। ବିଶ୍ୱବିଦ୍ୟାଳୟରେ ଏଆଇ ପାଠପଢ଼ାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଜାତୀୟ ଶିକ୍ଷାନୀତି-୨୦୨୦କୁ ଲାଗୁ କରାଯାଇଛି। ମୁଖ୍ୟବକ୍ତା ଭାବେ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ଭୁବନେଶ୍ୱରର ବିଶିଷ୍ଟ ବୈଜ୍ଞାନିକ ପ୍ରଫେସର ବେଦାଙ୍ଗଦାସ ମହାନ୍ତି ଯୋଗଦେଇ କହିଲେ, ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଶାର ବହୁ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ସୃଷ୍ଟି କରିପାରିଛି। ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରି ବହୁ ଛାତ୍ରୀଛାତ୍ର ନିଜ ସ୍ୱପ୍ନକୁ ସାକାର କରିଛନ୍ତି। ଆଗାମୀ ପିଢ଼ିଙ୍କର ମଧ୍ୟ ଉଜ୍ଜ୍ୱଳ ଭବିଷ୍ୟତ ରହିଛି। ଛାତ୍ରୀଛାତ୍ରମାନେ କିଭଳି ଏଠାରେ ବିଶ୍ୱସ୍ତରୀୟ ଶିକ୍ଷା ଆହରଣ କରିପାରିବେ ସେଥିପ୍ରତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଚେଷ୍ଟା କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। କୁଳସଚିବ ଡ. ସ୍ୱାତୀ ମିଶ୍ର ବିଶ୍ୱବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ୪୧ଜଣ ଗବେଷକ ଓ ବିଦ୍ୟାର୍ଥୀଙ୍କୁ ବିଭିନ୍ନ ସ୍ୱର୍ଣ୍ଣପଦକ ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ଛାତ୍ରମଙ୍ଗଳ ନିର୍ଦ୍ଦେଶକ ପ୍ରଫେସର ଶ୍ରୀରୂପ ଗୋସ୍ୱାମୀ ଧନ୍ୟବାଦ ଦେଇଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ କସିଶ



@ ଲିପନ



@ ମୋହନ



@ ସିଦ୍ଧାର୍ଥ



@ ତପନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ଅପହୃତା ନାବାଳିକା ପରିବାରକୁ ହସ୍ତାନ୍ତର

**ଖୋର୍ଦ୍ଧା,୨୭।୧୧(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ଜିଲା ଆଦର୍ଶ ଥାନା ପୋଲିସ ଜଣେ ଅପହୃତା ନାବାଳିକାଙ୍କୁ ଉଦ୍ଧାରକରି ତାଙ୍କ ପରିବାରକୁ ହସ୍ତାନ୍ତର କରିଛି। କିଛିଦିନ ତଳେ ଏହି ଥାନା ଅଞ୍ଚଳରୁ ଜଣେ ନାବାଳିକା ନିଖୋଜ ଥିବା ନେଇ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ନିଖୋଜ ମାମଲା(ନଂ.୪୪୩/୨୫) ରୁଜୁକରି ତଦନ୍ତ ଜାରି ରଖିଥିଲା। ଅପହୃତାଙ୍କୁ ପୋଲିସ ଉଦ୍ଧାର ପରେ ପରିବାରକୁ ଖବର ଦେଇଥିଲା। ସମସ୍ତ ବିଧିବଦ୍ଧ ଆଇନ ପ୍ରକ୍ରିୟା ସମ୍ପୂର୍ଣ୍ଣ ପରେ ତାଙ୍କୁ ତାଙ୍କ ଅଭିଭାବକଙ୍କୁ ହସ୍ତାନ୍ତର କରାଯାଇଛି ବୋଲି ଥାନା ଅଧିକାରୀ ସଞ୍ଜୟ ନାୟକ ସୂଚନା ଦେଇଛନ୍ତି। ଆଦର୍ଶ ଥାନା ଅଞ୍ଚଳରେ ଶିଶୁ ସୁରକ୍ଷା ଏବଂ ସୁରକ୍ଷିତ ପରିବେଶ ନିଶ୍ଚିତ ପାଇଁ ପୋଲିସ ପ୍ରାଥମିକତା ଦେଉଛି। ଶିଶୁ କଲ୍ୟାଣ ସମ୍ବନ୍ଧିତ ଘଟଣାର ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପ୍ରୟାସ କରାଯାଉଛି।

### ବାର୍ଷିକ କ୍ରୀଡ଼ା ଉତ୍ସବ

ଟାଙ୍ଗୀ,୨୭।୧୧(ରଘୁନାଥ ସାହୁ): ଚାନ୍ଦପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୨ତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିରଞ୍ଚି ନାରାୟଣ ସାହୁ, ସମ୍ପାଦକ ଦୁର୍ଗା ପ୍ରସାଦ ଦାଶ, ଯୁଗ୍ମ ସମ୍ପାଦକ ସୁଶାନ୍ତ ନାୟକ ପ୍ରମୁଖ କ୍ରୀଡ଼ା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବାଣପୁର ସଂକୁଳ ପ୍ରମୁଖ ବିଜୟ ପ୍ରସାଦ ନନ୍ଦ ପତାକା ଉତ୍ତୋଳନ ପୂର୍ବକ ପ୍ରତିଯୋଗିତାକୁ ଆରମ୍ଭ କରିଥିଲେ। ଦୌଡ଼, ଲମ୍ବଡିଆଁ, ଉଚ୍ଚ ଡିଆଁ, ବେଙ୍ଗ ଡିଆଁ, ବଲ ଫିଙ୍ଗା, ଛୁଞ୍ଚି ସୂତା ଆଦି ପ୍ରତିଯୋଗିତା ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଅବସରପ୍ରାପ୍ତ ଖାଉଟି ସୁରକ୍ଷା ଅଦାଲତ ଅଧ୍ୟକ୍ଷ ନାରାୟଣ ମହାପାତ୍ର ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରଧାନଆଚାର୍ଯ୍ୟ ସୁବାସ ଚନ୍ଦ୍ର ସାମନ୍ତରାୟ ଏବଂ ସମସ୍ତ ଗୁରୁଜୀ ଗୁରୁମାମାନେ ସହଯୋଗ କରିଥିଲେ।

# ୮୮ଜଣଙ୍କୁ ୮,୪୫,୧୧୦ ଟଙ୍କା ଜରିମାନା

ଖୋର୍ଦ୍ଧା,୨୭।୧୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ପୋଲିସ ଏବଂ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଖୋର୍ଦ୍ଧା ପକ୍ଷରୁ ବିଭିନ୍ନ ଥାନା ଅଞ୍ଚଳରେ ଯାନବାହନ ଯାଞ୍ଚ ଚାଲିଛି। ସୁନିଶ୍ଚିତ ସୁରକ୍ଷା ଏବଂ ଶୂନ୍ୟ ଅଘଟଣ ଲକ୍ଷ୍ୟ ନେଇ ଏହି ଅଭିଯାନ ଜାରି ରହିଛି। ଦୁଇଦିନରେ ଜଙ୍କିଆ ଏବଂ ନାରୁଣୀ ଥାନା ଅଞ୍ଚଳରେ ଚଢ଼ାଉ କରାଯାଇ ୮୮ଜଣଙ୍କ ଚାଲାଣ କଟିଥିବା ବେଳେ ୮,୪୫,୧୧୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ୧୯ଜଣ ମଦ୍ୟପ ଚାଳକଙ୍କ ନାମରେ ମାମଲା ରୁଜୁ କରାଯାଇଥିବା ବେଳେ ୩୪ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ନିମନ୍ତେ ସୁପାରିସ୍ କରାଯାଇଛି।

ବୁଧବାର ଜଙ୍କିଆ ପୋଲିସ ଏବଂ ଆର୍‌ଟିଓ କାର୍ଯ୍ୟାଳୟ କର୍ମଚାରୀ ୧୬ନମ୍ବର ଜାତୀୟ ରାଜପଥରେ ମିଳିତଭାବେ ଗାଡ଼ିମୋଟର ଯାଞ୍ଚ କରିଥିଲେ। ୪୮ଜଣଙ୍କ ଚାଲାଣ କଟିଥିବା ବେଳେ ସେମାନଙ୍କଠାରୁ ୫ଲକ୍ଷ ୧୧ହଜାର ୧୧୦ଟଙ୍କା ଜରିମାନା ଆଦାୟ କରାଯାଇଛି। ୧୦ଜଣଙ୍କ ନାଁରେ ମଦ୍ୟପାନ କରି ଡ୍ରାଇଭିଂ ମାମଲା ଏବଂ ୧୬ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ନିମନ୍ତେ ସୁପାରିଶ କରାଯାଇଛି ବୋଲି



ପୋଲିସ ଏବଂ ଆର୍‌ଟିଓ କର୍ମଚାରୀଙ୍କ ପକ୍ଷରୁ ଯାଞ୍ଚ କରାଯାଉଛି।

ଖୋର୍ଦ୍ଧା ପୋଲିସ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି। ସେହିପରି ଗତ ୨୫ତାରିଖରେ ନାରୁଣୀ ଥାନା ଅନ୍ତର୍ଗତ ଜାତୀୟ ରାଜପଥରେ ମିଳିତ ଭାବେ ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚ ବେଳେ ୪୦ଜଣଙ୍କ ଚାଲାଣ କଟିଥିବାବେଳେ ସେମାନଙ୍କ ଠାରୁ ୩ଲକ୍ଷ ୩୪ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ୯ଜଣ ମଦ୍ୟପ ଡ୍ରାଇଭରଙ୍କ ନାଁରେ ମାମଲା କରାଯାଇଥିବା ବେଳେ ୧୮ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ପାଇଁ ସୁପାରିଶ କରାଯାଇଛି। ଏ ସମ୍ପର୍କରେ ଏସ୍‌ପି ବିବେକାନନ୍ଦ ଶର୍ମା କହିଛନ୍ତି ଯେ, ଜିଲାରେ ଏହି ଅଭିଯାନ ଜାରି ରହିବ। ଆଗାମୀ ଦିନରେ ଏହାକୁ ବ୍ୟାପକ କରାଯିବ। ମୋଟରଯାନ ଆଇନ ଉଲ୍ଲଙ୍ଘନରେ ରୋକ ଲଗାଇବା ଏବଂ ସଡ଼କ ଦୁର୍ଘଟଣାକୁ ଏଡ଼ାଇବା ସହିତ ଯାତାୟାତ ନିୟମ ପାଳନ ନିଶ୍ଚିତ କରିବା ଏହି ଅଭିଯାନର ଉଦ୍ଦେଶ୍ୟ ରହିଛି।

## ଆମ ଆଦ୍‌ମୀ ପାର୍ଟିର ପ୍ରତିଷ୍ଠା ଦିବସ

ବାଘମାରୀ,୨୭।୧୧( ମିହିର ରଞ୍ଜନ ମହାପାତ୍ର)

ପଙ୍ଗାରସିଂହ ପଞ୍ଚାୟତ ଅନ୍ତର୍ଗତ ମା'ନାରାୟଣୀଙ୍କ ପୀଠରେ ଆମ୍ ଆଦମୀ ପାର୍ଟି (ଏଏପି)ର ୧୩ତମ ପ୍ରତିଷ୍ଠା ଦିବସ ଏବଂ ସମ୍ବିଧାନ ଦିବସ ବୁଧବାର ପାଳିତ ହୋଇଯାଇଛି। ମହିଳା ନେତ୍ରୀ ମମତା ପାଇକରାୟଙ୍କ ଆବାହକତ୍ୱରେ ଆୟୋଜିତ ସଭାରେ ବିଧାନସଭା କ୍ଷେତ୍ର ସଂଯୋଜକ କଳ୍ପତରୁ ପଣ୍ଡା ମୁଖ୍ୟ ବକ୍ତା ଏବଂ ଖୋର୍ଦ୍ଧା ଜିଲା ଏଏପି ସଭାପତି ଶୁଭାଶିଷ ସ୍ୱାଇଁ ମୁଖ୍ୟ ଅତିଥି, ଜୋନ ସଂଯୋଜକ ବିଜୟ ବଳିୟାରସିଂହ, ପ୍ରଶାନ୍ତ ରଣସିଂହ, ସୁନୀଲ ଷଡ଼ଙ୍ଗୀ, ସଂଗ୍ରାମ କେଶରୀ ବଳବନ୍ତରାୟ ସମ୍ମାନିତ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଅତିଥିଙ୍କ ପରିଚୟ ପ୍ରଦାନ ପରେ ବିଜୟ ବଳିୟାରସିଂହ ସଭାର ଉଦ୍ଦେଶ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ। ଶେଷରେ ମମତା ପାଇକରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଗୀତାଞ୍ଜଳି ପ୍ରଧାନ, ସମିତା ନାୟକ, ପୁଷ୍ପାଞ୍ଜଳି ଭୂୟାଁ, ଅନ୍ନପୂର୍ଣ୍ଣା ଦଳାଇ, ଦୀପା ପ୍ରଧାନ, ପ୍ରବୀଣା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜଭବନରେ କଳିଙ୍ଗ ଅତିଥି ନିବାସ ଉଦ୍‌ଘାଟନ କଲେ ରାଷ୍ଟ୍ରପତି

ଭୁବନେଶ୍ୱର,୨୭।୧୧(ସୁଚିସ୍ମିତା ସାହୁ)

ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ଭୁବନେଶ୍ୱରସ୍ଥିତ ରାଜଭବନ ପରିସରରେ ନବନିର୍ମିତ କଳିଙ୍ଗ ଅତିଥି ନିବାସର ଉଦ୍‌ଘାଟନ କରିଛନ୍ତି। ଆୟୋଜିତ ଉତ୍ସବରେ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି, ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢୀ ଏବଂ ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ବହୁ ଉଚ୍ଚ ପଦାଧିକାରୀ ଯୋଗଦେଇଥିଲେ। ରାଜଭବନର ସବୁଜ ପରିବେଶ ମଧ୍ୟରେ ଅବସ୍ଥିତ କଳିଙ୍ଗ ଅତିଥି ନିବାସରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ପାରମ୍ପରିକ ସ୍ଥାପତ୍ୟର ପ୍ରତିଫଳନ ହୋଇଛି। କଳିଙ୍ଗ ଅତିଥି ନିବାସରେ ବାହ୍ୟ ଏବଂ ଭିତର ପାର୍ଶ୍ୱ ଉଭୟ ଶାସ୍ତ୍ରୀୟ ଓଡ଼ିଆ କାରିଗରୀ ଆଧାରିତ ମୋଟିଫ, ଭାସ୍କର୍ଯ୍ୟ ଏବଂ ଡିଜାଇନ ପ୍ରଦର୍ଶନ କରେ। ପ୍ରତ୍ୟେକ କୋଠରୀକୁ ଓଡ଼ିଶାର ପରିଚୟ ଏବଂ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରିବା ପାଇଁ ଚିନ୍ତନଶୀଳ ଭାବରେ ଡିଜାଇନ କରାଯାଇଛି। କଳିଙ୍ଗ ଅତିଥି ଭବନର ଉଦ୍‌ଘାଟନ ଏକ ଗୁରୁତ୍ୱପୂର୍ଣ୍ଣ ଗର୍ବର ମୁହୂର୍ତ୍ତ। କାରଣ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ପୂର୍ବରୁ ସେ ନିଜେ କରିଥିଲେ ବୋଲି ରାଷ୍ଟ୍ରପତି କହିଥିଲେ।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଫିତା କାଟି କଳିଙ୍ଗ ଅତିଥି ନିବାସକୁ ଉଦ୍‌ଘାଟନ କରୁଛନ୍ତି।

# ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଆଶ୍ରମ ବିଦ୍ୟାଳୟ ପରିଦର୍ଶନ

ବୋଲଗଡ଼,୨୭।୧୧(ଦେବବ୍ରତ ହୋତା)

ବୋଲଗଡ଼ ଶିକ୍ଷା ବ୍ଲକ ଅଧୀନ ମୁଗମଣ୍ଡା ସ୍ଥିତ ଦେବଗୁରୁ ଆଶ୍ରମ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି ବୋଲଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ। ଗୁରୁବାର ଉକ୍ତ ବିଦ୍ୟାଳୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସ୍ୱାଇଁ ପହଞ୍ଚି ବିଦ୍ୟାଳୟ ପରିଚାଳନା, ବିଦ୍ୟାଳୟ ପରିସର, ଗୋଶାଳା, ଶ୍ରେଣୀଗୃହରେ ଶିକ୍ଷଣ କାର୍ଯ୍ୟ ପରିଦର୍ଶନ ତଥା ଅନ୍ୟାନ୍ୟ କାଗଜପତ୍ର ସମ୍ବନ୍ଧରେ ଯାଞ୍ଚ କରି ସନ୍ତୋଷ ପ୍ରକାଶ କରିଥିଲେ। ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ବରିଷ୍ଠ କିରାଣିଶିବପ୍ରସାଦ ମିଶ୍ର ପରିଦର୍ଶନରେ ସାମିଲ ହୋଇଥିଲେ। ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ଦାସ, ପୂର୍ବତନ ଶିକ୍ଷକ ଦୀନବନ୍ଧୁ ସାମନ୍ତରାୟ, ଉପଦେଷ୍ଟା ଚିତ୍ତରଞ୍ଜନ ଲେଙ୍କା, ସମ୍ପାଦକ ଦୀନବନ୍ଧୁ ଲେଙ୍କାଙ୍କ ସହ ଆଲୋଚନା କରି ବିଦ୍ୟାଳୟ ସମ୍ପର୍କରେ ବିଭିନ୍ନ ତଥ୍ୟ ବୁଝିଥିଲେ। ଉକ୍ତ ଆଶ୍ରମରେ ୬୦ଟି ଗୋମାତାଙ୍କୁ ଗୋଶାଳାରେ ରଖି ଯତ୍ନ ନିଆଯାଉଛି। ଆଶ୍ରମ ବିଦ୍ୟାଳୟ ପ୍ରତିଷ୍ଠାତା ଦେବଗୁରୁ ପରମହଂସ ପରିଣତ ବୟସରେ ମଧ୍ୟ ମାର୍ଗଦର୍ଶନ କରୁଛନ୍ତି। ଏ ଅଞ୍ଚଳର ଏହି ଅନୁଷ୍ଠାନ ସଂସ୍କାର, ଗୁରୁକୁଳ ପଦ୍ଧତି ଶିକ୍ଷା ପ୍ରଦାନ କରି ସୁନାମ ଅର୍ଜନ କରି ଏକ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ଖ୍ୟାତି ଅର୍ଜନ କରିଛି। ସଂସ୍କାରମୂଳକ ଶିକ୍ଷା ଦ୍ୱାରା ବିଦ୍ୟାର୍ଥୀଙ୍କ ସର୍ବାଙ୍ଗୀନ ବିକାଶ ଘଟିଥାଏ ବୋଲି ସ୍ୱାଇଁ ପ୍ରକାଶ କରିଥିଲେ।



ଆଶ୍ରମ ବିଦ୍ୟାଳୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ ଆଲୋଚନା କରୁଛନ୍ତି।

# ଗ୍ରାହକ ସାଜି ୩ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଧରିଲା ଅବକାରୀ ପୋଲିସ

ବେଗୁନିଆ,୨୭।୧୧
(ହରପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ବେଗୁନିଆ ଅବକାରୀ ଥାନା ପୋଲିସ ଗୁରୁବାର ୩ ବ୍ରାଉନ୍‌ସୁଗାର ବ୍ୟବସାୟୀଙ୍କୁ ଗିରଫ କରିଛି। ସେମାନେ ହେଲେ ବେଗୁନିଆ ଥାନା ଅଧୀନ ସାନପଦର ଗ୍ରାମର ପ୍ରକାଶ କୁମାର ସ୍ୱାଇଁ, ସୋନୁ ମାର୍ଥା ଏବଂ ନୟାଗଡ଼ ଜିଲା ରାଜସୁନାଖଳା ଫାଣ୍ଡି ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମର ମନୋରଞ୍ଜନ ପାତ୍ର। ଏମାନଙ୍କଠାରୁ ୧୦୫ ଗ୍ରାମ୍ ବ୍ରାଉନ୍‌ସୁଗାର, ୨ଟି ବାଇକ୍ ଏବଂ ୩ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ତେବେ ଜବତ ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ୧୦ଲକ୍ଷ ଟଙ୍କା ହେବ। ତେବେ ପଶ୍ଚିମବଙ୍ଗରୁ ବେଆଇନଭାବେ ବ୍ରାଉନ୍‌ସୁଗାର ଆଣି ଏମାନେ ଖୋର୍ଦ୍ଧା ଓ ନୟାଗଡ଼ ଜିଲାର ବିଭିନ୍ନ ଅଞ୍ଚଳକୁ ଚାଲାଣ





ଗିରଫ ୩ ଅଭିଯୁକ୍ତ ଏବଂ ଜବତ ବ୍ରାଉନ୍‌ସୁଗାର, ବାଇକ୍, ମୋବାଇଲ ଫୋନ୍।

**୧୦୫ ଗ୍ରାମ୍ ବ୍ରାଉନ୍‌ସୁଗାର, ୨ ବାଇକ୍ ଏବଂ ମୋବାଇଲ ଫୋନ୍ ଜବତ**

କରୁଥିଲେ ବୋଲି ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏନେଇ ଏକ ମାମଲା (ନଂ.୨୧୦/୨୫,୨୬) ରୁଜୁ କରି ଅବକାରୀ ପୋଲିସ ଅଧିକ ତଦନ୍ତ ଚଳାଇଛି। ସୂଚନା ମୁତାବକ, ବୋଲଗଡ଼ ଥାନା ଅନ୍ତର୍ଗତ କପାସିଆ ସ୍କୁଲ ନିକଟରେ ଗୁରୁବାର ସକାଳେ ବ୍ରାଉନ୍‌ସୁଗାର କାରବାର ଚାଲିଥିବା ନେଇ ବେଗୁନିଆ ଅବକାରୀ ପୋଲିସକୁ ଖବର ମିଳିଥିଲା। ଓଆଇସି ମିତ୍ରବିନ୍ଦା ପରିଡ଼ାଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା। ସାଦା ପୋଷାକରେ ଅବକାରୀ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ସେଠାରେ ପୋଲିସ କର୍ମଚାରୀଙ୍କୁ ଗ୍ରାହକ ସାଜି ବ୍ରାଉନ୍‌ସୁଗାର କିଣିବାକୁ ପଡ଼ିଥିଲା। ପରେ ୩ଜଣ ବିକ୍ରେତାଙ୍କୁ ଉକ୍ତ ଟିମ୍ ମାଡ଼ିବସିଥିଲା। ସେମାନଙ୍କ ନିକଟରୁ ବ୍ରାଉନ୍‌ସୁଗାର ଜବତ ହୋଇଥିଲା। ଏ ସମ୍ପର୍କରେ ଓଆଇସି ପରିଡ଼ା କହିଛନ୍ତି, କିଛିଦିନ ହେବ ଏଠାରେ ନୂତନ ଭାର ସମ୍ଭାଳିଛି। ଏହି ଥାନା ଅଞ୍ଚଳରୁ ବେଆଇନ ନିଶାଦ୍ରବ୍ୟ କାରବାର ଆଗକୁ ଲୁପ୍ତ କରିବା ପାଇଁ ବ୍ୟାପକ ଚଢ଼ାଉ କରାଯିବ।

## ବିଧାୟକଙ୍କ ଟାଙ୍ଗୀ ବ୍ଲକ ପ୍ରତିନିଧି ହେଲେ ପ୍ରଫୁଲ୍ଲ

ନିରାକାରପୁର,୨୭।୧୧(ମାନସ ଚନ୍ଦ୍ର ପଟ୍ଟନାୟକ): ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ଟାଙ୍ଗୀ ବ୍ଲକ୍ ପ୍ରତିନିଧି ଭାବେ ଲେଣ୍ଡୋ ପଞ୍ଚାୟତ ଆରେଡି ଗ୍ରାମର ପ୍ରଫୁଲ୍ଲ ଚନ୍ଦ୍ର ଜେନା ଗତ ୧୮ତାରିଖରେ ନିଯୁକ୍ତ ହୋଇଛନ୍ତି। ଫଳରେ ସଙ୍ଗଠନ ସୁଦୃଢ଼ ସହିତ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ଅଞ୍ଚଳବାସୀ ଆଶା ରଖିଛନ୍ତି। ଏନେଇ ଅଜୟ ପାଇକରାୟ, ମାଧବ ପ୍ରସାଦ ମହାନ୍ତି, ଶିବ ପ୍ରସାଦ ପରିଡ଼ା, ଜୟରାମ ବେହେରା, ରଘୁନାଥ ମାଝୀ, ସୌରଭ ଦାସ ମହାପାତ୍ର, କିଶୋର ବେହେରା, ବାବୁଲି ପରିଡା,ଚିନ୍ମୟ ପୃଷ୍ଟି, ସାଗର ବାରିକ, ଦୁର୍ଯ୍ୟୋଧନ ରାଉତରାୟ, ପୂର୍ଣ୍ଣ ଚନ୍ଦ୍ର କଳସ, ରବୀନ୍ଦ୍ର ରାଉତରାୟ, ଗଙ୍ଗାଧର ତ୍ରିପାଠୀ, ଭାଗୀରଥି ସାମନ୍ତରାୟ, ପବିତ୍ର ହରିଚନ୍ଦନ, ପବିତ୍ର ଶ୍ରୀଚନ୍ଦନ, ମାନସ ଚନ୍ଦ୍ର ପଟ୍ଟନାୟକ, ମନୋଜ ପଟ୍ଟନାୟକ, ଉମେଶ ପଟ୍ଟନାୟକ ପ୍ରମୁଖ ବିଧାୟକଙ୍କୁ ଧନ୍ୟବାଦ ଜଣାଇବା ସହ ନବନିଯୁକ୍ତ ପ୍ରତିନିଧିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ସଂକ୍ଷେପରେ

### ଭବିଷ୍ୟତମୁଖୀ ସହର ବିକାଶ ପାଇଁ ଓଡ଼ିଶାର ଦୃଷ୍ଟିକୋଣ ଉପସ୍ଥାପିତ

ଭୁବନେଶ୍ୱର, ୨୭।୧୧ (ସୁଚିସ୍ମିତା ସାହୁ): ବେଙ୍ଗାଲୁରୁରେ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ହ୍ୟୁମାନ ସେଟଲମେଣ୍ଟ (ଆଇଆଇଏଚ୍‌ଏସ୍) ପକ୍ଷରୁ ସହରାଞ୍ଚଳ ନୀତି ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଯୋଗଦେଇ କହିଲେ, ସହରରେ ବସବାସ କରୁଥିବା ଲୋକଙ୍କ ଜୀବନ ଧାରଣ ମାନରେ ଉନ୍ନତି, ସମ୍ମାନ ଓ ସୁରକ୍ଷା ରୂପରେଖ ପ୍ରସ୍ତୁତ କରିବା ଜରୁରୀ। ଏହା ଦେଶର ନଗର ବିକାଶ ନୀତି ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେଉଥିବା ରୂପରେଖ ସମ୍ପର୍କିତ ଆଲୋଚନାର ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ବୋଲି ପାଢ଼ୀ ଅବହିତ କରିଥିଲେ। ସେହିପରି 'ସହରାଞ୍ଚଳ ଭାରତରେ ଅଟକି ରହିଥିବା ସମ୍ପତ୍ତିର ସଙ୍କଟ' ଶୀର୍ଷକ ଆଲୋଚନାରେ ଯୋଗଦେଇ ପାଢ଼ୀ କହିଲେ, ସହର ପରିକଳ୍ପନା ସ୍ଥିର, ବାତ୍ୟା ନିରୋଧୀ ଏବଂ ନାଗରିକ କେନ୍ଦ୍ରିକ ହେବା ଆବଶ୍ୟକ। ସହରର ଅର୍ଥ କେବଳ ଭୌତିକ ସଂରଚନା ନୁହେଁ, ଏହା ଏକ ସାମାଜିକ ଇକୋ ସିଷ୍ଟମ, ଆକାଂକ୍ଷା ଏବଂ ସୁଯୋଗର ସମାହାର ହେବ। ଏଣୁ ଏଠାରେ ବସବାସ କରୁଥିବା ଲୋକଙ୍କ ଜୀବନ ଧାରଣ ମାନରେ ଉନ୍ନତି ଆଣିବା ଏବଂ ସେମାନଙ୍କ ସମ୍ମାନ ଓ ସୁରକ୍ଷା ନିମନ୍ତେ ରୂପରେଖ ପ୍ରସ୍ତୁତ କରିବା ଜରୁରୀ ବୋଲି ସେ କହିଛନ୍ତି। ଏହି ଗସ୍ତ ସମୟରେ ପାଢ଼ୀ ଗ୍ରେଟର ବେଙ୍ଗାଲୁରୁ ଅଥରିଟିର ମୁଖ୍ୟ ଆୟୁକ୍ତଙ୍କ ସହ ଏକ ଟେକ୍ନିକାଲ ଆଲୋଚନା କରିଥିଲେ, ଯାହା ଦ୍ରୁତଗତିରେ ବଢ଼ୁଥିବା ସହରଗୁଡ଼ିକରେ ଶକ୍ତିଶାଳୀ ଶାସନ ଗଠନ ଓ ପ୍ରତିଷ୍ଠାନଗତ ସୁଦୃଢ଼ତା ନିର୍ମାଣ ଉପରେ କେନ୍ଦ୍ରିତ ଥିଲା।

### ନଟବର ଷଡ଼ଙ୍ଗୀ ପାଇଲେ 'ରବି ରାୟ ଲୋକଶକ୍ତି ସବୁଜ ସମ୍ମାନ'

ଭୁବନେଶ୍ୱର, ୨୭।୧୧ (ସୁଚିସ୍ମିତା ସାହୁ): ରବି ରାୟ ଜନ୍ମ ଶତବାର୍ଷିକୀ ରାଜ୍ୟ ସମିତି, ରବି ରାୟ ସ୍ମୃତି କମିଟି ଓ ଲୋହିଆ ଏକାଡେମୀ ପକ୍ଷରୁ ରବି ରାୟ ଜନ୍ମ ଶତବାର୍ଷିକୀ ବୁଧବାର ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ସମିତି ଅଧ୍ୟକ୍ଷା କୃଷ୍ଣା ମହାନ୍ତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରାଧ୍ୟାପକ ପ୍ରଫେସର ଆନନ୍ଦ କୁମାର ଓ ସମ୍ମାନିତ ଅତିଥି ଭାବେ ପ୍ରଫେସର ମନୋରଞ୍ଜନ ମହାନ୍ତି ଯୋଗଦେଇଥିଲେ। ହାଇଦ୍ରାବାଦ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ପ୍ରଫେସର ଜି ହରଗୋପାଳ ସ୍ମାରକୀ ବକ୍ତୃତା ଦେଇଥିଲେ। ଲୋହିଆ ଏକାଡେମୀ ସଭାପତି ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଓ ବିଶିଷ୍ଟ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରାୟ ଯୋଗଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ଓଡ଼ିଶାର ବିସ୍ଥାପିତ ଲୋକମାନଙ୍କ ସ୍ଥିତିକୁ ଆଧାର କରି 'ହୋୟାର ଇଜ ଜଷ୍ଟିସ ?' ପୁସ୍ତକ ଉନ୍ମୋଚିତ କରାଯାଇଥିଲା। ଏହି ଅବସରରେ ବିଶିଷ୍ଟ ଦେଶୀ ଚାଷ ଗବେଷକ ନଟବର ଷଡଙ୍ଗୀଙ୍କୁ ତାଙ୍କ ଜୀବନବ୍ୟାପୀ ସାଧନା ନିମନ୍ତେ 'ରବି ରାୟ ଲୋକଶକ୍ତି ସବୁଜ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ତାଙ୍କୁ ସମ୍ମାନ ବାବଦରେ ମାନପତ୍ର, ମୋମେଣ୍ଟୋ ଓ ୨୫ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଲୋହିଆ ଏକାଡେମୀର ସମ୍ପାଦକ ଦେବପ୍ରସାଦ ରାୟ ସ୍ୱାଗତ ଭାଷଣ ଓ ରାଜ୍ୟ ଶତବାର୍ଷିକୀ ସମିତିର ସମ୍ପାଦକ ଡାକ୍ତର ବିଶ୍ୱଜିତ ଧନ୍ୟବାଦ ଦେଇଥିଲେ।

# ମହାଶ୍ୱେତାଙ୍କୁ 'ଗୋଲ୍‌ଡେନ୍ ଏରା ଅଫ୍ ଇଣ୍ଡିଆନ୍ ସିନେମା ସମ୍ମାନ'



ଉତ୍ସବରେ ଅତିଥିଙ୍କ ସହ ମହାଶ୍ୱେତା ରାୟ ଓ ମୁନ୍‌ମୁନ୍ ସେନ।

## ଦୁବାଇରେ ୫ ଷ୍ଟାର୍ ଚଳଚ୍ଚିତ୍ର ସମ୍ମାନ ଉତ୍ସବ

### ମୁନ୍‌ମୁନ୍ ସେନ୍‌ଙ୍କୁ 'ଜୀବନବ୍ୟାପୀ ସାଧନା ସମ୍ମାନ'

ଭୁବନେଶ୍ୱର, ୨୭।୧୧ (ସୌମ୍ୟରଞ୍ଜନ ରାଉତ)

ଆର୍ ଆର୍ ଇଭେଣ୍ଟସ ଓ ସିନେ ପ୍ରଡକ୍ସନ ଆସୋସିଏଶନ ପକ୍ଷରୁ ଦୁବାଇର ବର୍ଣ୍ଣାଢ୍ୟ ପରିବେଶରେ ଚଳଚ୍ଚିତ୍ର ସମ୍ମାନ ପ୍ରଦାନ ଉତ୍ସବ '୫ ଷ୍ଟାର୍ ଫିଲ୍ମ ଆୱାର୍ଡସ ଦୁବାଇ-୨୦୨୫' ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବର୍ଷିଆନ ଅଭିନେତ୍ରୀ ମହାଶ୍ୱେତା ରାୟଙ୍କୁ 'ଗୋଲ୍‌ଡେନ୍ ଏରା ଅଫ୍ ଇଣ୍ଡିଆନ୍ ସିନେମା ସମ୍ମାନ' ପ୍ରଦାନ କରାଯାଇଛି। ଦୁବାଇରେ ବସବାସ କରୁଥିବା ତଥା କାର୍ଯ୍ୟରତ ଓଡ଼ିଆମାନଙ୍କ ସହ ବଙ୍ଗାଳି ସିନେ ପ୍ରେମୀମାନେ ଏହି ଉତ୍ସବରେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଭାଜପା ନେତା ଗୋଲକ ମହାପାତ୍ର, ରମେଶ ବାରିକ, ଋତୁପର୍ଣ୍ଣା ସେନଗୁପ୍ତା ଓ ଅମୀୟ ମିଶ୍ର। ଓଡ଼ିଆ ସମାଜ ଏବଂ ବଙ୍ଗାଳୀ ସମାଜର କର୍ମକର୍ତ୍ତାଙ୍କ ସହ ବହୁ ଅଭିନେତ୍ରୀ, ଅଭିନେତା, ସଙ୍ଗୀତ ନିର୍ଦ୍ଦେଶକ, ଫିଲ୍ମ ନିର୍ଦ୍ଦେଶକ ଓ ପ୍ରଯୋଜକଙ୍କ ସହ ଅନେକ ଟେକ୍ନିସିଆନ ଯୋଗଦେଇଥିଲେ। ଏହି ଅବସରରେ ମୁନ୍‌ମୁନ୍ ସେନ୍‌ଙ୍କୁ 'ଜୀବନବ୍ୟାପୀ ସାଧନା ସମ୍ମାନ' ପ୍ରଦାନ କରାଯାଇଥିଲା। ଜିତ୍‌ଙ୍କୁ 'ଏଭରଗ୍ରୀନ୍ ସୁପରଷ୍ଟାର ଅଭିନେତା' ଏବଂ ଋତୁପର୍ଣ୍ଣା ସେନଗୁପ୍ତାଙ୍କୁ 'ଏଭରଗ୍ରୀନ ସୁପରଷ୍ଟାର ଅଭିନେତ୍ରୀ ସମ୍ମାନ' ମିଳିଛି। ଜୟଦୀପ ମୁଖାର୍ଜୀଙ୍କୁ ବର୍ଷର ସର୍ବଶ୍ରେଷ୍ଠ ନିର୍ଦ୍ଦେଶକ ଓ ରାଣାଜୟ ଭଟ୍ଟାଚାର୍ଯ୍ୟ ବର୍ଷର ସର୍ବଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଭାବେ ସମ୍ମାନିତ ହୋଇଛନ୍ତି। ଏଥିସହ ବିଭିନ୍ନ କ୍ଷେତ୍ରରେ କଳାକାରମାନଙ୍କୁ ପୁରସ୍କାର ମିଳିଛି। ବେଙ୍ଗଲୀ ସିନେମାର ନୂତନ ଫେସ୍ ଭାବେ ବିବ୍ରିତି ଚାଟାର୍ଜୀ, ସେନ୍‌ସେସ୍‌ନାଲ ଫେସ୍ ଅଫ୍ ବେଙ୍ଗଲୀ ସିନେମା ପାଇଁ ଦ୍ରିଧା ଚୌଧୁରୀ, ଷ୍ଟାଇଲ ଆଇକନ ଅଫ୍ ବେଙ୍ଗଲୀ ସିନେମା 'ନୁସ୍ରତ' ଏବଂ ୟୁଥ୍ ହାର୍ଟଥ୍ରବ ଭାବେ ୟଶ୍‌ଙ୍କୁ ପୁରସ୍କୃତ କରାଯାଇଛି। ଏହି ଅବସରରେ ଓଲିଉଡ଼ ସିନେ କଳାକାରଙ୍କ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସାଙ୍ଗକୁ ବେଙ୍ଗଲୀ ସିନେ କଳାକାରଙ୍କ ପରିବେଷଣ ଉପସ୍ଥିତ ଦର୍ଶକଙ୍କୁ ମତୁଆଲା କରିଥିଲା।

# ସ୍ତନ କର୍କଟ ସଚେତନତା ଶିବିର ଉଦ୍‌ଯାପିତ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଭୁବନେଶ୍ୱର, ୨୭।୧୧ (ସୁଚିସ୍ମିତା ସାହୁ)

କ୍ରିୟା ଫାଉଣ୍ଡେଶନ ସ୍ତନ କର୍କଟ ବିଷୟରେ ସଚେତନତା ବୃଦ୍ଧି କରିବା ଏବଂ ଏହା ଦ୍ୱାରା ପ୍ରଭାବିତ ଲୋକଙ୍କୁ ସମର୍ଥନ କରିବା ପାଇଁ ମାସେ ବ୍ୟାପୀ ଅଭିଯାନ ଓଡ଼ିଶା ପାଳନର ୫ମ ସଂସ୍କରଣ ପିଙ୍କ ଅକ୍ଟୋବର-୨୦୨୫ ର ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ନୀଳକଣ୍ଠ ମିଶ୍ର ଯୋଗଦେଇ ସ୍ତନ କର୍କଟ ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ସ୍ତନ କର୍କଟ ସଚେତନତା, ସ୍କ୍ରିନିଂ ଏବଂ ପ୍ରାରମ୍ଭିକ ଚିହ୍ନଟ ଉପରେ ଏକ ମାସ ବ୍ୟାପୀ କାର୍ଯ୍ୟକ୍ରମ ପରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କ୍ରିୟା ଫାଉଣ୍ଡେଶନ ଏବଂ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ, ଓଡ଼ିଶା ସରକାର ଦ୍ୱାରା ଆୟୋଜିତ ଏହି ଅଭିଯାନ କେବଳ ଏକ କାର୍ଯ୍ୟକ୍ରମ ନ ଥିଲା – ଏହା ଏକ ଆନ୍ଦୋଳନ ଯାହା ସଚେତନତା ପ୍ରସାର କରି ସ୍କ୍ରିନିଂକୁ ଉତ୍ସାହିତ କରିବା ଏବଂ ସ୍ତନ କର୍କଟ ବିରୋଧରେ ସାମୂହିକ ଲଢ଼େଇକୁ ମଜଭୁତ କରି ଜୀବନ ବଞ୍ଚାଇବା। ପ୍ରାରମ୍ଭିକ ଚିହ୍ନଟ ସ୍ତନ କର୍କଟ ମୃତ୍ୟୁହାରକୁ ୩୦% ପର୍ଯ୍ୟନ୍ତ ହ୍ରାସ କରିପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ମିଶ୍ର ଅଂଶଗ୍ରହଣକାରୀଙ୍କୁ ପ୍ରଶଂସାପତ୍ର ସହିତ ଆର୍ଥିକ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ କ୍ରିୟା ଫାଉଣ୍ଡେଶନର ଅଧ୍ୟକ୍ଷା ଲିଲି ଜେନାମଣି ଧନ୍ୟବାଦ ଦେଇଥିଲେ।

# ସୁରଥ ଲେଙ୍କାଙ୍କୁ 'ନରସିଂହ ଲେଙ୍କା ସ୍ମୃତି ସମ୍ମାନ'



ଅତିଥିମାନେ ନାଟ୍ୟ ନିର୍ଦ୍ଦେଶକ ସୁରଥ ଲେଙ୍କାଙ୍କୁ 'ନରସିଂହ ଲେଙ୍କା ସ୍ମୃତି ସମ୍ମାନ' ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର, ୨୭।୧୧ (ସୌମ୍ୟରଞ୍ଜନ ରାଉତ)

ନରସିଂହ ନନ୍ଦ ସ୍ମୃତି ପ୍ରତିଷ୍ଠାନ ପକ୍ଷରୁ ସାହିତ୍ୟିକ ନରସିଂହ ନନ୍ଦଙ୍କ ୧୪ତମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଗୁରୁବାର ୟୁନିଟ୍-୩ସ୍ଥିତ ଗୋଦାବରୀଶ ସାହିତ୍ୟ ସଂସଦଠାରେ ଏକ ସ୍ମୃତିସଭା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ସାହିତ୍ୟିକ ଡ. ଅଲେଖ ଚନ୍ଦ୍ର ପଢ଼ିଆରୀ, ଓଡ଼ିଆ ନାଟ୍ୟ ସଂଘ ସଭାପତି ମିହିର ମେହେର, ଦୈନିକ ଖବରକାଗଜ ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ, ନାଟ୍ୟକାର ଧୀରେନ୍ଦ୍ର ନାଥ ମଲ୍ଲିକ, ଗୋଦାବରୀଶ ସାହିତ୍ୟ ସଂସଦର ସମ୍ପାଦକ ଡ. ରାମଚନ୍ଦ୍ର ମହାନ୍ତି, ନାଟ୍ୟକାର ମୁକୁନ୍ଦ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ନାଟକର ସମାଜିକ ପ୍ରାସଙ୍ଗିକତା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ସୁରଥ ଲେଙ୍କାଙ୍କୁ 'ନରସିଂହ ଲେଙ୍କା ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ପରେ ଡ. ସୁଦୀପ କୁମାର ଘୋଷଙ୍କ ପୁସ୍ତକ 'ତମେ ମିଛ କହିଲ ଓ ଅନ୍ୟାନ୍ୟ ନାଟକ' ଲୋକାର୍ପିତ ହୋଇଥିଲା। ବରିଷ୍ଠ ଖବରଦାତା ପ୍ରଦୋଷ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ପ୍ରତିଷ୍ଠାନର ସଦସ୍ୟ ନିମାଇଁ ରଞ୍ଜନ ନନ୍ଦ ଧନ୍ୟବାଦ ଦେଇଥିଲେ।

# ୨୪୧ ଯାନର ପଞ୍ଜୀକରଣ ପ୍ରମାଣପତ୍ର ରଦ୍ଦ

କଟକ, ୨୭।୧୧ (କାର୍ତ୍ତିକ ସାହୁ)

ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ବାରମ୍ବାର ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନ କରି ସଡ଼କରେ ବିପଦ ସୃଷ୍ଟି କରୁଥିବା ଯାନର ତାଲିକା ପ୍ରସ୍ତୁତ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୨୪୧ଟି ଯାନର ପଞ୍ଜୀକରଣ ପ୍ରମାଣପତ୍ର ରଦ୍ଦ କରାଯାଇଛି। ଏହି ଗାଡ଼ିଗୁଡ଼ିକ ନିଲମ୍ବନ ଅବଧିରେ ସଡ଼କକୁ ଆସିପାରିବେ ନାହିଁ। ସୂଚନା ଅନୁଯାୟୀ, ସମ୍ବଲପୁର ଆର୍‌ଟିଓଙ୍କ ଦ୍ୱାରା ୫୭, ସୁନ୍ଦରଗଡ଼ ୫୨, ଭୁବନେଶ୍ୱର (ଆର୍‌ଟିଓ-୧) ୨୭, ଜଗତ୍‌ସିଂହପୁର ୨୨, କଟକ ୨୨, ବରଗଡ଼ ୯, ବାଲେଶ୍ୱର ୯, ଭୁବନେଶ୍ୱର (ଆର୍‌ଟିଓ-୨) ୬, ଝାରସୁଗୁଡ଼ା ୬, ଚଣ୍ଡିଖୋଲ ୫, କେନ୍ଦ୍ରାପଡ଼ା ୫, ଭଦ୍ରକ ୪, ରାଉରକେଲା ୪, ଯାଜପୁର ୨, କେନ୍ଦୁଝର ୨, ରାଇରଙ୍ଗପୁର ଏଆର୍‌ଟିଓଙ୍କ ଦ୍ୱାରା ୨, ବଡ଼ବିଲ ଏଆର୍‌ଟିଓଙ୍କ ଦ୍ୱାରା ୨, ଢେଙ୍କାନାଳ, କୋରାପୁଟ, ନୟାଗଡ଼, ସୋନପୁର, ତାଳଚେର ଆର୍‌ଟିଓଙ୍କ ଦ୍ୱାରା ଗୋଟିଏ ଲେଖାଏ ଗାଡ଼ିର ପଞ୍ଜୀକରଣ ପ୍ରମାଣପତ୍ର ରଦ୍ଦ କରାଯାଇଛି। ରଦ୍ଦ ଗାଡ଼ି ମଧ୍ୟରେ ଅନେକ ଗାଡ଼ି ୫୦ରୁ ଅଧିକ ଥର ମୋଟରଯାନ ଆଇନ ଉଲ୍ଲଂଘନ କରିଛନ୍ତି। ସେହିପରି କିଛି ଗାଡ଼ି ୧୦୦ରୁ ଅଧିକ ଥର ମୋଟର ଯାନ ଆଇନ ଉଲ୍ଲଂଘନ କରିଥିବା ଜଣାପଡ଼ିଛି।



ଗୋ ହତ୍ୟା ନିରୋଧନ ଓ ସଂରକ୍ଷଣ ବିଲ୍ ୨୦୨୪କୁ ତୁରନ୍ତ ପାରିତ କରିବା ଦାବିରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଗୋସେବକଙ୍କ ଶାନ୍ତିପୂର୍ଣ୍ଣ ଧାରଣା।



ଭୁବନେଶ୍ୱର ଲୋକସେବା ଭବନ କନ୍‌ଭେନଶନ ହଲଠାରେ ଆୟୋଜିତ ଉତ୍ସବରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଶ୍ରୀ ସୁଧାଂଶୁ ମୋହନ ଦ୍ୱିବେଦୀଙ୍କୁ ୨୦୨୫ ମସିହା ପାଇଁ ନାଟ୍ୟ ନିର୍ଦ୍ଦେଶକ ଭାବେ ସମ୍ମାନଜନକ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରଦାନ କରୁଛନ୍ତି।

# ଓଡ଼ିଶା ବିକାଶ କନ୍‌କ୍ଲେଭ ଉଦ୍‌ଯାପିତ



ସମ୍ମିଳନୀରେ ସିୱାଇଏସ୍‌ଡିର ସହପ୍ରତିଷ୍ଠାତା ଡ. ଜଗଦାନନ୍ଦଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର, ୨୭।୧୧ (ଅନୁରାଧା ମହାରଣା)

ସିୱାଇଏସ୍‌ଡି ପକ୍ଷରୁ ୨ଦିନିଆ 'ଓଡ଼ିଶା ବିକାଶ କନ୍‌କ୍ଲେଭ' ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟରେ ବଢ଼ୁଥିବା ଜଳବାୟୁ ସମସ୍ୟା ସମାଧାନ ପାଇଁ ଏକ ରାଜ୍ୟସ୍ତରୀୟ ଜଳବାୟୁ କାର୍ଯ୍ୟ କନସୋର୍ଟିୟମ ଗଠନ ଲାଗି ସିଭିଲ ସୋସାଇଟି, ସରକାର, କର୍ପୋରେଟ ଓ ସାମାଜିକ ସଂଗଠନଗୁଡ଼ିକ ଏକାଠି ମିଶି କାମ କରିବା ଆବଶ୍ୟକ ବୋଲି ଆହ୍ୱାନ ଦିଆଯାଇଛି। ସିୱାଇଏସ୍‌ଡିର ସହପ୍ରତିଷ୍ଠାତା ଡ. ଜଗଦାନନ୍ଦଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ରାଜ୍ୟ ଯୋଜନା ଓ ସଂଯୋଜନା ବିଭାଗର ନିର୍ଦ୍ଦେଶକ ସୁଧାପ୍ରିୟା ଦାସ, ଡେପୁଟି ଡାଇରେକ୍ଟର ସୁଧା ପଣ୍ଡା, ଦେବାଶିଷ ପାତ୍ର, ବିଶିଷ୍ଟ ଅର୍ଥନୀତିଜ୍ଞ ଅମିତାଭ କୁଣ୍ଡୁ, ଉମି ଡାନିଏଲ ଓ ଶିଶିର ପ୍ରଧାନ ପ୍ରମୁଖ ଜଳବାୟୁ ସହନଶୀଳ ଓ ଜନ କୈନ୍ଦ୍ରିକ ବିକାଶକୁ ସୁନିଶ୍ଚିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଡ. ଜଗଦାନନ୍ଦ କହିଲେ, ସିଭିଲ ସୋସାଇଟି, ସରକାର, କର୍ପୋରେଟ ଜଗତ ଓ ଶିକ୍ଷାନୁଷ୍ଠାନଗୁଡ଼ିକର ସମ୍ମିଳିତ ଦାୟିତ୍ୱ ଓ ସହଯୋଗ ରହିଲେ ଜଳବାୟୁ ସହନଶୀଳ ଜୀବିକା ଓ ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବର ମୁକାବିଲା କାର୍ଯ୍ୟ ପ୍ରଭାବୀ ଢଙ୍ଗରେ ହୋଇପାରିବ। ସମାବେଶରେ ଓଡ଼ିଶା ନଦୀ ନୀତି ଆଣିବା, ସମନ୍ୱିତ ଜମି ଓ ଜଳ ପରିଚାଳନା, ପ୍ରଶାସନିକ ସ୍ତରରେ ନଦୀ ଅବବାହିକା ଆଧାରିତ ଯୋଜନା, ଜୈବିକ ପରିସଂସ୍ଥା ଓ ଜଳାଶୟ ସଂରକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଛି। ମହିଳା ଚାଷୀ ଓ ସ୍ଥାନାନ୍ତରିତ ମହିଳାଙ୍କୁ ସ୍ୱୀକୃତି ଦେବା, ବିପର୍ଯ୍ୟୟ ସମୟରେ ଓ ପରେ ସେମାନଙ୍କୁ ମାନସିକ ସମର୍ଥନ ଦେବା, ସୁରକ୍ଷା ଓ ସ୍ଥିରତା ବଢ଼ାଇବା ପାଇଁ ବିଶେଷ ତାଲିମ ଦେବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆଇଫରେଷ୍ଟର ଡାଇରେକ୍ଟର ଶ୍ରେଷ୍ଠା ବାନାର୍ଜୀ ଶ୍ରମିକ ଓ ସମାଜକୁ ସମର୍ଥନ ଦେବା ପାଇଁ ଏକ ରୂପାନ୍ତରଣ ପାଣ୍ଠି ଗଠନ ସହିତ ଅନ୍ୟୂନ ୭ଟି ଆଞ୍ଚଳିକ ଦକ୍ଷତା ହବ ତିଆରି କରିବା ଦରକାର, ଯାହା ଦ୍ୱାରା ସବୁଜ ନିଯୁକ୍ତି ସୃଷ୍ଟି ହୋଇପାରିବ ବୋଲି ୱାନଷ୍ଟେଜ୍‌ର ସିଇଓ ଡା. ପ୍ରତ୍ୟୁଷ କୁମାର ପଣ୍ଡା ସ୍ପଷ୍ଟ କରିଥିଲେ।

# ଆଇନଜୀବୀ ଶମ୍ଭୁ ପାଣିଗ୍ରାହୀଙ୍କୁ 'ପ୍ରଦ୍ୟୁମ୍ନ ପ୍ରତିଭା ସମ୍ମାନ'

ଭୁବନେଶ୍ୱର, ୨୭।୧୧ (ସୌମ୍ୟରଞ୍ଜନ ରାଉତ)

ପ୍ରଦ୍ୟୁମ୍ନ ଶତପଥୀ ଅନନ୍ୟ ପ୍ରତିଭାର ଅଧିକାରୀ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ପାଇଁ ସେ ଦୀର୍ଘ ୪୩ ବର୍ଷ ଧରି ସଂଗ୍ରାମ ଜାରି ରଖିଛନ୍ତି। ତାଙ୍କ ସଂଘର୍ଷକୁ ଓଡ଼ିଆ ଜାତି ସବୁବେଳେ ମନେରଖିବ ବୋଲି ତାଙ୍କ ସ୍ୱନକ୍ଷତ୍ର ଅବସରରେ ପୂଜ୍ୟପୂଜା ଟ୍ରଷ୍ଟ ପକ୍ଷରୁ ବୁଦ୍ଧ ମନ୍ଦିରରେ ଆୟୋଜିତ 'ବାଗ୍ମୀ ପ୍ରଦ୍ୟୁମ୍ନ ପ୍ରଣାମ ଉତ୍ସବ'ରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଟ୍ରଷ୍ଟ ଅଧ୍ୟକ୍ଷ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ କହିଲେ, ଶତପଥୀଙ୍କ ଭାଷଣ ସମାଜରେ ଘଟୁଥିବା ଅନ୍ୟାୟ, ଅତ୍ୟାଚାର ଓ ଅବହେଳା ବିରୋଧରେ ଲୋକଙ୍କୁ ସଚେତନ କରାଏ। ସମ୍ମାନିତ ଅତିଥି ଭାବେ ଭାଷାବିତ୍ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗଦେଇ କହିଲେ, ପ୍ରଦ୍ୟୁମ୍ନ ଭାଷା, ସାହିତ୍ୟ, ସାମାଦିକତା ସବୁଥିରେ ସଫଳ। ଅନ୍ୟତମ ଅତିଥି ଭାବେ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, ପୂର୍ବତନ ଜିଲା ଜଜ୍ ରତିକାନ୍ତ ମହାପାତ୍ର, ପ୍ରଫେସର ବୁଦ୍ଧଦେବ ମିଶ୍ର, ସଂସ୍କୃତ ବିଦ୍ୱାନ ହରେକୃଷ୍ଣ ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆଇନଜୀବୀ ଶମ୍ଭୁ ପାଣିଗ୍ରାହୀଙ୍କୁ 'ପ୍ରଦ୍ୟୁମ୍ନ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଥିଲା। ଖବରଦାତା ଅରବିନ୍ଦ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।




ଅତିଥିମାନେ ଆଇନଜୀବୀ ଶମ୍ଭୁ ପାଣିଗ୍ରାହୀଙ୍କୁ 'ପ୍ରଦ୍ୟୁମ୍ନ ପ୍ରତିଭା ସମ୍ମାନ' ପ୍ରଦାନ କରୁଛନ୍ତି।

# 'ସନ୍ତାନକୁ ମଣିଷ କରିବାରେ ମା'ଙ୍କ ଭୂମିକା ଅତୁଳନୀୟ'

## ଡ୍ରିମ୍‌ସରେ ମା' ଇଚ୍ଛାବତୀ ରଥଙ୍କ ୯ମ ପୁଣ୍ୟତିଥି

କଟକ, ୨୭।୧୧ (କାର୍ତ୍ତିକ ସାହୁ)




କାର୍ଯ୍ୟକ୍ରମରେ ଡ୍ରିମ୍‌ସ ୟୁନିଭର୍ସିଟିର ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ରଥ ଅତିଥି ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଏ ସମାଜରେ ଭଲ ମଣିଷ ଯଦି ଅଛନ୍ତି, ତାହା କେବଳ ମା' ଦ୍ୱାରା ହିଁ ସମ୍ଭବ ହୋଇଛି। ସନ୍ତାନକୁ ମଣିଷ କରି ଗଢି ତୋଳିବାରେ ମା'ଙ୍କ ଭୂମିକା ଅତୁଳନୀୟ। ଏଣୁ ଜୀବନରେ ମାତାପିତାଙ୍କୁ ଅଣଦେଖା ନ କରି ସେମାନଙ୍କୁ ଶ୍ରଦ୍ଧା ଓ ସମ୍ମାନ ଦେବା ସନ୍ତାନସନ୍ତତିଙ୍କ ପରମ କର୍ତ୍ତବ୍ୟ ବୋଲି ବିଶିଷ୍ଟ ବୈଦିକ ସଂସ୍କୃତି ପ୍ରବକ୍ତା ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ମତବ୍ୟକ୍ତ କରିଛନ୍ତି। କର୍ମଯୋଗୀ ଧନେଶ୍ୱର ରଥଙ୍କ ସହଧର୍ମିଣୀ ଇଚ୍ଛାବତୀ ରଥଙ୍କ ୯ମ ପୁଣ୍ୟତିଥି ପାଳନ ଅବସରରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଅତିଥି ଭାବେ ଯୋଗଦେଇ ପଣ୍ଡା କହିଲେ, ଜଣେ ମା' ଶହେ ସନ୍ତାନକୁ ମଣିଷ କରିପାରେ, ମାତ୍ର ଶହେ ସନ୍ତାନ ଗୋଟିଏ ମା'ର ଦାୟିତ୍ୱ ନେବାକୁ ଅକ୍ଷମତା ପ୍ରକାଶ କରୁଛନ୍ତି, ଏହାହିଁ ଆଜିର ସମୟର ବଡ଼ ବିଡମ୍ବନା। ସମ୍ମାନିତ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା ପ୍ରବକ୍ତା ବାବାଜୀ ସତ୍ୟାନନ୍ଦ ଦାସ ଯୋଗଦେଇ ଇଚ୍ଛାବତୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସ୍ୱର୍ଗତ ଇଚ୍ଛାବତୀଙ୍କ ସୁପୁତ୍ର ତଥା ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ମାତାପିତାଙ୍କ ପ୍ରତି ଭକ୍ତି, ଶ୍ରଦ୍ଧା ଓ ଯଥୋଚିତ ସମ୍ମାନ ପ୍ରଦର୍ଶନ ସନ୍ତାନର ସର୍ବୋତ୍ତମ କର୍ତ୍ତବ୍ୟ ଏବଂ ଏହାକୁ ପାଳନ କଲେ ଜୀବନ ସାର୍ଥକ ହୋଇଥାଏ ବୋଲି କହିଥିଲେ। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, କୁଳସଚିବ ଡ. ଭକ୍ତ ଚରଣ ପ୍ରଧାନ, ଶିଳ୍ପୋଦ୍ୟୋଗୀ ପଦ୍ମଲୋଚନ ପାତ୍ର, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ଇଂ. ଲଳିତମୋହନ ମିଶ୍ର, ଅଖିଳ ମହାପାତ୍ର, ଡ. ରୁଦ୍ରନାରାୟଣ ମିଶ୍ର, ଶାନ୍ତନୁ ଶତପଥୀ, ପ୍ରଦୀପ୍ତ ଚନ୍ଦ୍ର ରଥ, ପ୍ରଶାନ୍ତ ଚନ୍ଦ୍ର ରଥ, ଚିନ୍ମୟୀ ରଥ, ଇଂ. ଦୁର୍ଗାପ୍ରସାଦ ରଥ, ଇଂ. ଶିବ ପ୍ରସାଦ ରଥ ପ୍ରମୁଖ ଯୋଗଦେଇଥିଲେ। ଧନେଶ୍ୱର ରଥ ଫାଉଣ୍ଡେଶନ୍‌ର ଆବାହକ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୭।୧୧।୨୦୨୫

| | |
|---|---|
| ୪,୩୭,୪୧୦ ଟଙ୍କା | |
| ସୁନା | ୫.୪୦୦ ଗ୍ରାମ୍ |
| ରୁପା | ୩୪.୧୦୦ ଗ୍ରାମ୍ |

## ସଂକ୍ଷେପରେ

### ଛାତ୍ରୀଙ୍କୁ ଅପହରଣ ଉଦ୍ୟମ

ପିପିଲି,୨୭।୧୧(ଦୁର୍ଗାମାଧବ ମିଶ୍ର)

ପିପିଲି ପୌରାଞ୍ଚଳର ଏକ ବିଦ୍ୟାଳୟରେ ଅଧ୍ୟୟନରତ ୭ମ ଶ୍ରେଣୀ ଛାତ୍ରୀଙ୍କୁ ୩ଜଣ ଯୁବକ ଅପହରଣ କରିନେବାକୁ ଉଦ୍ୟମ କରୁଥିବାବେଳେ ଛାତ୍ରୀ ଜଣକ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚିଯିବାରୁ ଯୁବକମାନେ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ଉକ୍ତ ଛାତ୍ରୀ ଜଣକ ପିପିଲି ଦାନଗୋହିର ଅଞ୍ଚଳର। ଛାତ୍ରୀଙ୍କ ବାପା ଏ ସମ୍ପର୍କରେ ପିପିଲି ଥାନାରେ ଅଭିଯୋଗ କରିଛନ୍ତି। ଛାତ୍ରୀଙ୍କ ବାପା ଅଭିଯୋଗରେ ଦର୍ଶାଇଛନ୍ତି, ତାଙ୍କ ଝିଅ ବିଦ୍ୟାଳୟକୁ ସାଇକେଲ ଯୋଗେ ଯାଉଥିବାବେଳେ ଆଶ୍ରମ ସାହିଠାରେ ୩ଜଣ ଯୁବକ ଛାତ୍ରୀଙ୍କ ସାଇକେଲ୍‌କୁ ଅଟକାଇ ଚାବି ପକାଇବା ସହ ଛାତ୍ରୀଙ୍କୁ ଅପହରଣ କରିନେବାକୁ ଉଦ୍ୟମ କରିଥିଲେ। ମାତ୍ର ଛାତ୍ରୀ ଜଣକ ପାଟି କରିବାରୁ ଲୋକମାନେ ରୁଣ୍ଡ ହୋଇଯିବାରୁ ଯୁବକମାନେ ଫେରାର୍ ହୋଇ ଯାଇଥିଲେ। ଛାତ୍ରୀଙ୍କ ବାପା ଦେଇଥିବା ଅଭିଯୋଗକୁ ଭିତ୍ତିକରି ପିପିଲି ପୋଲିସ ୭୨୮/୨୬/୧୧/୨୫ ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

### ଜିଲାପରିଷଦ ଲ୍ୟାଡ୍‌କୁ ନେଇ ବିଡିଓ-ଜନପ୍ରତିନିଧିଙ୍କ ମଧ୍ୟରେ ବିବାଦ

ପିପିଲି,୨୭।୧୧(ଦୁର୍ଗାମାଧବ ମିଶ୍ର)

ସମ୍ବିଧାନ ଦିବସରେ ସମ୍ବିଧାନର ନିୟମକୁ ପିପିଲି ବିଡିଓ ଉଲ୍ଲଂଘନ କରିଥିବା ନେଇ ପିପିଲି ବ୍ଲକର ୨୩ନଂ. ଜିଲା ପରିଷଦ ସଭ୍ୟ ସୁଶାନ୍ତ ମଲ୍ଲିକ ଅଭିଯୋଗ କରିଛନ୍ତି। ପିପିଲି ବ୍ଲକ ନୂଆଶାସନ ଗ୍ରାମର ଏକ ରାସ୍ତା ପାଇଁ ଜିଲାପରିଷଦ ଲ୍ୟାଡ୍‌ରୁ ୨ଲକ୍ଷ ଟଙ୍କାର କାର୍ଯ୍ୟ କରିବାରେ ଜିଲାପରିଷଦ ସଭ୍ୟଙ୍କୁ ବାଦ୍ ଦିଆଯାଇଥିବାରୁ ଜିଲାପରିଷଦ ସଭ୍ୟ ଓ ବିଡିଓଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଏପରି କି ପିପିଲି ବିଡିଓଙ୍କ ବିରୋଧରେ ପୁରୀ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରି ସେଥିରେ ତାଙ୍କ ମର୍ଯ୍ୟାଦା କ୍ଷୁଣ୍ଣ ହୋଇଥିବା ଦର୍ଶାଇଛନ୍ତି। ପ୍ରକାଶ ଯେ, ନୂଆଶାସନ କୋଠଗୋହିରଠାରୁ ଶ୍ରୀକଣ୍ଠପୁର ବନ୍ଧମୁଲ ସାହି ରାସ୍ତାର ଉନ୍ନତୀକରଣ ପାଇଁ ଜିଲାପରିଷଦ ଲ୍ୟାଡ୍‌ରୁ ୨ଲକ୍ଷ ଟଙ୍କା ଦିଆଯାଇଥିଲା। ଜିଲା ପରିଷଦ ସଭ୍ୟଙ୍କ ଅଜ୍ଞାତରେ ଉକ୍ତ ରାସ୍ତା ନିର୍ମାଣ କରାଯିବାକୁ ନେଇ ବିବାଦ ଦେଖାଦେଇଥିଲା। ଏ ସମ୍ପର୍କରେ ପିପିଲି ବିଡିଓ ସରୋଜ ରାଉତଙ୍କୁ ପଚାରିବାରେ ସେ କହିଛନ୍ତି, ଜିଲାପରିଷଦ ସଭ୍ୟଙ୍କ ମର୍ଯ୍ୟାଦା କ୍ଷୁଣ୍ଣ ହେବାଭଳି କିଛି କାର୍ଯ୍ୟ ଆମେ କରିନାହୁଁ।

# ଶ୍ରୀଗୁଣ୍ଡିଚା ମନ୍ଦିର ସ୍ଥିତି ଅନୁଧ୍ୟାନ କଲେ ପରିଚାଳନା କମିଟି ସଦସ୍ୟ

ପୁରୀ,୨୭।୧୧(ଅଜିତ୍ କୁମାର ମହାନ୍ତି)

ଦୀର୍ଘବର୍ଷ ଧରି ଭକ୍ତଙ୍କ ପାଇଁ ବନ୍ଦ ଥିବା ଶ୍ରୀଗୁଣ୍ଡିଚା ମନ୍ଦିର ଡିସେମ୍ବର ୧ ତାରିଖରୁ ପରୀକ୍ଷାମୂଳକ ଭାବେ ଖୋଲିବାକୁ ଶ୍ରୀମନ୍ଦିର ପ୍ରଶାସନ ଯୋଜନା କରୁଥିବା ନେଇ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ବୁଧବାର ସୂଚନା ଦେଇଛନ୍ତି। ଏହାକୁ ନେଇ ବିଭିନ୍ନ ମହଲରେ ସ୍ୱାଗତ କରାଯିବା ସହ ଭକ୍ତଙ୍କ ଦୀର୍ଘଦିନ ଅପେକ୍ଷାର ଅନ୍ତ ଘଟିବାକୁ ଯାଉଛି। ଟିକେଟ ବ୍ୟବସ୍ଥାକୁ କିଛି ଭକ୍ତ ନାପସନ୍ଦ କରିଛନ୍ତି। ଅପରପକ୍ଷରେ ବୁଧବାର ମୁଖ୍ୟ ପ୍ରଶାସକ ଏବଂ ପ୍ରଶାସନିକ ଅଧିକାରୀ ଗୁଣ୍ଡିଚା ମନ୍ଦିର ଯାଇ ପରିଦର୍ଶନ କରିଥିବା ବେଳେ ଗୁରୁବାର ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ଏବଂ ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ ଶ୍ରୀଗୁଣ୍ଡିଚା ମନ୍ଦିର ଗସ୍ତ କରି ସମସ୍ତ ସ୍ଥିତି ଅନୁଧ୍ୟାନ କରିଛନ୍ତି।

ସୂଚନାଯୋଗ୍ୟ, କୋଭିଡ୍ ମହାମାରୀଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ଭକ୍ତଙ୍କ ନିମନ୍ତେ ବନ୍ଦ ରହିଛି। ତେବେ କୋଭିଡ୍ କଟକଣା ହଟିବା ପରେ ମଧ୍ୟ ଶ୍ରୀଗୁଣ୍ଡିଚା ମନ୍ଦିରର ମରାମତି କାର୍ଯ୍ୟ କରାଯାଉଥିବା ହେତୁ ଭକ୍ତଙ୍କ ପାଇଁ ଗୁଣ୍ଡିଚା ମନ୍ଦିର ପ୍ରବେଶ କଟକଣା ରହିଥିଲା। କେବଳ ମହାପ୍ରଭୁଙ୍କ ଘୋଷଯାତ୍ରା ସମୟରେ ଭକ୍ତ ଶ୍ରୀଗୁଣ୍ଡିଚା ମନ୍ଦିରକୁ ପ୍ରବେଶ କରି ମହାପ୍ରଭୁଙ୍କ ଦର୍ଶନ କରୁଥିଲେ। ବର୍ଷର ଅନ୍ୟ ସମୟରେ ଭକ୍ତମାନେ ଶ୍ରୀଗୁଣ୍ଡିଚା ମନ୍ଦିର ଭିତରେ ଥିବା ମହାପ୍ରଭୁଙ୍କ ଜନ୍ମସ୍ଥାନ ତଥା ଆଡ଼ପମଣ୍ଡପ ଦର୍ଶନରୁ ବଞ୍ଚିତ ହେଉଛନ୍ତି। ଏହାକୁ ନେଇ ଭକ୍ତମାନେ ଅସନ୍ତୋଷ ପ୍ରକାଶ କରୁଥିଲେ। ବୁଧବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢୀ ସୂଚନା ଦେଇ କହିଥିଲେ, ଡିସେମ୍ବର ପହିଲାରୁ ଭକ୍ତଙ୍କ ପାଇଁ ଗୁଣ୍ଡିଚା ମନ୍ଦିର ଖୋଲିବାକୁ ପ୍ରଶାସନ ନିଷ୍ପତ୍ତି ନେଇଛି। ଏସ୍‌ଓପି ଅନୁଯାୟୀ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲା ରହିବ। ଶୀତଦିନରେ ସନ୍ଧ୍ୟା ୫ଟାରେ ବନ୍ଦ ହେବ। ଭକ୍ତମାନେ ୧୦ ଟଙ୍କା ଦେଇ ଟିକେଟ କାଟି ଦର୍ଶନ ପାଇଁ ଭିତରକୁ ଯିବେ। ତେବେ ୫ବର୍ଷରୁ କମ୍, ୮୦ ବର୍ଷରୁ ଅଧିକ ବୟସ୍କ ଏବଂ ଦିବ୍ୟାଙ୍ଗଙ୍କ ନିମନ୍ତେ ଟିକେଟ ଲାଗିବ ନାହିଁ। ଦିବ୍ୟାଙ୍ଗଙ୍କ ସୁବିଧା ପାଇଁ ର୍‌ୟାମ୍ପ ବ୍ୟବସ୍ଥା କରାଯାଉଛି। ମନ୍ଦିର ନିକଟରେ ଏକ ପ୍ରାଥମିକ ଚିକିତ୍ସା କେନ୍ଦ୍ର, ପାନୀୟଜଳ ଯୋଗାଣ ବ୍ୟବସ୍ଥା, ମନ୍ଦିର ଭିତରେ ଆଲୋକୀକରଣ କରାଯିବ ବୋଲି କହିଥିଲେ। ତା'ପୂର୍ବରୁ ପରିଚାଳନା କମିଟି ସଦସ୍ୟ ଆସି ଗୁଣ୍ଡିଚା ମନ୍ଦିର ପରିଦର୍ଶନ କରିବେ। ତେଣୁ ଗୁରୁବାର ପରିଚାଳନା କମିଟି ସଦସ୍ୟ ଓ ପ୍ରଶାସନିକ ଅଧିକାରୀ ଆସି ଗୁଣ୍ଡିଚା ମନ୍ଦିର ପରିଦର୍ଶନ କରିଥିଲେ। ଏହି ଅବସରରେ ବରିଷ୍ଠ ସଦସ୍ୟ ତଥା ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ ପରିଦର୍ଶନ ପରେ ସୂଚନା ପ୍ରଦାନ କରି କହିଛନ୍ତି, ମହାପ୍ରଭୁଙ୍କୁ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଆସୁଥିବା ଭକ୍ତମାନେ ପଇସା ଦେଇ ଦର୍ଶନ କରିବା ବ୍ୟବସ୍ଥା ନାହିଁ। ତେବେ ଗୁଣ୍ଡିଚା ମନ୍ଦିରର ରକ୍ଷଣାବେକ୍ଷଣ ନିମନ୍ତେ କାହିଁ କେଉଁ ଅମଳରୁ ମାହାଲ ଦିଆଯାଉଛି। ସେବାରେ ଲାଗିପାଇଁ ଭକ୍ତମାନେ ୧୦ ଟଙ୍କା ଟିକେଟ୍ କାଟି ଯିବେ। ଲୋକମାନଙ୍କୁ ହଇରାଣ କିମ୍ବା ଟଙ୍କା ଆଦାୟ କରିବା ଉଦ୍ଦେଶ୍ୟରେ ଟିକେଟ୍ ବ୍ୟବସ୍ଥା କରାଯାଉ ନାହିଁ। ଟିକେଟ୍ ବ୍ୟବସ୍ଥାକୁ ନେଇ ଯଦି ଭକ୍ତଙ୍କ ମନରେ ଅସନ୍ତୋଷ ଦେଖାଯାଉଛି ତେବେ ଏନେଇ ଆଲୋଚନା କରାଯାଇ ପ୍ରସ୍ତାବ ଦିଆଯିବ। ୧ ତାରିଖରୁ ପରୀକ୍ଷାମୂଳକ ଭାବେ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ ବୋଲି ସିଂହାରୀ କହିଛନ୍ତି।







ପୁରୀଠାରେ ଅନୁଷ୍ଠିତ ଜାତୀୟ ଗୋ ଚାମ୍ପିୟନଶିପର ଫାଇନାଲ ମ୍ୟାଚରେ ପୁରସ୍କୃତ ଖେଳାଳିମାନେ ।

# ମଙ୍ଗଳାନଦୀରେ ଚେକ୍ ଡ୍ୟାମ୍ ନିର୍ମାଣର ଫାଇନାଲ ପ୍ରସ୍ତାବ ଗ୍ରହଣ



ମଙ୍ଗଳା ନଦୀ ପୁନରୁଦ୍ଧାର କମିଟିର ସଦସ୍ୟମାନେ ସ୍ଥିତି ଅନୁଧ୍ୟାନ କରୁଛନ୍ତି ।

ପୁରୀ,୨୭।୧୧(ଅଜିତ୍ କୁମାର ମହାନ୍ତି)

ପୁରୀ ଓମ୍‌କାରେଶ୍ୱର ନିକଟସ୍ଥ ଭାଗବତପାଟଣା ଗ୍ରାମ ନିକଟରେ ଏକ ଚେକ୍ ଡ୍ୟାମ ନିର୍ମାଣ ହେବା ପାଇଁ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ମଙ୍ଗଳାନଦୀ ବୈଷୟିକ କମିଟିର ରିପୋର୍ଟକୁ କାର୍ଯ୍ୟକାରୀ କରିବା ପାଇଁ ମୁଖ୍ୟ ଇଂ. ଲିଙ୍ଗରାଜ ଗୌଡ଼ଙ୍କ ନିର୍ଦ୍ଦେଶକ୍ରମେ ଇଂ. ଅମୀୟ କୁମାର ସେଠ, ଆସିଷ୍ଟାଣ୍ଟ କାର୍ଯ୍ୟନିର୍ବାହୀ ଇଞ୍ଜିନିୟର ଭାଗବତ ମଲ୍ଲିକ, ଆସିଷ୍ଟାଣ୍ଟ ଇଂ. ପ୍ରଧାନ ସୋର୍କା ଏବଂ ଇଂ. ଅବିନାଶ ଲେଙ୍କା ପ୍ରସ୍ତାବିତ ସ୍ଥାନକୁ ପରିଦର୍ଶନ କରି ସେହି ସ୍ଥାନରେ ଚେକ୍ ଡ୍ୟାମ୍ ସ୍ଥାପନକୁ ଚୂଡ଼ାନ୍ତ ରୂପ ଦେଇଛନ୍ତି। ଫଳରେ ସମୁଦ୍ର ଜୁଆରରେ ଲୁଣି ପାଣିକୁ ରୋକାଯାଇପାରିବ। ମଙ୍ଗଳା ନଦୀର ଜୈବ ବିବିଧତା, ପରିବେଶ ସୁରକ୍ଷା, ଭୂତଳ ଜଳର ସଂରକ୍ଷଣ ଓ ବର୍ଷତମାମ ଜଳ ପ୍ରବାହ ରହିବା ଫଳରେ ଲକ୍ଷ ଲକ୍ଷ ଗ୍ରାମବାସୀ, କୃଷି କାର୍ଯ୍ୟ, ମାଛ ଚାଷ ଯେଉଁମାନେ ସେହି ନଦୀ ଉପରେ ପ୍ରତ୍ୟକ୍ଷ ନିର୍ଭର କରନ୍ତି, ସେମାନେ ଉପକୃତ ହେବା ସଙ୍ଗେ ସଙ୍ଗେ, ପଶୁପକ୍ଷୀ ଆନନ୍ଦ ପାଇବେ ବୋଲି ମତପ୍ରକାଶ ପାଇଛି। ମଙ୍ଗଳା ନଦୀ ପୁନରୁଦ୍ଧାର କମିଟିର ଅଧ୍ୟକ୍ଷ ପ୍ରାକ୍ତନ ଅଧ୍ୟାପକ ସୁକାନ୍ତ କୁମାର ମହାନ୍ତିଙ୍କ ନେତୃତ୍ୱରେ ଏକ ପୁରୀ ସହର, ଶ୍ରୀମନ୍ଦିର, ବିଭିନ୍ନ ଗ୍ରାମରୁ ମୁଖିଆମାନେ ଉପସ୍ଥିତ ରହି ବୈଷୟିକ କମିଟିର ସଦସ୍ୟମାନଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ। ପୁରୀ ଗଜପତିଙ୍କ ତରଫରୁ ସୁଧାଂଶୁ ଶେଖର ରାଜଗୁରୁ, ଶ୍ରୀମନ୍ଦିର ତରଫରୁ ଶ୍ରୀମନ୍ଦିର ପୁରୋହିତ ତଥା ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଡ. ସିଦ୍ଧେଶ୍ୱର ମହାପାତ୍ର, ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର, ଡ. ନାରାୟଣ ପତି, ପ୍ରାକ୍ତନ ପ୍ରାଧ୍ୟାପକ ବିଶ୍ୱଜିତ ଦାସ, ଅଧ୍ୟାପକ ସୁଶାନ୍ତ ନାୟକ, କଣ୍ଟପୁର ଗ୍ରାମ ତରଫରୁ ଘନଶ୍ୟାମ ଦଳାଇ, କାଶୀଜଗନ୍ନାଥପୁର ଗ୍ରାମରୁ ଅନନ୍ତ ନାରାୟଣ ମିଶ୍ର, ଭାଗବତପାଟଣାରୁ କୈଳାଶ ମଲିକ, ରେବତୀରମଣ ଗ୍ରାମରୁ ରାଜେଶ ଭୋଇ, ସୁଦର୍ଶନ ଭୋଇ, ଖଡ଼ିପଦା ଗ୍ରାମରୁ ବ୍ରଜକିଶୋର ମହାନ୍ତି, ରମେଶ କୁମାର ସାହୁ ମଙ୍ଗଳା ଘାଟରୁ ହରିହର ସାହୁ ଓ ଶ୍ୟାମ ସୁନ୍ଦର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଚୋରାରେ ଚାଲିଛି ବାଲିଚାଲାଣ, ପ୍ରଶାସନ ନୀରବଦ୍ରଷ୍ଟା

ନିମାପଡ଼ା,୨୭।୧୧(ବିଚିତ୍ରାନନ୍ଦ ସାହୁ)

ଚୋରାରେ ବାଲି, ପଥର, ସମେତ ବିଭିନ୍ନ ଲଘୁ ଖଣିଜ ସମ୍ପଦ ଚୋରାଚାଲାଣ ଦିଗରେ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଓ କଡ଼ା କଟକଣା ଜାରି କରାଯାଇଥିବା ଡିଣ୍ଡିମ ପିଟାଯାଉଛି। ହେଲେ ନିମାପଡ଼ା ଓ ଚାରିଛକ ଥାନା ଅଞ୍ଚଳରେ ଏହାର ଘୋର ବ୍ୟତିକ୍ରମ ଦେଖାଦେଇଛି। ନିମାପଡ଼ା ଅଞ୍ଚଳରେ ଚୋରାରେ ବେଧଡ଼କ ଭାବେ ବହୁସଂଖ୍ୟାରେ ହାଇୱା ଓ ଟ୍ରାକ୍ଟର ଯୋଗେ ବିଭିନ୍ନ ଅଞ୍ଚଳକୁ ବାଲିଚାଲାଣ କରାଯାଉଥିବା ଦେଖାଯାଉଛି। ଚଢ଼ା ମୂଲ୍ୟରେ ଏହି ବାଲି ଚାଲାଣ କରାଯାଉଥିବାରୁ ସାଧାରଣ ଲୋକେ ବହୁ ହଟହଟା ହେଉଛନ୍ତି। ବାଲିମାଫିଆଙ୍କ ଅତ୍ୟଧିକ ଦର ବୃଦ୍ଧି ଯୋଗୁ ଲୋକ ଅତିଷ୍ଠ ହୋଇପଡୁଛନ୍ତି। ଜନଗହଳିପୂର୍ଣ୍ଣ ରାସ୍ତାରେ ହାଇୱା ଓ ଟ୍ରାକ୍ଟର ଯୋଗେ ବାଲିଚାଲାଣ ବେଳେ ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟି ବହୁ ଜୀବନ ହାନି ଘଟୁଛି। ଚୋରାରେ ବେଧଡ଼କ ଭାବେ ବାଲିଚାଲାଣ ଯୋଗୁ ସରକାରଙ୍କର ମାସିକ ଲକ୍ଷାଧିକ ଟଙ୍କା ରାଜସ୍ୱ ହାନି ଘଟୁଛି। ଦୈନିକ ନିମାପଡ଼ା ଥାନା ଅଞ୍ଚଳରେ ବେଧଡ଼କ ଭାବେ ଚୋରାରେ ବାଲିଚାଲାଣ କରାଯାଉଥିବାବେଳେ ଜିଲା ଖଣି ବିଭାଗ ଓ ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ଏଦିଗରେ ସାମାନ୍ୟତମ ଦୃଷ୍ଟି ନାହିଁ କି ବାଲି ମାଫିଆ ଓ ବାଲି ପରିବହନ କରୁଥିବା ଗାଡ଼ିବାଲାଙ୍କ ପ୍ରତି ଆଦୌ ଲଗାମ କି କଟକଣା ନ ଥିବା ସ୍ପଷ୍ଟ ଦେଖାଯାଉଛି। ଏ ସମ୍ପର୍କରେ ପୁରୀ ଖଣି ଅଧିକାରୀ ସମୀର କୁମାର ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ଖଣି ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ନିମାପଡ଼ାରେ ଚଢ଼ାଇ କରାଯାଇ ବେଆଇନ ଭାବେ ବାଲି ପରିବହନ କରୁଥିବା ହାଇୱା ଓ ଟ୍ରାକ୍ଟରକୁ ଜବତ କରାଯାଇ ମାମଲା ରୁଜୁ କରାଯାଉଛି। ଆଗକୁ ଏହି ଚଢ଼ାଉ ଜୋରଦାର କରାଯିବ। ବେଆଇନ ଭାବେ ଚୋରାରେ ବାଲି ପରିବହନ କରୁଥିବା ଗାଡ଼ି ଓ ଚାଳକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ଖଣି ଅଧିକାରୀ ମିଶ୍ର କହିଛନ୍ତି।

# ଡେଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଜ୍ଞାନ ମେଳା

ଡେଲାଙ୍ଗ,୨୭।୧୧(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭୟ ଚରଣ ସାହୁଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମଣ୍ଡଳ ଶିକ୍ଷା ଅଧିକାରୀ ଶତ୍ରୁଘ୍ନ ବେହେରା, ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ୍ ତଥା ବିଜ୍ଞାନପ୍ରେମୀ ରାମଚନ୍ଦ୍ର ଦାଶ ପ୍ରଦର୍ଶିତ ବିଜ୍ଞାନ ପ୍ରକଳ୍ପଗୁଡ଼ିକ ବିଷୟରେ ବିଭିନ୍ନ ପ୍ରଶ୍ନ ପଚାରି ସେଗୁଡ଼ିକର ମୂଲ୍ୟାଙ୍କନ ସହ କୁନି ବୈଜ୍ଞାନିକଙ୍କୁ ନିଉଟନ୍‌ଙ୍କ ଭଳି ବୈଜ୍ଞାନିକଙ୍କ ଉଦାହରଣ ଦେଇ ଭବିଷ୍ୟତରେ ବିଜ୍ଞାନ ଭିତ୍ତିକ ମଣିଷ ଭାବେ ଦେଶ ଓ ଜାତିର ନାମ ରଖିବାକୁ ପରାମର୍ଶ ଦେଇଥିଲେ। ସିଆର୍‌ସିସି ସୋମନାଥ ବେହେରା, ତପନ ମଲ୍ଲିକ ଓ ଅନ୍ୟ ଶିକ୍ଷକମାନେ ପ୍ରକଳ୍ପଗୁଡ଼ିକୁ ବୁଲି ଦେଖିଥିଲେ। ମାର୍ଗଦର୍ଶୀ ବିଜ୍ଞାନ ଶିକ୍ଷୟିତ୍ରୀ ପାପ୍ଲିନ ପ୍ରଧାନ, ଶିକ୍ଷକ ଅଜୟ ପ୍ରଧାନ, ଶିକ୍ଷୟିତ୍ରୀ ରୋଜାଲିନ ମହାରଣା, ସତ୍ୟଭାମା ବେହେରା, ମାନସ ରଞ୍ଜନ ସ୍ୱାଇଁ ଓ ଟିକେଇ ଦଳାଇଙ୍କ ସହଯୋଗରେ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କୃତ୍ରିମ ମାନବ, ଆବର୍ଜନାରୁ ଉତ୍ପାଦ, ସୋଲାର ଲାଇଟ, ପ୍ରାକୃତିକ ଉପାୟରେ ମଶା ନିରାକରଣ ଫାର୍ମ ହାଉସ ଆଦି ୧୫ଟି ପ୍ରକଳ୍ପ ମଧ୍ୟରୁ ଛାତ୍ରୀ ସିମରନ ଆସୀନ, ଛାତ୍ର ସାଇ ସିଦ୍ଧାର୍ଥ ସାହୁ ଓ ସାଇ ମୃତ୍ୟୁଞ୍ଜୟ ପ୍ରକଳ୍ପ ବ୍ଲକସ୍ତରୀୟ ବିଜ୍ଞାନମେଳାକୁ ମନୋନୀତ ହୋଇଥିଲା।



ଛାତ୍ରୀଛାତ୍ରମାନେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି ।

# ୧୭୬ତମ ଦେଖିଲେଖ ପ୍ରତିଯୋଗିତା

ପୁରୀ,୨୭।୧୧(ଅଜିତ୍ କୁମାର ମହାନ୍ତି)

ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶ୍ୱେତଗଙ୍ଗାର ୪ର୍ଥ, ୫ମ, ୬ଷ୍ଠ ଓ ୭ମ ଶ୍ରେଣୀ ପିଲାଙ୍କ ମଧ୍ୟରେ ଟିକିତାରା ଭ୍ରାମ୍ୟମାଣ ସାହିତ୍ୟ ସଂସ୍ଥା ପକ୍ଷରୁ ୧୭୬ତମ ଦେଖିଲେଖ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାରେ ୪ର୍ଥ ଶ୍ରେଣୀର ସତ୍ୟଜିତ ସାଇମନ ପଣ୍ଡା, ଭୱାଲି ହରିଚନ୍ଦନ, ନିବେଦିତା ପୃଷ୍ଟି, ୫ମ ଶ୍ରେଣୀର ଓମ୍ ବେହେରା, ସାହିଲ କୁମାର ଦେବ, ଜିତ କୁମାର ଦାଶ, ୬ଷ୍ଠ ଶ୍ରେଣୀର ଅଭୀପ୍ସା ଦାଶ, ସାଇ ସନ୍ତୋଷ ମହାପାତ୍ର ଏବଂ ୭ମ ଶ୍ରେଣୀର ନାରାୟଣ ଦାଶ, ଅଂଶୁମାନ କର, ସାଇପ୍ରିୟା ବାରିକ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରି ପ୍ରମାଣପତ୍ର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନଶିକ୍ଷକ ସୁରେଶ ମିଶ୍ର, ଶିକ୍ଷୟିତ୍ରୀ ଅଞ୍ଜଳି ପାତ୍ର, ଅଞ୍ଜଳି ମିଶ୍ର ଏବଂ ମନୋଜ କୁମାର ମିଶ୍ର ପ୍ରତିଯୋଗିତା ପରିଚାଳନା କରିଥିଲେ। ସମ୍ପାଦକ ବିପିନ ବିହାରୀ ଦଳାଇ ଦେଖିଲେଖିବା ଶୈଳୀ ବିଷୟରେ ସୂଚନା ଦେଇଥିଲେ।

# ଅର୍ବାନହାଟରୁ ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର

କୋଣାର୍କ,୨୭।୧୧(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ରିଂ ରୋଡ୍ ନିକଟ ଅର୍ବାନ ହାଟରୁ ଜଣେ ବ୍ୟବସାୟୀଙ୍କ ମୃତଦେହକୁ କୋଣାର୍କ ପୁଲିସ ଉଦ୍ଧାର କରିଛି। କୋଲକତା ହୁଗୁଳି ବାବୁନାନ ଅଞ୍ଚଳର ମହମ୍ମଦ ମୁଷା(୭୩) ହୃଦ୍‌ଘାତରେ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ଗତ ୨୧ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ କୋଣାର୍କ ଅର୍ବାନ ହାଟରେ ଗାନ୍ଧୀ ଶିଳ୍ପ ବଜାରରେ ୪୦ଷ୍ଟଲ ଖୋଲିଥିଲା। କୋଲକାତାର ମହମ୍ମଦ ହସ୍ତଶିଳ୍ପ ସାମଗ୍ରୀ ଆଣି ଏଠାରେ ଷ୍ଟଲ ଖୋଲିଥିଲେ। ଗୁରୁବାର ସକାଳୁ ଷ୍ଟଲ ଭିତରେ ମୃତ ଅବସ୍ଥାରେ ଶୋଇଥିବା ଖବରପାଇ କୋଣାର୍କ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ପୋଲିସ କହିଛି। ଆଜି ଏହି ମେଳାର ଶେଷଦିନ। ଶୁକ୍ରବାର ସମସ୍ତେ ଘରକୁ ଫେରି ଥାଆନ୍ତେ। ଏହି ଘଟଣାକୁ ନେଇ ଅନ୍ୟ ବ୍ୟବସାୟୀମାନେ ଦୁଃଖ ପ୍ରକାଶ କରିଛନ୍ତି।

# ଗୋପ ସ୍ୱାସ୍ଥ୍ୟକେନ୍ଦ୍ରର ଆମ୍ବୁଲାନ୍ସ ନିମାପଡ଼ା ଡାକ୍ତରଖାନାକୁ ଗଲା

ଗୋପ,୨୭।୧୧(ଭାରତୀ ଭୂଷଣ ଉପାଧ୍ୟାୟ)

## ବେସରକାରୀ ଆମ୍ବୁଲାନ୍ସକୁ ଭରସା କରୁଛନ୍ତି ରୋଗୀ

ବିନା ସୂଚନାରେ ବୁଧବାର ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଲାଗି ରହିଥିବା ୧୦୮ ଆମ୍ବୁଲାନ୍ସ ହଠାତ୍ ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯିବା ଯୋଗୁ ଗୋପ ବ୍ଲକ ଅଞ୍ଚଳରେ ରୋଗୀସେବା ବ୍ୟାହତ ହୋଇଛି। ଏପରିକି ବେସରକାରୀ ଆମ୍ବୁଲାନ୍ସ ଉପରେ ରୋଗୀମାନେ ଭରସା କରିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏକ ପୁରାତନ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିବା ବେଳେ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନରେ ୮ଟି ପିଏଚ୍‌ସି ସହିତ ୨୯ଟି ଉପ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି। ମାତ୍ର ସରକାର ଗୋପ ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗୀ ସେବା ପାଇଁ ୧୦୮ ଆମ୍ବୁଲାନ୍ସ ଯୋଗାଇ ଦେଇଥିଲେ। ଦୀର୍ଘ ଦିନ ଧରି ଏହି ଆମ୍ବୁଲାନ୍ସଟି ଗୋପର ବିଭିନ୍ନ ଅଞ୍ଚଳରେ ରୋଗୀସେବା ଯୋଗାଇ ଦେଉଥିଲା। କିନ୍ତୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ହଠାତ୍ ନିମାପଡ଼ା ଡାକ୍ତରଖାନାକୁ କାହିଁକି ନିଆଗଲା ତାହା ଏବେ ଗୋପ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଆମ୍ବୁଲାନ୍ସକୁ ବୁଧବାର ସନ୍ଧ୍ୟାରେ ନିମାପଡ଼ା ନିଆଗଲା ପରେ ଗୋପ ଡାକ୍ତରଖାନାରେ ରୋଗୀସେବା ବ୍ୟାହତ ହୋଇଛି। ଗୁରୁବାର କେତେଜଣ ରୋଗୀ ବେସରକାରୀ ଆମ୍ବୁଲାନ୍ସ ଉପରେ ଭରସା କରିଥିବା ଅଭିଯୋଗ ହୋଇଛି। ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ଯୋଗାଇ ଦେବା ପାଇଁ ଆଉ ଗୋଟିଏ ସରକାରୀ ଆମ୍ବୁଲାନ୍ସ ଥିଲେ ମଧ୍ୟ ରୋଗୀ ନେବାଲାଗି ଅର୍ଥଦେବାକୁ ପଡୁଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରରୁ ଦୈନନ୍ଦିନ ରୋଗୀମାନେ ପୁରୀ, କଟକ, ଭୁବନେଶ୍ୱର ସହିତ ଅନ୍ୟ ସ୍ଥାନଗୁଡ଼ିକରୁ ରୋଗୀ ନେବା ଆଣିବା କରିଥାଏ। ହେଲେ ହଠାତ୍ ରାତି ଅଧରେ କାହା ନିର୍ଦ୍ଦେଶ ରେ ଗୋପ ସ୍ୱାସ୍ଥ୍ୟ କେନ୍ଦ୍ର ରୁ ୧୦୮ ଆମ୍ବୁଲାନ୍ସ ଟିକୁ ନିମାପଡ଼ା ଡାକ୍ତରଖାନାକୁ ନିଆଗଲା ତାହା ଏବେ ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।ଏଠାରେ ସୂଚନାଯୋଗ୍ୟ ଯେ ପୂର୍ବରୁ ଗୋପ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନରେ ୪ ଗୋଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦୮ ଆମ୍ବୁଲାନ୍ସ ରହିଥିବା ବେଳେ ଏବେ ୨ଟି ଭଙ୍ଗାରୁଜା ଆମ୍ବୁଲାନ୍ସ ରହିଛି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ଉପରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରିଣୀ ଡ. ଜସ୍ମିନୀ ଆଫ୍ରୋଜଙ୍କୁ ପଚାରିବାରେ ସେ କହିଛନ୍ତି, ମୋ ନିକଟରେ ଆମ୍ବୁଲାନ୍ସ ସ୍ଥାନାନ୍ତର ଖବର ନାହିଁ, ତଥାପି ବୁଝୁଛି ବୋଲି କହିଛନ୍ତି।

# ବନ ବିଭାଗ ଚଢ଼ାଉ, ୯ ଗିରଫ

## ୨ ମୃତ ଅଲିଭ୍ ରିଡ୍‌ଲେ ସହ ୨ ଟ୍ରଲର ଜବତ

କୋଣାର୍କ,୨୭।୧୧(ଜ୍ୟୋତିରାଜ ମହାନ୍ତି)

ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଜିଲାର ବାଲୁଖଣ୍ଡ, ବ୍ରହ୍ମଗିରି, କୋଣାର୍କ ଓ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ମିଳିତ ପାଟ୍ରୋଲିଂ ବେଳେ ୨ ଟ୍ରଲରକୁ ଜବତ କରିଥିବା ବେଳେ ୯ ଜଣଙ୍କୁ ଗିରଫ କରାଯାଇଛି। ପୁରୀ ସମୁଦ୍ର ନିଷିଦ୍ଧାଞ୍ଚଳରେ ମାଛ ମାରୁଥିବା ବାଲେଶ୍ୱରର ମା' ଦୁର୍ଗା ନାମକ ଏକ ଟ୍ରଲର୍ ଜାଲରେ ପଡ଼ି ମୃତ୍ୟୁବରଣ କରିଥିବା ୨ଟି ଅଲିଭ ରିଡ୍‌ଲେ ଜବତ କରାଯିବା ସହ ଡ୍ରାଇଭର୍ ସମେତ ୯ ଜଣଙ୍କୁ ବନ୍ୟପ୍ରାଣୀ ସୁରକ୍ଷା ଆଇନ ୧୯୭୨ ଧାରା ୯ରେ ଗିରଫ କରାଯାଇଛି।



ଗିରଫ ହୋଇଥିବା ଟ୍ରଲର କର୍ମଚାରୀମାନେ ।

ଏହି ଚଢ଼ାଉ ବେଳେ ପାରାଦୀପ ମା' ତାରା ନାମକ ଅନ୍ୟ ଏକ ଟ୍ରଲର ଜବତ କରାଯିବା ସହ ଏହି ଟ୍ରଲରର ୬ଜଣ କର୍ମଚାରୀଙ୍କୁ ଅଟକ ରଖାଯାଇଛି।

ସାମୁଦ୍ରିକ ମତ୍ସ୍ୟ ଆଇନ ଅନୁଯାୟୀ, ଜବତ ଟ୍ରଲର୍ ଓ ମାଛକୁ ବନ ବିଭାଗ ସାମୁଦ୍ରିକ ମତ୍ସ୍ୟ ବିଭାଗକୁ ହସ୍ତାନ୍ତର କରିଛି। ସାମୁଦ୍ରିକ ମତ୍ସ୍ୟବିଭାଗ ଜବତ ମାଛକୁ ଚନ୍ଦ୍ରଭାଗା ଠାରେ ନିଲାମ କରିବ। ସମ୍ପୃକ୍ତ ଟ୍ରଲର୍ ମାଲିକଙ୍କ ଉପରେ ନିଲାମ ମୂଲ୍ୟର ୫ଗୁଣା ଜରିମାନା କରାଯିବ। ଚଳିତ ବର୍ଷ କଟକଣା ପରେ ବିଭାଗ ପକ୍ଷରୁ ପ୍ରଥମ ଚଢ଼ାଉରେ ୨ଟି ଟ୍ରଲର ଜବତ ହୋଇଛି। ବ୍ରହ୍ମଗିରି ଅରଖକୁଦର ବନରକ୍ଷୀ ମିଳନ ମୁଦୁଲି ଓ ଅସ୍ତରଙ୍ଗ ବନରକ୍ଷୀ ନିର୍ମଳ ଚନ୍ଦ୍ର ପାତ୍ର ଚଢ଼ାଉର ନେତୃତ୍ୱ ନେଇଥିଲେ। ଜବତ ୨ ମୃତ ଅଲିଭ୍ ରିଡ୍‌ଲେଙ୍କ ବ୍ୟବଚ୍ଛେଦ ପାଇଁ ବ୍ରହ୍ମଗିରି ପଠାଯାଇଛି। ବନ୍ୟପ୍ରାଣୀ ସୁରକ୍ଷା ଆଇନରେ ଜବତ ଟ୍ରଲର୍ ରାଜନଗର ବନ୍ୟପ୍ରାଣୀ ବନଖଣ୍ଡକୁ ପଠାଯିବ ବୋଲି ପୁରୀ ଏସିଏଫ ଅଶୋକ ବେହେରା କହିଛନ୍ତି। ଆଗାମୀ ଦିନରେ ସମୁଦ୍ରରେ ଆହୁରି ଅଧିକ କଡ଼ାକଡ଼ି ପାଟ୍ରୋଲିଂ କରାଯିବ ବୋଲି ସେ କହିଛନ୍ତି। ଏହି ଚଢ଼ାଉରେ କୋଣାର୍କ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ, ପୁରୀ ବାଲୁଖଣ୍ଡ ବାନାଞ୍ଚଳ ଅଧିକାରୀ ପ୍ରଦୀପ୍ତ ମହାନ୍ତି, ବ୍ରହ୍ମଗିରି ବନାଞ୍ଚଳ ଅଧିକାରୀ ଚନ୍ଦ୍ରଶେଖର ସାହୁ ପ୍ରମୁଖ ସାମିଲ ହୋଇଥିଲେ। ଆଇନ ଅନୁଯାୟୀ ବନ ବିଭାଗ ପକ୍ଷରୁ ଜବତ ଅନ୍ୟ ଏକ ଟ୍ରଲର୍, ମାଛ ଓ ୬ କର୍ମଚାରୀଙ୍କୁ ଅସ୍ତରଙ୍ଗ ସହକାରୀ ମତ୍ସ୍ୟ ଅଧିକାରୀ ସତ୍ୟବ୍ରତ ଦାସଙ୍କୁ ହସ୍ତାନ୍ତର କରାଯାଇଛି।

# ବେଆଇନ ବାଲି ଉତ୍ତୋଳନ ସ୍ଥାନ ଚିହ୍ନଟ

**କଟକ,୨୭।୧୧(କାର୍ତ୍ତିକ ସାହୁ)**

■ କଟକ ଜିଲାରେ ଡିଜିପିଏସ୍ ସର୍ଭେ
■ ହୋଇପାରେ ୧୨ କୋଟି ଜରିମାନା

କଟକ ଜିଲା ପ୍ରଶାସନ ଏବଂ ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ କଟକ ସର୍କଲ ଦ୍ୱାରା ୨୦୨୫ ମେ-ଜୁନ୍ ମାସ ଅର୍ଥାତ୍ ବନ୍ୟା ସମୟ ପୂର୍ବରୁ ଜିଲାରେ ପ୍ରମୁଖ ବାଲିଉତ୍ସଗୁଡ଼ିକର ଡ୍ରୋନ୍ ମାଧ୍ୟମରେ ଡିଜିପିଏସ୍-ଆଧାରିତ ସର୍ଭେ କରାଯାଇଥିଲା। ବେଆଇନ ଉତ୍ତୋଳନର ପରିମାଣ ଆକଳନ କରିବା ତଥା ଲଘୁ ଖଣିଜ ପଦାର୍ଥ ଉତ୍ତୋଳନର ବୈଜ୍ଞାନିକ, ସ୍ୱଚ୍ଛ ଏବଂ ଦାୟିତ୍ୱପୂର୍ଣ୍ଣ ତଦାରଖ ସୁନିଶ୍ଚିତ କରିବା ପାଇଁ ଏହି ସର୍ଭେ ହୋଇଥିଲା। ବାରଙ୍ଗ, ନରସିଂହପୁର, ଡମପଡ଼ା, କଟକ ସଦର, ନିଶ୍ଚିନ୍ତକୋଇଲି, କିଶନନଗର, ବାଙ୍କୀ, ଆଠଗଡ଼ ଏବଂ କଣ୍ଟାପଡ଼ା ତହସିଲର ଅନେକ ଅନୁମୋଦିତ ବାଲିଘାଟ ଏହି ସର୍ଭେରେ ଅନ୍ତର୍ଭୁକ୍ତ ଥିଲା। ଡିଜିପିଏସ୍ ମ୍ୟାପିଂ ସହିତ ଉଚ୍ଚ-ରିଜୋଲ୍ୟୁସନ୍ ଡ୍ରୋନ୍ ଚିତ୍ର ମାଧ୍ୟମରେ ଲିଜ୍ ହୋଲ୍ଡ କ୍ଷେତ୍ର ଭିତରେ ଏବଂ ବାହାରେ ବାଲି ଉତ୍ତୋଳନର ଠିକ ପରିମାଣ ଆଦି ଆକଳନ କରାଯାଇଥିଲା। ଏହି ତଥ୍ୟକୁ ଓଡ଼ିଶା ସ୍ପେସ୍ ଆପ୍ଲିକେସନ୍ ସେଣ୍ଟର (ଓଆର୍ଏସ୍ଏସି) ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ କରାଯାଇଛି।

ସର୍ଭେ ଫଳାଫଳର ପ୍ରାରମ୍ଭିକ ବିଶ୍ଳେଷଣରୁ କାଠଯୋଡ଼ି ନଦୀ ବାଲି ବିଦ୍ୟାଧରପୁର, କାଠଯୋଡ଼ି ନଦୀ ବାଲି ମୁଣ୍ଡମୁହାଣ, କୁଆଖାଇ ନଦୀ ବାଲି ନାରଣପୁର, କାଠଯୋଡ଼ି ନଦୀ ବାଲି ୟୁନିଟ୍-୩୭ ବାଦାମବାଡ଼ି, ସିଡୁଆ ନଦୀ ବାଲି ଜରିପଡ଼ା, ବଲଦା -ନୈଲୋ ଦେବୀ ନଦୀ ବାଲି, ବଳରାମପୁର ବାଲି ଖଣି, କାଳିକାପ୍ରସାଦ ବାଲିଘାଟ, ବୈଦେଶ୍ୱର ବାଲି ଉତ୍ସ, ସୁବର୍ଣ୍ଣପୁର ବାଙ୍କୀର ବାଲି ଉତ୍ସ, ଧନୀପୁର ମହାନଦୀ ବାଲି, ବ୍ରହ୍ମପୁରା ମହାନଦୀ ବାଲି, ଲୁଣା ନଦୀ ବାଲି ଡିମାଣ୍ଡୋ ଏବଂ ଡୋଣ୍ଡୋ ମହାନଦୀ ବାଲି ସମେତ ଅନେକ ସ୍ଥାନରେ ଗୁରୁତ୍ୱପୂର୍ଣ୍ଣ ବେଆଇନ ବାଲି ଖନନ ହୋଇଥିବା ଜଣାପଡ଼ିଛି। ଚିହ୍ନଟ ହୋଇଥିବା ଅତିରିକ୍ତ ଖନନକୁ ଆଧାର କରି ଓଡ଼ିଶା ଲଘୁ ଖଣିଜ ରିହାତି ସଂଶୋଧିତ ନିୟମ, ୨୦୨୩ ଏବଂ ଅନ୍ୟାନ୍ୟ ପ୍ରଯୁଜ୍ୟ ବୈଧାନିକ ବ୍ୟବସ୍ଥା ଅନୁଯାୟୀ ସମ୍ପୃକ୍ତ ଲିଜଧାରୀ/ପରିଚାଳକମାନଙ୍କ ଉପରେ ପ୍ରାୟ ୧୨କୋଟି ଟଙ୍କାର ଜରିମାନା ଲାଗୁ କରାଯିବାର ପ୍ରସ୍ତାବ ରହିଛି। ଉପଯୁକ୍ତ ଯାଞ୍ଚ ଏବଂ ଡିମାଣ୍ଡ ନୋଟିସ୍ ଜାରି କରାଯିବା ପରେ ଏହି ଦଣ୍ଡ ଚୂଡ଼ାନ୍ତ କରାଯିବ। ଜିଲା ପ୍ରଶାସନ ଏବଂ କଟକ ସର୍କଲ ଖଣି କାର୍ଯ୍ୟାଳୟ ପ୍ରଯୁକ୍ତିବିଦ୍ୟା ଆଧାରିତ ତଦାରଖ ମାଧ୍ୟମରେ ବେଆଇନ ଖଣି କାର୍ଯ୍ୟକଳାପକୁ ରୋକିବା ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। କଟକ ଜିଲାରେ ଲଘୁ ଖଣିଜ ସମ୍ପଦର ସ୍ଥାୟୀ ଏବଂ ଆଇନଗତ ବ୍ୟବହାର ସୁନିଶ୍ଚିତ କରିବା ପାଇଁ ନିୟମିତ ଡ୍ରୋନ୍ ସର୍ଭେଲାନ୍ସ, କଠୋର କାର୍ଯ୍ୟାନୁଷ୍ଠାନ ଓ ଉପବିଭାଗ ଏବଂ ତହସିଲ ପ୍ରଶାସନ ସହିତ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରାଯାଉଛି।



କାଳିଆବୋଦାସ୍ଥିତ ଗୁରୁକ୍ଷେତ୍ରରେ ଗୁରୁବାର ବିଶ୍ୱଗୁରୁ ଶ୍ରୀ ଶ୍ରୀ ପାଗଳା ବାୟା ଦେବଙ୍କ ବାର୍ଷିକ ରଥଯାତ୍ରା ଉତ୍ସବରେ ଶ୍ରଦ୍ଧାଳୁମାନେ ରଥ ଟାଣି ନେଉଛନ୍ତି। **(ଫଟୋ: ରାଜକିଶୋର ମହାନ୍ତି)**




ଟାଙ୍ଗୀସ୍ଥିତ ଡ୍ରିମ୍ସ ୟୁନିଭର୍ସିଟିରେ ବୁଧବାର ସମ୍ବିଧାନ ଦିବସ ପାଳନ ଅବସରରେ ଆୟୋଜିତ ସଚେତନତା ଶୋଭାଯାତ୍ରା।

## ସିନର୍ଜି ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରେ କର୍ମଶାଳା

**ଫୁଲନଖରା,୨୭।୧୧(ସତ୍ୟରଞ୍ଜନ ଦାସ ମହାପାତ୍ର)**

ଭୁବନେଶ୍ୱର ଫୁଲନଖରାସ୍ଥିତ ସିନର୍ଜି ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରେ ଓଡ଼ିଶାର ନିର୍ମାଣ ବିଭାଗ ଆନୁକୂଲ୍ୟରେ ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ ଦିଲ୍ଲୀର ଅନୁମୋଦିତ ଷଷ୍ଠ ଦିନିକିଆ ଅଟଳ ଫାକଲ୍ଟି ଡେଭଲପମେଣ୍ଟ କାର୍ଯ୍ୟକ୍ରମ 'ରିଭୋଲ୍ୟୁଶନାଇଜିଙ୍ଗ କନ୍ଷ୍ଟ୍ରକ୍ସନ ଉଇଥ ଷଷ୍ଟେନେବଲ ଆଡ୍ଭାନ୍ସଡ ମ୍ୟାଟେରିଆଲ୍ସ' ୬ଦିନ ଧରି ଅନଲାଇନ ପ୍ଲାଟଫର୍ମ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ମୁଖ୍ୟ ତଥା ଚେୟାରମ୍ୟାନ ବିନୋଦ ଦାଶ, ଅଧ୍ୟକ୍ଷ ଡ. ଅଶ୍ୱିନ କୁମାର ମହାନ୍ତି, ପ୍ରଶାସନିକ ନିର୍ଦ୍ଦେଶକ ପ୍ରଫେସର ଚିତ୍ରସେନ ଜଗତଦେଓ, ଛାତ୍ର କଲ୍ୟାଣ ମୁଖ୍ୟା ଡ. ଯୋଗେଶ୍ୱରୀ ରାଉତ, ବିଭାଗୀୟ ମୁଖ୍ୟ ସଂଗଠକ ଡ. ପଙ୍କଜ କୁମାର ଦାଶଙ୍କ ଦ୍ୱାରା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ସହସଂଗଠକ ସୁଶ୍ରୀ ମୌସୁମୀ ମହାପାତ୍ର, ଲୋପାମୁଦ୍ରା ସାହୁ, ଚନ୍ଦନ କୁମାର ବେହେରା, ଡ. ସ୍ମିତା ସାହୁ, ସଂଯୁକ୍ତା ପଣ୍ଡା, ଶୁଭଶ୍ରୀ ତ୍ରିପାଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଂଶଗ୍ରହଣକାରୀମାନଙ୍କୁ ଏଆଇସିଟିଇ ଅଟଳ ଏକାଡେମୀର ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବରିଷ୍ଠ ପ୍ରବକ୍ତା, ଶିଳ୍ପୋଦ୍ୟୋଗୀ ଏବଂ ଅଧ୍ୟାପିକା ଅଧ୍ୟାପକ ଯୋଗଦେଇଥିଲେ।

# ଶର୍ଟକଟ୍ ରାସ୍ତା ପାଲଟିଛି ଏସ୍‌ସିବି ମେଡିକାଲ ପରିସର

**କଟକ,୨୭।୧୧(ଶିଳ୍ପା ପ୍ରିୟଦର୍ଶିନୀ)**

**ଘଟୁଛି ଦୁର୍ଘଟଣା**

ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ (ଏସ୍‌ସିବି) ପରିସରରେ ଅନେକ ସମୟରେ ରାସ୍ତା ଜାମ୍ ହେଉଥିବାବେଳେ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କ ସମେତ ଆମ୍ବୁଲାନ୍ସ ଯାତାୟତରେ ସମସ୍ୟା ଉପୁଜୁଛି। ରାଣୀହାଟରୁ ମଙ୍ଗଳାବାଗ ଏବଂ ରିଂରୋଡ୍ ରାସ୍ତା ଭିଡ଼ ରହୁଥିବାରୁ ସାଧାରଣ ଯାନବାହନ ଉକ୍ତ ମେଡିକାଲ ପରିସର ଦେଇ ଯାତାୟତ କରୁଥିବା ଦେଖିବାକୁ ମିଳୁଛି। ଫଳରେ ପ୍ରାୟ ସମୟ ରୋଗୀ ଓ ସମ୍ପର୍କୀୟ ଦୁର୍ଘଟଣାର ଶିକାର ହେଉଛନ୍ତି। ହେଲେ ଏଭଳି ସ୍ଥିତି ପ୍ରତି ମେଡିକାଲ କର୍ତ୍ତୃପକ୍ଷଙ୍କ ଆଦୌ ନିଘା ନ ଥିବା ସାଧାରଣରେ ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, ଏସ୍‌ସିବି ମେଡିକାଲକୁ ଶହ ଶହ ରୋଗୀ ଚିକିତ୍ସା ନିମନ୍ତେ ଆସିଥାନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ରୋଗୀ ବହିର୍ବିଭାଗରେ ଡାକ୍ତରଙ୍କ ପରାମର୍ଶ ନେଇଥାନ୍ତି। ଯଦି ରୋଗୀ କିମ୍ବା ତାଙ୍କ ସମ୍ପର୍କୀୟ କୌଣସି ଗାଡ଼ି ନେଇ ଆସନ୍ତି, ସେମାନଙ୍କ ପାଇଁ ମେଡିକାଲ ପରିସରରେ ପାର୍କିଂ ସୁବିଧା ରହିଛି। ସେହିପରି ମେଡିକାଲକୁ ଅଟୋଚାଳକମାନେ ରୋଗୀ ନେଇ ଆସିଥାନ୍ତି ଏବଂ ପ୍ରାୟ ସମୟ ବହୁ ଅଟୋ ସାଧାରଣ ଯାତ୍ରୀଙ୍କୁ ନେଇ ଏସ୍‌ସିବି ମେଡିକାଲ ରାସ୍ତା ଦେଇ ବିଭିନ୍ନ ଅଞ୍ଚଳକୁ ଯାଇଥାନ୍ତି। ରାଣୀହାଟ ଦେଇ ମଙ୍ଗଳାବାଗ ଏବଂ ସେହିପରି ରାଣୀହାଟ ଯିବାକୁ ସେମାନେ ଶର୍ଟକଟ୍ ଖୋଜୁଥିବା ବେଳେ ଏସ୍‌ସିବି ପରିସର ଦେଇ ଯାଉଛନ୍ତି। ଯଦ୍ୱାରା ରୋଗୀ ଅସୁବିଧା ଭୋଗୁଛନ୍ତି। ବିଶେଷକରି ଆମ୍ବୁଲାନ୍ସରେ ଆସୁଥିବା ଏବଂ ବ୍ୟାଟେରି ଗାଡ଼ିରେ ୱାର୍ଡକୁ ଯାଉଥିବା ରୋଗୀମାନେ ହଇରାଣ ହେଉଛନ୍ତି। ପ୍ରାୟ ସମୟ ମେଡିକାଲର କାଜୁଆଲଟି ସମ୍ମୁଖ ଏବଂ ଚକ୍ଷୁ ବିଭାଗ ସମ୍ମୁଖରେ ରାସ୍ତା ଜାମ୍ ହେଉଛି। ତେବେ ଏହି ବେଆଇନ ଯାତାୟତ ଉପରେ ରୋକ୍ ଲଗାଇବା ସହ ଉଭୟ ଫାଟକ ନିକଟରେ ବାହାର ଗାଡ଼ିକୁ ଯାଞ୍ଚ କରି ମେଡିକାଲ ଭିତରକୁ ପ୍ରବେଶ ପାଇଁ ଅନୁମତି ଦିଆଗଲେ ଏଭଳି ସମସ୍ୟା ଉପୁଜିବା ବନ୍ଦ ହୁଅନ୍ତା ବୋଲି ରୋଗୀ ଓ ସମ୍ପର୍କୀୟମାନେ କହିଛନ୍ତି। ଅନ୍ୟପଟେ ଏ ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



ଏସ୍‌ସିବି ମେଡିକାଲ ପରିସର ରାସ୍ତା ଦେଇ ଚଳାଚଳ କରୁଥିବା ଯାନବାହନ।

## ଓମ୍ଫେଡ୍ ପ୍ରଶିକ୍ଷଣ କେନ୍ଦ୍ରରେ ଦୁଗ୍ଧ ଦିବସ ପାଳିତ

**ଫୁଲନଖରା,୨୭।୧୧(ସତ୍ୟରଞ୍ଜନ ଦାସ ମହାପାତ୍ର)**

ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁରସ୍ଥିତ ଓମ୍ଫେଡ୍ ପ୍ରଶିକ୍ଷଣ କେନ୍ଦ୍ରରେ ବିଶ୍ୱ ଦୁଗ୍ଧ ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ନିର୍ଦ୍ଦେଶକ ଡା. ଗିରିଧାରୀ ଭୋଇ, ସିଡିଭିଓ ଡା. ସୁଶାନ୍ତ ନାୟକ, ଏନ୍‌ଡିଏସ୍ ଜୋନାଲ ହେଡ୍ ଡା. ଏସ୍. ଶଙ୍କର, ମ୍ୟାନେଜର ହରପ୍ରିୟା ଦାଶ, ଡା. ଅନ୍ତର୍ଯ୍ୟାମୀ ଖଟୁଆ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେରେ କାମଧେନୁ ଯୋଜନାରେ ବିଭିନ୍ନ ବ୍ଲକର ହିତାଧିକାରୀମାନଙ୍କୁ ଶଙ୍କର ଜାତୀୟ ଗାଈ ପ୍ରଦାନ କରାଯାଇଥିଲା। ଉକ୍ତ ଯୋଜନା ମାଧ୍ୟମରେ ଚାଷୀଙ୍କୁ ରାଜ୍ୟ ବାହାରୁ ଯାଇ ଗାଈ ଆଣିବାକୁ ପଡ଼ିଥାଏ, ଯଦ୍ୱାରା ସେମାନେ ଅଯଥା ଖର୍ଚ୍ଚାନ୍ତ ହେବା ସହ ନାନାଦି ଅସୁବିଧାର ସମ୍ମୁଖୀନ ହୋଇଆସୁଥିଲେ। ରାଜ୍ୟ ସରକାର ଏହାକୁ ଦୃଷ୍ଟିରେ ରଖି ଫୁଲନଖରାସ୍ଥିତ ଓମ୍ଫେଡ୍ ପ୍ରଶିକ୍ଷଣ କେନ୍ଦ୍ରରେ ପ୍ରଥମେ ଗାଈଙ୍କୁ ଆଣି ସେଠାରେ ରଖିବା ଓ ପରେ ହିତାଧିକାରୀମାନେ ସେଠାକୁ ଯାଇ ଗାଈ ଦେଖିବା ସହ ଗୁଣବତ୍ତା ହିସାବରେ ବିଚାର କରି ନେବେ। କାମଧେନୁ ଯୋଜନା ଚାଷୀଙ୍କୁ ସ୍ଥାୟୀ ଆୟ, କମ୍ ନିବେଶ, ଅଧିକ ଉତ୍ପାଦନ ଓ ନିଶ୍ଚିତ ଲାଭ ଦେଇ ଆର୍ଥିକ ଭାବେ ସବଳ କରିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଏ ନେଇ ଉପସ୍ଥିତ ଚାଷୀ ଓ ହିତାଧିକାରୀ ଖୁସି ହେବା ସହ ରାଜ୍ୟ ସରକାରଙ୍କୁ ଭୂୟସୀ ପ୍ରଶଂସା କରିଥିଲେ।

# ଡିଭାଇଡରରେ ପିଟିହୋଇ ଓଲଟିଲା ବସ୍

**ଚୌଦ୍ୱାର/ମଙ୍ଗୁଳି-ଜଗତ୍‌ପୁର,୨୭।୧୧ (ଆଶୁତୋଷ ଦାସ/ମାନସ ସାମଲ)**

୫୫ ନମ୍ବର ଜାତୀୟ ରାଜପଥର ଓଟିଏମ୍ ଛକ ନିକଟରେ ଗୁରୁବାର ଅପରାହ୍ନରେ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ବସ୍‌ଟି ଖାଲରେ ପଡ଼ି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଡିଭାଇଡରରେ ପିଟି ହେବା ପରେ ଓଲଟିପଡ଼ିଛି। ବସ୍‌ରେ ପ୍ରାୟ ୨୫ ଯାତ୍ରୀ ଥିବା ବେଳେ କଣ୍ଡକ୍ଟରଙ୍କ ସମେତ ୫ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କଣ୍ଡକ୍ଟରଙ୍କ ଅବସ୍ଥା ଗୁରୁତର ରହିଛି। ସମସ୍ତଙ୍କୁ ଚିକିତ୍ସା ନିମନ୍ତେ ଏସ୍‌ସିବି ମେଡିକାଲକୁ ପଠାଯାଇଛି।

ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୧ଟା ୩୦ରେ ଅନୁଗୋଳରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ପୂଜାରିଣୀ (ଓଡି୦୫ ବିଏଲ୍-୪୪୮୫) ନାମକ ବସ୍ ଓଟିଏମ୍ ଛକ ନିକଟ ଓଭରବ୍ରିଜ୍‌ରୁ ଗଡୁଥିବାବେଳେ ଖାଲରେ ପଡ଼ି ପତି ଭାଙ୍ଗିଯିବାରୁ ଭାରସାମ୍ୟ ହରାଇ ରୋଡ୍ ଡିଭାଇଡରରେ ପିଟିହେବା ସହ ଓଲଟି ପଡ଼ିଥିଲା। ଫଳରେ କେତେଜଣ ଯାତ୍ରୀ ଖଣ୍ଡିଆଖାବରା ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କ ମଧ୍ୟରୁ ୫ଜଣଙ୍କୁ ଏସ୍‌ସିବି ମେଡିକାଲକୁ ପଠାଯାଇଥିଲା। ଖବର ପାଇ ଚୌଦ୍ୱାର ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବସ୍‌କୁ ରାସ୍ତାରୁ ହଟାଇଥିଲା। ରାସ୍ତା ନିର୍ମାଣରେ ନିମ୍ନମାନର କାର୍ଯ୍ୟ ହୋଇଥିବାବେଳେ ବର୍ଷେ ନ ପୂରୁଣୁ ପିଚୁ



■ ୫ ଗୁରୁତର, ଖାଲ ପାଇ ଘଟିଲା ଦୁର୍ଘଟଣା
■ ଚାଳକ ଓ ହେଲ୍‌ପରଙ୍କୁ ପୋଲିସର ଦୁର୍ବ୍ୟବହାର

ଉଠିଯାଇ ଖାଲଖମା ସୃଷ୍ଟି ହୋଇଛି ଏବଂ ଏଥିଯୋଗୁ ଦୁର୍ଘଟଣା ଘଟିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଅନ୍ୟପକ୍ଷରେ ଘଟଣାସ୍ଥଳରେ ସାଦା ପୋଷାକରେ ଥିବା ମହିଳା ଇନ୍ସପେକ୍ଟର ସରସ୍ୱତୀ ସାହୁ ସମ୍ପୃକ୍ତ ବସ୍ ଡ୍ରାଇଭର ଓ ହେଲ୍ପରଙ୍କୁ ଦୁର୍ବ୍ୟବହାର କରିଥିବା ସାଧାରଣରେ ଅଭିଯୋଗ ହୋଇଛି। ଖାଲ କାହିଁ, ଗାଡ଼ି ଜୋର୍ ଚଳାଇ ରାସ୍ତାରେ ଓଲଟାଇଲ ବୋଲି କହି ଉଭୟଙ୍କୁ ସେ ରାସ୍ତା ସଫା କରିବା ଓ ତେଲ ପଡ଼ିଥିବା ଜାଗାରେ ବାଲି ପକାଇବା ପାଇଁ ବାଧ୍ୟକରି ପାଟିତୁଣ୍ଡ କରୁଥିବା ଦେଖିବାକୁ ମିଳିଥିଲା। ପୋଲିସର ଏପରି ବ୍ୟବହାରକୁ ନେଇ ସେଠାରେ ଜନ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ସଂକ୍ରାନ୍ତରେ ଜୋନ-୧ ଏସିପି ଅରୁଣ କୁମାର ସ୍ୱାଇଁଙ୍କୁ ପଚାରିବାରୁ କହିଛନ୍ତି, ପୂର୍ବରୁ ସମ୍ପୃକ୍ତ ମହିଳା ଇନ୍ସପେକ୍ଟରଙ୍କ ନାମରେ କେତେକ ଅଭିଯୋଗ ରହିଥିବାରୁ ତାଙ୍କୁ ବାରମ୍ବାର ତାଗିଦ କରାଯାଇଥିଲା। ଏହି ଘଟଣାରେ ତାଙ୍କ କାର୍ଯ୍ୟକଳାପ ଉପରେ ତଦନ୍ତ କରାଯିବ ବୋଲି ପ୍ରକାଶ କରିଛନ୍ତି। ବସ୍ ଚାଳକ ଓ ହେଲ୍ପରଙ୍କ ଉପରେ ପୋଲିସର ଦୁର୍ବ୍ୟବହାରକୁ ନେଇ ଉପରିସ୍ଥ ଅଧିକାରୀ କି ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା। ଅନ୍ୟ ଏକ ଘଟଣାରେ ଗାନ୍ଧୀ ଛକ ନିକଟ ପରିବା ମାର୍କେଟ ସମ୍ମୁଖରେ ଏକ ଟ୍ରକ ଗୋଟିଏ କାର୍‌କୁ ପଛରୁ ଧକ୍କା ଦେବାରୁ ଉକ୍ତ ରାସ୍ତାର ଉଭୟ ପଟରେ ଗାଡ଼ି ଚଳାଚଳ କିଛି ସମୟ ପାଇଁ ବାଧାପ୍ରାପ୍ତ ହୋଇଥିଲା।

## ମହାନଦୀରୁ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

**ବାରଙ୍ଗ,୨୭।୧୧(ଲିଙ୍ଗରାଜ ରାଉତ)**

ବାରଙ୍ଗ ଥାନା ଅନ୍ତର୍ଗତ ମଧୁପୁର ଗ୍ରାମର ନିଖୋଜ ଯୁବକଙ୍କ ମୃତଦେହ ଗୁରୁବାର ମହାନଦୀରୁ ଜବତ ହୋଇଛି। ସେ ହେଲେ ଉକ୍ତ ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁମିନା ପ୍ରଧାନଙ୍କ ବଡ଼ପୁଅ ରାହୁଲ ପ୍ରଧାନ(୨୦)। ସେ ୫ ଦିନ ହେବ ନିଖୋଜ ଥିଲେ। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣି ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ. ୫୧/୨୫) ରୁଜୁ କରିଛି। ଅନ୍ୟପଟେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

# ୨୪୧ ଯାନର ପଞ୍ଜୀକରଣ ପ୍ରମାଣପତ୍ର ରଦ୍ଦ

**କଟକ,୨୭।୧୧(କାର୍ତ୍ତିକ ସାହୁ)**

■ ବେପରୁଆ ଗାଡ଼ିଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ
■ ବାରମ୍ବାର ନିୟମ ଉଲ୍ଲଂଘନ କରୁଥିବା ଗାଡ଼ିର ତାଲିକା ପ୍ରସ୍ତୁତ

ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ହ୍ରାସ ଲକ୍ଷ୍ୟରେ ବାଣିଜ୍ୟ ଓ ପରିବହନ ବିଭାଗ ଦ୍ୱାରା 'ଶୂନ ମୃତାହତ ପକ୍ଷ' ପାଳନ କରାଯାଉଛି। ଅଭ୍ୟାସଗତ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ବାରମ୍ବାର ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନ କରି ସଡ଼କରେ ବିପଦ ସୃଷ୍ଟି କରୁଥିବା ଯାନର ତାଲିକା ପ୍ରସ୍ତୁତ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୨୪୧ଟି ଯାନର ପଞ୍ଜୀକରଣ ପ୍ରମାଣପତ୍ର ରଦ୍ଦ କରାଯାଇଛି। ଆଗକୁ ମଧ୍ୟ ବେପରୁଆ ଗାଡ଼ି ଚାଳକଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏହି ଗାଡ଼ିଗୁଡ଼ିକ ନିଲମ୍ବନ ଅବଧିରେ ସଡ଼କକୁ ଆସିପାରିବେ ନାହିଁ। ଏଥିସହ ଆଇନ ଅନୁଯାୟୀ ଅନ୍ୟ ଆବଶ୍ୟକ ପଦକ୍ଷେପ ଗ୍ରହଣ ଲାଗି ବିଭାଗ ନିଷ୍ପତ୍ତି ନେଇଛି।

ସୂଚନା ଅନୁଯାୟୀ, ସମ୍ବଲପୁର ଆର୍‌ଟିଓଙ୍କ ଦ୍ୱାରା ୫୭, ସୁନ୍ଦରଗଡ଼ ୫୨, ଭୁବନେଶ୍ୱର (ଆର୍‌ଟିଓ-୧) ୨୭, ଜଗତ୍‌ସିଂହପୁର ୨୨, କଟକ ୨୨, ବରଗଡ଼ ୯, ବାଲେଶ୍ୱର ୯, ଭୁବନେଶ୍ୱର (ଆର୍‌ଟିଓ-୨) ୬, ଝାରସୁଗୁଡ଼ା ୬, ଚଣ୍ଡିଖୋଲ ୫, କେନ୍ଦ୍ରାପଡ଼ା ୫, ଭଦ୍ରକ ୪, ରାଉରକେଲା ୪, ଯାଜପୁର ୨, କେନ୍ଦୁଝର ୨, ରାଇରଙ୍ଗପୁର ଏଆର୍‌ଟିଓଙ୍କ ଦ୍ୱାରା ୨, ବଡ଼ବିଲ ଏଆର୍‌ଟିଓଙ୍କ ଦ୍ୱାରା ୨, ଢେଙ୍କାନାଳ, କୋରାପୁଟ, ନୟାଗଡ଼, ସୋନପୁର, ତାଳଚେର ଆର୍‌ଟିଓଙ୍କ ଦ୍ୱାରା ଗୋଟିଏ ଲେଖାଏ ଗାଡ଼ିର ପଞ୍ଜୀକରଣ ପ୍ରମାଣପତ୍ର ରଦ୍ଦ କରାଯାଇଛି। ରଦ୍ଦ ଗାଡ଼ି ମଧ୍ୟରେ ଅନେକ ଗାଡ଼ି ୫୦ରୁ ଅଧିକ ଥର ମୋଟରଯାନ ଆଇନ ଉଲ୍ଲଂଘନ କରିଛନ୍ତି। ସେହିପରି କିଛି ଗାଡ଼ି ୧୦୦ରୁ ଅଧିକ ଥର ମୋଟର ଯାନ ଆଇନ ଉଲ୍ଲଂଘନ କରିଥିବା ଜଣାପଡ଼ିଛି। ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସଚେତନତା ସହ ଏନ୍‌ଫୋର୍ସମେଣ୍ଟକୁ ଗୁରୁତ୍ୱ ଦିଆଯାଇଛି। ଏହି କାର୍ଯ୍ୟକ୍ରମ ନଭେମ୍ବର ୩୦ ପର୍ଯ୍ୟନ୍ତ ଚାଲିବ ବୋଲି କୁହାଯାଇଛି।

# 'ସନ୍ତାନଙ୍କୁ ମଣିଷ କରିବାରେ ମା'ଙ୍କ ଭୂମିକା ଅତୁଳନୀୟ'

**ଡ୍ରିମ୍ସରେ ମା' ଇଚ୍ଛାବତୀ ରଥଙ୍କ ୯ମ ପୁଣ୍ୟତିଥି**

**କଟକ,୨୭।୧୧(କାର୍ତ୍ତିକ ସାହୁ)**

ଏ ସମାଜରେ ଭଲ ମଣିଷ ଯଦି ଅଛନ୍ତି, ତାହା କେବଳ ମା' ଦ୍ୱାରା ହିଁ ସମ୍ଭବ ହୋଇଛି। ସନ୍ତାନଙ୍କୁ ମଣିଷ କରି ଗଢି ତୋଳିବାରେ ମା'ଙ୍କ ଭୂମିକା ଅତୁଳନୀୟ। ଏଣୁ ଜୀବନରେ ମାତାପିତାଙ୍କୁ ଅଣଦେଖା ନ କରି ସେମାନଙ୍କୁ ଶ୍ରଦ୍ଧା ଓ ସମ୍ମାନ ଦେବା ସନ୍ତାନସନ୍ତତିଙ୍କ ପରମ କର୍ତ୍ତବ୍ୟ ବୋଲି ବିଶିଷ୍ଟ ବୈଦିକ ସଂସ୍କୃତି ପ୍ରବକ୍ତା ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ମତବ୍ୟକ୍ତ କରିଛନ୍ତି। କର୍ମଯୋଗୀ ଧନେଶ୍ୱର ରଥଙ୍କ ସହଧର୍ମିଣୀ ଇଚ୍ଛାବତୀ ରଥଙ୍କ ୯ମ ପୁଣ୍ୟତିଥି ପାଳନ ଅବସରରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଅତିଥି ଭାବେ ଯୋଗଦେଇ ପଣ୍ଡା କହିଲେ, ସନ୍ତାନର ସଫଳତାରେ ଯଦି ଅଧିକ କିଏ ଖୁସି ହୁଅନ୍ତି ସେ ହେଉଛନ୍ତି ମାତାପିତା। ଜଣେ ମା' ଶହେ ସନ୍ତାନଙ୍କୁ ମଣିଷ କରିପାରେ, ମାତ୍ର ଶହେ ସନ୍ତାନ ଗୋଟିଏ ମା'ର ଦାୟିତ୍ୱ ନେବାକୁ ଅକ୍ଷମତା ପ୍ରକାଶ କରୁଛନ୍ତି, ଏହାହିଁ ଆଜିର ସମୟର ବଡ଼ ବିଡମ୍ବନା। ସୁତରାଂ ଜୀବନରେ କିଛି ହେବାକୁ ହେଲେ, ପ୍ରଥମେ ମାତାପିତାଙ୍କ ଆଶୀର୍ବାଦ ଲୋଡ଼ା ବୋଲି ସେ ଛାତ୍ରୀଛାତ୍ରଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା ପ୍ରବକ୍ତା ବାବାଜୀ ସତ୍ୟାନନ୍ଦ ଦାସ ଯୋଗଦେଇ ଇଚ୍ଛାବତୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିବା ଅବସରରେ ମାତାପିତା ଈଶ୍ୱରଙ୍କ ପ୍ରତିରୂପ ବୋଲି ବର୍ଣ୍ଣନା କରିଥିଲେ। ସ୍ୱର୍ଗତ ଇଚ୍ଛାବତୀଙ୍କ ସୁପୁତ୍ର ତଥା ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ମାତାପିତାଙ୍କ ପ୍ରତି ଭକ୍ତି, ଶ୍ରଦ୍ଧା ଓ ଯଥୋଚିତ ସମ୍ମାନ ପ୍ରଦର୍ଶନ ସନ୍ତାନର ସର୍ବୋତ୍ତମ କର୍ତ୍ତବ୍ୟ ଏବଂ ଏହାକୁ ପାଳନ କଲେ ଜୀବନ ସାର୍ଥକ ହୋଇଥାଏ ବୋଲି କହିଥିଲେ। ଡ୍ରିମ୍ସ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, କୁଳସଚିବ ଡ. ଭକ୍ତ ଚରଣ ପ୍ରଧାନ, ବିଶିଷ୍ଟ ଶିଳ୍ପୋଦ୍ୟୋଗୀ ପଦ୍ମଲୋଚନ ପାତ୍ର, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ଇଂ. ଲଳିତମୋହନ ମିଶ୍ର, ଅଖିଳ ମହାପାତ୍ର, ଡ. ରୁଦ୍ରନାରାୟଣ ମିଶ୍ର, ଶାନ୍ତନୁ କୁମାର ଶତପଥୀ, ପ୍ରଦୀପ୍ତ ଚନ୍ଦ୍ର ରଥ, ପ୍ରଶାନ୍ତ ଚନ୍ଦ୍ର ରଥ, ଚିନ୍ମୟୀ ରଥ, ଇଂ. ଦୁର୍ଗାପ୍ରସାଦ ରଥ, ଇଂ. ଶିବ ପ୍ରସାଦ ରଥ ପ୍ରମୁଖ ଯୋଗଦେଇଥିଲେ। ପ୍ରଫେସର ସୁଶାନ୍ତ କୁମାର ଦାସ, ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର, ପ୍ରଫେସର ଡା. ଶକ୍ତିପ୍ରସାଦ ଦାସ, ପ୍ରଫେସର ଡା. ଶିଶୁଶଙ୍କର ମିଶ୍ର, ଡ. ବିଶ୍ୱରଞ୍ଜନ ମହାନ୍ତି, ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଡ. ଦୟାନନ୍ଦ ଷଡଙ୍ଗୀ, ଡ. ନୟନ ରଞ୍ଜନ ସାମଲ, ଡ. କୁମ୍ଭକର୍ଣ୍ଣ ରାଉତ, ଡ. ଆଲୋକ ରଞ୍ଜନ ବିଶ୍ୱାଳ, ଇଂ. ପ୍ରଦୀପ୍ତ ରଞ୍ଜନ ମହାନ୍ତି, ଡ. ତପସ୍ୱିନୀ ସାହୁ, ଡ. ପ୍ରଥିମା ପ୍ରକାଶମ୍, ଡ. ପ୍ରଣିତା ସାହୁ, ଡ. ବିଶ୍ୱରଞ୍ଜନ ଷଡଙ୍ଗୀ, ନୀଳଞ୍ଜନା ମୁଖାର୍ଜୀ, ଡ. ଅମୂଲ୍ୟ ରତ୍ନ ବେହେରା, ଏନ୍. ପ୍ରେମଲତା ଦେବୀ, ଡା. ଦୁର୍ଗାପ୍ରସାଦ ମିଶ୍ର, ପ୍ରାଧ୍ୟାପକ ଦିଲୀପ କୁମାର ମଲ୍ଲିକ, ଡ. ଅଜିତ୍ କୁମାର ମହାପାତ୍ରଙ୍କ ସମେତ ପଦ୍ମିନୀ କେୟାର ହସ୍‌ପିଟାଲ, ମେଡିକାଲ କଲେଜର ଡାକ୍ତର, ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ରଥ ପରିବାରର ସଦସ୍ୟ ଓ ବହୁମାନ୍ୟଗଣ୍ୟ ବ୍ୟକ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଧନେଶ୍ୱର ରଥ ଫାଉଣ୍ଡେଶନ୍‌ର ଆବାହକ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ଓ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ଡ୍ରିମ୍ସ ୟୁନିଭର୍ସିଟିର ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ରଥ ଅତିଥି ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ବିହାର ନିର୍ବାଚନ, ୮ ଉପନିର୍ବାଚନରେ ଇଭିଏମ୍ ଯାଞ୍ଚ ପାଇଁ କୌଣସି ଆବେଦନ ଆସିନାହିଁ

**ଭୁବନେଶ୍ୱର,୨୭।୧୧ (ରବିନାରାୟଣ ଜେନା)**

ନିକଟରେ ଶେଷ ହୋଇଥିବା ବିହାର ବିଧାନସଭା ନିର୍ବାଚନ ଏବଂ ୮ଟି ସ୍ଥାନରେ ହୋଇଥିବା ଉପନିର୍ବାଚନରେ କୌଣସି ପରାଜିତ ପ୍ରାର୍ଥୀଙ୍କଠାରୁ ଇଭିଏମ୍ ତଥ୍ୟ ନଷ୍ଟ ହେବା କିମ୍ବା ମାଇକ୍ରୋକଣ୍ଟ୍ରୋଲର ଯାଞ୍ଚ ପାଇଁ କୌଣସି ଆବେଦନ ଆସିନାହିଁ। ଗତ ଜୁନ୍ ୧୭ରେ ସୁପ୍ରିମକୋର୍ଟ ଜାରି କରିଥିବା ଭୋଟଗଣନା କାର୍ଯ୍ୟପଦ୍ଧତିର ମାନଦଣ୍ଡ ଅନୁଯାୟୀ ସର୍ବାଧିକ ଭୋଟ ପାଇଥିବା ପ୍ରାର୍ଥୀଙ୍କ ପଛରେ ୨ କିମ୍ବା ୩ କ୍ରମରେ ଥିବା ପ୍ରାର୍ଥୀ ଫଳାଫଳ ଘୋଷଣାର ୭ ଦିନ ମଧ୍ୟରେ ଇଭିଏମ୍ ତଥ୍ୟ ନଷ୍ଟ କିମ୍ବା ମାଇକ୍ରୋ–କଣ୍ଟ୍ରୋଲର ଯାଞ୍ଚ ପାଇଁ ଆବେଦନ କରିପାରିବେ। ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍)ରେ କୌଣସି ଭୋଟରଙ୍କୁ ଭୁଲ ଭାବରେ ଅନ୍ତର୍ଭୁକ୍ତ କିମ୍ବା ବାଦ୍‌ଦେବା ବିରୋଧରେ ବିହାରର ୩୮ଟି ଜିଲ୍ଲାର କୌଣସି ଭୋଟର କିମ୍ବା ୧୨ଟି ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ତରଫରୁ ଆବେଦନ ଆସିନାହିଁ। ପ୍ରାର୍ଥୀ କିମ୍ବା ରାଜନୈତିକ ଦଳ ତରଫରୁ ପୁନଃ ନିର୍ବାଚନ ପାଇଁ ମଧ୍ୟ କୌଣସି ଅନୁରୋଧ ଆସିନାହିଁ। ନିର୍ବାଚନ ସମାପ୍ତ ହେବାର ୫ ଦିନ ମଧ୍ୟରେ ସାଂଖ୍ୟିକ ରିପୋର୍ଟଗୁଡ଼ିକର ସେଟ୍ ସାର୍ବଜନୀନ କରାଯାଇ ସ୍ୱଚ୍ଛତାକୁ ପ୍ରୋତ୍ସାହିତ କରାଯାଇଥିଲା ବୋଲି ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି।

# ତ୍ୱରାନ୍ୱିତ ହେଲା କୋଷ୍ଟାଲ ହାଇୱେ ପ୍ରକଳ୍ପ

## ରାମେଶ୍ୱରରୁ-ପାରାଦୀପ ଲାଗି ୪ ହଜାର ୯୬୧ କୋଟିର ଟେଣ୍ଡର ଆହ୍ୱାନ

**ଭୁବନେଶ୍ୱର,୨୭।୧୧ (ରବିନାରାୟଣ ଜେନା)**

ନ୍ୟାଶନାଲ ହାଇୱେ ଅଥୋରିଟି ଅଫ୍ ଇଣ୍ଡିଆ(ଏନ୍ଏଚ୍ଏଆଇ) ପକ୍ଷରୁ ଓଡ଼ିଶା କୋଷ୍ଟାଲ ହାଇୱେର ୧୬୦.୧୮ କିମି ପ୍ରକଳ୍ପ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି। ପୂର୍ବରୁ ଏହି ପ୍ରକଳ୍ପ ଲାଗି ଦୁଇଥର ଟେଣ୍ଡର ବାତିଲ କରାଯାଇଥିବା ବେଳେ ତୃତୀୟ ପର୍ଯ୍ୟାୟରେ ରାମେଶ୍ୱରରୁ–ପାରାଦୀପ ପର୍ଯ୍ୟନ୍ତ କୋଷ୍ଟାଲ ହାଇୱେ ନିର୍ମାଣ କରାଯିବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଏନ୍ଏଚ୍ଏଆଇ କର୍ତ୍ତୃପକ୍ଷ ୪ ହଜାର ୯୬୧ କୋଟି ଟଙ୍କାର ପ୍ରକଳ୍ପକୁ ହାଇବ୍ରିଡ୍ ଆନ୍ୟୁଇଟି ମୋଡ୍(ଏଚ୍ଏମ୍)ରେ ଆହ୍ୱାନ କରିଛନ୍ତି। ଏହି ପ୍ରକଳ୍ପର ସମ୍ପୂର୍ଣ୍ଣ କାମ ଅଢ଼େଇବର୍ଷ ମଧ୍ୟରେ ଶେଷ କରିବାକୁ ଏନ୍ଏଚ୍ଏଆଇ କର୍ତ୍ତୃପକ୍ଷ ଲକ୍ଷ୍ୟ ରଖିଛନ୍ତି। କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ, ଖୋର୍ଦ୍ଧାର ରାମେଶ୍ୱରରୁ ପଶ୍ଚିମବଙ୍ଗର ଦୀଘା ପର୍ଯ୍ୟନ୍ତ ୩୪୬ କିମି ଗ୍ରୀନ୍‌ଫିଲ୍ଡ ହାଇୱେକୁ ୨ଟି ପର୍ଯ୍ୟାୟରେ ନିର୍ମାଣ କରାଯିବ। ପ୍ରଥମ ପର୍ଯ୍ୟାୟରେ ରାମେଶ୍ୱର–ପାରାଦୀପ(୧୬୦.୧୮ କିମି) କୋଷ୍ଟାଲ ହାଇୱେକୁ ଅନୁମୋଦନ ମିଳିଛି। ଦ୍ୱିତୀୟ ପର୍ଯ୍ୟାୟରେ ପାରାଦୀପ–ଦୀଘା(୧୮୫.୮୨ କିମି) କୋଷ୍ଟାଲ ହାଇୱେ ପାଇଁ ଡିପିଆର୍ କାମ ଚାଲିଛି। ଟେଣ୍ଡର ଅନୁଯାୟୀ, ରାମେଶ୍ୱର–କୋଣାର୍କ ଅଂଶର ଆନୁମାନିକ ଖର୍ଚ୍ଚ ୩,୩୨୦.୮୯ କୋଟି ରହିଥିବାବେଳେ କୋଣାର୍କ–ପାରାଦୀପ ପର୍ଯ୍ୟନ୍ତ ହେବାକୁଥିବା ହାଇୱେ ଲାଗି ୧,୬୪୦.୭୧ କୋଟି ଟଙ୍କା ଖର୍ଚ୍ଚ କରାଯିବାକୁ ରହିଛି।

ସୂଚନାଯୋଗ୍ୟ, ୨୦୧୫ରେ ଘୋଷଣା ହୋଇଥିବା ଏହି ପ୍ରକଳ୍ପ ୧୦ ବର୍ଷ ଧରି ପଡ଼ିରହିଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡକରୀଙ୍କୁ 'ଦୁଇଲେନ୍' ଅଂଶକୁ 'ଚାରିଲେନ୍' କରିବା ପାଇଁ ଅନୁରୋଧ କରିବା ପରେ ଏହି ପ୍ରକଳ୍ପ ତ୍ୱରାନ୍ୱିତ ହୋଇଥିବା ଜଣାଯାଇଛି।

# ଜାତୀୟ ଉନ୍ନତିରେ ୟୁପିଏସ୍‌ସିର ଯୋଗଦାନ ଅନନ୍ୟ: ପି. କେ. ମିଶ୍ର

**ଭୁବନେଶ୍ୱର,୨୭।୧୧ (ପିଆଇବି)**

ଜାତୀୟ ଉନ୍ନତିରେ କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି)ର ଯୋଗଦାନ ଅନନ୍ୟ ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ. ପି.କେ. ମିଶ୍ର କହିଛନ୍ତି। ଗୁରୁବାର ନୂଆଦିଲ୍ଲୀରେ ୟୁପିଏସ୍‌ସିର ଶତାବ୍ଦୀ ସମ୍ମେଳନ କାର୍ଯ୍ୟକ୍ରମର ପୂର୍ଣ୍ଣାଙ୍ଗ ଅଧିବେଶନରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ବିଗତ ୧୦୦ ବର୍ଷ ଧରି ୟୁପିଏସ୍‌ସି ଦେଶର ସବୁଠାରୁ ସମ୍ମାନଜନକ ସାମ୍ବିଧାନିକ ସଂସ୍ଥା ଭାବରେ ମର୍ଯ୍ୟାଦା ଓ ଭରସା ରଖିବା ସହିତ ଯୋଗ୍ୟତା, ନିରପେକ୍ଷତା, ଉତ୍କର୍ଷ ଏବଂ ବିଶ୍ୱସନୀୟତାକୁ ବଜାୟ ରଖିଛି। ୟୁପିଏସ୍‌ସିର ସମସ୍ତ ଅଧ୍ୟକ୍ଷ, ସଦସ୍ୟ, ଅଧିକାରୀ ଏବଂ କର୍ମଚାରୀଙ୍କ ଅବଦାନ ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ, ଯେଉଁମାନେ ବିଭିନ୍ନ ଆହ୍ୱାନ ସତ୍ତ୍ୱେ ସ୍ୱଚ୍ଛତା ଓ ଯୋଗ୍ୟତାକୁ ନିଶ୍ଚିତ କରିପାରିଥିଲେ। ଭାରତର ବିବିଧତା ପରିଧିରୁ ଆସିଥିବା ପ୍ରଶାସନିକ ଅଧିକାରୀଙ୍କ ବିଭିନ୍ନ ପିଢ଼ି ପ୍ରାୟତଃ ନିରପେକ୍ଷତା ଓ ରାଷ୍ଟ୍ର ସେବାର ଆଦର୍ଶକୁ ଆଗକୁ ବଢ଼ାଇଛନ୍ତି। ସେମାନେ ଅନୁଷ୍ଠାନ ଗଢ଼ିଛନ୍ତି, ସ୍ଥିରତା ରକ୍ଷା କରିଛନ୍ତି, ସଂସ୍କାର ଆଣିଛନ୍ତି ଏବଂ ସାମ୍ବିଧାନିକ ନୈତିକତାକୁ ବଜାୟ ରଖିଛନ୍ତି ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ କହିଛନ୍ତି। ୟୁପିଏସ୍‌ସିର ଇତିହାସ ସମ୍ପର୍କରେ ଡ. ମିଶ୍ର କହିଥିଲେ, ଏହି ପ୍ରତିଷ୍ଠାନର ପୂର୍ବସୂରୀ ହେଉଛି ୧୯୨୬ ମସିହାରେ ପ୍ରତିଷ୍ଠିତ ଲୋକସେବା ଆୟୋଗ, ଯାହାକୁ ପରେ ଭାରତ ସରକାର ଆଇନ, ୧୯୩୫ ଆଧାରରେ ଫେଡେରାଲ ପବ୍ଲିକ ସର୍ଭିସ କମିଶନ ନାମରେ ସ୍ୱୀକୃତି ଦିଆଯାଇଥିଲା। ସ୍ୱାଧୀନତା ପରେ ଏହାକୁ କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁନିଅନ ପବ୍ଲିକ ସର୍ଭିସ କମିଶନ) ବା ୟୁପିଏସ୍‌ସି ନାମରେ ନାମକରଣ କରାଯାଇଥିଲା। ଭାରତର 'ଦୃଢ଼ ଢାଞ୍ଚା' ପ୍ରଶାସନିକ ସେବା ପାଇଁ ପରୀକ୍ଷା ପରିଚାଳନା ଏହାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇରହିଛି। ଡ. ମିଶ୍ର ସାମ୍ପ୍ରତିକ ପ୍ରତିଭା ସେତୁ ପୋର୍ଟାଲ ଉପରେ ଆଲୋକପାତ କରିଥିଲେ, ଯାହା ଚୂଡ଼ାନ୍ତ ପରୀକ୍ଷା ପର୍ଯ୍ୟାୟରେ ପହଞ୍ଚିଥିବା ପ୍ରତିଭାଶାଳୀ ପ୍ରାର୍ଥୀମାନଙ୍କୁ ଜାତୀୟ କ୍ୟାରିଅର ସେବା ସହ ଯୋଡ଼ି ହୋଇଥିବା ସମ୍ଭାବ୍ୟ ନିଯୁକ୍ତିଦାତାଙ୍କ ସହିତ ସୁରକ୍ଷିତ ଭାବରେ ସଂଯୋଗ କରିଥାଏ। ଫଳରେ ଯୁବପିଢ଼ି ପାଇଁ ଜାତୀୟ ବିକାଶରେ ଯୋଗଦାନ ଦେବାରେ ଏହା ନୂତନ ସୁଯୋଗ ଖୋଲିପାରିଛି ବୋଲି ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ କହିଛନ୍ତି।

# ବିଧାନସଭାରେ ଶୋକ

**ଭୁବନେଶ୍ୱର,୨୭।୧୧ (ରବିନାରାୟଣ ଜେନା)**

ବିଧାନସଭାର ଶୀତ ଅଧିବେଶନ ଗୁରୁବାର ଆରମ୍ଭ ହୋଇଛି। ଗୃହର ନେତା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିବଂଗତ ପୂର୍ବତନ ବିଧାୟକ ହେମେନ୍ଦ୍ର ପ୍ରସାଦ ମହାପାତ୍ର, କୃଷ୍ଣଚନ୍ଦ୍ର ମଲ୍ଲିକ ଓ ଦିବଙ୍ଗତ ପୂର୍ବତନ ପୋଲିସ କନେଷ୍ଟବଳ ସରୋଜ କୁମାର ପ୍ରଧାନଙ୍କ ଉଦ୍ଦେଶ୍ୟରେ ଶୋକପ୍ରସ୍ତାବ ଆଗତ କରିଥିଲେ। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡ଼ାମ ଏବଂ ଅନ୍ୟମାନେ ସମର୍ଥନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବାଚସ୍ପତି ସୁରମା ପାଢ଼ୀ ମଧ୍ୟ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଶୋକପ୍ରସ୍ତାବ ଗୃହିତ ହେଲା ବୋଲି ଘୋଷଣା କରିଥିଲେ। ପରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ଗୃହରେ ୧ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଶୋକପ୍ରସ୍ତାବ ପରେ ଗୃହକୁ ଅପରାହ୍ନ ସାଢ଼େ ୪ଟା ପର୍ଯ୍ୟନ୍ତ ମୁଲତବି ରଖାଯାଇଥିଲା। ଏହାପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଧାନସଭାରେ ଉଦ୍‌ବୋଧନ ଦେବା ପରେ ଗୃହକୁ ଶୁକ୍ରବାର ପର୍ଯ୍ୟନ୍ତ ମୁଲତବି ଘୋଷଣା କରାଯାଇଛି।

# ଯାତ୍ରୀଙ୍କ ମୃତଦେହ ରାସ୍ତାରେ ଓହ୍ଲାଇ ପଳାଇଲା ବସ୍

**କେନ୍ଦ୍ରାପଡ଼ା,୨୭।୧୧ (ଜଗନ୍ନାଥ ଧଳ)**

ବସ୍‌କର୍ମଚାରୀଙ୍କ ମାନବିକତା ହଜିଗଲାଣି। କୌଣସିକାରଣରୁ ମୃତ୍ୟୁ ଘଟିଥିବା ଯାତ୍ରୀଙ୍କୁ ବସ୍‌ରୁ ଓହ୍ଲାଇ ପଳାଇଗଲେ। ନିକଟସ୍ଥ ଡାକ୍ତରଖାନାକୁ ନେଲେ ନାହିଁ କିମ୍ବା ଆମ୍ବୁଲାନ୍ସ, ପୋଲିସ, ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ଲୋକଙ୍କୁ ଜଣାଇଲେ ନାହିଁ। ଏଭଳି ଦୃଶ୍ୟ ଗୁରୁବାର ପୂର୍ବାହ୍ନରେ କେନ୍ଦ୍ରାପଡ଼ା ସହର ନିକଟ ଦୁହୁରିଆଠାରେ ଦେଖିବାକୁ ମିଳିଛି। ଘଟଣା ପରେ ବସ୍ କର୍ମଚାରୀଙ୍କୁ ଲୋକେ ସମାଲୋଚନା କରିଛନ୍ତି। ତେବେ ସ୍ଥାନୀୟ ଲୋକେ ଏକ ଘରୋଇ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ମୃତ ଯାତ୍ରୀଙ୍କୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ମୃତଦେହକୁ କେନ୍ଦ୍ରାପଡ଼ା ସଦର ଥାନା ପୋଲିସ ଜବତ କରିଛି। ମୟୂରଭଞ୍ଜ ଜିଲା ଚାନ୍ଦବିଲ ଗ୍ରାମର ବାଘରାଏ ମାରଡ଼ି ଓ ସ୍ତ୍ରୀ ଦୁଲାରୀ ଦୁହେଁ କେନ୍ଦ୍ରାପଡ଼ା ଜିଲାକୁ ଆସି ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ପୂର୍ବାହ୍ନରେ ସେମାନେ ନିଜ ଗାଁକୁ ଯିବାବେଳେ ବାଘରାଏ ବସ୍‌ରେ ଟଳିପଡ଼ିଥିଲେ। ପରେ ବସ୍‌ର କର୍ମଚାରୀ ତାଙ୍କ ମୃତଦେହ ଓ ଦୁଲାରୀଙ୍କୁ ଦୁହୁରିଆ ରାସ୍ତାରେ ଓହ୍ଲାଇ ଦେଇ ପଳାଇଯାଇଥିଲେ।


नालको NALCO
National Aluminium Company Limited
(A Government of India Enterprise)
Nalco Bhawan, P/1, Nayapalli
Bhubaneswar-751013, Odisha, India
CIN : L27203OR1981GOI000920
A NAVRATNA COMPANY

**RFP FOR PHYSICAL VERIFICATION ASSIGNMENTS**

**No. NALCO/PV/ RFP/2025** **Dated: 25/11/2025**

National Aluminium Company Limited (NALCO) invites applications from reputed and experienced Chartered Accountant / Cost Accountant Firms or LLPs for **physical verification of Stock and Movable assets** for 3 years at its various locations. The detailed Request for Proposal (RFP) is available on the following websites: **www.nalcoindia.co.in/www.icmai.in / www.pdicai.org**

Interested CA/CMA Firms/LLPs having their Head Offices in Odisha or Visakhapatnam(AP) are requested to submit their profiles both by email and in physical form, as specified in the RFP documents. Last date for receipt of both email and signed physical copies: **15.12.2025 (by 5:00 pm).**

**Gagan Bihari Pradhan**
**DGM(F)**



**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack-753015, Odisha

**QUOTATION CALL NOTICE**

Sealed quotations in prescribed format are invited from eligible bidders for "**Repair of overhead Tank of Academic Block at NLUO, Cuttack**". Last date & time of receipt is **09-12-2025 at 11.00 A.M.** For details please visit website- https://nluo.ac.in/tenders/

Sd/- Registrar



OFFICE OF THE
**MEDICAL OFFICER I/C CHC, BELTIKIRI, DHENKANAL**

Letter No. NHM/1132/25 Date: 26.11.2025

**TENDER CALL NOTICE FOR HIRING OF VEHICLES**

No. E-539: Sealed proposals as per the prescribed RFP document are invited from interested eligible bidders (Private individuals/Tour operators/ Travel agency) for hiring & empanelment of vehicles for Mobile Health Team (MHT) at Block CHCs level on a monthly basis for implementation of the Rashtriya Bal Swasthya Karyakram (RBSK) activities. The eligibility criteria, terms of reference and the formats for submission of bid are set forth in the RFP document, which can be downloaded from the website **www.dhenkanal.nic.in**. Interested bidders fulfilling the eligibility criteria may submit their proposals with EMD & documents as per RFP to the MO I/C of this CHC. The bidders have to submit their proposals with all required documents to the MO I/C, CHC, Beltikiri, P.O.: Beltikiri, Dist.: Dhenkanal on or before Dt.15.12.2025 by 4 P.M. through Speed Post/Regd. Post/Courier only. The opening date of tenders will be on 17.12.2025 at 12 Noon at the Chamber of M.O. I/C CHC, Beltikiri. The undersigned reserves the right to reject any or all the proposals without assigning any reason thereof and is not responsible for any postal delay.

OIPR: Sd./- Medical Officer I/C, CHC, Beltikiri, Dhenkanal



**ପୌରପରିଷଦ କାର୍ଯ୍ୟାଳୟ, ରାୟଗଡ଼**
ଜିଲ୍ଲା: ରାୟଗଡ଼, ପିନ୍ କୋଡ୍ – ୭୬୫୦୦୧, ଓଡ଼ିଶା
E-mail ID: raygadam.hud@od.gov.in

**ପ୍ରେସ୍ ବିଜ୍ଞପ୍ତି**

- ଆପଣଙ୍କ ପ୍ରଦତ୍ତ ଟିକସ ହିଁ ସହରର ବିକାଶମୂଳକ କାର୍ଯ୍ୟରେ ଲଗାଯାଇଥାଏ। ଏଣୁ ଟିକସ ଠିକ୍ ସମୟରେ ପୈଠ କରନ୍ତୁ।
- ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ଆଦି ରୋଗରୁ ରକ୍ଷା ପାଇବା ପାଇଁ ନିଜ ଅଞ୍ଚଳର ପରିବେଶକୁ ସଫା ରଖିବା ସଙ୍ଗେସଙ୍ଗେ ନିଜର ଘର ଚାରିପଟ ସଫାରଖନ୍ତୁ।
- ସହରର ଆଭ୍ୟନ୍ତରସ୍ଥ ରାସ୍ତାଗୁଡ଼ିକ ଉପରେ ଗୃହପାଳିତ ପଶୁଗୁଡ଼ିକୁ ଅନଧିକାର ରୂପେ ଛାଡ଼ନ୍ତୁ ନାହିଁ।
- ରାସ୍ତାକଡ଼ ଜମି ତଥା ସରକାରୀ ଜମି ଜବରଦଖଲରୁ ନିବୃତ୍ତ ରୁହନ୍ତୁ।
- ପରିମଳ କର୍ମଚାରୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ଶୁଖିଲା ଓ ଓଦା ବର୍ଜ୍ୟବସ୍ତୁ ପୃଥକ୍‌କରି ଅଳିଆ ଗାଡ଼ିରେ ଦିଅନ୍ତୁ।
- ନାଳ ଉପରକୁ ଅତିକ୍ରମଣ କରନ୍ତୁ ନାହିଁ ଏବଂ ବର୍ଜ୍ୟବସ୍ତୁ ନାଳ ଭିତରେ ପକାନ୍ତୁ ନାହିଁ।
- ପଲିଥିନ୍ ବ୍ୟବହାର ନ କରି ପ୍ରଦୂଷଣମୁକ୍ତ ସହର ଗଠନରେ ସହାୟକ ହୁଅନ୍ତୁ।
- ପରିଷଦର ବିନା ଅନୁମତିରେ ନୂତନ କିମ୍ବା ପୁରାତନ ଗୃହ ନିର୍ମାଣ କରନ୍ତୁ ନାହିଁ।
- ପୌରସଂସ୍ଥା ଦ୍ୱାରା ଲେ–ଆଉଟ ନକ୍ସା ଅନୁମୋଦନ ହୋଇ ନ ଥିବା ଖାଲିସ୍ଥାନ କ୍ରୟ ବିକ୍ରୟ କରନ୍ତୁ ନାହିଁ। ଗୃହ ନିର୍ମାଣ ପୂର୍ବରୁ ଗୃହ ପ୍ଲାନ୍ ଅନୁମୋଦନ କରାଇ ନିଅନ୍ତୁ।
- ବିନା ବ୍ୟବସାୟ ପରିଚୟପତ୍ରରେ କୌଣସି ବ୍ୟବସାୟ କରାନ୍ତୁ ନାହିଁ।

| ଶ୍ରୀ କୁଳଦୀପ କୁମାର | ଶ୍ରୀମତୀ ଶୁଭ୍ରା ପଣ୍ଡା | ଶ୍ରୀଯୁକ୍ତ ପି ମହେଶ ପଟ୍ଟନାୟକ |
|---|---|---|
| କାର୍ଯ୍ୟନିର୍ବାହୀ ଅଧିକାରୀ | ଉପାଧ୍ୟକ୍ଷା | ଅଧ୍ୟକ୍ଷ |
| ପୌରପରିଷଦ, ରାୟଗଡ଼ | ପୌରପରିଷଦ, ରାୟଗଡ଼ | ପୌରପରିଷଦ, ରାୟଗଡ଼ |



**GOVERNMENT OF ORISSA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**EASTERN MINOR IRRIGATION CIRCLE, KEONJHAR**
e-Mail ID: seemickeonjhar@gmail.com
"e" Procurement Notice
Lr. No.1060, Dated 25.11.2025
**BID IDENTIFICATION NO. Addl.C.E.EMIC No.04/EMIC/2025-26**

**No.A-997:** The Additional Chief Engineer, Eastern Minor Irrigation Circle, Keonjhar on behalf of Governor of Odisha invites percentage rate bids in Double Cover only in ONLINE mode for the works detailed in the table from contractors registered with the State Government and contractors of equivalent Grade/Class registered with Central Government/M.E.S./ Railways for execution of civil works on production of definite proof from the appropriate authority. The bidders may submit bids for any or all of the works.

| | | | |
|---|---|---|---|
| 1. | Name of the Works | : | Civil Construction Works under the Scheme "WSIDP" & "DPIW" |
| 2. | Total No. of Work | : | 03 (Three) Nos. |
| 3. | Estimated Cost | : | Varies from Rs.183.088 Lakh to Rs.570.645 Lakh Approximately (Detail list of work Annexed) |
| 4. | Period of Completion | : | As mentioned against work in Annexure |
| 5. | Date & Time of Availability of Bid documents in the portal for online bidding | : | 29.11.2025 at 10.00 AM to 15.12.2025 upto 5.00 PM |
| 6. | Last date/Time for receipt of Bid only in ONLINE | : | 15.12.2025 upto 5.00 PM |
| 7. | Date/Time of Opening of Technical Bid | : | 16.12.2025 at 11.00 AM onwards through Website |
| 8. | Date/Time of Opening of Financial Bid | : | To be intimated online after offline evaluation of Technical Bids |
| 9. | Date of Transparent Lottery (If required) | : | To be intimated later on. |
| 10. | Name & Address of the OIT | : | Additional Chief Engineer, Eastern Minor Irrigation Circle, Keonjhar, At/PO- Keonjhar, Dist-Keonjhar, PIN-758001 (Odisha) e_mail Id:seemickeonjhar@gmail.com |
| 11. | Mode of Payment of Bid Cost | : | Online |

Further details can be seen from the "e" Procurement Portal https://tendersodisha.gov.in.

OIPR- **Sd./- Additional Chief Engineer**
**Eastern M.I. Circle, Keonjhar**



**ରେଳ ମନ୍ତ୍ରଣାଳୟ**
**ପୂର୍ବତଟ ରେଳପଥ (ନିର୍ମାଣ)**
**ବିଜ୍ଞପ୍ତି**
**ଭୁବନେଶ୍ୱର, 09 ଅକ୍ଟୋବର 2025**
**ରେଳବାଇ ଅଧିନିୟମ, ୧୯୮୯ର ଧାରା ୨୦ଇ ଅନୁଯାୟୀ ବିଜ୍ଞପ୍ତି**

**ଏସ.ଓ. 4621(ଇ).-** ଯେତେବେଳେ, ଭାରତ ସରକାରଙ୍କ ବିଜ୍ଞପ୍ତି ଦ୍ୱାରା, ରେଳ ମନ୍ତ୍ରଣାଳୟ (ପୂର୍ବ ତଟ ରେଳପଥ, ନିର୍ମାଣ ସଂଗଠନ), ବିଜ୍ଞପ୍ତି ସଂଖ୍ୟା, ଏସ.ଓ. 1558 (ଇ) ତାରିଖ 01 ଏପ୍ରିଲ୍ 2025ରେ ଭାରତୀୟ ଗେଜେଟ୍, ଅସାଧାରଣ, ଭାଗ II, ଧାରା 3 ଉପ-ଧାରା (ii), ତାରିଖ 01 ଏପ୍ରିଲ୍ 2025 (ଏଠାରେ ଉକ୍ତ ବିଜ୍ଞପ୍ତି ଭାବରେ ଉଲ୍ଲେଖ କରାଯାଇଛି) ଏବଂ ରେଳ ଆଇନ, 1989 (1989 ର 24) (ଏଠାରେ ଉକ୍ତ ଆଇନ ଭାବରେ ଉଲ୍ଲେଖ କରାଯାଇଛି) ର ଧାରା 20ଏ ର ଧାରା (1) ଅନୁଯାୟୀ ଜାରି କରାଯାଇଛି, କେନ୍ଦ୍ର ସରକାର ଓଡ଼ିଶା ରାଜ୍ୟର **ଅନୁଗୁଳ** ଜିଲ୍ଲାରେ **"ତାଳଚେର - ବିମଳାଗଡ ମଧ୍ୟରେ ନୂତନ ବ୍ରଡ଼ଗେଜ ରେଳ ପଥ ସଂଯୋଗ ପ୍ରକଳ୍ପ"** ନାମକ ସ୍ୱତନ୍ତ୍ର ରେଳ ପ୍ରକଳ୍ପର କାର୍ଯ୍ୟକାରୀ, ରକ୍ଷଣାବେକ୍ଷଣ, ମାପ ଏବଂ ପରିଚାଳନା ଉଦ୍ଦେଶ୍ୟରେ ଉକ୍ତ ବିଜ୍ଞପ୍ତି ସହିତ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମି ଅଧିଗ୍ରହଣ କରିବାକୁ ତାଙ୍କର ଉଦ୍ଦେଶ୍ୟ ଘୋଷଣା କରୁଛନ୍ତି।

ଏବଂ ଯେହେତୁ, ଉକ୍ତ ବିଜ୍ଞପ୍ତିର ସାରାଂଶ ଉକ୍ତ ଆଇନର ଧାରା 20ଏ ର ଉପଧାରା (4) ଅନ୍ତର୍ଗତ 22 ମଇ 2025 ରେ ଦୈନିକ ୨ ଗୋଟି ସ୍ଥାନୀୟ ସମ୍ବାଦପତ୍ର ଯଥା "ଦି ସମାଜ" ଓଡ଼ିଆରେ (କଟକ ସଂସ୍କରଣ) ଏବଂ "ଦି ଟାଇମ୍ସ ଅଫ୍ ଇଣ୍ଡିଆ" ଇଂରାଜୀରେ (ଭୁବନେଶ୍ୱର ସଂସ୍କରଣ) ପ୍ରକାଶିତ ହୋଇଥିଲା;

ଏବଂ ଯେତେବେଳେ, ଆପତ୍ତି ଗ୍ରହଣ କରାଯାଇଥିଲା; ସକ୍ଷମ କର୍ତ୍ତୃପକ୍ଷ ଆପତ୍ତିଗୁଡ଼ିକ ଶୁଣିଛନ୍ତି ଏବଂ ଉକ୍ତ ଆଇନର ଧାରା 20ଡି ଅନୁଯାୟୀ ଆଦେଶ ପାସ କରାଯାଇଛି।

ଏବଂ ଯେହେତୁ, ଉକ୍ତ ଆଇନର ଧାରା 20ଇ ର ଉପ-ଧାରା (1) ଅନୁଯାୟୀ, ସକ୍ଷମ କର୍ତ୍ତୃପକ୍ଷ କେନ୍ଦ୍ର ସରକାରଙ୍କୁ ତାଙ୍କର ରିପୋର୍ଟ ପ୍ରଦାନ କରିଛନ୍ତି;

ତେଣୁ, ବର୍ତ୍ତମାନ, ଦକ୍ଷ ଅଧିକାରୀଙ୍କ ରିପୋର୍ଟ ପ୍ରାପ୍ତ ହେବା ପରେ, ଏବଂ ଉକ୍ତ ଆଇନର ଧାରା 20ଇ ର ଉପ-ଧାରା (1) ଦ୍ୱାରା ପ୍ରଦାନ କରାଯାଇଥିବା କ୍ଷମତା ବ୍ୟବହାର କରି, କେନ୍ଦ୍ର ସରକାର ଏହା ଦ୍ୱାରା ଘୋଷଣା କରୁଛନ୍ତି ଯେ ଏଠାରେ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମିଗୁଡ଼ିକ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ଅଧିଗ୍ରହଣ କରାଯିବ;

ଏବଂ ଏହା ସହିତ, ଉକ୍ତ ଆଇନର ଧାରା 20ଇ ର ଉପ-ଧାରା (2) ଅନୁଯାୟୀ, କେନ୍ଦ୍ର ସରକାର ଏହା ଦ୍ୱାରା ଘୋଷଣା କରୁଛନ୍ତି ଯେ ସରକାରୀ ଗେଜେଟରେ ବିଜ୍ଞପ୍ତି ପ୍ରକାଶନ ପରେ, ଏଠାରେ ସଂଲଗ୍ନ ସୂଚୀରେ ନିର୍ଦ୍ଦିଷ୍ଟ ଜମି ସମସ୍ତ ଭାରରୁ ମୁକ୍ତ ଭାବରେ କେନ୍ଦ୍ର ସରକାରଙ୍କ ଅଧୀନରେ ରହିବ।

**ଅନୁସୂଚୀ**

ଓଡ଼ିଶା ରାଜ୍ୟର **ଅନୁଗୁଳ** ଜିଲ୍ଲାରେ **"ତାଳଚେର - ବିମଳାଗଡ ମଧ୍ୟରେ ନୂତନ ବ୍ରଡ଼ଗେଜ ରେଳ ପଥ ସଂଯୋଗ ପ୍ରକଳ୍ପ"** ନାମକ ସ୍ୱତନ୍ତ୍ର ରେଳ ପ୍ରକଳ୍ପ ମଧ୍ୟରେ ଅଧିଗ୍ରହଣ ହେବାକୁ ଥିବା ଜମିର ସଂକ୍ଷିପ୍ତ ବର୍ଣ୍ଣନା। ଓଡ଼ିଶା ରାଜ୍ୟର ଅନୁଗୁଳ ଜିଲ୍ଲାରେ ପାଲ୍ଲହଡା ତହସିଲରେ 2 ଟି ଗ୍ରାମ ଏବଂ କାନିହା ତହସିଲରେ 01 ଟି ଗ୍ରାମ ଅବସ୍ଥିତ ଯାହାର ଅଧିକାରୀ ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ, **ତାଳଚେର-ବିମଳାଗଡ ନୂତନ ବ୍ରଡ଼ଗେଜ ରେଳ ପଥ ସଂଯୋଗ, ତାଳଚେର** ଓଡ଼ିଶା ରାଜ୍ୟର **ଅନୁଗୁଳ** ଜିଲ୍ଲା ଅଧୀନରେ ଅବସ୍ଥିତ।

**ଜିଲ୍ଲାର ନାମ- ଅନୁଗୁଳ**

| କ୍ରମିକ ସଂଖ୍ୟା | ଗ୍ରାମର ନାମ | ଖାତା ନଂ. | ପ୍ଲଟ ନଂ. | ସମୁଦାୟ କ୍ଷେତ୍ର (ଏକରରେ) | ଆଧିକୃତ କ୍ଷେତ୍ର (ଏକରରେ) | କିସମ | ଅଭିଲିଖିତ ପ୍ରଜାର ନାମ |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| **ଗ୍ରାମର ନାମ : ଫପଣ୍ଡା** | | | | | | | |
| 1 | ଫପଣ୍ଡା | 131/161 | 919 | 0.850 | 0.850 | ବିଆଲି | ଉମାକାନ୍ତ ଗଡନାୟକ ପି: ନିତ୍ୟାନନ୍ଦ ଗଡନାୟକ, ଜାତି: ଚସା, ବା: ଫପଣ୍ଡା |
| | | | **ମୋଟ** | **0.850** | **0.850** | | |
| 2 | ସୁନାଖଣି | 29 | 1262 | 0.030 | 0.030 | ପଡିଡ | ଘନ ମହାରଣା, କାନ୍ଧୁରୁ ମହାରଣା, ଗୁରୁବାରୀ ମହାରଣା ପି:ଭଗବାନ୍ ମହାରଣା ଜାତି: ଖାଡି ବା: ନିଜଗାଁ |
| 3 | ସୁନାଖଣି | 59 | 1289 | 7.300 | 0.030 | ଟଇଲା-1 | ପ୍ରତାପ ଚନ୍ଦ୍ର ଦେବ ପି: ହୃଦଯ ଚନ୍ଦ୍ର ହରିଚନ୍ଦନ, ଜାତି: କ୍ଷତ୍ରିୟ, ବା: ତାଳଚେର୍ |
| 4 | ସୁନାଖଣି | 59 | 1287 | 3.200 | 0.300 | ପଡିଡ | ପ୍ରତାପ ଚନ୍ଦ୍ର ଦେବ ପି: ହୃଦଯ ଚନ୍ଦ୍ର ହରିଚନ୍ଦନ, ଜାତି: କ୍ଷତ୍ରିୟ, ବା: ତାଳଚେର୍ |
| 5 | ସୁନାଖଣି | 59 | 1264 | 0.060 | 0.060 | ପଡିଡ | ପ୍ରତାପ ଚନ୍ଦ୍ର ଦେବ ପି: ହୃଦଯ ଚନ୍ଦ୍ର ହରିଚନ୍ଦନ, ଜାତି: କ୍ଷତ୍ରିୟ, ବା: ତାଳଚେର୍ |
| 6 | ସୁନାଖଣି | 59 | 1265 | 0.080 | 0.080 | ଟଇଲା-1 | ପ୍ରତାପ ଚନ୍ଦ୍ର ଦେବ ପି: ହୃଦଯ ଚନ୍ଦ୍ର ହରିଚନ୍ଦନ, ଜାତି: କ୍ଷତ୍ରିୟ, ବା: ତାଳଚେର୍ |
| 7 | ସୁନାଖଣି | 85 | 531 | 0.840 | 0.300 | ମାହାରା | ମଙ୍ଗୁଲୁ ପ୍ରଧାନ, ଜୟ କୃଷ୍ଣ ପ୍ରଧାନ ପି:କ୍ଷେତ୍ରବାସୀ ପ୍ରଧାନ ମହାର୍ଥା ସ୍ୱାଇଁ ପି: ସୁନିଆ ସ୍ୱାଇଁ, ଖତି ପ୍ରଧାନ ସ୍ୱବା: ବାଉରି ପ୍ରଧାନ, ନବଘନ ପ୍ରଧାନ ପି: ବାଉରି ପ୍ରଧାନ, କୁଞ୍ଜ ବେହେରା ପି:- ଗୋପି ବେହେରା, ଭାଗୀରଥୀ ପ୍ରଧାନ, ଶଙ୍କର ପ୍ରଧାନ ପି:- ଅପର୍ତି ପ୍ରଧାନ, ଶ୍ରୀନିବାସ ସାହୁ ପି:- ରତନା ସାହୁ, ଟିକେଇ ସାହୁ, ଶ୍ରୀ ହରିହର ସାହୁ, ଦୁଃଖବନ୍ଧୁ ସାହୁ ପି: ନଟ ସାହୁ, ଭାସ୍କର ଚନ୍ଦ୍ର ବିଶ୍ୱାଳ, କେଶବ ଚନ୍ଦ୍ର ବିଶ୍ୱାଳ, ପି:- ସାହଦେବ ବିଶ୍ୱାଳ, ଚନ୍ଦ୍ର ସାହୁ, ଶତ୍ରୁ ସାହୁ, ପି: କୃପା ସାହୁ, ପାର୍ବତୀ ସ୍ୱାଇଁ ସ୍ୱବା: ଶଙ୍କାଳୀ ସ୍ୱାଇଁ, ରବୀନ୍ଦ୍ର ସ୍ୱାଇଁ, ଗଜିନ୍ଦ୍ର ସ୍ୱାଇଁ, କର୍ପୁର ସ୍ୱାଇଁ ପି: - ଶଙ୍କାଳୀ ସ୍ୱାଇଁ, ଦାଶରଥୀ ପ୍ରଧାନ, ପ୍ରଭାକର ପ୍ରଧାନ ପି: ପଦ୍ମଲାଭ ପ୍ରଧାନ, ଗୌରାଙ୍ଗ ସାହୁ, ପରମା ସାହୁ, ନାକଫୋଡି ସାହୁ ପି: - ଚନ୍ଦ୍ର ସାହୁ, ପିତବାସ ସାହୁ, ନିତ୍ୟାନନ୍ଦ ସାହୁ, ପି: - ଫକିର ସାହୁ, ରଘୁନାଥ ପ୍ରଧାନ ପି: କ୍ଷେତବ୍ରାସୀ ପ୍ରଧାନ, ଦେବରାଜ ପ୍ରଧାନ, ପି: ଭୁବନ ପ୍ରଧାନ, ଦଣ୍ଡ ସାହୁ, ବୃନ୍ଦାବନ ସାହୁ, ପି: ଶଙ୍କାଳୀ ସାହୁ, ପୁନୁଆ ବିଶ୍ୱାଳ, ସୁନିଆ ବିଶ୍ୱାଳ, ପି: ରାହାସ ବିଶ୍ୱାଳ, ପୁନିଆ ପ୍ରଧାନ, ଲକ୍ଷ୍ମୀଧର ପ୍ରଧାନ, ଭଜନା ପ୍ରଧାନ, ପି: ନଟବର ପ୍ରଧାନ, ହୃଷିକେଶ ସାହୁ, ଦୁଖବାନ୍ଧୁ ସାହୁ, ଦୁଃଖିଆ ସାହୁ, ସଦାନନ୍ଦ ସାହୁ, ପି: ଧନି ସାହୁ, ବାଉରି ବେହେରା ପି: ଗତିକୃଷ୍ଣ ବେହେରା, ସୁଦାମ ବିଶ୍ୱାଳ, ଉମେଶ ବିଶ୍ୱାଳ, ବିଦ୍ୟାଧର ବିଶ୍ୱାଳ, ଭାଗୀରଥୀ ବିଶ୍ୱାଳ, ପି: ରଘବ ବିଶ୍ୱାଳ, ମାଗୁଣି ଦେହୁରି, ଚୈତନ୍ୟ ଦେହୁରି ପି: - ଯୋଗି ଦେହୁରି, ଗଣେଶ୍ୱର ବେହେରା, ପି: - କ୍ଷେତ୍ର ବେହେରା, କସ୍ତୁ ପ୍ରଧାନ, ପି: - ପଦ୍ମଲାଭ ପ୍ରଧାନ, ଭାଗବତିଆ ପ୍ରଧାନ, ପି - ନିରାକର ପ୍ରଧାନ, ଧୁଶାସନ ପ୍ରଧାନ, ପି: - ପୁନିଆ ପ୍ରଧାନ, କୈଳାସ ପ୍ରଧାନ, ରମାନାଥ ପ୍ରଧାନ ପି: ରାହାସ ବିହାରୀ ପ୍ରଧାନ, ସୁରେଶ ବେହେରା, ପି: - ଟିହିଲୁ ବେହେରା, ଇନ୍ଦ୍ର ପ୍ରଧାନ, , ପି: - ବୁଟୁ ପ୍ରଧାନ, ବେଡା ସ୍ୱାଇଁ ପି: ଚାଣ୍ଡି ସ୍ୱାଇଁ, ଗୋପାଳ ସ୍ୱାଇଁ, ପି: କାଠିଆ ସ୍ୱାଇଁ, ଗୋବରୀ ସ୍ୱାଇଁ ପି: ଯୋଗି ସ୍ୱାଇଁ, ଜଟିଆ ସାହୁ, ହୃଦା ସାହୁ, ପି: - ଚକ୍ର ସାହୁ, ସୁବାସ ବେହେରା ସ୍ୱବା: ହରି ବେହେରା, ଦିୟାନିଧୀ ବେହେରା, ସମ୍ପଦା ସାହୁ, ଚମ୍ପା ପ୍ରଧାନ, ରାଧିକା ପ୍ରଧାନ ପି: - ହରି ବେହେରା, କୁଳମଣି ପ୍ରଧାନ, ପି: ନିରାକର ପ୍ରଧାନ, ପ୍ରଣବନ୍ଧୁ ପ୍ରଧାନ, , ପି: ରଘବ ପ୍ରଧାନ, କୁଳମଣି ବେହେରା, ଚନ୍ଦ୍ର ବେହେରା, ପାଣ୍ଡୁ ବେହେରା, ପି: ଭଞ୍ଜ ବେହେରା, ବଂଶି ବେହେରା ପି: ପାଣ୍ଡୁ ବେହେରା, ଜଗଦାନନ୍ଦ ସ୍ୱାଇଁ,, ପି: - ବାଘୁ ସ୍ୱାଇଁ, ଶ୍ରୀନିବାସ ବେହେରା ପି: - ଉଦର ବେହେରା, ପୁରନ୍ଦର ଦେହୁରି ପି: - ଭବିତର ଦେହୁରି, ଅଧର ଚନ୍ଦ୍ର ପ୍ରଧାନ ପି: ବିଷ୍ଣୁ ପ୍ରଧାନ, ଜାତି-କେଉଟ, ବିଟ ପ୍ରଧାନ ପି: ଶଶି ପ୍ରଧାନ, ଜାତି-ଚଷା, ଯୋଗିଆ ଭୁତିଆ, ପି: ପୁରି ଭୁତିଆ, ଚନ୍ଦ୍ର ଭୁତିଆ, ପି: ଆକର୍ମା ଭୁତିଆ, ମାହି ବେହେରା, ପି: - ପରମା ବେହେରା, ଜାତି-ଗୋପାଳ, ଜୟ ବେହେରା, ପି: - ସଙ୍ଖାଳୀ ବେହେରା, ଜାତି-କେଉଟ, , ବା: -ବଲଣ୍ଡା |
| 8 | ସୁନାଖଣି | 109 | 1268 | 0.220 | 0.040 | ରାସ୍ତା | ସୌଭାଗ୍ୟ ଚନ୍ଦ୍ର ଦେବ, ଅହ୍ଲାଦ ଚନ୍ଦ୍ର ଦେବ, ପ୍ରତାପ ଚନ୍ଦ୍ର ଦେବ & ନୃପେନ୍ଦ୍ର ଚନ୍ଦ୍ର ଦେବ, ପୂର୍ଣ୍ଣେନ୍ଦୁ ଚନ୍ଦ୍ର ଦେବ , ପି: ହୃଦୟ ଚନ୍ଦ୍ର ବିରବର ହରିଚନ୍ଦନ ଜାତି: କ୍ଷତ୍ରିୟ ବା: ତାଳଚେର୍ ଟାଉନ୍, ଗୌରବ ଚନ୍ଦ୍ର ଦେବ ପି: ହୃଦୟ ଚନ୍ଦ୍ର ବିରାବର ହରିଚନ୍ଦନ ଜାତି: କ୍ଷତ୍ରିୟ ବା: ବାମିଖୋଲ, ବି.ବି.ଏସ୍, ବିବେକ ଚନ୍ଦ୍ର ଦେବ, ଦିପ୍ତେନ୍ଦ୍ର ଚନ୍ଦ୍ର ଦେବ, ରୁପେନ୍ଦ୍ର ଚନ୍ଦ୍ର ଦେବ, ସୁରମାଳି ଦେବ ପି: ହୃଦୟ ଚନ୍ଦ୍ର ବିରବର ହରିଚନ୍ଦନ, ସୁଚାରୁମାଳି ଦେବୀ ସ୍ୱବା: ହୃଦୟ ଚନ୍ଦ୍ର ବିରବର ହରିଚନ୍ଦନ ଜାତି: କ୍ଷତ୍ରିୟ ବା: ତାଳଚେର୍ ଟାଉନ୍ । |
| 9 | ସୁନାଖଣି | 109 | 618 | 2.380 | 1.540 | ରାସ୍ତା | ସୌଭାଗ୍ୟ ଚନ୍ଦ୍ର ଦେବ, ଅହ୍ଲାଦ ଚନ୍ଦ୍ର ଦେବ, ପ୍ରତାପ ଚନ୍ଦ୍ର ଦେବ & ନୃପେନ୍ଦ୍ର ଚନ୍ଦ୍ର ଦେବ, ପୂର୍ଣ୍ଣେନ୍ଦୁ ଚନ୍ଦ୍ର ଦେବ , ପି: ହୃଦୟ ଚନ୍ଦ୍ର ବିରବର ହରିଚନ୍ଦନ ଜାତି: କ୍ଷତ୍ରିୟ ବା: ତାଳଚେର୍ ଟାଉନ୍, ଗୌରବ ଚନ୍ଦ୍ର ଦେବ ପି: ହୃଦୟ ଚନ୍ଦ୍ର ବିରାବର ହରିଚନ୍ଦନ ଜାତି: କ୍ଷତ୍ରିୟ ବା: ବାମିଖୋଲ ,ଭୁବନେଶ୍ୱର, ବିବେକ ଚନ୍ଦ୍ର ଦେବ, ଦିପ୍ତେନ୍ଦ୍ର ଚନ୍ଦ୍ର ଦେବ, ରୁପେନ୍ଦ୍ର ଚନ୍ଦ୍ର ଦେବ, ସୁରମାଳି ଦେବ ପି: ହୃଦୟ ଚନ୍ଦ୍ର ବିରବର ହରିଚନ୍ଦନ, ସୁଚାରୁମାଳି ଦେବୀ ସ୍ୱବା: ହୃଦୟ ଚନ୍ଦ୍ର ବିରବର ହରିଚନ୍ଦନ ଜାତି: କ୍ଷତ୍ରିୟ ବା: ତାଳଚେର୍ ଟାଉନ୍ । |
| 10 | ସୁନାଖଣି | 111/48 | 1263 | 0.280 | 0.070 | ଟଇଲା-1 | ଚୈତ ଦେହୁରି ପି: ଗୌରାଙ୍ଗ ଦେହୁରି ଜାତି: କନ୍ଧ ବା: ଏକଘରିଆ । |
| | | | **ମୋଟ** | **14.390** | **2.450** | | |
| **ଗ୍ରାମର ନାମ : ମୁନିପାଲପୁର** | | | | | | | |
| 11 | ମୁନିପାଲପୁର | 25/80 | 248/501 | 6.000 | 1.450 | Taila-1 | ପ୍ରଶ୍ନ କୁମାର ପ୍ରଧାନ ପି:ତ୍ରିଲୋଚନ ପ୍ରଧାନ, ଜାତି: ଗୋଦରା, ବା: ଗୁରୁସୁଲେଇ |
| 12 | ମୁନିପାଲପୁର | 25/85 | 481/506 | 1.750 | 0.840 | ଟଇଲା-1 | ଯୁଧିଷ୍ଠିର ପ୍ରଧାନ, ସୁରେଶ କୁମାର ପ୍ରଧାନ, ହେମନ୍ତ କୁମାର ପ୍ରଧାନ ପି: କୁର୍ତ୍ତିବାସ ପ୍ରଧାନ, ଜାତି: ଚଷା, ବା: ଗୁରୁଣ୍ଡିଆମୁଣ୍ଡା |
| 13 | ମୁନିପାଲପୁର | 25/85 | 481/506/533 | 0.100 | 0.100 | ଟଇଲା-1 | ଯୁଧିଷ୍ଠିର ପ୍ରଧାନ, ସୁରେଶ କୁମାର ପ୍ରଧାନ, ହେମନ୍ତ କୁମାର ପ୍ରଧାନ ପି: କୁର୍ତ୍ତିବାସ ପ୍ରଧାନ, ଜାତି: ଚଷା, ବା: ଗୁରୁଣ୍ଡିଆମୁଣ୍ଡା |
| 14 | ମୁନିପାଲପୁର | 25/76 | 345/481 | 1.850 | 0.700 | ଘରବାଡ଼ି | ଡିଲେଶ୍ୱର ନାୟକ ପି: କମଳ ନାୟକ ଜାତି: ପାଣ, , ବା: ଗୁରୁଣ୍ଡିଆମୁଣ୍ଡା । |
| 15 | ମୁନିପାଲପୁର | 25/113 | 243/473 | 1.100 | 0.050 | ଟଇଲା-1 | ଲମ୍ବୋଦର ନାୟକ ପି: କଷ୍ଟୁ ନାୟକ, ଜାତି: ପାଣ, ବା: ଗୁରୁଣ୍ଡିଆମୁଣ୍ଡା |
| 16 | ମୁନିପାଲପୁର | 25/113 | 248/474 | 0.400 | 0.150 | ଟଇଲା-1 | ଲମ୍ବୋଦର ନାୟକ ପି: କଷ୍ଟୁ ନାୟକ, ଜାତି: ପାଣ, ବା: ଗୁରୁଣ୍ଡିଆମୁଣ୍ଡା |
| | | | **ମୋଟ** | **11.200** | **3.290** | | |
| | | | **ସମୁଦାୟ ମୋଟ:** | **26.440** | **6.590** | | |

**ଗ୍ରାମ ଅନୁଯାଇ ସାରାଂଶ**

| କ୍ରମିକ ସଂଖ୍ୟା | ଗ୍ରାମ | ଅଧିକୃତ ହେବାକୁ ଥିବା କ୍ଷେତ୍ର (ଏକରରେ) |
|---|---|---|
| 1 | ଫପଣ୍ଡା | 0.850 |
| 2 | ସୁନାଖଣି | 2.450 |
| 3 | ମୁନିପାଲପୁର | 3.290 |
| | **ମୋଟ** | **6.590** |

**Dy. CE/Con-II/Angul**

PR-168/CI/25-26

# ୪ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ଜେରା କରୁଛି ସିବିଆଇ

**ପୋଲିସ୍ ଏସ୍ଆଇ ପରୀକ୍ଷା ଜାଲିଆତି ମାମଲା**

- ୩ ପରୀକ୍ଷାର୍ଥୀଙ୍କ ସହ ମୁହାଁମୁହିଁ ଜେରା
- ଦିଲ୍ଲୀରୁ ଆସିଲା ସିବିଆଇର ଟେକ୍ନିକାଲ ଟିମ୍

ଭୁବନେଶ୍ୱର, ୨୭।୧୧ (ତ୍ରିନାଥ ମହାନ୍ତି)

ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତି ମାମଲାରେ ସିବିଆଇ ୪ ଅଭିଯୁକ୍ତ ଲୋକନାଥ ସାହୁ, ତଫିମ୍ ଅହମ୍ମଦ ଖାନ୍, ବିଶ୍ୱରଞ୍ଜନ ବେହେରା ଏବଂ ବିଶ୍ୱରଞ୍ଜନ ହରିଚନ୍ଦନଙ୍କୁ ଗୁରୁବାର ୩ଦିନିଆ ରିମାଣ୍ଡରେ ନେଇ ସିବିଆଇ ମାରାଥନ ଜେରା କରୁଛି। ଗତକାଲି ସ୍ପେଶାଲ ସିବିଆଇ କୋର୍ଟ ଅନୁମତି ଦେବା ପରେ ଗୁରୁବାର ସିବିଆଇ ଟିମ୍ ଝାରପଡ଼ା ଜେଲକୁ ଯାଇ ୪ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିଥିଲେ। ସିବିଆଇ କାର୍ଯ୍ୟାଳୟରେ ପ୍ରଥମେ ସମସ୍ତଙ୍କୁ ପୃଥକ ଭାବେ ପଚରାଉଚରା କରିବା ପରେ ମୁହାଁମୁହିଁ ଜେରା କରାଇ ତଥ୍ୟ ଉଗାଳୁଛି ସିବିଆଇ ଟିମ୍। ଏଥିସହ ୩ଜଣ ପରୀକ୍ଷାର୍ଥୀଙ୍କୁ ମଧ୍ୟ ୪ ଅଭିଯୁକ୍ତଙ୍କ ସହ ମୁହାଁମୁହିଁ ଜେରା କରାଯାଇଛି। ପୂର୍ବରୁ ଜାଲିଆତିର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି ଏବଂ ମୁନାକୁ ସିବିଆଇ ପଚରାଉଚରା କରିଥିବା ବେଳେ ସେମାନେ ମିଛ କହିବା ସହ ତଦନ୍ତରେ ସହଯୋଗ କରି ନ ଥିଲେ। ତେଣୁ ସବିଆଇ ସେମାନଙ୍କ ସହ ଏହି ୪ ଅଭିଯୁକ୍ତଙ୍କ ମିଛଧରା ପରୀକ୍ଷା ବା ଲାଏ ଡିଟେକ୍ସନ ଟେଷ୍ଟ କରିବ ବୋଲି ଜଣାପଡ଼ିଛି। ଆହୁରି ମଧ୍ୟ ଏସ୍ଆଇ ପରୀକ୍ଷା ସ୍କାମ୍‌ରେ ଟେକ୍ନୋଲୋଜି ମାଧ୍ୟମରେ ପ୍ରଶ୍ନପତ୍ର ପରୀକ୍ଷାର୍ଥୀଙ୍କ ନିକଟରୁ ପଠାଯାଇଥିବାରୁ ତଦନ୍ତ ପାଇଁ ଦିଲ୍ଲୀରୁ ସିବିଆଇର ଏକ ସ୍ପେଶାଲ ଟେକ୍ନିକାଲ ଟିମ୍ ଭୁବନେଶ୍ୱର ଆସିଛି। ସେମାନେ ଏଠାରେ ଥିବା ସିବିଆଇ ଟିମ୍‌କୁ ତଦନ୍ତରେ ସହାୟତା କରିବେ। ମିଳିଥିବା ଫୋରେନସିକ୍ ରିପୋର୍ଟ ଏବଂ ଡିଜିଟାଲ ପ୍ରମାଣକୁ ତର୍ଜମା କରି ମାମଲା ଆଗକୁ ବଢାଉଛି ସିବିଆଇ।

ପୋଲିସ ଏସ୍ଆଇ ପରୀକ୍ଷା ଜାଲିଆତିକୁ ବଡ଼ ନିଯୁକ୍ତି ଘୋଟାଲା ବୋଲି କୁହାଯାଉଛି। ଏହି ପରୀକ୍ଷାରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତିର ଅଭିଯୋଗ ହୋଇଥିଲା। ପ୍ରଥମେ ତଦନ୍ତ ଭାର କ୍ରାଇମବ୍ରାଞ୍ଚ ସିଆଇଡିକୁ ଦିଆଯାଇଥିଲା। ଦୁର୍ନୀତିରେ ଆନ୍ତଃରାଜ୍ୟ ଅପରାଧୀ ଗ୍ୟାଙ୍ଗର ସମ୍ପୃକ୍ତି ଥିବା ସନ୍ଦେହରେ ସିବିଆଇକୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳୁଥିବା ଦୋଷୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀ ଏହି ବଡ ନିଷ୍ପତ୍ତି ନେଇଥିଲେ। ଇତିମଧ୍ୟରେ ଏହି ମାମଲାରେ ୧୨୦ ଜଣଙ୍କୁ ଗିରଫ କରାଯାଇଛି। ଏମାନଙ୍କ ମଧ୍ୟରୁ ୧୧୪ ଜଣ ପରୀକ୍ଷାର୍ଥୀଙ୍କୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଜାମିନ ପ୍ରଦାନ କରିଛନ୍ତି।

## ଚୋରି ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲ୍

ଭୁବନେଶ୍ୱର, ୨୭।୧୧ (ସତ୍ୟଜିତ ରାଉତ)

ଖଣ୍ଡଗିରି ଥାନା ଅଞ୍ଚଳରେ ଏକ ମୋବାଇଲ ଚୋରି ମାମଲାର ରାୟ ଗୁରୁବାର ଭୁବନେଶ୍ୱର ଜେଏମ୍ଏଫ୍‌ସି-୫ କୋର୍ଟରେ ପ୍ରକାଶ ପାଇଛି। ଅଭିଯୁକ୍ତ ମନୋଜ ବେହେରା ଓରଫ ଚନ୍ଦନ (୨୮)ଙ୍କୁ ୭ ମାସ ଜେଲଦଣ୍ଡ ସହ ୨ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦେୟ ମାସେ ଜେଲଦଣ୍ଡ ଭୋଗିବାକୁ ହେବ ବୋଲି ବିଚାରପତି ଇତିଶ୍ରୀ ମହାପାତ୍ର ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ସୂଚନା ଅନୁଯାୟୀ, ମଧୁସୁଦନ ସମବାୟ ନଗରରେ ରହୁଥିବା ତଥାଗତ ମହାରଣା ଓ ତାଙ୍କ ବନ୍ଧୁ ଏପ୍ରିଲ ୧୪ରେ ଘରେ ଶୋଇଥିବା ବେଳେ ଚନ୍ଦନ ସେମାନଙ୍କ ମୋବାଇଲ ଚୋରି କରିନେଇଥିଲେ। ଏତଲାକ୍ରମେ ପୋଲିସ ମାମଲା (ନଂ.୨୩୭/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

## ବାଘଛାଲ ଜବତ ମାମଲାର ତଦନ୍ତ କଲା ଏସ୍‌ଟିଏଫ୍

- ଏକାଧିକ ସ୍ଥାନରେ ଚଢ଼ାଉ, ରାଜ୍ୟ ବାହାରେ ମାଷ୍ଟରମାଇଣ୍ଡ
- କର୍ଣ୍ଣାଟକରୁ ବାଘଛାଲ ଆଣି ରାଜଧାନୀରେ ଡିଲ୍ ହୋଇଥିଲା

ଭୁବନେଶ୍ୱର, ୨୭।୧୧ (ତ୍ରିନାଥ ମହାନ୍ତି)

ଭୁବନେଶ୍ୱରସ୍ଥିତ ମେ ଫେୟାର ବସ୍ତି ପଛରୁ ଜବତ ହୋଇଥିବା ବାଘ ଛାଲ ମାମଲାର ତଦନ୍ତ ଭାର କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍‌କୁ ଦିଆଯାଇଛି। ଗୁରୁବାର ଏସ୍‌ଟିଏଫ ମାମଲା ରୁଜୁ କରି ବିଭିନ୍ନ ସ୍ଥାନରେ ଛାନଭିନ କରୁଛି। ଏହି ର୍‍ୟାକେଟ୍ ସହ ୫ ରାଜ୍ୟର ବନ୍ୟପ୍ରାଣୀ ଚାଲାଣକାରୀଙ୍କ ଲିଙ୍କ୍ ଥିବାରୁ ମାମଲାର ତଦନ୍ତ କରିବାକୁ ଏସ୍‌ଟିଏଫ୍‌କୁ ଦାୟିତ୍ୱ ଦିଆଯାଇଛି। ତେବେ ଗିରଫ ହୋଇଥିବା ୩ ଅଭିଯୁକ୍ତ ନୟାଗଡ଼ ଟାଉନ୍‌ର ରୋହିତ ମହାପାତ୍ର, ଭୁବନେଶ୍ୱର ଗଣ୍ଡମୁଣ୍ଡାର ଶମ୍ଭୁ ବିଶୋଇ ଓରଫ ବାବୁ ଓ ଗଞ୍ଜାମ ଭଞ୍ଜନଗରର ମଞ୍ଜିତସାବତ ଓରଫ ବାଦଲଙ୍କ ବିରେଧରେ ବିଏନ୍ଏସ୍ ଧାରା ୫୫, ୩୦୩(୨), ୩୧୭(୨), ୬୧(୨)(ଏ)ରେ ମାମଲା ରୁଜୁ ହୋଇଛି। ଏଥିସହ ପୂର୍ବରୁ ତଦନ୍ତ କରୁଥିବା କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ୍ ସମସ୍ତ ଦସ୍ତାବିଜ୍ ଏସ୍‌ଟିଏଫ୍‌କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷରେ ଗିରଫ ୩ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେଇ ପଚରାଉଚରା କରିବା ପାଇଁ ଏସ୍‌ଟିଏଫ୍ ପ୍ରକ୍ରିୟା ଆରମ୍ଭ କରିଛି।

ଗତମାସ ୮ ତାରିଖରେ ରୋହିତ ଦିଲ୍ଲୀରୁ ଭୁବନେଶ୍ୱର ଆସି ଖଣ୍ଡଗିରି ଥାନା ପଞ୍ଚସଖାନଗରରେ ଘର ଭଡ଼ା ନେଇ ରହୁଥିଲେ। ସେ କର୍ଣ୍ଣାଟକ ସମେତ ଅନ୍ୟ ରାଜ୍ୟରୁ ବାଘ ଓ ଅନ୍ୟ ଜୀବଜନ୍ତୁ ଛାଲ, ନଖ, କାତି ଆଦି ଚୋରାରେ ଆଣି ଏଠାରେ ବିକ୍ରି କରୁଥିଲେ। ତେବେ ସେ କର୍ଣ୍ଣାଟକରୁ ଏକ ବାଘ ଛାଲ ଧରି ରାଉରକେଲା ଦେଇ ଭୁବନେଶ୍ୱର ଆସି ଗ୍ରାହକ ଖୋଜୁଥିବା ଜାଣିବା ପରେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ତାଙ୍କୁ ଧରିବାକୁ ଯୋଜନା କରିଥିଲା। ପୋଲିସ ଗ୍ରାହକ ସାଜି ଏଜେଣ୍ଟ ମାଧ୍ୟମରେ ବାଘଛାଲ ବିକ୍ରି ପାଇଁ ରୋହିତଙ୍କ ସହ ୩୦ ଲକ୍ଷ ଟଙ୍କାରେ ଡିଲ୍ କରିଥିଲେ। ଅଭିଯୁକ୍ତ ଶମ୍ଭୁ, ରୋହିତ ଓ ମଞ୍ଜିତ ବାଘ ଛାଲ ଧରି ମେ ଫେୟାର ବସ୍ତି ନିକଟରେ ଗତ ୨ ତାରିଖ ସନ୍ଧ୍ୟାରେ ଛିଡ଼ା ହୋଇଥିବାବେଳେ ସ୍ପେଶାଲ କ୍ରାଇମ୍ ୟୁନିଟ୍ ଟିମ୍ ସେମାନଙ୍କୁ ଘେରିଯାଇ ଗିରଫ କରିଥିଲା।

## କକାଶ୍ୱଶୁରଙ୍କୁ ହତ୍ୟା କଲେ ଜ୍ୱାଇଁ

**ଦାମ୍ପତ୍ୟ କଳହର ସମାଧାନ ଉଦ୍ୟମବେଳେ ଛୁରାମାଡ଼**

ସନ୍ତ୍ରୀଛକ, ୨୭।୧୧ (ସନ୍ତୋଷ ପରିଡ଼ା)


ଗିରଫ ଅଭିଯୁକ୍ତ ପ୍ରବୀର ବେହେରା

ଶ୍ୱଶୁର ଘରେ ଜ୍ୱାଇଁ କରିଛନ୍ତି ଉନ୍ମତ୍ତକାଣ୍ଡ। ଛୁରି ଭୁସି କକା ଶ୍ୱଶୁରଙ୍କୁ କରିଛନ୍ତି ହତ୍ୟା। ଅନୁଗୋଳ ଜିଲା ବଅଁରପାଳ ଥାନା ଫୁଲପଡ଼ା ଅଞ୍ଚଳରେ ଗୁରୁବାର ଘଟିଛି ଏହି ହତ୍ୟାକାଣ୍ଡ। ମୃତକ ହେଲେ ଫୁଲପଡ଼ାର ବୀରେନ ଦାସ। ପୋଲିସ ଅଭିଯୁକ୍ତ ଜ୍ୱାଇଁ ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ବନମାଳୀପୁର ଗ୍ରାମର ପ୍ରବୀର ବେହେରାଙ୍କୁ ଗିରଫ କରିଛି।

ସୂଚନା ଅନୁଯାୟୀ, ବଅଁରପାଳ ବ୍ଲକ ଫୁଲପଡ଼ା ଗ୍ରାମର ସ୍ୱର୍ଗତ ବାବୁଲି ଦାସଙ୍କ ଝିଅ ମାନିନୀ ଦାସ (୨୯) କିଛି ବର୍ଷ ତଳେ ପ୍ରବୀରଙ୍କୁ ବିବାହ କରିଥିଲେ। ବିବାହ ଦିନ ଠାରୁ ପ୍ରବୀର ମାନିନୀଙ୍କୁ ମାରପିଟ କରିଆସୁଥିଲେ। ଅନେକଥର ଆପୋଷ ଆଲୋଚନା ମାଧ୍ୟମରେ ଏହାର ସମାଧାନ କରାଯାଇଥିଲା। କିନ୍ତୁ ଗୁରୁବାର ପ୍ରବୀର ପୁନର୍ବାର ମାରପିଟ କରିବାରୁ ମାନିନୀ ପିଲାଙ୍କୁ ଧରି ବାପଘର ଫୁଲପଡ଼ା ଚାଲିଆସିଥିଲେ। ପରେ ପ୍ରବୀର ମଧ୍ୟ ଶ୍ୱଶୁର ଘରେ ପହଞ୍ଚିଥିଲେ। ଘଟଣା ସମ୍ପର୍କରେ ଜାଣି କକା ଶ୍ୱଶୁର ବୀରେନ ଉଭୟ ଝିଅ-ଜ୍ୱାଇଁଙ୍କୁ ବୁଝାଶୁଝା କରିବା ପାଇଁ ଚେଷ୍ଟା କରୁଥିଲେ। ଏହି ସମୟରେ ପୂର୍ବରୁ ପ୍ରସ୍ତୁତ ହୋଇ ଆସିଥିବା ପ୍ରବୀର ଉତ୍ତକ୍ଷିପ୍ତ ହୋଇ ପାଖରେ ଥିବା ଏକ ଛୁରିରେ କକା ଶ୍ୱଶୁରଙ୍କ ପେଟକୁ ଭୁସି ଦେଇଥିଲେ। ଗୁରୁତର ଅବସ୍ଥାରେ ବୀରେନଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ହତ୍ୟାକାଣ୍ଡ ସମ୍ପର୍କରେ ଅଭିଯୋଗ ପାଇ ବଅଁରପାଳ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି। ପୂର୍ବତନ ସରପଞ୍ଚ ବୀରେନଙ୍କ ଏପରି ହତ୍ୟାକୁ ନେଇ ଫୁଲପଡ଼ା ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି।

## ନିବେଶ ଆଳରେ ଠକେଇ, ଅଭିଯୁକ୍ତ ଗିରଫ

**ବିଭିନ୍ନ ଆସବାବପତ୍ର ଜବତ**

ସମ୍ବଲପୁର, ୨୭।୧୧ (ପ୍ରମୋଦ ବହିଦାର)

ସମ୍ବଲପୁରରେ ନିବେଶ ଆଳରେ ଠକେଇ ହୋଇଥିବା ଅଭିଯୋଗରେ ସଦର ପୋଲିସ ଗୁରୁବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ କ୍ଷେତରାଜପୁର ଥାନା ଅନ୍ତର୍ଗତ ଚନ୍ଦନନଗରର ମଧୁସୂଦନ ବରେଇ(୩୬)। ତାଙ୍କ ପୁଟିବନ୍ଧସ୍ଥିତ ଅଫିସରେ ଚଢ଼ାଉ କରି ପୋଲିସ ଗୋଟିଏ ସ୍ମାର୍ଟଫୋନ୍, ଏକାଧିକ ସିପିୟୁ, ଏଲ୍ଇଡି ମନିଟର, କି-ବୋର୍ଡ, ଗୋଟିଏ ପ୍ରିଣ୍ଟର ସମେତ ଏକାଧିକ ବ୍ୟକ୍ତିଙ୍କ ନାମରେ ଥିବା ବିଭିନ୍ନ ବ୍ୟାଙ୍କର ପାସ୍‌ବୁକ ଜବତ କରିଛି। ମଧୁସୂଦନଙ୍କୁ ରିମାଣ୍ଡରେ ଆଣିବା ପାଇଁ କୋର୍ଟରେ ଆବେଦନ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ ସୂଚନା ଦେଇଛନ୍ତି। ପ୍ରାୟ ୨୦ କୋଟି ଟଙ୍କା ଠକେଇ ହୋଇଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ହେଲେ ୫୦ କୋଟିରୁ ଅଧିକ ଟଙ୍କା ହଡ଼ପ ହୋଇଥିବା ଅନୁମାନ କରାଯାଉଛି ବୋଲି ଏସ୍‌ପି କହିଛନ୍ତି।


ନିବେଶ ନାମରେ ଠକେଇ କରି ପୋଲିସ ଦ୍ୱାର ଗିରଫ ଅଭିଯୁକ୍ତ।

ସୂଚନା ଅନୁସାରେ, ମଧୁସୂଦନ ହାଇଦ୍ରାବାଦରେ ଏକ ଆଇଟି କମ୍ପାନୀରେ କିଛି ବର୍ଷ ପୂର୍ବରୁ କାର୍ଯ୍ୟକରି ୨୦୨୦ରେ ସମ୍ବଲପୁର ଫେରିଥିଲେ। ଏଠାରେ ସେ 'ଏ ଆଣ୍ଡ ଏ ଏଣ୍ଟରପ୍ରାଇଜେସ' ନାମକ ଏକ ବେନାମୀ କମ୍ପାନୀ ଖୋଲି ନିବେଶ ନାଁରେ ଅର୍ଥ କାରବାର ଆରମ୍ଭ କରିଥିଲେ। ଭଲ ରିଟର୍ନ ଆଶା ଦେଖାଇ ସେ ୪୭ ଜଣ ନିବେଶକଙ୍କଠାରୁ ଟଙ୍କା ସଂଗ୍ରହ କରିଥିଲେ। ନେତାଜୀ ସୁବାଶ ଚନ୍ଦ୍ର ବୋଷ କଲେଜ ନିକଟରେ ଏକ ଭଡ଼ା ଘରେ ସେ ଏହି କମ୍ପାନୀର ଅଫିସ ଚଳାଉଥିଲେ। ଅତି କମ୍ ସମୟ ମଧ୍ୟରେ ସେ ନିବେଶକଙ୍କୁ କଥାରେ ବଶିଭୂତ କରି ମୋଟା ଅଙ୍କର ରିଟର୍ନ ଲୋଭ ଦେଖାଇ ପ୍ରାୟ ବହୁ କୋଟି ଟଙ୍କା ହଡ଼ପ କରି ନେଇଥିବା ଅନୁମାନ କରାଯାଉଛି। ତେବେ ସେ ତାଙ୍କ ନିଜର ଓ ସମ୍ପର୍କୀୟଙ୍କ ନାମରେ ଥିବା ବିଭିନ୍ନ ବ୍ୟାଙ୍କ ଜମା ଖାତାରେ ପ୍ରାୟ ୨୦ କୋଟି ଟଙ୍କା କାରବାର ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ଏସ୍‌ପି ସୂଚନା ଦେଇଛନ୍ତି। ପ୍ରଥମେ ସେ କିଛି ନିବେଶକଙ୍କୁ ସ୍ୱଳ୍ପ ପରିମାଣର ରିଟର୍ନ ଦେଇଥିଲେ। ପରେ ସେ ଆଉ ତାହା ମଧ୍ୟ ଦେଇ ନ ଥିଲେ କି ନିବେଶକଙ୍କୁ ଧରା ଛୁଆଁ ମଧ୍ୟ ଦେଇ ନ ଥିଲେ। ଚଳିତମାସ ୨୧ ତାରିଖରେ ରାଜକୁମାର ପଣ୍ଡା ଓ ଅନ୍ୟ କେତେଜଣ ଜମାକାରୀ ଠକେଇରେ ପଡ଼ିଥିବା ହୃଦୟଙ୍ଗମ କରି ଅଭିଯୋଗ କରିବା ପରେ ସଦରଥାନା ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏହାକୁ ନେଇ ସଦର ଥନାରେ କେସ୍ ନଂ. ୩୬୫/୨୦୨୫ରେ ଏକ ମାମଲା ରୁଜୁ କରି ପୋଲିସ ଅନୁସନ୍ଧାନ ଆରମ୍ଭ କରିଥିଲା।

## ଭିଜିଲାନ୍ସ କୋର୍ଟରେ ବିଦ୍ୟୁତ୍ ବିଭାଗର ହିସାବରକ୍ଷକ ଦଣ୍ଡିତ

**ଲାଞ୍ଚ ମାମଲା**

**୩ ବର୍ଷ ଜେଲ ଦଣ୍ଡାଦେଶ**

ଭବାନୀପାଟଣା, ୨୭।୧୧ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବିଦ୍ୟୁତ୍ ବିଭାଗର (ଏସ୍‌ଡିଓ) ସବ୍‌ଡିଭିଜନ ଅଫିସରେ କାର୍ଯ୍ୟରତ ପୂର୍ବତନ ଆକାଉଣ୍ଟାଣ୍ଟ (ହିସାବ ରକ୍ଷକ) ଅଜିତ କୁମାର ମିଶ୍ର ଏକ ଲାଞ୍ଚ ମାମଲାରେ ଗୁରୁବାର ଭିଜିଲାନ୍ସ କୋର୍ଟରେ ଦଣ୍ଡିତ ହୋଇଛନ୍ତି। ଭବାନୀପାଟଣାସ୍ଥିତ ଜିଲା ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ବଦ୍ରି ନାରାୟଣ ନନ୍ଦ ଏହି ମାମଲାର ବିଚାର କରି ଅଭିଯୁକ୍ତ ପୂର୍ବତନ ଆକାଉଣ୍ଟାଣ୍ଟ ମିଶ୍ରଙ୍କୁ ୩ ବର୍ଷ ଜେଲଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଭବାନୀପାଟଣା ସଦର ବ୍ଲକ ଗୋପୀନାଥପୁର ଗ୍ରାମର ସରଜୁ ପାଢ଼ୀ ନାମକ ଜଣେ ଉପଭୋକ୍ତାଙ୍କୁ ତାଙ୍କ ବକେୟା ବିଦ୍ୟୁତ୍ ବିଲର ସମାଧାନ କରିବା ପାଇଁ ଅଭିଯୁକ୍ତ ଆକାଉଣ୍ଟାଣ୍ଟ ମିଶ୍ର ୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏହାକୁ ନେଇ ଉପଭୋକ୍ତା ପାଢ଼ୀ ତାଙ୍କ ନାମରେ ଗତ ୨।୧୦।୨୦୧୯ରେ ଭବାନୀପାଟଣା ଭିଜିଲାନ୍ସ କୋର୍ଟରେ ଲିଖିତ ଅଭିଯୋଗ କରିଥିଲେ। ଏହାର ଦିନକ ପରେ ଅର୍ଥାତ୍ ୩।୧୦।୨୦୧୯ରେ ଉପଭୋକ୍ତା ପାଢ଼ୀଙ୍କଠାରୁ ଏକାଉଣ୍ଟାଣ୍ଟ ମିଶ୍ର ୫ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ପୂର୍ବରୁ ଛକି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ମାଡି ବସିଥିଲା। ପରବର୍ତ୍ତୀ ସମୟରେ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁଧୀର କୁମାର ପଣ୍ଡା ଓ ଇମ୍ରାନ ଖାଁ ପରିଚାଳନା କରୁଥିଲେ।

**Business**

# ତରାଇ ଅଞ୍ଚଳରେ ରେଳ ସଂଯୋଗ ବୃଦ୍ଧି

ଭୁବନେଶ୍ୱର, ୨୭।୧୧ (ଅନୁରାଧା ମହାରଣା)



ଉତ୍ତରପ୍ରଦେଶର ତରାଇ ଅଞ୍ଚଳର ସଂଯୋଗୀକରଣକୁ ନୂଆ ଦିଗନ୍ତ ଦେଇ ଗୋରଖପୁର-ପିଲିଭିତ୍ ଏକ୍ସପ୍ରେସ୍ ଟ୍ରେନ୍‌କୁ ଗୁରୁବାର ଇଜତନଗର (ବରେଲି) ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ବାଣିଜ୍ୟ ଓ ଶିଳ୍ପ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଜିତିନ ପ୍ରସାଦ ନୂଆଦିଲ୍ଲୀସ୍ଥିତ ରେଳ ଭବନରୁ ଭିଡିଓ କନଫରେନ୍ସ ମାଧ୍ୟମରେ ଏହି ସେବାର ଉଦ୍‌ଘାଟନ କରିଛନ୍ତି। ଏହି ଟ୍ରେନ୍ ପୂର୍ବରୁ ଲଖିମପୁର-ଗୋରଖପୁର ମଧ୍ୟରେ ଚଳାଚଳ କରୁଥିଲା। କିଛି ମାସ ପୂର୍ବରୁ ଏହାକୁ ପିଲିଭିତ୍ ପର୍ଯ୍ୟନ୍ତ ବଢ଼ାଯାଇଥିଲା। ବର୍ତ୍ତମାନ ଏହାକୁ ବରେଲି ଚଳାଚଳ କରାଯାଉଛି। ଏହି ପଦକ୍ଷେପ ଉତ୍ତରପ୍ରଦେଶର ତରାଇ ଅଞ୍ଚଳର ରେଳ ସଂଯୋଗକୁ ଅଭୂତପୂର୍ବ ଉନ୍ନତି ଦେବ ଏବଂ ଅଞ୍ଚଳର କୃଷି ଓ ଜଙ୍ଗଲ ଉତ୍ପାଦନର ବଜାର ପହଞ୍ଚ ବଢ଼ାଇବା ସହ ପର୍ଯ୍ୟଟନ ଓ ନିଯୁକ୍ତି ସୃଷ୍ଟିରେ ବଡ଼ ଭୂମିକା ନିର୍ବାହ କରିବ। ଏ ଅବସରରେ ରେଳମନ୍ତ୍ରୀ ବୈଷ୍ଣବ କହିଛନ୍ତି, ୨୦୧୪ ପରଠାରୁ ଉତ୍ତରପ୍ରଦେଶରେ ରେଳ ବିକାଶ ଅଭୂତପୂର୍ବ। ରାଜ୍ୟରେ ୫,୨୭୨ କିଲୋମିଟର ନୂଆ ରେଳପଥ ନିର୍ମାଣ ହୋଇଛି, ଯାହା ସୁଇଜରଲାଣ୍ଡର ସମ୍ପୂର୍ଣ୍ଣ ରେଳ ନେଟ୍‌ୱର୍କଠାରୁ ଅଧିକ। ରାଜ୍ୟରେ ୧୦୦% ବିଦ୍ୟୁତୀକରଣ ସମ୍ପୂର୍ଣ୍ଣ ହୋଇଛି। ୧,୬୬୦ଟି ଫ୍ଲାଇଓଭର ଓ ରୋଡ୍ ଅଣ୍ଡରବ୍ରିଜ ନିର୍ମାଣ ହୋଇଛି। ଯାତ୍ରୀ ସୁବିଧା ପାଇଁ ରାଜ୍ୟରେ ୧୫୪ଟି ଲିଫ୍ଟ, ୧୫୬ଟି ଏସ୍କାଲେଟର ଏବଂ ୭୭୧ଟି ଷ୍ଟେଶନରେ ଫ୍ରି ୱାଇ-ଫାଇ ସୁବିଧା ଦିଆଯାଇଛି। ବର୍ତ୍ତମାନ ରାଜ୍ୟରେ ୩୪ଟି ବନ୍ଦେ ଭାରତ ଏବଂ ୨୬ଟି ଅମୃତ ଭାରତ ଏକ୍ସପ୍ରେସ୍ ଚଳାଚଳ କରୁଛି। ବୈଷ୍ଣବ ଆହୁରି କହିଛନ୍ତି, ୨୦୧୪ ପୂର୍ବରୁ ଯାହା ଦଶନ୍ଧି ଧରି ଅଟକି ରହିଥିଲା, ସେସବୁ ୪୮ଟି ଦୀର୍ଘଦିନର ପ୍ରୋଜେକ୍ଟ ଏବେ ସମ୍ପୂର୍ଣ୍ଣ ହୋଇଛି। ଲକ୍ଷ୍ନୌ-ପିଲିଭିତ୍, ପିଲିଭିତ୍-ଶାହଜାହାନପୁର ଏବଂ ବରେଲି-ଟନକପୁର ଗେଜ କନଭର୍ସନ ଭଳି ପ୍ରୋଜେକ୍ଟ ଏହି ତାଲିକାରେ ରହିଛି। ରାଜ୍ୟର ରେଳ ବଜେଟ ୧,୧୦୯ କୋଟିରୁ ୧୮ ଗୁଣ ବଢ଼ି ୧୯,୮୫୮ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଅମୃତ ଭାରତ ଷ୍ଟେଶନ ଯୋଜନାରେ ୧୫୭ଟି ଷ୍ଟେଶନର ପୁନର୍ବିକାଶ ଚାଲିଛି, ଯେଉଁଥିରୁ ୧୦ଟି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉଦ୍‌ଘାଟନ କରିସାରିଛନ୍ତି। ଜିତିନ ପ୍ରସାଦ କହିଛନ୍ତି, ରେଳ ସଂଯୋଗ ବୃଦ୍ଧି ଦ୍ୱାରା ଛାତ୍ର, କୃଷକ ଏବଂ ପର୍ଯ୍ୟଟକମାନେ ସବୁଠାରୁ ଅଧିକ ଲାଭବାନ ହେବେ। ଏହି କାର୍ଯ୍ୟକ୍ରମରେ ବରେଲି ଏମ୍‌ପି ଛତ୍ରପାଲ ସିଂହ ଗଙ୍ଗବାର, ବିଧାୟକ ବାବୁରାମ ପ୍ରମୁଖ ଉପସ୍ଥିତ ଥିଲେ।

## ମହିନ୍ଦ୍ରାର ଏକ୍ସଇଭି ୯ଏସ୍ ଉନ୍ମୋଚିତ

ଭୁବନେଶ୍ୱର, ୨୭।୧୧ (ଅନୁରାଧା ମହାରଣା)



ମହିନ୍ଦ୍ରା ପକ୍ଷରୁ ଭାରତ ବୃହତ୍ ନୂଆ ୭ ସିଟ୍ ବିଶିଷ୍ଟ ଇଲେକ୍ଟ୍ରିକ୍ ଏସ୍‌ୟୁଭି 'ଏକ୍ସଇଭି ୯ଏସ୍' ଉନ୍ମୋଚନ କରାଯାଇଛି। ଏହାକୁ କମ୍ପାନି ଏହାର ଇଙ୍ଗଲୋ ଢ଼ାଞ୍ଚାରେ ପ୍ରସ୍ତୁତ କରିଛି। ଗ୍ରାହକଙ୍କୁ ଅଧିକ ସ୍ଥାନ ପ୍ରଦାନ କରିବାକୁ ଦୃଷ୍ଟିରେ ରଖି ଏହି ଏସ୍‌ୟୁଭିର ବିକାଶ କରାଯାଇଛି। ଏହାର ବୃହତ କ୍ୟାବିନ, ତିନି ଧାଡ଼ିର ସିଟ୍ ଗ୍ରାହକଙ୍କ ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ କରିବ। ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡର ଅଧ୍ୟକ୍ଷ ତଥା ମହିନ୍ଦ୍ରା ଇଲେକ୍ଟ୍ରିକ୍ ଅଟୋମୋବାଇଲ୍ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଆର୍ ବେଲୁସାମୀ କହିଛନ୍ତି ଯେ, ଆମେ ସବୁବେଳେ ବିଶ୍ୱାସ କରିଆସିଛୁ ଯେ ପ୍ରଯୁକ୍ତିର ଅର୍ଥ ସେଥିରେ ରହିଛି ଯାହା ମାନବ ସମ୍ଭାବନାକୁ ବଢ଼ାଇଥାଏ। ଇଙ୍ଗଲୋ ଇଲେକ୍ଟ୍ରିକ୍ ଅରିଜିନ୍ ପ୍ଲାଟଫର୍ମ ଉପରେ ନିର୍ମିତ ଏକ୍ସଇଭି ୯ଏସ୍ ଅନ୍ୟ କୌଣସି ଗାଡ଼ିଠାରୁ ଅଧିକ ଜାଗା ସୃଷ୍ଟି କରି ଏକ ଶବ୍ଦହୀନ ଯାତ୍ରା ପ୍ରଦାନ କରଥାଏ। ଏମଏଆଇଏ ବ୍ରେନ୍ ଏହାର ଅନେକ ହାଇ-ଟେକ୍ ସୁବିଧାକୁ ସକ୍ଷମ କରୁଛି। ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡର ଅଟୋମୋଟିଭ୍ ଡିଭିଜନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ମହିନ୍ଦ୍ରା ଇଲେକ୍ଟ୍ରିକ୍ ଅଟୋମୋବାଇଲ୍ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ନଳିନୀକାନ୍ତ ଗୋଲାଗୁଣ୍ଟା କହିଛନ୍ତି, ଏକ୍ସଇଭି ୯ଏସ୍ ମହିନ୍ଦ୍ରା ପାଇଁ ଏକ ବଡ଼ ନୂଆ ଇଲେକ୍ଟ୍ରିକ୍ ଯୁଗର ଆରମ୍ଭର ସଙ୍କେତ ଦେଉଛି। ୧୯.୯୫ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଥିବା ଏହି ଗାଡ଼ିର ବୁକିଂ ୧୪ ଜାନୁଆରୀରୁ ଖୋଲାଯିବ ଏବଂ ଡେଲିଭରି ୨୩ ଜାନୁଆରୀରୁ ଆରମ୍ଭ ହେବ। ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଲିମିଟେଡର ଚିଫ୍ ଡିଜାଇନ୍ ଆଣ୍ଡ କ୍ରିଏଟିଭ୍ ଅଫିସର-ଅଟୋ ଆଣ୍ଡ ଫାର୍ମ ସେକ୍ଟର୍ସ ପ୍ରତାପ ବୋଷ କହିଛନ୍ତି ଏହାର ଗ୍ରାଉଣ୍ଡ କ୍ଲିୟରାନ୍ସ ୨୦୫ ଏମଏମ ରହିଛି। ଏହାର ସାର୍ବାଚ୍ଚ ଶକ୍ତି ୨୧୦କେଡବ୍ଲୁ ଓ ଟର୍କ ୩୮୦ ଏନଏମ ରହିଛି। ଏହା ୭ ସେକେଣ୍ଡରେ ଘଣ୍ଟା ପ୍ରତି୧୦୦ କିମି ବେଗରେ ଗତି କରିପାରିବ। ଏହାର ଶ୍ରେଷ୍ଠ ସ୍ପିଡ୍ ହେଉଛି ୨୦୨ କିମି। ଏହାର କ୍ୟାବିନ୍ ସ୍ଥାନ ୪୦୭୬ ଲିଟର, ୫୨୭ ଲିଟର ବୁଟ ସ୍ପେସ, ୱାୟରଲେସ ଫୋନ ଚାର୍ଜିଂ, ଲାଉଞ୍ଜ ଡେସ୍କ, ୭ ଏୟାରବ୍ୟାଗ, ଡ୍ରାଇଭ ଡ୍ରାଉଜିନେସ ଡିଟେକ୍ସନ ଭଳି ସୁବିଧା ରହିଛି।

## ରୂପାନ୍ତରିତ ହେବ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ଅଭିଜ୍ଞତା

NBBL
NPCI Bharat BillPay Ltd.

ଭୁବନେଶ୍ୱର, ୨୭।୧୧

ନ୍ୟାଶନାଲ୍ ପେମେଣ୍ଟସ୍ କର୍ପୋରେଶନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ)ର ସମ୍ପୂର୍ଣ୍ଣ ମାଲିକାନା ଥିବା ସହାୟକ କମ୍ପାନୀ ଏନ୍‌ପିସିଆଇ ଭାରତ ବିଲ୍‌ପେ' ଲିମିଟେଡ୍ (ଏନ୍‌ବିବିଏଲ୍), ବ୍ୟାଙ୍କିଙ୍ଗ୍ କନେକ୍ଟ ସହ ଏହାର ଡିଜିଟାଲ ପେମେଣ୍ଟ ଦୃଷ୍ଟିକୋଣକୁ ଆଗକୁ ବଢ଼ାଇଛି। ଆର୍‌ବିଆଇ ଗଭର୍ନର ସଞ୍ଜୟ ମାଲହୋତ୍ରାଙ୍କ ଉପସ୍ଥିତିରେ ଗ୍ଲୋବାଲ୍ ଫିନ୍‌ଟେକ୍ ଫେଷ୍ଟିଭାଲ୍ ୨୦୨୫ ସମୟରେ ବ୍ୟାଙ୍କିଙ୍ଗ୍ କନେକ୍ଟ ଆରମ୍ଭ କରାଯାଇଥିଲା। ବର୍ତ୍ତମାନର ନେଟ୍ ବ୍ୟାଙ୍କିଙ୍ଗ୍ କାର୍ଯ୍ୟପ୍ରଣାଳୀ ପାଇଁ ପ୍ରାୟତଃ ବହୁବିଧ ସମନ୍ୱୟ, ଜଟିଳ ଗ୍ରାହକ ପ୍ରମାଣପତ୍ର ଏବଂ ଅଣ- ମାନକିତ ସମାଧାନ ପ୍ରକ୍ରିୟା ଆବଶ୍ୟକ ହୁଏ। ବ୍ୟବସାୟୀ ଏବଂ ପେମେଣ୍ଟ ଏଗ୍ରିଗେଟର୍ ଅନ୍‌ବୋର୍ଡିଂ ୧୦ରୁ ୧୫ ଦିନ ପର୍ଯ୍ୟନ୍ତ ସମୟ ନେଇପାରେ, ଯାହା ପେମେଣ୍ଟ ଇକୋସିଷ୍ଟମରେ ଅସନ୍ତୋଷ ସୃଷ୍ଟି କରିଥାଏ। ଇକୋସିଷ୍ଟମ୍ ପାର୍ଟନରମାନଙ୍କ ସହଯୋଗରେ ଏନ୍‌ବିବିଏଲ୍ ଦ୍ୱାରା ବିକଶିତ, ବ୍ୟାଙ୍କିଙ୍ଗ୍ କନେକ୍ଟ ଗ୍ରାହକ, ବ୍ୟାଙ୍କ ଏବଂ ପେମେଣ୍ଟ ଏଗ୍ରିଗେଟର ସମେତ ସମସ୍ତ ଅଂଶଗ୍ରହଣକାରୀଙ୍କ ପାଇଁ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍ ଯାତ୍ରାକୁ ସରଳ ଏବଂ ଆଧୁନିକୀକରଣ କରିବା ପାଇଁ ଏହାକୁ ପ୍ରସ୍ତୁତ କରାଯାଇଛି। ବ୍ୟାଙ୍କିଙ୍ଗ୍ କନେକ୍ଟ ଏକ ସୁରକ୍ଷିତ ଏବଂ ଦକ୍ଷ ପେମେଣ୍ଟ ସିଷ୍ଟମ ସହଏହି ସମସ୍ୟାଗୁଡ଼ିକର ସମାଧାନକରେ।

## ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ମେଗା ଋଣମେଳା




ଭୁବନେଶ୍ୱର, ୨୭।୧୧

କେନ୍ଦୁଝରର ସ୍ଥିତ ମୁନିସିପାଲଟି ଅଡିଟୋରିଅମ ଠାରେ ଓଡିଶା ଗ୍ରାମୀଣ ବ୍ୟାଙ୍କର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ ଏବଂ କେନ୍ଦୁଝର ଜିଲା ପ୍ରଶାସନ ସହଭାଗିତାରେ ଏକ ମେଗା କ୍ରେଡିଟ ଆଉଟ ରିଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କେନ୍ଦୁଝର ଏମପି ଅନନ୍ତ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ସରକାରୀ ଯୋଜନାରେ ଓଡିଶା ଗ୍ରାମୀଣ ବ୍ୟାଙ୍କର ଅବଦାନକୁ ପ୍ରସଂଶା କରିଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦୁଝର ମୁନିସିପାଲଟି ଅଧ୍ୟକ୍ଷା ନିକୁ ସାହୁ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ କୁମାର ନାଗ ଭୂଷଣ, ଅଗ୍ରଣୀ ଜିଲା ଅଧିକାରୀ ହୀରାଲାଲ ମହାମାଲିକ, କୂରେଷ କୁମାର ନାୟକ, ଡ଼ି ଡ଼ି ଏମ, ନାବାର୍ଡ , ଓଜିବିର ମହାପ୍ରବନ୍ଧକ ଶ୍ରୀଯୁକ୍ତ ବାସୁଦେବ ରାଉତରାୟ ଏବଂ କେନ୍ଦୁଝର ଆଞ୍ଚଳିକ ପ୍ରବନ୍ଧକ ସତ୍ୟବ୍ରତ ନନ୍ଦ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ତଥା ବିଭିନ୍ନ ସରକାରୀ ଯୋଜନା ଅନ୍ତର୍ଗତ ଅନ୍ୟ ହିତାଧିକାରୀ ମାନଙ୍କୁ ଋଣ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା। କେବଳ ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ୧୦୦ କୋଟି ରୁ ଉର୍ଦ୍ଧ୍ୱ ରାଶି ପ୍ରଦାନ ପ୍ରଦାନ କରାଯାଇଥିଲା। କେନ୍ଦୁଝର ଆଞ୍ଚଳିକ କାର୍ଯ୍ୟାଳୟର ବ୍ୟବସାୟ ବିଭାଗ ମୁଖ୍ୟ ଶ୍ରୀଯୁକ୍ତ ଗୌରୀ ଶଙ୍କର ଦାଶ, କାର୍ଯ୍ୟ ସମ୍ପାଦନା ବିଭାଗ ମୁଖ୍ୟ ସୁଧାଂଶୁ ଶେଖର ସେଠୀ ଏବଂ ଖୁଚୁରା ଋଣ ବିଭାଗ ମୁଖ୍ୟ ଜ୍ୟୋତି ବିକାଶ ପଣ୍ଡା ସଭାକୁ ପରିଚାଳନା କରିଥିଲେ। ଋଣ ବିଭାଗ ପରିଚାଳିକା ସୀମା ସର ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଧିକାରୀ ସତ୍ୟରଞ୍ଜନ ପ୍ୟାରୀମୋହନ ସ୍ୱାଇଁ, ଅଭିମନ୍ୟୁ ବେହେରା, ବିଶ୍ୱନାଥ ନାୟକ ତଥା ଅଧିକାରିଣୀ ତମସ୍ୱିନୀ ସେଠୀ, ସ୍ନେହାପ୍ରଭା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## '୧୨୦ ବାହାଦୁର' ସହ ଯୋଡ଼ିହେଲା ଡା. ଅର୍ଥୋ

ଭୁବନେଶ୍ୱର, ୨୭।୧୧




ଫରହାନ ଅଖ୍‌ତରଙ୍କ ଅଭିନୀତ ଆକ୍ସନ ଚଳଚ୍ଚିତ୍ର '୧୨୦ ବାହାଦୁର' ସହିତ ଆୟୁର୍ବେଦିକ ବ୍ରାଣ୍ଡ 'ଡା. ଅର୍ଥୋ' କୋ-ବ୍ରାଣ୍ଡିଂ ମାଧ୍ୟମରେ ଯୋଡ଼ିହୋଇଛି। ରଜନୀଶ ଧରଙ୍କ ନିର୍ଦ୍ଦେଶନାରେ ନିର୍ମିତ ହେଉଥିବା ଏହି ଚଳଚ୍ଚିତ୍ରଟି ୧୨୦ ଜଣ ବୀର ଯୋଦ୍ଧାଙ୍କ ସାହସ, ଅଦମ୍ୟ ସଂକଳ୍ପ ଓ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଲଢ଼ିବାର ଅନୁପ୍ରେରଣାଦାୟୀ କାହାଣୀ କହୁଛି। ଚଳଚ୍ଚିତ୍ରଟିର ସଫଳତା କାମନାକରି ବ୍ରାଣ୍ଡର ମାଲିକ ତଥା ଉଦ୍ୟୋଗପତି ଡା. ସଞ୍ଜୀବ ଜୁନେଜା କହିଛନ୍ତି, '୧୨୦ ବାହାଦୁର' ସାହସ ଓ ଅଧ୍ୟବସାୟର ଏକ ଅସାଧାରଣ କାହାଣୀ। ଆୟୁର୍ବେଦିକ ବ୍ରାଣ୍ଡ ଡା. ଅର୍ଥୋକୁ ଚଳଚ୍ଚିତ୍ର ସହିତ ଯୋଡ଼ିହେବାକୁ ପ୍ରେରଣା ଦେଇଛି। ଯେଉଁଭଳି ଏହି ୧୨୦ ବାହାଦୁର କେବେ ହାର ମାନି ନ ଥିଲେ, ସେହିଭଳି ଡା. ଅର୍ଥୋ ଆୟୁର୍ବେଦିକ ତେଲ ମଧ୍ୟ ଗଣ୍ଠି ଯନ୍ତ୍ରଣା ବିରୋଧରେ ଅବିରାମ ଲଢ଼େଇକରି ଆରାମ ଦେଇଥାଏ। ଏହି କୋ-ବ୍ରାଣ୍ଡିଂ ଉପରେ ଫର୍‌ହାନ ଖତର କହିଛନ୍ତି, ୧୨୦ ବାହାଦୁରଙ୍କ ଭଳି ଡା. ଅର୍ଥୋ ମଧ୍ୟ ଯନ୍ତ୍ରଣା ବିରୋଧରେ ଠିଆ ହୋଇଛି ଏବଂ ଏହି ୧୨୦ ବୀରଙ୍କୁ ସଲାମ କରୁଛି। ଦିବ୍ୟା ହର୍ବାଲ୍ସର ପ୍ରତିନିଧି କହିଛନ୍ତି, ଡା. ଅର୍ଥୋ ଉତ୍ପାଦ ଦେଶର ପ୍ରାୟ ପ୍ରତିଟି ଘରେ ପହଞ୍ଚି ଗ୍ରାହକଙ୍କ ବିଶ୍ୱାସ ଅର୍ଜନ କରିଛି। ଡା. ଅର୍ଥୋ ତେଲ ବ୍ୟତୀତ ବ୍ରାଣ୍ଡଟି ଷ୍ଟ୍ରଙ୍ଗ ଅଏଲ, କ୍ୟାପ୍‌ସୁଲ, ଅଏଣ୍ଟମେଣ୍ଟ, ବାମ୍, ସ୍ପ୍ରେ, ପ୍ରିମିୟମ ନି କ୍ୟାପ୍, ବ୍ୟାକ୍ ସପୋର୍ଟ, ପୋଷ୍ଚର କରେକ୍ଟର, ଆଙ୍କଲ ବାଇଣ୍ଡର, ସର୍ଭାଇକାଲ ପିଲୋ, ମ୍ୟାଟ୍ରେସ୍ ଆଦି ଉପଲବ୍ଧ କରାଉଛି।

# ଶ୍ରେଷ୍ଠ ବିଦ୍ୟାର୍ଥୀ ତିଆରି କରୁଛି ଉତ୍କଳ ବିଶ୍ୱବିଦ୍ୟାଳୟ

## ଉତ୍କଳ ବିଶ୍ୱବିଦ୍ୟାଳୟର ୮୩ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୨୭।୧୧(ସୁଚିସ୍ମିତା ସାହୁ)

ଉତ୍କଳ ବିଶ୍ୱବିଦ୍ୟାଳୟର ୮୩ତମ ପ୍ରତିଷ୍ଠା ଦିବସ ଗୁରୁବାର ବିଶ୍ୱବିଦ୍ୟାଳୟର ଏମ୍‌କେସିଜି ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପି.ପ୍ରକାଶ ବାବୁ ଯୋଗଦେଇ କହିଲେ, ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଶାର ସର୍ବପୁରାତନ ବିଶ୍ୱବିଦ୍ୟାଳୟ। ଶ୍ରେଷ୍ଠ ବିଦ୍ୟାର୍ଥୀ ତିଆରି କରିବାରେ ବିଶ୍ୱବିଦ୍ୟାଳୟର ଅନନ୍ୟ ଭୂମିକା ରହିଛି। ଏହି ବିଶ୍ୱବିଦ୍ୟାଳୟରୁ ସୃଷ୍ଟି ହୋଇଥିବା ବିଶିଷ୍ଟ ବ୍ୟକ୍ତିମାନେ ବିଶ୍ୱର ବିଭିନ୍ନ କୋଣ ଅନୁକୋଣରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ଏଠାରେ ବିଦ୍ୟାର୍ଥୀଙ୍କ ପାଠପଢ଼ାରେ ଉନ୍ନତି ଆଣିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଏଥିସହିତ ପିଲାମାନେ କଳା, ସାହିତ୍ୟ ଓ ସଂସ୍କୃତିରେ ନିପୁଣ ହୋଇପାରୁଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ଏଥିରେ ସଭାପତିତ୍ୱ କରି ଓଡ଼ିଶାର ଶିକ୍ଷା କ୍ଷେତ୍ରକୁ ରୂପ ଦେବାରେ ଉତ୍କଳ ବିଶ୍ୱବିଦ୍ୟାଳୟର ରୂପାନ୍ତରକାରୀ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ।



ପ୍ରତିଷ୍ଠା ଉତ୍ସବରେ ଅତିଥିମାନେ ଛାତ୍ରୀ ଶାଶ୍ୱତୀ ପ୍ରିୟଦର୍ଶିନୀଙ୍କୁ 'ଲତିକା ସୁନ୍ଦରୀ ରୟ ସ୍ୱର୍ଣ୍ଣପଦକ' ପ୍ରଦାନ କରୁଛନ୍ତି।

ସେ କହିଲେ, ବିଶ୍ୱବିଦ୍ୟାଳୟର ଐତିହ୍ୟ ଓ ପରିଚୟ ଏହା ଦ୍ୱାରା ଗଢ଼ା ହୋଇଥିବା ହଜାର ହଜାର ମସ୍ତିଷ୍କ, ପ୍ରେରଣା ଦେଇଥିବା ଗବେଷଣା ଏବଂ ପାଳନ କରାଯାଇଥିବା ମୂଲ୍ୟବୋଧ ମାଧ୍ୟମରେ ମାପ କରାଯାଏ। ଡିଜିଟାଲ ଅଗ୍ରଗତିକୁ ଆପଣାଇବା, ଯୁଗାନ୍ତକାରୀ ସଂସ୍କାର ଆଣିବା ଏବଂ ଗବେଷଣା ତଥା ଉଦ୍ଭାବନରେ ସୁଯୋଗ ବଢ଼ାଇବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏଥିସହ ସେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଏକ ଐତିହ୍ୟ ଅନୁଷ୍ଠାନ, ନୂତନ ଗବେଷଣାର ଏକ ଶକ୍ତିକେନ୍ଦ୍ର ଏବଂ ବିଶ୍ୱର ଶିକ୍ଷାର୍ଥୀଙ୍କ ପାଇଁ ଏକ ସ୍ୱପ୍ନର ଗନ୍ତବ୍ୟସ୍ଥଳ ଭାବରେ ପରିକଳ୍ପନା କରିଥିଲେ। ସେ କହିଲେ, ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଉଛି। ଗବେଷଣା ପରିବେଶ ସହିତ ଶୈକ୍ଷିକ ବାତାବରଣ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ଅଧ୍ୟୟନରେ ସହଯୋଗ କରୁଛି। ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବାକୁ ଯୋଜନା ରଖାଯାଇଛି। ଖାଲି ପଡିଥିବା ପଦବୀ ପୂରଣ ସହିତ ଏଠାରେ ବୌଦ୍ଧିକ ଓ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ପ୍ରଦାନ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଛି। ବିଶ୍ୱବିଦ୍ୟାଳୟରେ ଏଆଇ ପାଠପଢ଼ାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଜାତୀୟ ଶିକ୍ଷାନୀତି–୨୦୨୦କୁ ଲାଗୁ କରାଯାଇଛି। ମୁଖ୍ୟବକ୍ତା ଭାବେ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ଭୁବନେଶ୍ୱରର ବିଶିଷ୍ଟ ବୈଜ୍ଞାନିକ ପ୍ରଫେସର ବେଦାଙ୍ଗଦାସ ମହାନ୍ତି ଯୋଗଦେଇ କହିଲେ, ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଶାର ବହୁ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ସୃଷ୍ଟି କରିପାରିଛି। ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରି ବହୁ ଛାତ୍ରୀଛାତ୍ର ନିଜ ସ୍ୱପ୍ନକୁ ସାକାର କରିଛନ୍ତି। ଆଗାମୀ ପିଢ଼ିଙ୍କର ମଧ୍ୟ ଉଜ୍ଜ୍ୱଳ ଭବିଷ୍ୟତ ରହିଛି। ଛାତ୍ରୀଛାତ୍ରମାନେ କିଭଳି ଏଠାରେ ବିଶ୍ୱସ୍ତରୀୟ ଶିକ୍ଷା ଆହରଣ କରିପାରିବେ ସେଥିପ୍ରତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଚେଷ୍ଟା କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। କୁଳସଚିବ ଡ. ସ୍ୱାତୀ ମିଶ୍ର ବିଶ୍ୱବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ୪୧ଜଣ ଗବେଷକ ଓ ବିଦ୍ୟାର୍ଥୀଙ୍କୁ ବିଭିନ୍ନ ସ୍ୱର୍ଣ୍ଣପଦକ ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ଛାତ୍ରମଙ୍ଗଳ ନିର୍ଦ୍ଦେଶକ ପ୍ରଫେସର ଶ୍ରୀରୂପ ଗୋସ୍ୱାମୀ ଧନ୍ୟବାଦ ଦେଇଥିଲେ।

# ପାଲା, ଦାସକାଠିଆ ସଂସ୍କୃତିକୁ ଚିର ଉଜ୍ଜୀବିତ କରି ରଖିବାକୁ ଆହ୍ୱାନ



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ୧୨ଜଣ ପାଲା ଗାୟିକାଗାୟକ।

ଭୁବନେଶ୍ୱର,୨୭।୧୧(ସୌମ୍ୟରଞ୍ଜନ ରାଉତ)

## ରାଜ୍ୟସ୍ତରୀୟ ପାଲା ଓ ଦାସକାଠିଆ ଉତ୍ସବ ଉଦ୍‌ଯାପିତ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ରାଜ୍ୟସ୍ତରୀୟ ପାଲା ଓ ଦାସକାଠିଆ ଉତ୍ସବ ଗୁରୁବାର ଭଞ୍ଜକଳା ମଣ୍ଡପଠାରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଲା ଗବେଷକ ଡ. ସନ୍ତୋଷ ମହାପାତ୍ର କହିଲେ, ପାଲା ଓ ଦାସକାଠିଆ ସଂସ୍କୃତିକୁ ଚିର ଉଜ୍ଜୀବିତ କରି ରଖିବା ପାଇଁ କଳାକାରମାନେ କାର୍ଯ୍ୟ କରନ୍ତୁ। ପାଲା ଗାୟନ ଓ ଦାସକାଠିଆ ହେଉଛି ଓଡ଼ିଆ ସଂସ୍କୃତିର ଅବିଚ୍ଛେଦ୍ୟ ଅଂଶ। ଏହାର ବହୁଳ ପ୍ରଚାର ଓ ପ୍ରସାର ସହ ବର୍ତ୍ତମାନର ଯୁବପିଢ଼ି ଯେପରି ଏହି ସଂସ୍କୃତି ସହ ସାମିଲ ହେବେ ସେ ଦିଗରେ କାର୍ଯ୍ୟ କରିବା ଉଚିତ ବୋଲି ଡ. ମହାପାତ୍ର ମତପ୍ରକାଶ କରିଥିଲେ। ପରେ ଭଦ୍ରକ ଜିଲାର ଡ. କଳାକର ନାୟକ ଓ ସାଥୀ, କଟକ ଜିଲାର ଅସୀମା ବରାଳ ଓ ସାଥୀ, ଦୁଷ୍ମନ୍ତ ବେହେରା ଓ ସାଥୀ, ପୁରୀ ଜିଲାର ବସନ୍ତ କୁମାର ମହାରଣା ଓ ସାଥୀ, କେନ୍ଦୁଝର ଜିଲାର ତୁଳସୀ ଚରଣ ମହାନ୍ତ ଓ ସାଥୀ ଏବଂ ଖୋର୍ଦ୍ଧା ଜିଲାର ସତ୍ୟ ନାୟକ ଓ ସାଥୀ ଦାସକାଠିଆ ପରିବେଷଣ କରିଥିଲେ। ଏହି ଅବସରରେ ୧୨ଜଣ ପାଲା ଗାୟିକାଗାୟକଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିଭାବେ ଶ୍ରୀ ଶ୍ରୀ ନିଳାଚଳ ନିଖିଳ ଉତ୍କଳ ପାଲା ଗାୟକ ସଂଘ ସଭାପତି ଗାୟକ ମଦନ ମୋହନ ଜେନା, ସମ୍ପାଦକ ଗାୟକ ବସନ୍ତ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମହାନଦୀରୁ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

ବାରଙ୍ଗ, ୨୭।୧୧(ଲିଙ୍ଗରାଜ ରାଉତ)



ରାହୁଲ ପ୍ରଧାନ

ବାରଙ୍ଗ ଥାନା ଅନ୍ତର୍ଗତ ମଧୁପୁର ଗ୍ରାମର ନିଖୋଜ ଯୁବକଙ୍କ ମୃତଦେହ ମହାନଦୀରୁ ଗୁରୁବାର ଜବତ ହୋଇଛି। ସେ ହେଲେ ଉକ୍ତ ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁମିନା ପ୍ରଧାନଙ୍କ ବଡ଼ପୁଅ ରାହୁଲ ପ୍ରଧାନ(୨୦)। ସେ ୫ ଦିନ ହେବ ନିଖୋଜଥିଲେ। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା (ନଂ. ୫୧/୨୫) ରୁଜୁ କରିଛି। ଅନ୍ୟପଟେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

ରାହୁଲ ଗତ ରବିବାର ସକାଳୁ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି ପରେ ମଧ୍ୟ କୌଣସି ପତ୍ତା ମିଳି ନଥିଲା। ଫଳରେ ସୋମବାର ରାତିରେ ପରିବାର ପକ୍ଷରୁ ବାରଙ୍ଗ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ତେବେ ନିଖୋଜ ହେବାର ୫ ଦିନରେ ଗୁରୁବାର ସକାଳୁ କଟକ କିଶୋରନଗର ଥାନା ଅଧୀନ ଗୁଆଳି ବେଲକଣ ମଠ ନିକଟ ମହାନଦୀର ମଝିପଠାରୁ ରାହୁଲଙ୍କ ମୃତଦେହ ଜବତ ହୋଇଛି। ମହାନଦୀର ମଝିପଠାରେ ମୃତଦେହ ଲାଗିଥିବାର ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପରେ ପରିବାର ଲୋକ ଘଟଣାସ୍ଥଳକୁ ଯାଇ ମୃତଦେହ ଚିହ୍ନଟ କରିବା ପରେ ଘଟଣା ଜଣାପଡିଥିଲା। ମୃତ ରାହୁଲ ଘରୁ ଗଲା ବେଳେ ପିନ୍ଧିଥିବା ସେଇ ପ୍ୟାଣ୍ଟ ଶାର୍ଟ ପିନ୍ଧିଥିଲେ। ମାତ୍ର ଏସିଡ ପକାଇ ତାଙ୍କ ମୁହଁ ଓ ହାତ ପୋଡ଼ି ଦେଇଥିବା ଭଳି ଅନୁମାନ କରାଯାଇଥିଲା। ତାଙ୍କ ପ୍ୟାଣ୍ଟ ପକେଟରେ ମୋବାଇଲ ଥିବା ବେଳେ ଘରୁ ଗଲାବେଳେ ସାଙ୍ଗରେ ନେଇକି ଯାଇଥିବା ବୁଲେଟ(ନଂ. ଓଡି ୦୫ବିଏକ୍ସ ୩୩୦୦ ନମ୍ବର)ଟି ଆଖପାଖରେ ନଥିଲା। ପୁଅକୁ କେହି ହତ୍ୟା କରି ମହାନଦୀରେ ଫୋପାଡ଼ି ଦେଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି।

# ବାଂଲାଦେଶୀ ସନ୍ଦେହରେ ୪ ଫୁଲ ବେପାରୀ ଅଟକ

ଖୋର୍ଦ୍ଧା,୨୭।୧୧(ପ୍ରଭାତ ପାଣିଗ୍ରାହୀ)

ରାଜ୍ୟରେ ବାଂଲାଦେଶୀ ଯାଞ୍ଚ ପ୍ରକ୍ରିୟା ଜୋର୍‌ଦାର ଚାଲିଛି। ଖୋର୍ଦ୍ଧା ଜିଲାର ବିଭିନ୍ନ ଅଞ୍ଚଳରେ ବାଂଲାଦେଶୀମାନେ ଛଦ୍ମ ନାମରେ ରହୁଛନ୍ତି। ନକଲି ଆଧାରକାର୍ଡ ବ୍ୟବହାର କରି ବର୍ଷ ବର୍ଷ ଧରି ରହିଆସୁଛନ୍ତି। ଏମାନଙ୍କୁ ଚିହ୍ନଟ କରାଯାଇ ଜିଲାରୁ ବାହାର କରିବା ପାଇଁ ବଜରଙ୍ଗ ଦଳ କର୍ମୀ ଦାବି କରିଛନ୍ତି। କୋର୍ଟ ନିକଟରେ ଗେଣ୍ଡୁଫୁଲ ପସରା ମେଲାଇଥିବା ୫ ବେପାରୀଙ୍କୁ ଗୁରୁବାର ବଜରଙ୍ଗ ଦଳର କେତେଜଣ କର୍ମୀ ସେମାନଙ୍କ ପରିଚୟ ପଚାରିଥିଲେ। ସେମାନେ ନିଜ ପରିଚୟ ଦେବାରେ କୁଣ୍ଠାବୋଧ କରିବାରୁ ସେମାନଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ୫ଜଣଙ୍କ ମଧ୍ୟରୁ ଜଣେ ଖସିଯାଇଥିବା ବେଳେ ଅନ୍ୟ ୪ଜଣଙ୍କୁ ଆଦର୍ଶ ଥାନା ପୋଲିସ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ସେମାନଙ୍କ ନିକଟରେ ଏକ ଆଧାରକାର୍ଡ ରହିଥିବା ବେଳେ ନିଜକୁ ପଶ୍ଚିମବଙ୍ଗ ମେଦିନାପୁର ଅଞ୍ଚଳର ବୋଲି ପରିଚୟ ଦେଇଛନ୍ତି। ଶୀତଋତୁରେ ଫୁଲ ବ୍ୟବସାୟ କରିବାକୁ ଏଠାକୁ ଆସୁଥିବା କହିଛନ୍ତି। ପୋଲିସ ସେମାନଙ୍କ ଠିକ୍ ପ୍ରମାଣପତ୍ର ଦାଖଲ କରିବାକୁ କହିଥିଲା। ଏନେଇ ବଜରଙ୍ଗ ଦଳ ଜିଲା ସହସଂଯୋଜକ ଏସ୍.ଏମ୍. ଦିବ୍ୟପ୍ରକାଶ କୁହନ୍ତି, ଖୋର୍ଦ୍ଧା ସହରରେ ବାଂଲାଦେଶୀ ଫେରିବାଲା ଏବଂ ଫୁଲବେପାରୀ ବେଶରେ ବୁଲୁଛନ୍ତି। ଏମାନଙ୍କୁ ଚିହ୍ନଟ ପାଇଁ ପ୍ରଶାସନ ନିକଟରେ ଦାବି କରାଯିବ।





ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ରାଗୋତ୍ସବରେ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରାଯାଉଛି।

# 'ରାଗୋତ୍ସବ'ର ଦ୍ୱିତୀୟ ସନ୍ଧ୍ୟା

ଭୁବନେଶ୍ୱର,୨୭।୧୧ (ସୌମ୍ୟରଞ୍ଜନ ରାଉତ)

ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଭୁବନେଶ୍ୱର ମ୍ୟୁଜିକ୍ ସର୍କଲର ବାର୍ଷିକ ସଙ୍ଗୀତ ମହୋତ୍ସବ 'ରାଗୋତ୍ସବ'ର ଗୁରୁବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ରୂପକ କୁମାର ପରିଡ଼ାଙ୍କ ଓଡ଼ିଶା ଭୋକାଲ ରେସିଟାଲ ପରିବେଷଣରୁ ଆରମ୍ଭ ହୋଇଥିଲା ସଙ୍ଗୀତ କାର୍ଯ୍ୟକ୍ରମ। ଏଥିରେ ରାମଚନ୍ଦ୍ର ବେହେରା ମର୍ଦ୍ଦଳ, ଆକାଶ ବିଶ୍ୱାଳ ହାରମୋନିୟମ, ଅମିତ୍ କୁମାର ପଣ୍ଡା ତାନପୁରା ଏବଂ ସୌମ୍ୟ ରଞ୍ଜନ ସେଠୀ ବଂଶୀ ବାଦନରେ ସହଯୋଗ କରିଥିଲେ। ସେହିପରି ଦ୍ୱିତୀୟ ଉପସ୍ଥାପନାରେ ଡ. ଚନ୍ଦ୍ରିମା ମଜୁମଦାରଙ୍କ ଦ୍ୱାରା ହିନ୍ଦୁସ୍ତାନୀ ସରୋଦ ରେସିଟାଲ ପରିବେଷିତ ହୋଇଥିଲା। ତାଙ୍କୁ କୁଳମଣି ସାହୁ ତବଲାରେ ସହଯୋଗ କରିଥିଲେ।

# ରାଜଭବନରେ କଳିଙ୍ଗ ଅତିଥି ନିବାସ ଉଦ୍‌ଘାଟନ କଲେ ରାଷ୍ଟ୍ରପତି

ଭୁବନେଶ୍ୱର,୨୭।୧୧(ସୁଚିସ୍ମିତା ସାହୁ)

ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ଭୁବନେଶ୍ୱରସ୍ଥିତ ରାଜଭବନ ପରିସରରେ ନବନିର୍ମିତ କଳିଙ୍ଗ ଅତିଥି ନିବାସର ଉଦ୍‌ଘାଟନ କରିଛନ୍ତି। ଆୟୋଜିତ ଉତ୍ସବରେ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି, ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଏବଂ ରାଜ୍ୟ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ବହୁ ଉଚ୍ଚ ପଦାଧିକାରୀ ଯୋଗଦେଇଥିଲେ। ରାଜଭବନର ସବୁଜ ପରିବେଶ ମଧ୍ୟରେ ଅବସ୍ଥିତ କଳିଙ୍ଗ ଅତିଥି ନିବାସରେ



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଫିତା କାଟି କଳିଙ୍ଗ ଅତିଥି ନିବାସକୁ ଉଦ୍‌ଘାଟନ କରୁଛନ୍ତି।

ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ପାରମ୍ପରିକ ସ୍ଥାପତ୍ୟର ପ୍ରତିଫଳନ ହୋଇଛି। କଳିଙ୍ଗ ଅତିଥି ନିବାସରେ ବାହ୍ୟ ଏବଂ ଭିତର ପାର୍ଶ୍ୱ ଉଭୟ ଶାସ୍ତ୍ରୀୟ ଓଡ଼ିଆ କାରିଗରୀ ଆଧାରିତ ମୋଟିଫ, ଭାସ୍କର୍ଯ୍ୟ ଏବଂ ଡିଜାଇନ ପ୍ରଦର୍ଶନ କରେ। ପ୍ରତ୍ୟେକ କୋଠରୀକୁ ଓଡ଼ିଶାର ପରିଚୟ ଏବଂ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରିବା ପାଇଁ ଚିନ୍ତନଶୀଳ ଭାବରେ ଡିଜାଇନ କରାଯାଇଛି। କଳିଙ୍ଗ ଅତିଥି ଭବନର ଉଦ୍‌ଘାଟନ ଏକ ଗୁରୁତ୍ୱପୂର୍ଣ୍ଣ ଗର୍ବର ମୁହୂର୍ତ୍ତ। କାରଣ ଏହି ମର୍ଯ୍ୟାଦାଜନକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ପୂର୍ବରୁ ସେ ନିଜେ କରିଥିଲେ ବୋଲି ରାଷ୍ଟ୍ରପତି କହିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ କସିଶ



@ ଲିପନ



@ ମୋହନ



@ ସିଦ୍ଧାର୍ଥ



@ ତପନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଭିଭାବକ ସମ୍ମିଳନୀ





ଭୁବନେଶ୍ୱର,୨୭।୧୧
(ଅନୁରାଧା ମହାରଣା)

କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ୨ ଦିନିଆ ଅଭିଭାବକ ଓ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କିଟ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚେୟାରମ୍ୟାନ ତଥା କିଟ୍‌ର ପ୍ରତିଷ୍ଠାତା ସଭ୍ୟ ଡ. ଚିତ୍ତ ରଞ୍ଜନ ମିଶ୍ର ଉପସ୍ଥିତ ରହି ଗୁଣାତ୍ମକ ଶିକ୍ଷା ଓ ଶୃଙ୍ଖଳିତ ଜୀବନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଉପସ୍ଥିତ ଅଭିଭାବଙ୍କୁ ନିଜ କର୍ତ୍ତବ୍ୟ ସମ୍ପର୍କରେ ବୁଝାଇବା ସହିତ କିପରି ପିଲାମାନେ ଶୃଙ୍ଖଳିତ ହୋଇ ପାଠପଢାରେ ମନ ନିବେଶ କରିବେ ସେ ବିଷୟରେ କହିଥିଲେ। ପିଲାମାନଙ୍କର ସର୍ବାଙ୍ଗିନ ଉନ୍ନତି ପଥରେ ଶିକ୍ଷୟିତ୍ରୀଶିକ୍ଷକଙ୍କର ଯେତିକି ଦାୟିତ୍ୱ ରହିଛି, ମାତାପିତାଙ୍କର ମଧ୍ୟ ସେତିକି ଦାୟିତ୍ୱ ରହିଛି ବୋଲି ସେ କହିଥିଲେ। ଉଚ୍ଚ ବିଦ୍ୟାଳୟ ଅଧ୍ୟକ୍ଷ ଡ. ତ୍ରିବିକ୍ରମ ଷଡଙ୍ଗୀ ନିଜର ୩୫ ବର୍ଷର ଶିକ୍ଷକତା ଜୀବନର ଅଭିଜ୍ଞତା ଓ ଅନୁଭୂତି ଉଦାହଣ ଦେଇ ପିଲାଙ୍କୁ ମାର୍ଗଦର୍ଶନ କରିଥିଲେ। ବିଦ୍ୟାଳୟ ଉପାଧ୍ୟକ୍ଷ ଡ. ରୁଦ୍ରମୋହନ ନନ୍ଦ ଧନ୍ୟବାଦ ଦେଇଥିଲେ।

**ଟି-ସେତୁରୁ ମୃତଦେହ ଜବତ**

ବଡ଼ମ୍ବା, (ମାୟାଧର ମଲ୍ଲିକ): ବଡ଼ମ୍ବା-ଗୋପୀନାଥପୁର ଟି-ସେତୁ ପାଖ ମହାନଦୀ ପଠାରୁ ଗୁରୁବାର ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନାହିଁ। ବଡ଼ମ୍ବା ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି। ମୃତଦେହଟି ୨ରୁ ୩ ଦିନ ହେବ ପଡ଼ିରହିଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।

# ଶ୍ରେଷ୍ଠ ବିଦ୍ୟାର୍ଥୀ ତିଆରି କରୁଛି ଉତ୍କଳ ବିଶ୍ୱବିଦ୍ୟାଳୟ

## ଉତ୍କଳ ବିଶ୍ୱବିଦ୍ୟାଳୟର ୮୩ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୨୭।୧୧(ସୁଚିସ୍ମିତା ସାହୁ)

ଉତ୍କଳ ବିଶ୍ୱବିଦ୍ୟାଳୟର ୮୩ତମ ପ୍ରତିଷ୍ଠା ଦିବସ ଗୁରୁବାର ବିଶ୍ୱବିଦ୍ୟାଳୟର ଏମ୍‌କେସିଜି ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପି.ପ୍ରକାଶ ବାବୁ ଯୋଗଦେଇ କହିଲେ, ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଶାର ସର୍ବପୁରାତନ ବିଶ୍ୱବିଦ୍ୟାଳୟ। ଶ୍ରେଷ୍ଠ ବିଦ୍ୟାର୍ଥୀ ତିଆରି କରିବାରେ ବିଶ୍ୱବିଦ୍ୟାଳୟର ଅନନ୍ୟ ଭୂମିକା ରହିଛି। ଏହି ବିଶ୍ୱବିଦ୍ୟାଳୟରୁ ସୃଷ୍ଟି ହୋଇଥିବା ବିଶିଷ୍ଟ ବ୍ୟକ୍ତିମାନେ ବିଶ୍ୱର ବିଭିନ୍ନ କୋଣ ଅନୁକୋଣରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ଏଠାରେ ବିଦ୍ୟାର୍ଥୀଙ୍କ ପାଠପଢ଼ାରେ ଉନ୍ନତି ଆଣିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଏଥିସହିତ ପିଲାମାନେ କଳା, ସାହିତ୍ୟ ଓ ସଂସ୍କୃତିରେ ନିପୁଣ ହୋଇପାରୁଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ଏଥିରେ ସଭାପତିତ୍ୱ କରି ଓଡ଼ିଶାର ଶିକ୍ଷା କ୍ଷେତ୍ରକୁ ରୂପ ଦେବାରେ ଉତ୍କଳ ବିଶ୍ୱବିଦ୍ୟାଳୟର ରୂପାନ୍ତରକାରୀ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ।



ପ୍ରତିଷ୍ଠା ଉତ୍ସବରେ ଅତିଥିମାନେ ଛାତ୍ରୀ ଶାଶ୍ୱତୀ ପ୍ରିୟଦର୍ଶିନୀଙ୍କ 'ଲତିକା ସୁନ୍ଦରୀ ରଥ ସ୍ୱର୍ଣ୍ଣପଦକ' ପ୍ରଦାନ କରୁଛନ୍ତି।

ସେ କହିଲେ, ବିଶ୍ୱବିଦ୍ୟାଳୟର ଐତିହ୍ୟ ଓ ପରିଚୟ ଏହା ଦ୍ୱାରା ଗଢ଼ା ହୋଇଥିବା ହଜାର ହଜାର ମସ୍ତିଷ୍କ, ପ୍ରେରଣା ଦେଇଥିବା ଗବେଷଣା ଏବଂ ପାଳନ କରାଯାଇଥିବା ମୂଲ୍ୟବୋଧ ମାଧ୍ୟମରେ ମାପ କରାଯାଏ। ଡିଜିଟାଲ ଅଗ୍ରଗତିକୁ ଆପଣାଇବା, ଯୁଗାନ୍ତକାରୀ ସଂସ୍କାର ଆଣିବା ଏବଂ ଗବେଷଣା ତଥା ଉଦ୍ଭାବନରେ ସୁଯୋଗ ବଢ଼ାଇବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏଥିସହ ସେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଏକ ଐତିହ୍ୟ ଅନୁଷ୍ଠାନ, ନୂତନ ଗବେଷଣାର ଏକ ଶକ୍ତିକେନ୍ଦ୍ର ଏବଂ ବିଶ୍ୱର ଶିକ୍ଷାର୍ଥୀଙ୍କ ପାଇଁ ଏକ ସ୍ୱପ୍ନର ଗନ୍ତବ୍ୟସ୍ଥଳ ଭାବରେ ପରିକଳ୍ପନା କରିଥିଲେ। ସେ କହିଲେ, ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଉଛି। ଗବେଷଣା ପରିବେଶ ସହିତ ଶୈକ୍ଷିକ ବାତାବରଣ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ଅଧ୍ୟୟନରେ ସହଯୋଗ କରୁଛି। ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବାକୁ ଯୋଜନା ରଖାଯାଇଛି। ଖାଲି ପଡିଥିବା ପଦବୀ ପୂରଣ ସହିତ ଏଠାରେ ବୌଦ୍ଧିକ ଓ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ପ୍ରଦାନ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଛି। ବିଶ୍ୱବିଦ୍ୟାଳୟରେ ଏଆଇ ପାଠପଢ଼ାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଜାତୀୟ ଶିକ୍ଷାନୀତି–୨୦୨୦କୁ ଲାଗୁ କରାଯାଇଛି। ମୁଖ୍ୟବକ୍ତା ଭାବେ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ଭୁବନେଶ୍ୱରର ବିଶିଷ୍ଟ ବୈଜ୍ଞାନିକ ପ୍ରଫେସର ବେଦାଙ୍ଗଦାସ ମହାନ୍ତି ଯୋଗଦେଇ କହିଲେ, ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଶାର ବହୁ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ସୃଷ୍ଟି କରିପାରିଛି। ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରି ବହୁ ଛାତ୍ରୀଛାତ୍ର ନିଜ ସ୍ୱପ୍ନକୁ ସାକାର କରିଛନ୍ତି। ଆଗାମୀ ପିଢ଼ିଙ୍କର ମଧ୍ୟ ଉଜ୍ଜ୍ୱଳ ଭବିଷ୍ୟତ ରହିଛି। ଛାତ୍ରୀଛାତ୍ରମାନେ କିଭଳି ଏଠାରେ ବିଶ୍ୱସ୍ତରୀୟ ଶିକ୍ଷା ଆହରଣ କରିପାରିବେ ସେଥିପ୍ରତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଚେଷ୍ଟା କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। କୁଳସଚିବ ଡ. ସ୍ୱାତୀ ମିଶ୍ର ବିଶ୍ୱବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ୪୧ଜଣ ଗବେଷକ ଓ ବିଦ୍ୟାର୍ଥୀଙ୍କୁ ବିଭିନ୍ନ ସ୍ୱର୍ଣ୍ଣପଦକ ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ଛାତ୍ରମଙ୍ଗଳ ନିର୍ଦ୍ଦେଶକ ପ୍ରଫେସର ଶ୍ରୀରୂପ ଗୋସ୍ୱାମୀ ଧନ୍ୟବାଦ ଦେଇଥିଲେ।

# ବିଡିଓଙ୍କୁ କାରଣ ଦର୍ଶାଅ ନୋଟିସ

### ପଞ୍ଚାୟତ ସମିତି ବୈଠକରେ ଯୋଗ ନ ଦେବା, ବାତିଲ ପାଇଁ ଚିଠି ଘଟଣା

ମାହାଙ୍ଗା,୨୭।୧୧(ଅଜୟ କୁମାର ମହାନ୍ତି)

ମାହାଙ୍ଗା ପଞ୍ଚାୟତ ସମିତିର ନବମ ବୈଠକରେ ହୋଇଥିବା ବିବାଦ ଘଟଣାରେ ବିଡିଓଙ୍କୁ ଗୁରୁବାର କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ବୁଧବାର ଅଧ୍ୟକ୍ଷା ଦୀପା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି। ମାତ୍ର ଏହା ପରଠୁ ସମିତି ଅଧ୍ୟକ୍ଷା ଓ କାମଚଳା ବିଡିଓ ଶୁଭାଶିଷ ପାଲଟାଙ୍କ ମଧ୍ୟରେ ବିବାଦ ବଢ଼ିବାରେ ଲାଗିଛି। ଉଦ୍ଦେଶ୍ୟମୂଳକ ଭାବେ ଦାୟିତ୍ୱରେ ଥିବା ବିଡିଓ ଯୋଗ ଦେଇ ନ ଥିଲେ ବୋଲି ଅଧ୍ୟକ୍ଷା ମଲ୍ଲିକ ଅଭିଯୋଗ କରିଛନ୍ତି। ଏଥିସହ ପଞ୍ଚାୟତ ସମିତି ବୈଠକ କ'ଣ ପାଇଁ ବାତିଲ କରାଯାଇଥିଲା, ସେନେଇ ବ୍ଲକ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟ ତରଫରୁ ଚିଠି (ନଂ. ୧୧/୨୭।୧୧/୨୫) ଜରିଆରେ ବିଡିଓ ପାଲଟାଙ୍କୁ କାରଣ ଦର୍ଶାଅ ନୋଟିସ ପଠାଯାଇଛି। ଏହାର କାରଣ ଜଣାଇବା ସହ ବିଡିଓଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆନଯିବ, ସେନେଇ ୩ ଦିନ ମଧ୍ୟରେ ବିଡିଓଙ୍କୁ ନିଜ ପକ୍ଷ ରଖିବାପାଇଁ ଉଲ୍ଲେଖ ରହିଛି। କାରଣ ଦର୍ଶାଅ ନୋଟିସ ସମ୍ପର୍କରେ ବୁଝିବା ପାଇଁ ବିଡିଓ ପାଲଟାଙ୍କୁ ମୋବାଇଲ ଫୋନରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କଲ ଉଠାଇ ନଥିଲେ। ମାହାଙ୍ଗା ବ୍ଲକରେ କ୍ରମାଗତ ରାଜନୈତିକ ଛକାପଞ୍ଝା ଓ ପ୍ରଶାସନିକ ଉଦାସୀନତା ଲାଗି ରହିଛି। ଫଳରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନକଲ୍ୟାଣ କାର୍ଯ୍ୟକ୍ରମ ଏକ ପ୍ରକାର ଠପ୍ ହୋଇଯାଇଛି। ଏପରିକି ବ୍ଲକର ବିଡିଓ ପଦବୀ ଖାଲିରହିଛି। ଏହି ପଦବୀ ପୂରଣ ନ କରି ଦୀର୍ଘଦିନ ଧରି ତହସିଲଦାରଙ୍କୁ ବିଡିଓ କ୍ଷମତା ପ୍ରଦାନ କରିବା ପଛରେ ରାଜନୈତିକ ଉଦ୍ଦେଶ୍ୟ ରହିଛି ବୋଲି ବୋଲି ଅଧ୍ୟକ୍ଷା ମଲ୍ଲିକ ଅଭିଯୋଗ କରିଛନ୍ତି।

# ବହୁ ଚର୍ଚ୍ଚିତ ମଣ୍ଟୁହତ୍ୟା ଘଟଣା: ୩ ଗିରଫ

**ଗିରଫ ସଂଖ୍ୟା ୯ରେ ପହଞ୍ଚିଲା**

ଟିଗିରିଆ,୨୭।୧୧(ଜାଫର ଖାଁ)

କଟକ ଜିଲା ଟିଗିରିଆ ଥାନା ଅନ୍ତର୍ଗତ ଜେମାଦେଇପୁର ପଞ୍ଚାୟତ ବଉଳସାହିର ବିଶ୍ୱନାଥ ବାରିକ ମଣ୍ଟୁ)ଙ୍କୁ ୨୦୨୩ରେ ନିର୍ମମଭାବେ ହତ୍ୟା କରାଯାଇଥିଲା। ଏହି ଘଟଣାର ୨ ବର୍ଷ ୭ ମାସ ପରେ ୩ ଅଭିଯୁକ୍ତଙ୍କୁ ବୁଧବାର ରାତିରେ ଟିଗିରିଆ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଗ୍ରାମର ଦୀପକ ପ୍ରଧାନ, ଶ୍ରୀପତି ପ୍ରଧାନ, ନଣ୍ଡା ବେହେରା। ଏମାନଙ୍କୁ ମିଶାଇ ଗିରଫ ସଂଖ୍ୟା ୯କୁ ବୃଦ୍ଧି ପାଇଛି।

ମଣ୍ଟୁ ଭୋଗଡ଼ା ପଞ୍ଚାୟତ ଭେଜିଆର ଏକ କଳା ମୁଗୁନି ପଥର ଖଣିରେ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ। ୨୦୨୩ ଏପ୍ରିଲ ୧୯ରେ ମା' ମଞ୍ଜୁଳା ବାରିକ ଓ ବାପା ବେଣୁଧର ବାରିକ ମଣ୍ଟୁଙ୍କ ପାଇଁ ଖାଇବାକୁ ନେଇ ଖଣିକୁ ଯାଇଥିଲେ। ଏହି ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗୋକର୍ଣ୍ଣଖାଲ ଗ୍ରାମର ୨୫ ଜଣ ଯୁବକ ସଂଘବଦ୍ଧ ଭାବେ ଆସି ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏପରିକି ମଣ୍ଟୁଙ୍କ ହାତଗୋଡ଼ ବାନ୍ଧି ଖଣିଠାରୁ ଦୂରକୁ ନେଇ ମାରଣାସ୍ତ୍ରରେ ହାଣି ହତ୍ୟା କରିଥିଲେ। ଏପରିକି ତାଙ୍କ ମା'ବାପାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଏନେଇ ମା' ମଞ୍ଜୁଳା ଟିଗିରିଆ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ମାମଲା (ନଂ. ୭୬/୨୩) ରୁଜୁ କରିଥିଲା। ଏହି ମାମଲାରେ ପୂର୍ବରୁ ୬ ଜଣଙ୍କୁ ଭିନ୍ନ ଭିନ୍ନ ସମୟରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ପୁଅର ହତ୍ୟାକାରୀଙ୍କୁ ଗିରଫ ଓ ନ୍ୟାୟ ପାଇଁ ମଞ୍ଜୁଳା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିବା ପରେ ଟିଗିରିଆ ପୋଲିସ ତତ୍ପର ହୋଇଉଠିଥିବା ଚର୍ଚ୍ଚା ହେଉଛି।



ଗିରଫ ୩ ଅଭିଯୁକ୍ତ।

# ବିଦ୍ୟୁତ୍ ଆଘାତରେ ଇଞ୍ଜିନିୟର ମୃତ:

ଖୁଣ୍ଟୁଣୀ,୨୭।୧୧(ସଚ୍ଚିଦାନନ୍ଦ ପଣ୍ଡା):

କଟକ ଜିଲା ଖୁଣ୍ଟୁଣୀ ପଞ୍ଚାୟତ ରମ୍ଭେଇ ରାଜା ଆଠଗଡ଼ଠାରେ ପ୍ରତିଷ୍ଠିତ ବିକେ ଷ୍ଟିଲ କାରଖାନାରେ ଗୁରୁବାର ରାତିରେ ବିଦ୍ୟୁତ୍ ଆଘାତରେ ଜଣେ ଇଲେକ୍ଟ୍ରିକାଲ ଯୁବ ଇଞ୍ଜିନିୟରଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଯାଜପୁର ଜିଲା କଦମପାଳ ଗ୍ରାମର ରାକେଶ କୁମାର ମହାନ୍ତି (୩୩)। ରାକେଶ କମ୍ପାନୀର ଡିଆରଆଇ ୟୁନିଟ୍ ଇଏସ୍‌ପି ସେକ୍ସନରେ ମୁଖ୍ୟ ଇଲେକ୍ଟ୍ରିକାଲ ଆସିଷ୍ଟାଣ୍ଟ ମ୍ୟାନେଜର ଭାବେ ସପ୍ତାହେ ତଳେ ଯୋଗଦେଇଥିଲେ। କାମ କରୁଥିବା ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ୨୦ଫୁଟ ତଳକୁ ଖସି ପଡିଥିଲେ। କର୍ମଚାରୀମାନେ ଗୁରୁତର ଅବସ୍ଥାରେ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାକେଶଙ୍କ ମୃତ୍ୟୁ ଘଟିଛି। କମ୍ପାନୀ ଭିତରେ ସୁରକ୍ଷା ବ୍ୟବସ୍ଥା ଢିଲା ଥିବା ଅଭିଯୋଗ କରି କମ୍ପାନୀର ବିଭିନ୍ନ ଶ୍ରମିକ ଓ କର୍ମଚାରୀ ୟୁନିୟନ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି।

ଗତ ୧୮ ତାରିଖ ରାତିରେ ଏହି କାରଖାନାରେ ଦୁର୍ଘଟଣା ଘଟି ଠିକା ଶ୍ରମିକ ଦିନେଶ ପାତ୍ରଙ୍କ ଡାହାଣ ହାତର ସମସ୍ତ ଆଙ୍ଗୁଠି କଟିଯାଇଥିଲା। ସେ କଟକରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ତେବେ ଏହା ମଧ୍ୟରେ ପୁଣି ଏଭଳି ଏକ ଦୁର୍ଘଟଣା ଘଟି ଯୁବ ଇଞ୍ଜିନିୟରଙ୍କ ମୃତ୍ୟୁ ହେବା କାରଖାନାର ସୁରକ୍ଷା ବ୍ୟବସ୍ଥା ଦୟନୀୟ ଥିବା ଅଭିଯୋଗ ହୋଇଛି। ଖୁଣ୍ଟୁଣୀ ଥାନା ଆଇଆଇସି ରଞ୍ଜନ କୁମାର ପ୍ରଧାନ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଶୁକ୍ରବାର ରାକେଶଙ୍କ ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# 'ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ ପାଇଁ ଶିଶୁ ଉତ୍ସବ ଏକ ମାଧ୍ୟମ'

ବଡ଼ମ୍ବା, ୨୭।୧୧(ମାୟାଧର ମଲ୍ଲିକ)

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଙ୍ଘ(ଓଷ୍ଟା), ବଡ଼ମ୍ବା ଶାଖା ଆନୁକୂଲ୍ୟରେ ୩୧ତମ ଶିଶୁ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବଡ଼ମ୍ବା ବ୍ଲକ ଅନ୍ତର୍ଗତ ବଡ଼ବାରସିଂହ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ସଭାପତି ଶ୍ୟାମବନ୍ଧୁ ବେହୁରା ସଭାପତିତ୍ୱ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ସମ୍ମାନିତ ଅତିଥିଭାବେ ପୂର୍ବତନ ବ୍ଲକ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମଉଗଜସିଂହ, ଶ୍ରୀନିବାସ ପ୍ରଧାନ, କଟକ ଜିଲା ଓଷ୍ଟା ସମ୍ପାଦକ ବିଜୟ କୁମାର ଛତ୍ର, ସଭାପତି କଳିଙ୍ଗ କେଶରୀ ପ୍ରଧାନ, ବ୍ଲକ ଓଷ୍ଟା ଉପସଭାପତି ସନାତନ ବେହେରା ପ୍ରମୁଖ ଯୋଗଦେଇଥିଲେ। ଏ ନେଇ ଆୟୋଜିତ ପ୍ରତିଯୋଗିତାରେ ୩୪ଟି ଉଚ୍ଚ ବିଦ୍ୟାଳୟର ୨୯୩ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ୧୦ଟି ପ୍ରତିଯୋଗିତା କରାଯାଇଥିଲା। ପ୍ରତିଯୋଗିତାଗୁଡ଼ିକୁ ବ୍ଲକ ସମ୍ପାଦକ ଅଶୋକ କୁମାର ଧଳ ଓ ଯୁଗ୍ମ ସମ୍ପାଦକ ମହେଶ୍ୱର ସାହୁ ପରିଚାଳନା କରିଥିଲେ। ସେହିପରି ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କ ଜ୍ଞାନ, ବିଜ୍ଞାନ ଓ ଅନ୍ୟାନ୍ୟ ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ ପାଇଁ ଶିଶୁ ଉତ୍ସବ ଏକ ମାଧ୍ୟମ ବୋଲି କହିଥିଲେ। ବିଶିଷ୍ଟ ଅତିଥିଭାବେ ରାଜ୍ୟ ଓଷ୍ଟା ସଂଗଠନ କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର, ମୁଖ୍ୟବକ୍ତା ଭାବେ ବ୍ଲକ ଶିକ୍ଷା ଅଧିକାରୀ ତ୍ରିଲୋଚନ ଜେନା, ସମ୍ମାନିତ ଅତିଥିଭାବେଆୟୋଜକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ପରିଡ଼ା ଯୋଗଦେଇଥିଲେ। ବ୍ଲକସମ୍ପାଦକଅଶୋକ କୁମାର ଧଳ ଧନ୍ୟବାଦ ଦେଇଥିଲେ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ କସିଶ



@ ଲିପନ



@ ମୋହନ



@ ସିଦ୍ଧାର୍ଥ



@ ତପନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଗ୍ରାମସଭାରେ ଗୋଷ୍ଠୀ ସଂଘର୍ଷ: ୧୦ ଗିରଫ

- ତେଜିଲା ଦହିସରା ଦୋକାନ ଘର ବିବାଦ
- ୪ ଆହତ, ଥାନାରେ ହଙ୍ଗାମା

ଆଠଗଡ଼,୨୭।୧୧(ସତ୍ୟ ପ୍ରସାଦ ରଥ):

ଆଠଗଡ଼ ଥାନା ଅନ୍ତର୍ଗତ ଦହିସରା ଗ୍ରାମରେ ଦୋକାନ ଘରକୁ ନେଇ ୨ ମାସ ଧରି ଲାଗି ରହିଥିବା ଗୋଷ୍ଠୀ ବିବାଦ ବୁଧବାର ରାତିରେ ଉଗ୍ରରୂପ ନେଇଛି। ୨ ଗୋଷ୍ଠୀ ମଧ୍ୟରେ ଗ୍ରାମ ସଭାରେ ସଂଘର୍ଷ ଘଟି ଉଭୟ ପକ୍ଷରୁ ୪ ଜଣ ଆହତ ହୋଇଛନ୍ତି। ଏନେଇ ଗୋଟିଏ ଗୋଷ୍ଠୀ ଥାନାରେ ଅଭିଯୋଗ କରିବାକୁ ଆସିଥିବାବେଳେ ହଙ୍ଗାମା କରିବାରୁ ୧୦ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ଏହି ଘଟଣାରେ ଆଠଗଡ଼ ଥାନାରେ ୨ଟି ଏତଲା ହୋଇଥିବା ବେଳେ ଗ୍ରାମର ଆକୁଳ ନାଏକଙ୍କ ଏତଲାକୁ ଭିତ୍ତିକରି ମାମଲା(ନଂ.୪୧୫/୨୫) ରୁଜୁ କରାଯାଇ ଗ୍ରାମର ବଂଶୀଧର ରାଉତ (୫୬), ରୁଷିଆ ବ୍ରହ୍ମ ଏବଂ ମିଥୁନ ବ୍ରହ୍ମଙ୍କୁ ଗିରଫ କରାଯାଇଛି। ସେହିପରି ରୁଷିଆ ବ୍ରହ୍ମଙ୍କ ଏତଲାକୁ ଭିତ୍ତିକରି ଆଠଗଡ଼ ଥାନାରେ ମାମଲା(ନଂ.୪୧୬ /୨୫) ରୁଜୁ କରାଯାଇ ବିଚିତ୍ରାନନ୍ଦ ପାଢ଼ୀ, ଲିଙ୍ଗରାଜ ଜେନା, ଜୀବନ ପାଢ଼ୀ, ଚିନ୍ମୟ ଦାସ, କେଶବ ସ୍ୱାଇଁ, ସଞ୍ଜୟ ଦାସ ଏବଂ ଶିଶିର ନାଏକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏନେଇ ଦହିସରା ଗ୍ରାମରେ ଚାପା ଉତ୍ତେଜନା ଲାଗି ରହିଛି।

ଏହି ଗ୍ରାମରେ ମହାକାଳବସ୍ତ ପଞ୍ଚାୟତ ପକ୍ଷରୁ ୩ଟି ଦୋକାନ ଘର ନିର୍ମାଣ କରାଯାଇଛି। ଉକ୍ତ ଘରକୁ ଭଡ଼ା ସୂତ୍ରରେ ଦିଆଯିବା ସହ ଆଦାୟ ଭଡ଼ା ଟଙ୍କାର ସିଂହଭାଗ ଗ୍ରାମ କମିଟି ନିଏ। ସେହି ଟଙ୍କାରେ ଗ୍ରାମର ଅନ୍ୟାନ୍ୟ କାର୍ଯ୍ୟକ୍ରମ ହୋଇଥାଏ। ଚଳିତ ବର୍ଷ ପଞ୍ଚାୟତରେ ପ୍ରସ୍ତାବ ପାରିତ କରି ସେହି ଗ୍ରାମର ପବିତ୍ର ରାଉତ, ରୋହିଣୀ ରାଉତ ଏବଂ ବିଚିତ୍ରାନନ୍ଦ ରାଉତଙ୍କୁ ମାସିକ ଏକ ହଜାର ଟଙ୍କା ଭଡ଼ା ବାବଦରେ ଚୁକ୍ତି କରାଯାଇ ନିଲାମ ଦିଆଯାଇଥିଲା। ମାତ୍ର ଗ୍ରାମ ତରଫରୁ ଗୋଟିଏ ଗୋଷ୍ଠୀ ଏହାର ବିରୋଧ କରିଥିଲେ। ଫଳରେ ବିବାଦର ସୂତ୍ରପାତ ହୋଇଥିଲା। ଦୀର୍ଘଦିନ ହେବ ଉଭୟ ପକ୍ଷ ମଧ୍ୟରେ ଆରୋପ ପ୍ରତ୍ୟାରୋପ ଚାଲିଥିବାବେଳେ ବୁଧବାର ବିବାଦ କ୍ରମଶଃ ଉଗ୍ରରୂପ ନେଇଥିଲା। ଏହି ମାମଲାର ସମାଧାନ ପାଇଁ ରାତିରେ ଗ୍ରାମରେ ସଭା ଚାଲିଥିବା ବେଳେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବଚସା ଓ କଥା କଟାକଟି ହୋଇ ଗୋଷ୍ଠୀସଂଘର୍ଷ ହୋଇଥିଲା। ଏଥିରେ ଉଭୟ ଗୋଷ୍ଠୀ ମଧ୍ୟରୁ ଚାରିଜଣ ଆହତ ହୋଇଥିବା ଜଣାପଡ଼ିଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଚିକିତ୍ସା ପାଇଁ ନେବା ସହ ଉଭୟ ଗୋଷ୍ଠୀରୁ ଚାରି ଜଣଙ୍କୁ ଆଣି ଥାନାରେ ଅଟକ ରଖି ପଚରାଉଚରା କରୁଛି। ଆହତମାନେ ହେଲେ ଶିଶିର ନାଏକ, ଶରତ ସାହୁ, ରୁଷିଆ ବ୍ରହ୍ମ ଏବଂ ମିଥୁନ ବ୍ରହ୍ମ। ଅପରପକ୍ଷେ ଗୁରୁବାର ସକାଳେ ଗୋଟିଏ ଗୋଷ୍ଠୀ ଆଠଗଡ଼ ଥାନାରେ ପହଞ୍ଚି ପାଟିତୁଣ୍ଡ କରିଥିବା ମଧ୍ୟ ଜଣାପଡ଼ିଛି।

# କୃଷକବନ୍ଧୁ ସମ୍ମାନରେ ସମ୍ମାନିତ ବଲ୍ଲଭ ସାମଲ

ବାଙ୍କୀ,୨୭।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ଡମପଡ଼ା ବ୍ଲକ ଅନ୍ତର୍ଗତ ଢଁସର ଗ୍ରାମର ଅଭୟପାଦ ଆଧ୍ୟାତ୍ମିକ ଚେତନା ଓ ସାଂସ୍କୃତିକ ଅନୁଷ୍ଠାନର ରୌପ୍ୟଜୟନ୍ତୀ ପାଳନ ଅବସରରେ ଶିମିଳିପୁରର ବଲ୍ଲଭ ସାମଲଙ୍କୁ 'କୃଷକବନ୍ଧୁ' ସମ୍ମାନରେ ସମ୍ମାନିତ କରାଯାଇଛି। ସାମଲ ଆଧୁନିକ କୃଷି ପ୍ରଣାଳୀ ଓ ଦେଶ ବିଦେଶରେ ଯଥା ସିଂଗାପୁର ଓ ଥାଇଲାଣ୍ଡ ଯାଇ ସେଠାରେ ତାଲିମ ଗ୍ରହଣ କରି କୃଷକମାନଙ୍କୁ ଚାଷ ଉପକରଣ ଓ ଏହାର ଉପକାରିତା ଉପରେ ଅବଗତ କରାଇଥିବାରୁ ତାଙ୍କୁ ଏହି ସମ୍ମାନ ମିଳିଛି। ମୁଖ୍ୟ ଅତିଥିଭାବେ ପ୍ରତିଭା ମିଶ୍ର, ଅନୁଷ୍ଠାନର ଉପଦେଷ୍ଟା ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ସାମାଜିକ କର୍ମୀ ନଳିନୀ ରାୟ ଓ ଅନୁଷ୍ଠାନର ସମ୍ପାଦକ ସୁଦର୍ଶନ ସାହୁ ପ୍ରମୁଖ ଉପସ୍ଥିତ ରହି ସାମଲଙ୍କୁ ମାନପତ୍ର, ଉପଢ଼ୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

# ରାସ୍ତାକାମକୁ ନେଇ ଭାଜପାର ୨ ଗୋଷ୍ଠୀ ମୁହାଁମୁହିଁ



ଦୁଇ ଗୋଷ୍ଠୀ ପକ୍ଷରୁ ଲଗାଯାଇଥିବା ପୃଥକ୍ ଫଳକ।

**ଜଗନ୍ନାଥପୁର ପଞ୍ଚାୟତ**

- ଗଣ୍ଡଗୋଳ ଆଶଙ୍କାରେ ଥାନାରେ ଏତଲା ଦେଲେ ସରପଞ୍ଚ

ବାଙ୍କୀ,୨୭।୧୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର ):

ବାଙ୍କୀ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତର ଜଗନ୍ନାଥପୁର ରାଜସ୍ୱ ଗ୍ରାମରେ ରାସ୍ତାକାମକୁ ନେଇ ଭାଜପାର ୨ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଏହି ଗ୍ରାମର ଉତ୍ତରପଟ ବାରିତଳ ରାସ୍ତା ଢଳେଇ ନିମନ୍ତେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ୩ ଲକ୍ଷ ୬୪ ହଜାର ଟଙ୍କା ଅଟକଳ ରାଶି ଅନୁମୋଦନ କରାଯାଇଛି। ଏହାରି କାର୍ଯ୍ୟାଦେଶ ବିଭାଗୀୟ ଯନ୍ତ୍ରୀଙ୍କ ନାମରେ ଥିଲାବେଳେ ଭାଜପାର ୨ଗୋଷ୍ଠୀ ଏହି କାମକୁ ନେଇ ପରସ୍ପର ଛକାପଞ୍ଝା ହୋଇଛନ୍ତି। ଗୋଟିଏ ଗୋଷ୍ଠୀ କାର୍ଯ୍ୟ କରିବା ପାଇଁ ବାଲିଗୋଡି ସରଞ୍ଜାମ ରଖିଥିବା ବେଳେ ଅନ୍ୟଗୋଷ୍ଠୀ ମଧ୍ୟ ରାସ୍ତା ନିର୍ମାଣ ପାଇଁ ଆନୁଷଙ୍ଗିକ ଜିନିଷ ମହଜୁଦ ରଖିଛି। ଉଭୟ ଗୋଷ୍ଠୀ ମଧ୍ୟ ୨ଟି ପୃଥକ୍ ଫଳକ ଲଗାଇଛନ୍ତି। ଫଳରେ ଗ୍ରାମରେ ଅଶାନ୍ତି ଏବଂ ଗଣ୍ଡଗୋଳର ଆଶଙ୍କା କରି ସ୍ଥାନୀୟ ସରପଞ୍ଚ ପ୍ରସାଦ ବେହେରା ବୈଦ୍ୟେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗର ନକଲ ଉପଜିଲାପାଳ ଏବଂ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ସରପଞ୍ଚ ବେହେରା ଦେଇଛନ୍ତି। ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ସ୍ଥଗିତ ରଖିବା ପାଇଁ ସରପଞ୍ଚ ପ୍ରଶାସନ ନିକଟରେ ଅନୁରୋଧ କରିଛନ୍ତି। ଉଭୟ ଗୋଷ୍ଠୀ କାର୍ଯ୍ୟ କଲେ ପଞ୍ଚାୟତରେ ଅଶାନ୍ତି ସୃଷ୍ଟି ହୋଇ ଧନଜୀବନ ନଷ୍ଟ ହେବାର ଆଶଙ୍କା ରହିଛି ବୋଲି ସରପଞ୍ଚ ଅଭିଯୋଗରେ ଦର୍ଶାଇଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ପ୍ରଶାସନ ହସ୍ତକ୍ଷେପ କରିବାକୁ ସରପଞ୍ଚ ବେହେରା ପ୍ରଶାସନର ଉପରିସ୍ଥ ଅଧିକାରୀମାନଙ୍କୁ ଜଣାଇଛନ୍ତି।

# ଆୟୁଷ୍ମାନ୍ ଆରୋଗ୍ୟ ଶିବିରରେ ରୋଗୀଙ୍କୁ ଏକ୍ସପାଏରି ବିସ୍କୁଟ

**ବାଣପୁର,୨୭।୧୧(ଦିଲୀପ କୁମାର ସ୍ୱାଇଁ)**

## ବିନା ବିଶେଷଜ୍ଞ ଡାକ୍ତରରେ ରୋଗୀସେବା




ଗ୍ରାମାଞ୍ଚଳରେ ଜନସାଧାରଣଙ୍କ ସ୍ୱାସ୍ଥ୍ୟସେବାକୁ ଅଧିକ ସୁଗମ କରିବା ପାଇଁ ସରକାରୀ ଡାକ୍ତରଖାନାରେ ମାସକୁ ଥରେ ଆୟୁଷ୍ମାନ୍ ଆରୋଗ୍ୟ ଶିବିର, ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଓ ସଚେତନତା କାର୍ଯ୍ୟକ୍ରମ ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି। ସେହିପରି ପ୍ରତ୍ୟେକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ମେଡ଼ିକାଲ କଲେଜ ଏବଂ ଜିଲା ମୁଖ୍ୟ ମେଡ଼ିକାଲରୁ ଆସି ଏହି ଶିବିରରେ ଯୋଗଦେବା ପାଇଁ ସରକାରଙ୍କ ନିର୍ଦ୍ଦେଶ ମଧ୍ୟ ରହିଛି। ତେବେ ଗୁରୁବାର ବାଣପୁର ବ୍ଲକ ଅଧୀନ ଗମ୍ଭାରୀମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନୁଷ୍ଠିତ ଆୟୁଷ୍ମାନ୍ ଆରୋଗ୍ୟ ଶିବିରରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ବିନା ବିଶେଷଜ୍ଞ ଡାକ୍ତରରେ ରୋଗୀସେବା ହୋଇଥିବା ବେଳେ ରୋଗୀଙ୍କୁ ଏକ୍ସପାଏରି ୫ଟଙ୍କିଆ ବିସ୍କୁଟ ପ୍ୟାକେଟ୍ ମିଳିଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ମୁତାବକ, ଗମ୍ଭାରୀମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ଆୟୁଷ୍ମାନ୍ ଆରୋଗ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ତେବେ ଏହି ଶିବିର ସମ୍ପର୍କରେ ପୂର୍ବରୁ କୌଣସି ସୂଚନା ଦିଆଯାଇ ନ ଥିଲା। ଏପରିକି ରୋଗୀଙ୍କ ସୂଚନା ପାଇଁ ମଧ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ବାହାରେ କୌଣସି ବ୍ୟାନର ଲଗାଯାଇ ନ ଥିଲା। ବିଶେଷଜ୍ଞ ଡାକ୍ତରଙ୍କ ବିନା କେବଳ ଜଣେ ଦନ୍ତ ଚିକିତ୍ସକ ଏବଂ ଆୟୁଷ ଡାକ୍ତରଙ୍କ ଦ୍ୱାରା ଏହି ଶିବିର ଚାଲିଥିଲା। ଏହି କାର୍ଯ୍ୟକ୍ରମରେ ରୋଗୀଙ୍କୁ ଶୁଖିଲା ଖାଦ୍ୟ ବାବଦରେ ପ୍ରତ୍ୟେକ ସ୍ୱାସ୍ଥ୍ୟକେନ୍ଦ୍ରକୁ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ବ୍ୟୟବରାଦ ଥିଲେ ମଧ୍ୟ ୫ଟଙ୍କିଆ ଏକ୍ସପାଏରି ବିସ୍କୁଟ୍ ପ୍ୟାକେଟ୍ ଦିଆଯାଇଥିବାରୁ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଉପରିସ୍ଥ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ଉକ୍ତ ଶିବିରରେ ନିୟୋଜିତ ଫାର୍ମାସିଷ୍ଟ ସସ୍ମିତା ବେହେରା ଏବଂ ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରମୋଦିନୀ ମଲ୍ଲିକ କହିଛନ୍ତି, ଅଜାଣତରେ ୧୩ ରୋଗୀଙ୍କୁ ଏକ୍ସପାଏରି ବିସ୍କୁଟ ବଣ୍ଟନ କରାଯାଇଛି। ଏହା ଜଣାପଡ଼ିବା ପରେ ଭୁଲ୍ ସୁଧାରି ରୋଗୀଙ୍କୁ ଅନ୍ୟ ବିସ୍କୁଟ୍ ଦିଆଯାଇଥିଲା। ଅନ୍ୟପକ୍ଷରେ ନିୟୋଜିତ ଡା. ଶ୍ରୀଜା ମହାରଥା କହିଛନ୍ତି, ରୋଗୀଙ୍କୁ ଦିଆଯାଉଥିବା ବିସ୍କୁଟ୍ ଏକ୍ସପାଏରି ଥିବା ଜାଣିବା ପରେ ବନ୍ଦ କରାଯାଇଥିଲା। ଏହାପରେ ଅନ୍ୟ ବିସ୍କୁଟ୍ ରୋଗୀଙ୍କୁ ଦିଆଯାଇଥିଲା। ତେବେ ରୋଗୀଙ୍କୁ ଏକ୍ସପାଏରି ବିସ୍କୁଟ ବଣ୍ଟନ କରାଯାଇନାହିଁ ବୋଲି ସେ କହିଛନ୍ତି। ତେବେ ଏ ସମ୍ପର୍କରେ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସଞ୍ଜୟ କୁମାର ମହାନ୍ତି କହିଛନ୍ତି, ଏନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯିବ। ଖୁବ୍‌ଶୀଘ୍ର ଉକ୍ତ ଘଟଣା ସମ୍ପର୍କରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ରାସ୍ତାରେ ଖାଲଖମା, ଲୋକେ ହଇରାଣ



ରାସ୍ତାରେ ସୃଷ୍ଟି ହୋଇଥିବା ଖାଲରେ ପାଣି ଜମି ରହିଛି।

**ବୋଲଗଡ଼,୨୭।୧୧(ଦେବବ୍ରତ ହୋତା)**

ବଲାଙ୍ଗୀର-ଖୋର୍ଦ୍ଧା ୫୭ ନମ୍ବର ଜାତୀୟ ରାଜପଥର ବୋଲଗଡ଼ ବ୍ଲକ ଡାବରଧୁଆ ପାଟଣା ପଞ୍ଚାୟତ ଚୁଡ଼ା ବଜାର ନିକଟ ରାସ୍ତା ଉପରେ ଦୀର୍ଘଦିନ ହେବ ଖାଲଖମା ସୃଷ୍ଟିହୋଇ ପାଣି ଜମିରହିଛି। ଏନେଇ ଯାତାୟାତରେ ଅସୁବିଧା ହେଉଛି। ଏପରିକି ଦୈନନ୍ଦିନ ଛୋଟ ବଡ଼ ଦୁର୍ଘଟଣା ଘଟିବା ସହ ଯାତ୍ରୀ ଆହତ ହେଉଛନ୍ତି। ସ୍ଥାନୀୟ ଗ୍ରାମବାସୀ ଏହି ରାସ୍ତା ନିର୍ମାଣ ତଥା ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ସଂସ୍ଥା କର୍ତ୍ତୃପକ୍ଷଙ୍କୁ ବାରମ୍ବାର କହିବାରେ ସେମାନେ ଏହି ଖାଲଖମାରେ ଅସ୍ଥାୟୀ ଭାବେ ଡଷ୍ଟମେଣ୍ଟାଲ ଭରି ସମତୁଲ କରୁଥିବାବେଳେ ଏହା ଦୁଇ ତିନିଦିନ ମଧ୍ୟରେ ଉଠିଯାଇ ପୂର୍ବ ଅବସ୍ଥାକୁ ଫେରିଯାଉଛି। ଏପରିକି ଏଠାରେ ଦୁର୍ଘଟଣା ଏଡ଼ାଇବା ପାଇଁ ବଜାର ଛକ ନିକଟରେ ବୋଲଗଡ଼ ପୋଲିସ ପକ୍ଷରୁ ସ୍ଥାପିତ ଅସ୍ଥାୟୀ ସୁରକ୍ଷାବାଡ଼କୁ ଗ୍ରାମର ଯୁବଗୋଷ୍ଠୀ ଆଣି ଏହାକୁ ଆବଦ୍ଧ କରିଛନ୍ତି। ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ ହେଉଥିବା ବେଳେ ଏହି ସ୍ଥାନରେ ଟ୍ରାଫିକ୍ ସମସ୍ୟା ହେଉଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଏଠାରେ ସ୍ଥାୟୀ ମରାମତି ପାଇଁ ଜାତୀୟ ରାଜପଥ ନିର୍ମାଣ ବିଭାଗ ସମ୍ପୃକ୍ତ ସଂସ୍ଥାକୁ ନିର୍ଦ୍ଦେଶ ଦେବା ଲାଗି ଗ୍ରାମବାସୀ ବଂଶୀଧର ଜେନା, ରାଜେଶ ମହାପାତ୍ର, ବସନ୍ତ ରାଉତ ପ୍ରମୁଖ ଦାବି କରିଛନ୍ତି।

# ବାଂଲାଦେଶୀ ସନ୍ଦେହରେ ୪ ଫୁଲ ବେପାରୀ ଅଟକ

**ଖୋର୍ଦ୍ଧା,୨୭।୧୧(ପ୍ରଭାତ ପାଣିଗ୍ରାହୀ)**

ରାଜ୍ୟରେ ବାଂଲାଦେଶୀ ଯାଞ୍ଚ ପ୍ରକ୍ରିୟା ଜୋର୍‌ଦାର ଚାଲିଛି। ଖୋର୍ଦ୍ଧା ଜିଲାର ବିଭିନ୍ନ ଅଞ୍ଚଳରେ ବାଂଲାଦେଶୀମାନେ ଛଦ୍ମ ନାମରେ ରହୁଛନ୍ତି। ନକଲି ଆଧାରକାର୍ଡ ବ୍ୟବହାର କରି ବର୍ଷ ବର୍ଷ ଧରି ରହିଆସୁଛନ୍ତି। ଏମାନଙ୍କୁ ଚିହ୍ନଟ କରାଯାଇ ଜିଲାରୁ ବାହାର କରିବା ପାଇଁ ବଜରଙ୍ଗ ଦଳ କର୍ମୀ ଦାବି କରିଛନ୍ତି। କୋର୍ଟ ନିକଟରେ ଗେଣ୍ଡୁଫୁଲ ପସରା ମେଲାଇଥିବା ୫ ବେପାରୀଙ୍କୁ ଗୁରୁବାର ବଜରଙ୍ଗ ଦଳର କେତେଜଣ କର୍ମୀ ସେମାନଙ୍କ ପରିଚୟ ପଚାରିଥିଲେ। ସେମାନେ ନିଜ ପରିଚୟ ଦେବାରେ କୁଣ୍ଠାବୋଧ କରିବାରୁ ସେମାନଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ୫ଜଣଙ୍କ ମଧ୍ୟରୁ ଜଣେ ଖସିଯାଇଥିବା ବେଳେ ଅନ୍ୟ ୪ଜଣଙ୍କୁ ଆଦର୍ଶ ଥାନା ପୋଲିସ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ସେମାନଙ୍କ ନିକଟରେ ଏକ ଆଧାରକାର୍ଡ ରହିଥିବା ବେଳେ ନିଜକୁ ପଶ୍ଚିମବଙ୍ଗ ମେଦିନାପୁର ଅଞ୍ଚଳର ବୋଲି ପରିଚୟ ଦେଇଛନ୍ତି। ଶୀତଋତୁରେ ଫୁଲ ବ୍ୟବସାୟ କରିବାକୁ ଏଠାକୁ ଆସୁଥିବା କହିଛନ୍ତି। ପୋଲିସ ସେମାନଙ୍କ ଠିକ୍ ପ୍ରମାଣପତ୍ର ଦାଖଲ କରିବାକୁ କହିଥିଲା। ଏନେଇ ବଜରଙ୍ଗ ଦଳ ଜିଲା ସହସଂଯୋଜକ ଏସ୍.ଏମ୍. ଦିବ୍ୟପ୍ରକାଶ କୁହନ୍ତି, ଖୋର୍ଦ୍ଧା ସହରରେ ବାଂଲାଦେଶୀ ଫେରିବାଲା ଏବଂ ଫୁଲବେପାରୀ ବେଶରେ ବୁଲୁଛନ୍ତି। ଏମାନଙ୍କୁ ଚିହ୍ନଟ ପାଇଁ ପ୍ରଶାସନ ନିକଟରେ ଦାବି କରାଯିବ।

# ସଡ଼କ ସୁରକ୍ଷା ସଚେତନତା ପକ୍ଷ ପାଳିତ




ଡିଙ୍ଗର ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଗାଡ଼ି ଚାଳକଙ୍କୁ ସଚେତନ କରାଯାଉଛି।

**ବେଗୁନିଆ,୨୭।୧୧(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ବ୍ଲକ ଡିଙ୍ଗର ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ବୁଧବାର ସଡ଼କ ସୁରକ୍ଷା ସଚେତନତା ପକ୍ଷ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଦିବାକର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମୂହ ସଚେତନତା ଶୋଭାଯାତ୍ରା ବିଦ୍ୟାଳୟ ପରିସରରୁ ବାହାରି ରାସ୍ତା ପାର୍ଶ୍ୱରେ ପହଞ୍ଚିଥିଲେ। ଛାତ୍ରୀଛାତ୍ରମାନେ ବିଭିନ୍ନ ସ୍ଲୋଗାନ ଦେବା ସହ ପ୍ଲା-କାର୍ଡ ଧରି ପଥଚାରୀଙ୍କୁ ସଚେତନ କରିଥିଲେ। ହେଲମେଟ ପରିଧାନ ସହ ଟ୍ରାଫିକ ନିୟମ ଅନୁସାରେ ଯାତ୍ରା କରନ୍ତୁ। ଗାଡ଼ି ଚଳାଇବା ସମୟରେ ମୋବାଇଲ ମନା ଏବଂ ସିଟ ବେଲ୍ଟ ବ୍ୟବହାର କରିବା ପାଇଁ ସଚେତନତା ବାର୍ତ୍ତା ଦେଇଥିଲେ। ଗୋଟିଏ ଗୋଲାପ ନିଅନ୍ତୁ, ସୁରକ୍ଷିତ ଗମନାଗମନ କରି ନିଜର ମୂଲ୍ୟବାନ ଜୀବନ ଅତିବାହିତ କରନ୍ତୁ ବୋଲି ବାର୍ତ୍ତା ମଧ୍ୟ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ସମ୍ବିଧାନ ଦିବସ ପାଳନ କରାଯିବା ସହିତ ଭାରତର ସମ୍ବିଧାନର ପ୍ରସ୍ତାବନା ପଠନ କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ସମ୍ବିଧାନ ସମ୍ପର୍କରେ ଅବଗତ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ପ୍ରକାଶ ଚନ୍ଦ୍ର ଦାସ ଏବଂ ଶିକ୍ଷକ ମନୋଜ କୁମାର ସାହୁ ସଂଯୋଜନା କରିଥିଲେ। ଶେଷରେ ଶିକ୍ଷକ ପ୍ରଶାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ସିଆର୍‌ସିଙ୍କ ମନମୁଖି କାର୍ଯ୍ୟ, ଅର୍ଥ ଆତ୍ମସାତ ନେଇ ଅଭିଯୋଗ

**ଟାଙ୍ଗୀ,୨୭।୧୧(ରଘୁନାଥ ସାହୁ)**

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ବିଭିନ୍ନ କ୍ଲଷ୍ଟର ଦାୟିତ୍ୱରେ ଥିବା ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକଙ୍କ ମନମୁଖି କାର୍ଯ୍ୟ ଏବଂ ଅର୍ଥ ଆତ୍ମସାତ୍ ନେଇ ଟାଙ୍ଗୀ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗତ ୨୦ ତାରିଖରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ମଧ୍ୟରେ ଓସେପା ପକ୍ଷରୁ କମ୍ପ୍ୟୁଟର ଓ ଇନ୍‌ଭର୍ଟର ସେଟ୍ ଦିଆଯାଇଛି। ଏହାକୁ ସିଆର୍‌ସିମାନେ କ୍ଲଷ୍ଟର ବିଦ୍ୟାଳୟରେ ନ ରଖି ଘରକୁ ନେଇଯାଇଛନ୍ତି। ବିଭାଗୀୟ ନିର୍ଦ୍ଦେଶକ୍ରମେ ସିଆର୍‌ସିମାନେ ପ୍ରତିଦିନ କ୍ଲଷ୍ଟର ବିଦ୍ୟାଳୟରେ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ପାଠ ପଢ଼ାଇବା ପାଇଁ ଥିବାବେଳେ ସିଆର୍‌ସିମାନେ ନ ପଢ଼ାଇ ବାହାରେ ବୁଲୁଥିବା ନଜିର ରହିଛି। ପ୍ରତିମାସରେ କ୍ଲଷ୍ଟରସ୍ତରୀୟ ବୈଠକ ପାଇଁ ଆସୁଥିବା ସିଏ ଓ ମଧ୍ୟାହ୍ନଭୋଜନ ଅର୍ଥକୁ ସିଆର୍‌ସିମାନେ ଆତ୍ମସାତ୍ କରୁଥିବା ଅଭିଯୋଗ ହୋଇଛି। ସେହିପରି ସୁରଭି କାର୍ଯ୍ୟକ୍ରମ ପାଇଁ ସିଆର୍‌ସିମାନେ ବିଦ୍ୟାଳୟରୁ ଅର୍ଥ ଆଦାୟ କରିବା, ଏନ୍‌ସିଆର୍‌ଟି ବୁକ୍ସ ପାଇଁ ଆସୁଥିବା ଟ୍ରାନ୍ସପୋର୍ଟିଂ ଅର୍ଥକୁ ଆତ୍ମସାତ୍ କରୁଥିବା ନେଇ ଶିକ୍ଷକ ସଂଘ ଅଭିଯୋଗ କରିଛି। ବ୍ଲକ ଶିକ୍ଷା ଅଧିକାରୀ ଏହି ସମସ୍ତ ଅଭିଯୋଗର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି।

# ଶିକ୍ଷାବିତ୍ ବିଶ୍ୱନାଥ ରଥଙ୍କୁ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର

**ନିରାକାରପୁର,୨୭।୧୧**
**(ମାନସ ଚନ୍ଦ୍ର ପଟ୍ଟନାୟକ)**

ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଖୋର୍ଦ୍ଧା ଜିଲା ନିରାକାରପୁର ଅଞ୍ଚଳର ଶିକ୍ଷାବିତ୍ ବିଶ୍ୱନାଥ ରଥଙ୍କୁ ସଙ୍ଗୀତ ନାଟକ ଏକାଡେମୀ ସମ୍ମାନ ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ସମ୍ମାନ ସେ ବୁଧବାର ଗ୍ରହଣ କରିଛନ୍ତି। ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଆକାଶ ଦାସ ନାୟକ, ସ୍ୱତନ୍ତ୍ର ସଚିବ ଦେବ ପ୍ରସାଦ ଦାଶ, ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ପ୍ରମୁଖ ଉପସ୍ଥିତ ରହି ଶିକ୍ଷାବିତ୍ ରଥଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ୧ଲକ୍ଷ ଟଙ୍କା ଅର୍ଥରାଶି ସହ ଉପାୟନ ଓ ସ୍ମୃତିଫଳକ ପାଇଥିଲେ। ଏହି ସମ୍ମାନ ପାଇଁ ରଥଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ଶୁଅ ଛୁଟୁଛି।



ଅତିଥିଙ୍କଠାରୁ ଶିକ୍ଷାବିତ୍ ବିଶ୍ୱନାଥ ରଥ ପୁରସ୍କାର ଗ୍ରହଣ କରୁଛନ୍ତି।

# ବିଶ୍ୱକର୍ମା ହିତାଧିକାରୀଙ୍କ ଏକଦିବସୀୟ କର୍ମଶାଳା




ବିଶ୍ୱକର୍ମା ହିତାଧିକାରୀଙ୍କ ଏକଦିବସୀୟ କର୍ମଶାଳାରେ ଉପସ୍ଥିତ ଅଧିକାରୀମାନେ।

**ଖୋର୍ଦ୍ଧା,୨୭।୧୧(ପ୍ରଭାତ ପାଣିଗ୍ରାହୀ)**

ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ କଟକ ଦ୍ୱାରା ଏକଦିବସୀୟ ବିଶ୍ୱକର୍ମା ହିତାଧିକାରୀଙ୍କ ପାଇଁ ଏକ କର୍ମଶାଳା ସ୍ଥାନୀୟ ଗାନ୍ଧୀ ପଡିଆ ସ୍ଥିତ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏମ୍‌ଏସ୍‌ଏମ୍‌ଇ ବିଭାଗ ଉପନିର୍ଦ୍ଦେଶକ ନୀତିଷା ମାନ ବିଶ୍ୱକର୍ମା ହିତାଧିକାରୀଙ୍କ ଆର୍ଥିକ ବିକାଶ ପାଇଁ ଓଡ଼ିଶା ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। କିଭଳି ଜଣେ ସଫଳ ଉଦ୍ୟୋଗୀ ହେବେ ସେ ସଂକ୍ରାନ୍ତରେ ବୁଝାଇଥିଲେ। ଜିଲା ଶିଳ୍ପ ତାଲିମ କେନ୍ଦ୍ର ପ୍ରବନ୍ଧକ ସମୁଚିତା ମଲ୍ଲିକ ଏବଂ ସହ ନିର୍ଦ୍ଦେଶକ ସୁବାସ କୁମାର ସାହୁ ଜଣେ ସଫଳ ଉଦ୍ୟୋଗପତି ହେବାର ଲକ୍ଷଣ ସମ୍ପର୍କରେ କହିଥିଲେ। କିଭଳି ଛୋଟ ଉଦ୍ୟୋଗ ଆରମ୍ଭ କରି ଲାଭାନ୍ୱିତ ହୋଇ ଭବିଷ୍ୟତରେ ବଡ଼ ଉଦ୍ୟୋଗ ପ୍ରତିଷ୍ଠା କରିପାରିବେ ତାହା କହିଥିଲେ। ଅଗ୍ରଣୀ ବ୍ୟାଙ୍କ ପକ୍ଷରୁ ଋଣ ଯୋଗାଇ ଦିଆଯାଉଛି, ଯାହାର ସୁଧହାର ୫ ପ୍ରତିଶତ ରହିଛି। ହିତାଧିକାରୀମାନେ ବ୍ୟାଙ୍କରୁ ଋଣ ନେଇ ଆତ୍ମନିର୍ଭର ହେବା ପାଇଁ ପରାମର୍ଶ ଦେଇଥିଲେ। ଭାରତ ସରକାରଙ୍କ ଇ ମାର୍କେଟିଂ ପଦ୍ଧତିରେ ସାମିଲ ହୋଇ ନିଜ ସାମଗ୍ରୀ ବିକ୍ରି କରିପାରିବେ। ନିଜ ଉତ୍ପାଦ ସାମଗ୍ରୀ ବିକ୍ରି ପାଇଁ ବେସରକାରୀ ସଂସ୍ଥା ସହ ଯୋଗାଯୋଗ କରିବେ, ସେ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଛି। କିଭଳି ଅନଲାଇନ ମାର୍କେଟିଂ କରିବେ ତାହା ପ୍ରଦର୍ଶିତ ହୋଇଥିଲା। ଇପିଏଫ୍ ଏବଂ ଇଏସ୍‌ଆଇ ଅଧିକାରୀ ରାଜେନ୍ଦ୍ର ମହାପାତ୍ର ଏହି ଯୋଜନାରେ କାରିଗରମାନେ କିଭଳି ଉପକୃତ ହେଉଛନ୍ତି ଏବଂ ପେନସେନ ଯୋଜନା ସମ୍ପର୍କରେ କହିଥିଲେ। ଆଞ୍ଚଳିକ ପୋଷ୍ଟାଲ ବ୍ୟାଙ୍କ ମୁଖ୍ୟ ମୁରଲୀଧର ସାହୁ ଡାକ ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। ସନାତନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ନିରାକାରପୁରରେ ବଢୁଛି ମାଙ୍କଡ଼ଙ୍କ ଉପଦ୍ରବ

**ନିରାକାରପୁର,୨୭।୧୧**
**(ମାନସ ଚନ୍ଦ୍ର ପଟ୍ଟନାୟକ)**

- ମାସକରେ ୪ରୁ ଊର୍ଦ୍ଧ୍ୱ ଆହତ
- ବନ ବିଭାଗ ଦୃଷ୍ଟିଦେବାକୁ ଦାବି

ଖୋର୍ଦ୍ଧା ଜିଲା ନିରାକାରପୁର ଏବଂ ଏହାର ଆଖପାଖ ଅଞ୍ଚଳରେ ମାଙ୍କଡ଼ ଉପଦ୍ରବ ବଢ଼ିବାରେ ଲାଗିଛି। ଏହି ଅଞ୍ଚଳରେ ମାସକରେ ମାଙ୍କଡ଼ କାମୁଡ଼ାରେ ୪ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ତେବେ ବନ ବିଭାଗର ନିଷ୍କ୍ରିୟତା ଯୋଗୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁବାର ଅପରାହ୍ନରେ ମାଙ୍କଡ଼ା କାମୁଡ଼ାରେ ନନପଡ଼ା ଗ୍ରାମର ମହନ୍ତ ସିଂହ ଗୁରୁତର ଆହତ ହୋଇଛନ୍ତି। ସେ ସ୍ଥାନୀୟ ମେଡ଼ିକାଲରେ ଚିକିତ୍ସିତ ହୋଇଥିବା ଜଣାପଡ଼ିଛି। ସେହିପରି ଗତ ୨୦ ଦିନ ତଳେ ମାଙ୍କଡ଼ କାମୁଡ଼ାରେ ଏହି ଅଞ୍ଚଳର ଜଣେ ମହିଳା ଶ୍ରମିକ ଆହତ ହୋଇଥିଲେ। ସେହିପରି ଗତ ମଙ୍ଗଳବାର ନିରାକାରପୁର ଗେଟ୍ ବଜାରଠାରେ ରହୁଥିବା ଭାଗୀରଥି ପ୍ରଧାନଙ୍କୁ ମାଙ୍କଡ଼ କାମୁଡି ଦେବାରୁ ସେ ମେଡ଼ିକାଲରେ ଚିକିତ୍ସାଧୀନ ରହିଛନ୍ତି। ସେହିପରି ଲକ୍ଷ୍ମୀବଜାର ଅଞ୍ଚଳର ଜଣେ ପିଲାକୁ ମଧ୍ୟ ମାଙ୍କଡ଼ କାମୁଡ଼ି ଦେଇଥିଲା। ଏନେଇ ସ୍ଥାନୀୟ ସରପଞ୍ଚ କାଦମ୍ବିନୀ ବେହେରା ଟାଙ୍ଗୀ ବନାଞ୍ଚଳ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ସେହିପରି ଗ୍ରାମର ଦୀପକ ପ୍ରଧାନ କୁହନ୍ତି, ଏ ସଂକ୍ରାନ୍ତରେ ଫରେଷ୍ଟରଙ୍କୁ ଜଣାଇଥିଲେ ମଧ୍ୟ ହାତୀ ଡ୍ୟୁଟିରେ ଅଛୁ କ'ଣ କରିବୁ ବୋଲି କହିଥିଲେ। ଏ ସମ୍ପର୍କରେ ଭୁଷଣ୍ଡପୁର ଫରେଷ୍ଟର ଦୁଃଶାସନ ନାୟକ କହିଛନ୍ତି, ହାତୀ ଡ୍ୟୁଟି ସାରି ଯାଉଛୁ, ହେଲେ ମାଙ୍କଡ଼ଙ୍କୁ ପାଉନାହୁଁ। ଅନ୍ୟପକ୍ଷରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

**ଉତ୍କଳ ପ୍ରଦେଶ କଂଗ୍ରେସ କମିଟି**

# ଦ୍ୱିତୀୟ ଅଧିବେଶନର ୧୦୦ ବର୍ଷ ପୂର୍ତ୍ତି ପାଳିତ

**ବୋଲଗଡ଼,୨୭।୧୧(ଦେବବ୍ରତ ହୋତା)**

ଖୋର୍ଦ୍ଧା ଜିଲା ବୋଲଗଡ଼ଠାରେ ୧୯୨୫ ନଭେମ୍ବର ୨୫ରେ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର ଦ୍ୱିତୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସଭାପତିତ୍ୱରେ ପ୍ରଥମ ଅଧିବେଶନ କଟକଠାରେ ଆୟୋଜିତ ହୋଇଥିବା ବେଳେ ଦ୍ୱିତୀୟ ଅଧିବେଶନକୁ କୌଣସି ଗ୍ରାମାଞ୍ଚଳରେ ଆୟୋଜନ କରାଯିବାକୁ ସ୍ଥିର ହୋଇଥିଲା। ସେତେବେଳେ ଖଦି ଅଞ୍ଚଳ ଭାବେ ପ୍ରସିଦ୍ଧ ତଥା ୧୦ ହଜାରରୁ ଊର୍ଦ୍ଧ୍ୱ ସ୍ଥାନୀୟ ଖଦି କଟାଳି, ବୁଣାଳି ଓ କର୍ମୀମାନଙ୍କୁ ସଙ୍ଗଠିତ କରିବାକୁ ଶୀର୍ଷ ନେତୃତ୍ୱଗଣ ଏହାକୁ ବୋଲଗଡ଼ଠାରେ ଆୟୋଜନ ପାଇଁ ସ୍ଥିର କରିଥିବା ବେଳ ଗୋପବନ୍ଧୁ ସାକ୍ଷୀଗୋପାଳରୁ ଚାଲିଚାଲି ଆସି ସ୍ଥାନୀୟ ଯୁବ ସ୍ୱାଧୀନତା ସଂଗ୍ରାମୀଙ୍କ ସହ ଆଲୋଚନା କରି ବୈଠକ ରୂପରେଖ ପ୍ରସ୍ତୁତ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆଚାର୍ଯ୍ୟ ହରିହର ଦାଶ, ପଣ୍ଡିତ ଗୋଦାବରୀଶ ମିଶ୍ର, ସତ୍ୟବାଦୀ ନନ୍ଦ, କୃପାସିନ୍ଧୁ ହୋତା, ନାରୀନେତ୍ରୀ ସରଳା ଦେବୀ ପ୍ରମୁଖ ଉପସ୍ଥିତ ଥିଲେ। ଏନେଇ ଗତ ମଙ୍ଗଳବାର ସ୍ଥାନୀୟ ନନ୍ଦିଘୋଷ ଭବନ ପ୍ରେକ୍ଷାଳୟରେ ଅଧିବେଶନର ଶତବାର୍ଷିକ ପୂର୍ତ୍ତି ପାଳନ ଅବସରରେ ଆବାହକ ଐତିହାସିକ ରବୀନ୍ଦ୍ର ପରିଡ଼ା ଉପରୋକ୍ତ ତଥ୍ୟ ପ୍ରଦାନ କରିଥିଲେ। ପୂଜ୍ୟପୂଜା ସଂସଦ, ବରିଷ୍ଠ ନାଗରିକ ମଞ୍ଚ, ନନ୍ଦିଘୋଷ ଓ ଅବସରପ୍ରାପ୍ତ କର୍ମଚାରୀ ସଂଘ ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଗୋପୀନାଥ ଖାଡଙ୍ଗା ସଭାପତିତ୍ୱ କରିଥିଲେ। ଅତିଥିଭାବେ ଇଂ. ଅକ୍ଷୟ ପଟ୍ଟନାୟକ, ଶିକ୍ଷାବିତ୍ ହରିବନ୍ଧୁ ସାହୁ, ରାଧେଶ୍ୟାମ ରାୟଗୁରୁ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ ସହ ସେମାନଙ୍କ ଉଦ୍ଦେଶ୍ୟରେ କବିତା ପାଠ ଓ ସଂଗ୍ରାମୀଙ୍କ ଦାୟାଦ, ସାମାଜିକ କର୍ମୀ, ଖବରଦାତା ଏବଂ ଶିକ୍ଷାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୈଠକରେ ଦିବାକର ପରମଗୁରୁ, ଲଲାଟେନ୍ଦୁ କେଶରୀ ସିଂ, ଫକିର ଫତେସିଂହ, ଲୁଣ୍ଠୁ ତ୍ରିପାଠୀ, ଅଇଁଠୁ ରଣଜିତସିଂହ, ପ୍ରମୋଦ ପ୍ରତାପସିଂହ, ପୁରେନ୍ଦ୍ର ବେହେରା, ଗୀତାଞ୍ଜଳି ମହାପାତ୍ର, ସେଖ ଗୁଲମ ନବି ତରଫଦାର, ଗୌରାଙ୍ଗ ଚମ୍ପତି, ଶୁଭେନ୍ଦ୍ର ସାହୁ, ଭକ୍ତବତ୍ସଳ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବତନ ଜିଲାପରିଷଦ ସଭ୍ୟ ଶ୍ରୀନିବାସ ଛୋଟରାୟ ସହଯୋଗ କରିଥିବା ବେଳେ ସନାତନ ପାଟ୍ଟଶାଣୀ ଧନ୍ୟବାଦ ଅର୍ପଣ କରିଥିଲେ।

**କୁମାରବସ୍ତ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

# ଝାଁଳା, ମେଣ୍ଢାଶାଳ ବିଜୟୀ

**ଖୋର୍ଦ୍ଧା,୨୭।୧୧(ପ୍ରଭାତ ପାଣିଗ୍ରାହୀ)**



ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳପଡ଼ିଆରେ ରାଇଜିଂଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଗୁରୁବାର ଦୁଇଟି ମ୍ୟାଚ୍‌ରେ ଝାଁଳା ଏବଂ ମେଣ୍ଢାଶାଳ ଟିମ୍ ବିଜୟୀ ହୋଇଛନ୍ତି। ପ୍ରଥମ ମ୍ୟାଚ୍ ଝାଁଳା ଏବଂ ଯଦୁପୁର ଟିମ୍ ମଧ୍ୟରେ ହୋଇଥିଲା। ଯଦୁପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ଓଭରରେ ୪ ଉଇକେଟ ବିନିମୟରେ ୧୬୪ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଏମ୍.ଡି ତବ୍ରିଜ ୯୬ ରନ କରିଥିଲେ। ଜବାବରେ ଝାଁଳା ଟିମ୍ ୧୪.୪ ଓଭରରେ ୧୬୭ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ସନ୍ତୋଷ ସ୍ୱାଇଁ ୯୬ ରନ ସଂଗ୍ରହ କରି ଶ୍ରେଷ୍ଠ ଖେଳାଳିଭାବେ ଅତିଥି ସାମାଜିକ କର୍ମୀ ଅବଦୁଲ ବାରି ଖାନଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍ କୁମାରବସ୍ତ ଏବଂ ମେଣ୍ଢାଶାଳ ଟିମ୍ ମଧ୍ୟରେ ହୋଇଥିଲା। କୁମାରବସ୍ତ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରୁ ସମସ୍ତ ଉଇକେଟ ବିନିମୟରେ ୧୪୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଟୁନୁ ଖଟୁଆ ୬୦ରନ ସଂଗ୍ରହ କରିଥିଲେ। ଜବାବରେ ମେଣ୍ଢାଶାଳ ଟିମ୍ ୧୭ ଓଭରରେ ୩ଉଇକେଟ ବିନିମୟରେ ୧୫୦ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ମିଥୁନ ମଜୁମଦାର ୬୭ ରନ ଏବଂ ୩ଟି ଉଇକେଟ ନେଇ ଶ୍ରେଷ୍ଠ ଖେଳାଳିଭାବେ ବିବେଚିତ ହୋଇ ସାମାଜିକ କର୍ମୀ ଅକ୍ଷୟ କୁମାର ଜେନା ଓ ଚିତ୍ତ ରଞ୍ଜନ ବିଶ୍ୱାଳଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ସାନୁଜ ବିଶ୍ୱାଳ ଏବଂ ପ୍ରଦୋଷ ବଲିୟାରସିଂ ମ୍ୟାଚ୍ ପରିଚାଳନା କରିଥିଲେ। ପ୍ରକାଶ ସାହୁ, ଅଭିଜିତ୍ ସାମନ୍ତରାୟ, ସୂର୍ଯ୍ୟ ପ୍ରତାପ ଗଜେନ୍ଦ୍ର ଏବଂ ତାରାପ୍ରସାଦ ରାଉତରାୟ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ପ୍ରଶାନ୍ତ ନାତୁଆ ଓ ଅମୀୟ ପ୍ରଧାନ ଭାଷ୍ୟକାର ଏବଂ କାଜଲ ବଲିୟାରସିଂ ମ୍ୟାଚ ରେଫରି ଦାୟିତ୍ୱ ତୁଲାଇଥିଲେ। ଶୁକ୍ରବାର ଏକ ଭେଟେରାନ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ଦୁର୍ଯ୍ୟୋଧନ ପରିଡ଼ା ସୂଚନା ଦେଇଛନ୍ତି।

# ଶ୍ରେଷ୍ଠ ବିଦ୍ୟାର୍ଥୀ ତିଆରି କରୁଛି ଉତ୍କଳ ବିଶ୍ୱବିଦ୍ୟାଳୟ

## ଉତ୍କଳ ବିଶ୍ୱବିଦ୍ୟାଳୟର ୮୩ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୨୭ା୧୧(ସୁଚିସ୍ମିତା ସାହୁ)

ଉତ୍କଳ ବିଶ୍ୱବିଦ୍ୟାଳୟର ୮୩ତମ ପ୍ରତିଷ୍ଠା ଦିବସ ଗୁରୁବାର ବିଶ୍ୱବିଦ୍ୟାଳୟର ଏମ୍‌କେସିଜି ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଣ୍ଡିଚେରୀ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପି.ପ୍ରକାଶ ବାବୁ ଯୋଗଦେଇ କହିଲେ, ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଶାର ସର୍ବପୁରାତନ ବିଶ୍ୱବିଦ୍ୟାଳୟ। ଶ୍ରେଷ୍ଠ ବିଦ୍ୟାର୍ଥୀ ତିଆରି କରିବାରେ ବିଶ୍ୱବିଦ୍ୟାଳୟର ଅନନ୍ୟ ଭୂମିକା ରହିଛି। ଏହି ବିଶ୍ୱବିଦ୍ୟାଳୟରୁ ସୃଷ୍ଟି ହୋଇଥିବା ବିଶିଷ୍ଟ ବ୍ୟକ୍ତିମାନେ ବିଶ୍ୱର ବିଭିନ୍ନ କୋଣ ଅନୁକୋଣରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି। ଏଠାରେ ବିଦ୍ୟାର୍ଥୀଙ୍କ ପାଠପଢ଼ାରେ ଉନ୍ନତି ଆଣିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଏଥିସହିତ ପିଲାମାନେ କଳା, ସାହିତ୍ୟ ଓ ସଂସ୍କୃତିରେ ନିପୁଣ ହୋଇପାରୁଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ଏଥିରେ ସଭାପତିତ୍ୱ କରି ଓଡ଼ିଶାର ଶିକ୍ଷା କ୍ଷେତ୍ରକୁ ରୂପ ଦେବାରେ ଉତ୍କଳ ବିଶ୍ୱବିଦ୍ୟାଳୟର ରୂପାନ୍ତରକାରୀ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ।



ପ୍ରତିଷ୍ଠା ଉତ୍ସବରେ ଅତିଥିମାନେ ଛାତ୍ରୀ ଶାଶ୍ୱତୀ ପ୍ରିୟଦର୍ଶିନୀଙ୍କୁ 'ଲତିକା ସୁନ୍ଦରୀ ରୟ ସ୍ୱର୍ଣ୍ଣପଦକ' ପ୍ରଦାନ କରୁଛନ୍ତି।

ସେ କହିଲେ, ବିଶ୍ୱବିଦ୍ୟାଳୟର ଐତିହ୍ୟ ଓ ପରିଚୟ ଏହା ଦ୍ୱାରା ଗଢ଼ା ହୋଇଥିବା ହଜାର ହଜାର ମସ୍ତିଷ୍କ, ପ୍ରେରଣା ଦେଇଥିବା ଗବେଷଣା ଏବଂ ପାଳନ କରାଯାଇଥିବା ମୂଲ୍ୟବୋଧ ମାଧ୍ୟମରେ ମାପ କରାଯାଏ। ଡିଜିଟାଲ ଅଗ୍ରଗତିକୁ ଆପଣାଇବା, ଯୁଗାନ୍ତକାରୀ ସଂସ୍କାର ଆଣିବା ଏବଂ ଗବେଷଣା ତଥା ଉଦ୍ଭାବନରେ ସୁଯୋଗ ବଢାଇବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଏଥିସହ ସେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଏକ ଐତିହ୍ୟ ଅନୁଷ୍ଠାନ, ନୂତନ ଗବେଷଣାର ଏକ ଶକ୍ତିକେନ୍ଦ୍ର ଏବଂ ବିଶ୍ୱର ଶିକ୍ଷାର୍ଥୀଙ୍କ ପାଇଁ ଏକ ସ୍ୱପ୍ନର ଗନ୍ତବ୍ୟସ୍ଥଳ ଭାବରେ ପରିକଳ୍ପନା କରିଥିଲେ। ସେ କହିଲେ, ବିଶ୍ୱବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯାଉଛି। ଗବେଷଣା ପରିବେଶ ସହିତ ଶୈକ୍ଷିକ ବାତାବରଣ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ଅଧ୍ୟୟନରେ ସହଯୋଗ କରୁଛି। ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବାକୁ ଯୋଜନା ରଖାଯାଇଛି। ଖାଲି ପଡିଥିବା ପଦବୀ ପୂରଣ ସହିତ ଏଠାରେ ବୌଦ୍ଧିକ ଓ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ପ୍ରଦାନ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଛି। ବିଶ୍ୱବିଦ୍ୟାଳୟରେ ଏଆଇ ପାଠପଢ଼ାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଜାତୀୟ ଶିକ୍ଷାନୀତି-୨୦୨୦କୁ ଲାଗୁ କରାଯାଇଛି। ମୁଖ୍ୟବକ୍ତା ଭାବେ ଜାତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ଭୁବନେଶ୍ୱରର ବିଶିଷ୍ଟ ବୈଜ୍ଞାନିକ ପ୍ରଫେସର ବେଦାଙ୍ଗଦାସ ମହାନ୍ତି ଯୋଗଦେଇ କହିଲେ, ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଶାର ବହୁ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ସୃଷ୍ଟି କରିପାରିଛି। ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରି ବହୁ ଛାତ୍ରୀଛାତ୍ର ନିଜ ସ୍ୱପ୍ନକୁ ସାକାର କରିଛନ୍ତି। ଆଗାମୀ ପିଢ଼ିଙ୍କର ମଧ୍ୟ ଉଜ୍ଜ୍ୱଳ ଭବିଷ୍ୟତ ରହିଛି। ଛାତ୍ରୀଛାତ୍ରମାନେ କିଭଳି ଏଠାରେ ବିଶ୍ୱସ୍ତରୀୟ ଶିକ୍ଷା ଆହରଣ କରିପାରିବେ ସେଥିପ୍ରତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଚେଷ୍ଟା କରିବାର ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି। କୁଳସଚିବ ଡ. ସ୍ୱାତୀ ମିଶ୍ର ବିଶ୍ୱବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ୪୧ଜଣ ଗବେଷକ ଓ ବିଦ୍ୟାର୍ଥୀଙ୍କୁ ବିଭିନ୍ନ ସ୍ୱର୍ଣ୍ଣପଦକ ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ବିଶ୍ୱବିଦ୍ୟାଳୟର ଛାତ୍ରମଙ୍ଗଳ ନିର୍ଦ୍ଦେଶକ ପ୍ରଫେସର ଶ୍ରୀରୂପ ଗୋସ୍ୱାମୀ ଧନ୍ୟବାଦ ଦେଇଥିଲେ।



ଆୟୁର୍ବେଦିକ ଆୟୁଷ ଛାତ୍ରମାନେ ନିଜ ଦାବିପୂରଣ ପାଇଁ ଶୋଭାଯାତ୍ରାରେ ଯାଇ ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

## ସଂକ୍ଷେପରେ

### ମହିଳାଙ୍କ ପାଇଁ ଆଇନଗତ ବ୍ୟବସ୍ଥା, ଅଧିକାର ସଂକ୍ରାନ୍ତ କର୍ମଶାଳା

ସାକ୍ଷୀଗୋପାଳ,୨୭ା୧୧(ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର/ଭରତ ରାଉତ)

ସତ୍ୟବାଦୀ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ବ୍ଲକ ସମ୍ମିଳନୀ ସଭା କକ୍ଷରେ ମହିଳାଙ୍କ ପାଇଁ ଆଇନଗତ ବ୍ୟବସ୍ଥା ଓ ଅଧିକାର ସଂକ୍ରାନ୍ତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟତଃ ଲିଙ୍ଗଗତ ଭେଦଭାବକୁ ନେଇ ମହିଳାଙ୍କ ଉପରେ ଘଟୁଥିବା ହିଂସା ଏବଂ ଏ ନେଇ ଥିବା ସମ୍ବିଧାନିକ ତଥା ଆଇନଗତ ବ୍ୟବସ୍ଥା ସମ୍ପର୍କରେ ଉପସ୍ଥିତ ଅତିଥିମାନେ ଅଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା, ପୁରୀ ଜିଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ସୁହାଗୀ ହେମ୍ବ୍ରମ, ଜିଲା ସଂଯୋଜକ ବିଦ୍ୟାଧର ମଲିକ, ଅତିରିକ୍ତ ବିଡିଓ ସୁମିତ୍ରା ଜେନା, ସୁପରଭାଇଜର ପିୟୁଷମୟୀ ପଣ୍ଡା, ଯୋଗାଣ ଅଧିକାରୀ ବିଜୟଲକ୍ଷ୍ମୀ ବଡ଼ଜେନା, ଜିଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ସନ୍ତୋଷ କୁମାର ସାହୁ, ଆଇନଜୀବୀ ମୋହନ ସୁନ୍ଦର ଜେନା ପ୍ରମୁଖ ଯୋଗଦେଇଥିଲେ। ଲିଙ୍ଗଗତ ଭେଦଭାବକୁ ନେଇ ଘଟୁଥିବା ହିଂସାକୁ କିପରି ରୋକାଯାଇପାରିବ ସେ ନେଇ ଅତିଥି ଓ ଅଧିକାରୀମାନେ ଅନେକ ପରାମର୍ଶ ଦେଇଥିଲେ। ଜିଲା ସଂଯୋଜକ ବିଦ୍ୟାଧର ମାଲିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ନୀତି କମିଟିର ପ୍ରଶିକ୍ଷଣ କର୍ମଶାଳା

ପୁରୀ,୨୭ା୧୧(ଅଜିତ୍ କୁମାର ମହାନ୍ତି)

ଭାରତୀୟ ଆୟୁର୍ବିଜ୍ଞାନ ଗବେଷଣା ପରିଷଦର ବୈଷୟିକ ସହଯୋଗରେ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ନୀତି କମିଟି ପକ୍ଷରୁ ଏକ ପ୍ରଶିକ୍ଷଣ କର୍ମଶାଳା କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭେଷଜ ବିଜ୍ଞାନ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବୈଜ୍ଞାନିକ ଡା. ସିଦ୍ଧାର୍ଥ ଗିରି, ଡା. ଶୁଭେନ୍ଦୁ କୁମାର ଆଚାର୍ଯ୍ୟ, ପୂର୍ବତନ ଡିନ୍ ପ୍ରଫେସର ବିରଞ୍ଚି ନାରାୟଣ ମହାପାତ୍ର ଯୋଗଦେଇଥିଲେ। ନୀତି କମିଟି ସଦସ୍ୟ ସଚିବ ପ୍ରଫେସର ଡା. କାଳୀପ୍ରସାଦ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଷୟିକ ଅଧିବେଶନରେ ବକ୍ତାମାନେ ଭେଷଜ ବିଜ୍ଞାନ ଗବେଷଣା ସମ୍ପର୍କରେ ଥିବା ବିଭିନ୍ନ ସରକାରୀ ନିର୍ଦ୍ଦେଶାବଳୀ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ମେଡିକାଲ କଲେଜ ଡିନ୍ ପ୍ରଫେସର ଡା. ସବିତା ମହାପାତ୍ର, ଉପାଧ୍ୟକ୍ଷ ପ୍ରଫେସର ଡା. ଲଲାଟେନ୍ଦୁ ପାଇଁ, ଅଧୀକ୍ଷକ ପ୍ରଫେସର ଡା. କୌଶିକ ମିଶ୍ରଙ୍କ ନେତୃତ୍ୱରେ ଡା. ଶର୍ମିଷ୍ଠା ସ୍ୱାଇଁ, ଡା. ରାଜଲକ୍ଷ୍ମୀ ଉପାଧ୍ୟାୟ, ଡା. ଶୈଳେନ୍ କୁମାର ମିଶ୍ର, ଡା. ପ୍ରସନ୍ନ ପ୍ରଧାନ, ଡା. ଶାଶ୍ୱତୀ ନନ୍ଦ, ଡା. ମୌସୁମୀ ପ୍ରଧାନ, ଡା. ଅମ୍ରିତ ପ୍ରକାଶ ଏବଂ ଡା. ତନ୍ମୟ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଡା. ଶୁଭେନ୍ଦୁ ବିକାଶ ପଟ୍ଟନାୟକ, ଡା. ସତ୍ୟପ୍ରିୟ ମିଶ୍ର, ଡା. ବିପିନ୍ ବିହାରୀ ଖୁଣ୍ଟିଆ, ଅଧିବକ୍ତା ଗୁଣ୍ଡିଚା ବରାଳ, ମନସ୍ତତ୍ତ୍ୱବିତ୍ ଶୈଳବାଳା ମିଶ୍ର ଓ ଶିଶୁ ସାହିତ୍ୟିକ ଡ. ବୀରେନ୍ଦ୍ର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା ପାଇଁ ଟଙ୍କା ଆଦାୟ ଅଭିଯୋଗ

ପୁରୀ,୨୭ା୧୧(ଅଜିତ୍ କୁମାର ମହାନ୍ତି)

ପୁରୀ ସଦର ବ୍ଲକରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ପାଇଁ ଟଙ୍କା ଆଦାୟ କରାଯାଇଥିବା ଅଭିଯୋଗ କରି କେତେଜଣ ଅଭିଭାବକ ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗରେ ଦର୍ଶାଯାଇଛି ଯେ, ପୁରୀ ସଦର ବ୍ଲକର ବ୍ଲକସ୍ତରୀୟ ବିଜ୍ଞାନ ମେଳା ପାଇଁ ବ୍ଲକ ଶିକ୍ଷାଧିକାରୀ ଓ ସହ ବ୍ଲକ ଶିକ୍ଷାଧିକାରୀ, ତାଙ୍କର ସମସ୍ତ ସିଆର୍‌ସିଙ୍କୁ ଲଗାଇ ପୁରୀ ସଦର ଓ ପୁରୀ ମ୍ୟୁନିସିପାଲ୍‌ଟିର ସମସ୍ତ ସରକାରୀ ଓ ସରକାରୀ ସ୍ୱୀକୃତିପ୍ରାପ୍ତ ବିଦ୍ୟାଳୟରୁ ଅର୍ଥ ଆଦାୟ କରୁଛନ୍ତି। ବିଭିନ୍ନ ବିଦ୍ୟାଳୟରୁ ସଂଗୃହିତ ତଥ୍ୟ ଅନୁସାରେ ପ୍ରତ୍ୟେକ ଉଚ୍ଚ ବିଦ୍ୟାଳୟରୁ ୧୦୦୦ ଟଙ୍କା, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ୩୦୦ ଟଙ୍କା ଓ ପ୍ରାଥମିକ ବିଦ୍ୟାଳୟରୁ ୨୦୦ଟଙ୍କା ଆଦାୟ କରାଯାଉଛି। ବିଜ୍ଞାନ ମେଳା ପାଇଁ ସରକାରୀସ୍ତରରେ ବ୍ଲକ ଶିକ୍ଷାଧିକାରୀଙ୍କ ପାଖକୁ କିଛି ଅର୍ଥ ଆସୁଥିବା ବେଳେ କୌଣସି ବିଦ୍ୟାଳୟକୁ ବିଜ୍ଞାନ ମେଳା ପାଇଁ ସ୍ୱତନ୍ତ୍ର ସରକାରୀ ଅର୍ଥ ଆସୁନାହିଁ। ଏହି ଅର୍ଥ ବିଦ୍ୟାଳୟ ତରଫରୁ ଦିଆଯିବା ଅତ୍ୟନ୍ତ ଦୁଃଖର ବିଷୟ। ଏହି ଅର୍ଥ ଆଦାୟ ପାଇଁ ସରକାରୀସ୍ତରରେ କୌଣସି ନିର୍ଦ୍ଦେଶ ନ ଥିବା ବେଳେ ବ୍ଲକ ଶିକ୍ଷାଧିକାରୀ ଓ ସହ ବ୍ଲକ ଶିକ୍ଷାଧିକାରୀ ତାଙ୍କର ସମସ୍ତ ସିଆର୍‌ସିଙ୍କ ମାଧ୍ୟମରେ ବିଦ୍ୟାଳୟଗୁଡ଼ିକରୁ ଅର୍ଥ ଆଦାୟ କରିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଉକ୍ତ ଘଟଣାକୁ ବିଚାର କରି ଅର୍ଥ ଆଦାୟକୁ ବନ୍ଦ କରିବା ସହ ସରକାରୀ ଅର୍ଥରେ ବିଜ୍ଞାନ ମେଳା କରାଯାଉ ବୋଲି ଅଭିଯୋଗକାରୀମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

## ନିୟମ ଉଲ୍ଲଂଘନ କରିଥିବାରୁ ଜାତୀୟ କମିଶନଙ୍କ ପକ୍ଷରୁ ୱାରେଣ୍ଟ ଜାରି

ପୁରୀ,୨୭ା୧୧(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାପାଳ ଓ ଟିପିସିଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ବିରୋଧରେ ଜାତୀୟ ମାନବାଧିକାର କମିଶନ ୱାରେଣ୍ଟ ଜାରି କରିଛନ୍ତି। ଗୋପ ବ୍ଲକ୍ ସୋରିଷିଆପଦା ଗାଁର କାଳନ୍ଦୀ ଦାସଙ୍କ ୩ ବର୍ଷର ଶିଶୁପୁତ୍ରଙ୍କ ହାତ ନଷ୍ଟ ହେବା ଘଟଣାରେ ମାନବାଧିକାର କମିଶନର ଏପରି ନିର୍ଦ୍ଦେଶ ଦେଇଛନ୍ତି। ମୁକୁଳା ଟ୍ରାନ୍ସଫର୍ମର ଛୁଇଁବା ଫଳରେ ୩ବର୍ଷ ଶିଶୁପୁତ୍ର ଗୋଟିଏ ହାତ ହରାଇବାକୁ ପଡ଼ିଥିଲା। ଏନେଇ ଜାତୀୟ ମାନବାଧିକାର କମିଶନରେ ମାମଲା ରୁଜୁ ହୋଇଥିଲା। ୨୦୨୫ ଜୁଲାଇରେ କମିଶନ ପୀଡ଼ିତଙ୍କ ପରିବାରକୁ ୨ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ୧୫ ଦିନ ଭିତରେ କ୍ଷତିପୂରଣ ପ୍ରଦାନ ରିପୋର୍ଟ ପ୍ରମାଣ ସହ କମିଶନଙ୍କ ନିକଟରେ ଦାଖଲ ପାଇଁ ନିର୍ଦ୍ଦେଶ ହୋଇଥିଲା। ତେବେ ଏହି ନିୟମର ଉଲ୍ଲଂଘନ ହୋଇଥିବାରୁ କମିଶନ ୱାରେଣ୍ଟ ଜାରି କରିଥିବା ଜଣାପଡ଼ିଛି।

## ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ପକ୍ଷ

ସାକ୍ଷୀଗୋପାଳ,୨୭ା୧୧(ଭରତ ରାଉତ)

ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ସଡ଼କ ସୁରକ୍ଷା ପକ୍ଷ ଅଧ୍ୟକ୍ଷା ପୁଷ୍ପମିତ୍ରା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ପୁରୀର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଆସିଷ୍ଟାଣ୍ଟ ପରିବହନ ଅଧିକାରୀ ଦେବାଶିଷ ପଣ୍ଡା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସଡ଼କ ସୁରକ୍ଷା ପକ୍ଷ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ପରିବହନ ଆରକ୍ଷୀ ନିରୀକ୍ଷକ ସୁଶାନ୍ତ କୁମାର ପାତ୍ର ଯୋଗଦେଇ ସଡ଼କ ସୁରକ୍ଷା ନିୟମଗୁଡ଼ିକ ସମ୍ପର୍କରେ ଆଲୋଚନା କରିବା ସହିତ ଟ୍ରାଫିକ୍ ଓ ସଡ଼କ ନିୟମ ପାଳନ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆୟୋଜିତ ଏକ କୁଇଜ୍ ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପରିବହନ ଅଧିକାରୀ ପୁରସ୍କାର ସ୍ୱରୂପ ହେଲ୍‌ମେଟ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ପରିବେଶ ପ୍ରଦୂଷଣମୁକ୍ତ ରଖିବାକୁ ଆହ୍ୱାନ

ଡେଲାଙ୍ଗ,୨୭ା୧୧(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକର ଗଡ଼ବେଗୁନିଆପଡ଼ା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଦିନେଶ କୁମାର ବେହେରା ଓ ଚିନ୍ମୟ କୁମାର ପ୍ରଧାନ ମାର୍ଗଦର୍ଶନରେ ୩୮ ଜଣ ଛାତ୍ରୀଛାତ୍ରୀ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ପରିବେଶକୁ ପ୍ରଦୂଷଣମୁକ୍ତ ରଖିବା ଓ ନିରୋଗ ରହିବା ନେଇ ପ୍ରକଳ୍ପ ପ୍ରସ୍ତୁତ କରାଯାଇଥିଲା। ବ୍ଲକ ବିଜ୍ଞାନମେଳାର ସମ୍ପାଦକ ଶିକ୍ଷକ ଉମେଶ ଚନ୍ଦ୍ର ଦାଶ ଓ ଶିକ୍ଷକ ସୁରେନ୍ଦ୍ର କୁମାର ନାୟକ ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ପ୍ରଧାନ ଶିକ୍ଷକ ଅଭିମନ୍ୟୁ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାବେଶରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁଷମା ଦାଶ, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ଅଭିମନ୍ୟୁ ପ୍ରଧାନ, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବସନ୍ତ କୁମାର ସେଠୀ ପ୍ରମୁଖ ଯୋଗଦେଇ ପରିବେଶକୁ ପ୍ରଦୂଷଣମୁକ୍ତ କରିବା ପାଇଁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଶିକ୍ଷୟିତ୍ରୀ ସୁଚିତ୍ରା ପରିଡା, ବିଷୟା ମାଝି ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ସମ୍ବିଧାନ ଦିବସ

ପୁରୀ,୨୭ା୧୧(ଅଜିତ୍ କୁମାର ମହାନ୍ତି)

କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସର ପୁରୀ ଆନୁକୂଲ୍ୟରେ ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ସମ୍ବିଧାନ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ପରିସରସ୍ଥିତ ଜୟଦେବ ସଭାଗାରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥିଭାବେ ଗଙ୍ଗାଧର ମହାପାତ୍ର ଆଇନ ମହାବିଦ୍ୟାଳୟର ଏଲ୍ ଏଲ୍ ଏମ୍ ବିଭାଗର ବିଭାଗ ମୁଖ୍ୟ ଡ. ଲୋକନାଥ ସୁଆର ଉପସ୍ଥିତ ରହି ସମ୍ବିଧାନର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ବିଶିଷ୍ଟ ଅତିଥିଭାବେ ପ୍ରଫେସର ଲଳିତ କୁମାର ସାହୁ ଯୋଗଦେଇଥିଲେ। ଡ. ଓମ୍ ନାରାୟଣ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ଶ୍ରୀମନ୍ଦିର ସମ୍ପର୍କିତ ବିବାଦୀୟ ଟିପ୍ପଣୀ ଦେଇ ଅଡୁଆରେ ଶୁଭଙ୍କର

ପୁରୀ,୨୭ା୧୧(ଅଜିତ୍ କୁମାର ମହାନ୍ତି)

ଦେଶର ଜଣାଶୁଣା ସୋଶିଆଲ ମିଡିଆ ଇନଫ୍ଲୁଏନ୍ସର୍ ଶୁଭଙ୍କର ମିଶ୍ରଙ୍କ ବିବାଦୀୟ ଟିପ୍ପଣୀକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। ଏହାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସେବାୟତଙ୍କ ଠାରୁ ଆରମ୍ଭ କରି ବୁଦ୍ଧିଜୀବୀମାନେ ଏପରି ଦାୟିତ୍ୱହୀନ ମନ୍ତବ୍ୟକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି। ସୋସିଆଲ ମିଡିଆରେ ଦେଖିବାକୁ ମିଳୁଛି, ଇନଫ୍ଲୁଏନ୍ସର ମିଶ୍ର କହୁଛନ୍ତି ବିବାହ ପୂର୍ବରୁ ଯଦି ପ୍ରେମୀ ଯୁଗଳ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବେ ତେବେ ସେମାନଙ୍କ ପ୍ରେମ କେବେ ବି ସଫଳ ହେବନାହିଁ। ସେମାନେ କେବେ ବି ବିବାହ ବନ୍ଧନରେ ବାନ୍ଧି ହୋଇପାରିବେ ନାହିଁ। ଏପରିକି ଭଲ ଜୀବନ ସାଥି ବି ନ ମିଳିପାରେ, କାରଣ ଶ୍ରୀମନ୍ଦିର ଉପରେ ମା' ରାଧାରାଣୀଙ୍କ ଅଭିଶାପ ପଡ଼ିଛି। ମା' ରାଧାରାଣୀ ଶ୍ରୀକୃଷ୍ଣଙ୍କୁ ଜଗନ୍ନାଥଙ୍କ ରୂପରେ ଦର୍ଶନ କରିବାକୁ ଯାଉଥିବା ବେଳେ ସେତେବେଳେ ସେବାୟତମାନେ ତାଙ୍କୁ ଅଟକାଇଥିଲେ ଏବଂ କହିଥିଲେ ଶ୍ରୀମନ୍ଦିର ଭିତରକୁ ଭଗବାନଙ୍କ ଧର୍ମପତ୍ନୀଙ୍କ ପ୍ରବେଶ ଉପରେ ବାରଣ ରହିଛି। ଆପଣ କିଭଳି ଭିତରକୁ ଆସିଲେ। ଏକଥା ଶୁଣି ମା' ରାଧାରାଣୀ ରାଗିଯାଇ ଶ୍ରୀମନ୍ଦିରକୁ ଏପରି ଅଭିଶାପ ଦେଇଥିଲେ। ତେବେ ଶୁଭଙ୍କର ମିଶ୍ରଙ୍କ ଶ୍ରୀମନ୍ଦିର ଓ ମହାପ୍ରଭୁଙ୍କ ପ୍ରତି ଏଭଳି ଭୁଲ୍ ଉପସ୍ଥାପନକୁ ନେଇ ପ୍ରତିକ୍ରିୟା ଦେଖିବାକୁ ମିଳିଛି।

ଏନେଇ ବରିଷ୍ଠ ସେବାୟତ ଗୌରହରୀ ପ୍ରଧାନ କହିଛନ୍ତି, ଅନେକ ସମୟରେ ଶ୍ରୀମନ୍ଦିର ଉପରେ ବିବାଦୀୟ ମନ୍ତବ୍ୟ ଦେଇ ଲୋକଲୋଚନକୁ ଆସିବା ପାଇଁ କେତେଜଣ ଏପରି କରିଥାନ୍ତି। କେଉଁ ତଥ୍ୟ ବଳରେ ସେ ଏପରି ମନ୍ତବ୍ୟ ଦେଇଛନ୍ତି, ତାହା ସ୍ପଷ୍ଟ କରନ୍ତୁ। ଶ୍ରୀମନ୍ଦିର ତଥା ମହାପ୍ରଭୁଙ୍କ ଉପରେ ଏପରି ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରିଥିବା ବ୍ୟକ୍ତିଙ୍କ ବିରୋଧରେ ଶ୍ରୀମନ୍ଦିର ପ୍ରଶାସନ ତୁରନ୍ତ ଅଭିଯୋଗ କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ପ୍ରଧାନ କହିଛନ୍ତି। ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ସୂର୍ଯ୍ୟ ନାରାୟଣ ରଥଶର୍ମା ଏନେଇ କହିଛନ୍ତି, ମହାପ୍ରଭୁ ହେଉଛନ୍ତି ଭାବର ଠାକୁର। ସୋସିଆଲ ମିଡିଆରେ ଯେଉଁ ଭିଡିଓଟି ଦେଖିବାକୁ ମିଳୁଛି ଶ୍ରୀମନ୍ଦିର ସମ୍ପର୍କରେ ତାହାର କୌଣସି ଅସ୍ତିତ୍ୱ ନାହିଁ। ବିଶ୍ୱାସ ରହିଛି, ଶ୍ରୀମନ୍ଦିରକୁ ଦର୍ଶନ କରିବାକୁ ଯେଉଁ ଭକ୍ତ ଆସିଥାନ୍ତି ଜଣେ ରାଧା ହେଲେ ହିଁ ମହାପ୍ରଭୁଙ୍କୁ ଉପାସନା କରିପାରିବ। ଯେଉଁ ସେବକ ମହାପ୍ରଭୁଙ୍କ ସେବା କରୁଛନ୍ତି ସେମାନେ ନିଜକୁ ସ୍ତ୍ରୀ ରୂପେ ବିଚାର କରି ମହାପ୍ରଭୁଙ୍କ ସେବା କରିଥାନ୍ତି। ଯେଉଁ ବ୍ୟକ୍ତି ଶ୍ରୀମନ୍ଦିର ସମ୍ପର୍କରେ ଏପରି ବିଭ୍ରାନ୍ତିକର ତଥ୍ୟ ଦେଉଛନ୍ତି, ସେ ତାଙ୍କ ଏପରି ତଥ୍ୟରୁ ବିରତ ରୁହନ୍ତୁ। ଶୁଭଙ୍କର ମିଶ୍ରଙ୍କ ଏପରି ତଥ୍ୟରେ କୌଣସି ବାସ୍ତବତା ନାହିଁ ବୋଲି ରଥଶର୍ମା ମତବ୍ୟକ୍ତ କରି କହିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ କସିଶ



@ ଲିପନ



@ ମୋହନ



@ ସିଦ୍ଧାର୍ଥ



@ ତପନ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ନୟାହାଟ-କଳାବୁଦା ରାସ୍ତା ଶୋଚନୀୟ

ଯୋଗେଶ୍ୱରପୁର,୨୭ା୧୧(ରଶ୍ମିରଞ୍ଜନ ସାହୁ)

ଗ୍ରାମ୍ୟ ଉନ୍ନୟନ ଅଧୀନ ନୟାହାଟରୁ କଳାବୁଦା ପର୍ଯ୍ୟନ୍ତ ୧୦ କି.ମି ରାସ୍ତା ମରାମତି ଅଭାବରୁ ଶୋଚନୀୟ ହୋଇପଡ଼ିଛି। ଦେସ୍ଥଳିଠାରୁ ବଡ଼ତୋଟା ପର୍ଯ୍ୟନ୍ତ ବଡ଼ ବଡ଼ ଖାଲରେ ପରିଣତ ହୋଇଥିବାବେଳେ ଯାତାୟତରେ ଲୋକେ ହଇରାଣ ହେଉଛନ୍ତି। ଏହି ରାସ୍ତାଟି ନୟାହାଟରୁ କୋଣାର୍କ ପର୍ଯ୍ୟନ୍ତ ଯାଇଥିବାବେଳେ ପ୍ରତିଦିନ ଲକ୍ଷ୍ମୀବସ୍ ଓ ପୁରୀକୁ ଚଳାଚଳ କରୁଥିବା ଯାତ୍ରୀବାହୀ ବସ୍ ଉକ୍ତ ଖାଲରେ ପଡ଼ି ଦୁର୍ଘଟଣାର ସମ୍ମୁଖୀନ ହେଉଛି। ଏହି ରାସ୍ତା ଉପରେ ଦେସ୍ଥଳି, ଇଷାଣପୁର, ବଉଲାଙ୍ଗ ପଞ୍ଚାୟତର ଲୋକେ ନିର୍ଭର କରିଥାନ୍ତି। ରାସ୍ତା ମରାମତି ପାଇଁ ଅଞ୍ଚଳବାସୀ ଦାବି କରିଆସୁଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅବହେଳାରୁ ହୋଇପାରୁ ନାହିଁ ବୋଲି ଦେସ୍ଥଳି ସରପଞ୍ଚ ରିଶ୍ମା ସ୍ୱାଇଁ ଅଭିଯୋଗ କରିଛନ୍ତି।



# ସଡ଼କ ଦୁର୍ଘଟଣାରେ ବର୍ଷକୁ ଯାଉଛି ୫,୪୦୦ ଜୀବନ

## ସଚେତନତା ସତ୍ତ୍ୱେ ବଢୁଛି ଦୁର୍ଘଟଣା

ଭୁବନେଶ୍ୱର,୨୭।୧୧(ତ୍ରିନାଥ ମହାନ୍ତି)

ରାଜ୍ୟରେ ଦୁର୍ଘଟଣା ରୋକିବାକୁ ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଇ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି। ଏହା ସତ୍ତ୍ୱେ ଦୁର୍ଘଟଣା କମୁ ନାହିଁ। ଗତ ୫ବର୍ଷ(୨୦୨୦ରୁ ୨୦୨୪) ମଧ୍ୟରେ ରାଜ୍ୟରେ ସଡ଼କ ଦୁର୍ଘଟଣାରେ ୨୭,୧୬୭ ଜଣଙ୍କ ମୃତ୍ୟୁ ଘଟିଛି। ଅର୍ଥାତ୍ ବାର୍ଷିକ ହାରାହାରି ୫,୪୩୩ ଜଣଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟୁଛି ବୋଲି ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଗୃହରେ ଗୁରୁବାର ତଥ୍ୟ ରଖିଛନ୍ତି। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତର ଦେଇ ଜେନା କହିଛନ୍ତି ଯେ, ୨୦୨୦ରୁ ୨୦୨୪ ମଧ୍ୟରେ ରାଜ୍ୟରେ ୫୬,୮୩୦ ଦୁର୍ଘଟଣା ଘଟିଥିବାବେଳେ ସେଥିରେ ୨୭,୧୬୭ଜଣଙ୍କ ପ୍ରାଣ ଯାଇଛି। ଏଥିରେ ୫୦,୦୪୧ଜଣ ଆହତ ହୋଇଥିବାବେଳେ ୧୯,୮୫୦ ଜଣ ଗୁରୁତର ଆହତ ହୋଇଛନ୍ତି। ୨୦୨୦ରେ କୋଭିଡ୍ ମହାମାରୀ ବର୍ଷ ୯,୮୧୭ ଦୁର୍ଘଟଣା ଘଟିଥିବାବେଳେ ୪,୭୩୮ଜଣଙ୍କ ମୃତ୍ୟୁ ଘଟିଥିଲା। ଏହାପରଠାରୁ ପ୍ରତିବର୍ଷ ଦୁର୍ଘଟଣା ଜନିତ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ସହ ବାର୍ଷିକ ୫ହଜାରରୁ ଅଧିକ ରହୁଛି।

ମିଳିଥିବା ତଥ୍ୟ ଅନୁସାରେ, ୨୦୨୧ରେ ୫,୦୮୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦୨୨ରେ ୫,୪୬୭ ଏବଂ ୨୦୨୩ରେ ୫,୭୩୯ଜଣଙ୍କ ମୃତ୍ୟୁ ଘଟିଛି। ୨୦୨୪ରେ ସବୁଠାରୁ ଅଧିକ ଅର୍ଥାତ୍ ୧୨,୩୭୫ ଦୁର୍ଘଟଣା ଘଟିଥିବାବେଳେ ୬,୧୪୨ଜଣଙ୍କ ମୃତ୍ୟୁ ଘଟିଛି। ଗତ ୫ବର୍ଷ ମଧ୍ୟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ରାଜ୍ୟ ସରକାର ୮୯.୭୩ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଏପରି କି ଏହି ସମୟ ମଧ୍ୟରେ ୨୩.୧୭କୋଟି ଟଙ୍କା ଦୁର୍ଘଟଣାର ଶିକାର ହୋଇଥିବା ମୃତକଙ୍କ ପରିବାରକୁ ସହାୟତା ରାଶି ଭାବେ ପ୍ରଦାନ କରାଯାଇଥିବା ମନ୍ତ୍ରୀ ଜେନା ସୂଚନା ଦେଇଛନ୍ତି। ସଡ଼କ ଦୁର୍ଘଟଣା ରୋକିବାକୁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ଭାରିଯାନ ଚଳାଉଥିବା ଡ୍ରାଇଭରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ପର୍ଯ୍ୟଟନ ଋତୁରେ ଦୁର୍ଘଟଣା ବଢୁଥିବାରୁ ଏହାକୁ ରୋକିବାକୁ ସରକାର ଏକ ଷ୍ଟାଣ୍ଡାର୍ଡ ଅପରେଶନ ପ୍ରୋସିଜିଓର(ଏସ୍ଓପି) ଲାଗୁ କରିଛନ୍ତି। ଏଥିସହିତ ଜାତୀୟ ଏବଂ ରାଜ୍ୟ ରାଜପଥରେ ୨୩ଟି ଟ୍ରକ୍ ଟର୍ମିନାଲ୍ ପ୍ରତିଷ୍ଠା କରାଯାଇଛି। ଏପରି କି ରାତି ସମୟରେ ଭାରିଯାନ ଚଳାଉଥିବା ଡ୍ରାଇଭରମାନଙ୍କ ଆଖି ନ ଲାଗିବା ପାଇଁ ରାସ୍ତା ପାର୍ଶ୍ୱରେ ଥିବା ଢାବାଗୁଡ଼ିକ ନିକଟରେ ମାଗଣା ଚା’ ପ୍ରଦାନ କରାଯାଉଥିବା ମନ୍ତ୍ରୀ କହିଛନ୍ତି। ଜାତୀୟ ଏବଂ ରାଜ୍ୟ ରାଜପଥରେ ଇଣ୍ଟେଲିଜେଣ୍ଟ ଏନ୍‌ଫୋର୍ସମେଣ୍ଟ ସିଷ୍ଟମ୍ ଆରମ୍ଭ କରାଯାଇଥିବାବେଳେ ଗୁରୁତ୍ୱପୂର୍ଣ୍ଣ ଘାଟି ରାସ୍ତାରେ ଘାଟ ୱାର୍ନିଂ ସିଷ୍ଟମ ଆରମ୍ଭ କରାଯାଇଛି। ଏହା ବ୍ୟତୀତ ସଡ଼କ ନିୟମ ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କୁ ଧରିବା ପାଇଁ ୩୭ ଇଣ୍ଟରସେପ୍ଟର ଏବଂ ୩୮ଟି ହାଇୱେ ପାଟ୍ରୋଲିଂ ଭେଇକିଲ୍ସ ମୁତୟନ କରାଯାଇଛି ବୋଲି ମନ୍ତ୍ରୀ ଜେନା ଗୃହରେ ତଥ୍ୟ ରଖିଛନ୍ତି।




# ଡେବ୍ରିଗଡ଼ ଅଭୟାରଣ୍ୟ ପାଇଁ ୭୧.୧୯ କୋଟିର ଡିପିଆର୍‌କୁ ମଞ୍ଜୁରୀ

ଭୁବନେଶ୍ୱର, ୨୭।୧୧ (ସୁନିତ୍ ମିଶ୍ର)


ଧର୍ମେନ୍ଦ୍ର ପ୍ରଧାନ

ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟକୁ ଏକ ଅନ୍ତର୍ଜାତୀୟ ଇକୋଟୁରିଜମ୍ ଡେଷ୍ଟିନେଶନ ଭାବେ ବିକଶିତ କରିବା ପାଇଁ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପ୍ରାୟ ୭୧.୧୯ କୋଟି ଟଙ୍କା ମୂଲ୍ୟର ବିସ୍ତୃତ ପ୍ରକଳ୍ପ ରିପୋର୍ଟ(ଡିପିଆର୍)କୁ ମଞ୍ଜୁରୀ ଦେଇଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ‘X’ରେ ସୂଚନା ଦେଇଛନ୍ତି। ଏଭଳି ପଦକ୍ଷେପ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଜଙ୍ଗଲ, ପରିବେଶ ଓ ଜଳବାୟୁ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆଙ୍କୁ ଧର୍ମେନ୍ଦ୍ର ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି, ଏହି ନିଷ୍ପତ୍ତି ଡେବ୍ରିଗଡ଼ର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଅନ୍ତର୍ଜାତୀୟ ସ୍ତରରେ ପରିଚୟ ଦେବା ସହ ବନ୍ୟଜନ୍ତୁ ସଂରକ୍ଷଣରେ ସହାୟକ ହେବ। ଏହି ଇକୋଟୁରିଜମ୍ ପ୍ରକଳ୍ପ ସ୍ଥାନୀୟ ନିଯୁକ୍ତି ଏବଂ ପର୍ଯ୍ୟଟନକୁ ବଡ଼ ଗତି ଦେବ। ସୂଚନାନୁସାରେ, ଅଭୟାରଣ୍ୟର ପ୍ରାୟ ୧୦୦ କି.ମି. ପରିସୀମାରେ ବାଡ଼ ନିର୍ମାଣ ପାଇଁ ସ୍ୱତନ୍ତ୍ର ଭାବେ ଅତିରିକ୍ତ ପ୍ରାୟ ୧୪.୧୮ କୋଟି ଟଙ୍କା ପାଣ୍ଠି ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ରାଶିକୁ କାମ୍ପା କିମ୍ବା ଅନ୍ୟାନ୍ୟ ରାଜ୍ୟ ସରକାରୀ ପାଣ୍ଠି ମାଧ୍ୟମରେ ଯୋଗାଇବା ପାଇଁ ପରାମର୍ଶ ଦିଆଯାଇଛି । ଏହି ବାଡ଼ ନିର୍ମାଣ ଦ୍ୱାରା ବନ୍ୟଜନ୍ତୁ ଓ ମଣିଷ ମଧ୍ୟରେ ସଂଘର୍ଷ ହ୍ରାସ ହୋଇପାରିବ। ସମ୍ପୃକ୍ତ ବିଭାଗକୁ ତୁରନ୍ତ ଏହି ଡିପିଆର୍ ଅନୁଯାୟୀ ଆଗାମୀ ପଦକ୍ଷେପ ଗ୍ରହଣ କରିବାକୁ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହି ପ୍ରକଳ୍ପ ଡେବ୍ରିଗଡ଼ରେ ଇକୋଟୁରିଜମ୍ ଭିତ୍ତିଭୂମିର ବିକାଶ କରିବା ସହ ସ୍ଥାନୀୟ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟିକରିବ ଏବଂ ପ୍ରାକୃତିକ ସମ୍ପଦର ସୁରକ୍ଷାକୁ ସୁଦୃଢ଼ କରିବ।

# ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳ -୨୦୨୫ରେ ଓଡ଼ିଶା ପ୍ରଥମ

## ଅଭିନନ୍ଦନ ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୭।୧୧ (ସୁନିତ୍ ମିଶ୍ର)

ନୂଆଦିଲ୍ଲୀଠାରେ ଆୟୋଜିତ ଭାରତ ଆନ୍ତର୍ଜାତିକ ବାଣିଜ୍ୟ ମେଳା-୨୦୨୫ରେ ଓଡ଼ିଶା ପ୍ରଥମ ସ୍ଥାନ ଅଧିକାରକରି ଗୋଲ୍ଡ ମେଡାଲ ହାସଲ କରିଛି। ନୂଆଦିଲ୍ଲୀରେ ଅନୁଷ୍ଠିତ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ ଅବସରରେ ଭାରତ ବାଣିଜ୍ୟିକ ପ୍ରୋତ୍ସାହନ ସଙ୍ଗଠନ(ଇଣ୍ଡିଆ ଟ୍ରେଡ୍ ପ୍ରମୋସନ ଅର୍ଗାନାଇଜେଶନ) ତରଫରୁ ଗୁରୁବାର ଏହି ପୁରସ୍କାର ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସଫଳତା ପାଇଁ ଖୁସି ବ୍ୟକ୍ତ କରିବା ସହ ଟିମ୍ ଓଡ଼ିଶାକୁ ଅଭିନନ୍ଦନ ଓ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ରାଜ୍ୟର ମର୍ଯ୍ୟାଦା ବୃଦ୍ଧିକରିବା ଦିଗରେ ଏହା ଏକ ଉଲ୍ଲେଖନୀୟ ସଫଳତା। ସୂଚନାଯୋଗ୍ୟ, ସମୁଦାୟ ୩୧ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଏହି ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ଯୋଗଦେଇଥିଲେ। ଓଡ଼ିଶା ସାମଗ୍ରିକ ପ୍ରଦର୍ଶନ କ୍ଷେତ୍ରରେ ଉତ୍କର୍ଷ ଲାଭକରି ଏହି ସଫଳତା ହାସଲ କରିଛି। କ୍ରମାଗତ ୪ର୍ଥ ଥର ପାଇଁ ଓଡ଼ିଶା ଉକ୍ତ ପୁରସ୍କାର ପାଇବା ସହ ଏଥରକୁ ମିଶାଇ ୨ ଥର ଗୋଲ୍ଡ ମେଡାଲ ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ମେଳାରେ ରାଜ୍ୟ ସରକାରଙ୍କର ୯ଟି ବିଭାଗର ୨୬ଟି ଷ୍ଟଲ ସ୍ଥାନିତ ହୋଇଥିଲା। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ଲକ୍ଷ୍ୟ ଏବଂ ଏକ୍ ଭାରତ ଶ୍ରେଷ୍ଠ ଭାରତର ଆଭିମୁଖ୍ୟକୁ ଏହି ପ୍ରଦର୍ଶନୀ ମାଧ୍ୟମରେ ଉପସ୍ଥାପନ କରାଯାଇଛି। ମୁଖ୍ୟମନ୍ତ୍ରୀ ଗତ ୨୨ ତାରିଖରେ ଓଡ଼ିଶା ରାଜ୍ୟ ଦିବସ ସମାରୋହ ପାଳନ ଅବସରରେ ଓଡ଼ିଶା ମଣ୍ଡପ ବୁଲି ଦେଖିବା ସହ ଓଡ଼ିଶାର କଳା, ଐତିହ୍ୟ ଓ ପରମ୍ପରା ପ୍ରଦର୍ଶନର ଉଚ୍ଚ ପ୍ରଶଂସାକରି ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ।

# ବିଦେଶୀ ପକ୍ଷୀ ସ୍ୟାଣ୍ଡ ପ୍ଲୋଭର ଗୋଡ଼ରେ ଅଜଣା ଟ୍ୟାଗ

## ଋଷିକୂଲ୍ୟା ମୁହାଣରେ ବୁଲୁଥିବା ବେଳେ ଦେଖିବାକୁ ମିଳିଥିଲା

ଛତ୍ରପୁର, ୨୭।୧୧ (ଦିଲ୍ଲୀପ ସାମଲ)



ଋଷିକୂଲ୍ୟା ମୁହାଣରେ ଉଡି ବୁଲୁଥିବା ବେଳେ ଏକ ବିଦେଶୀ ପକ୍ଷୀ ଗୋଡରେ ଟ୍ୟାଗ୍ ବନ୍ଧା ଯାଇଥିବା ଜଣାପଡ଼ିଛି। ସ୍ଥାନୀୟ ପରିବେଶବିତ ରବିନ୍ଦ୍ରନାଥ ସାହୁ ତାଙ୍କ କ୍ୟାମେରାରେ ଏହାକୁ ଉତ୍ତୋଳନ କରିଛନ୍ତି। ଏହି ପକ୍ଷୀଟି ସ୍ୟାଣ୍ଡ ପ୍ଲୋଭର ପ୍ରଜାତିର ବୋଲି ଜଣାପଡିଛି। ସାଧାରଣତଃ ଶୀତଦିନେ ସୁଦୂର ୟୁରୋପ ଓ ଉତ୍ତର ଆମେରିକା ସହ ବିଭିନ୍ନ ସ୍ଥାନରୁ ଅନେକ ପ୍ରଜାତିର ପକ୍ଷୀ ଋଷିକୂଲ୍ୟା ମୁହାଣକୁ ଉଡି ଆସିଥାନ୍ତି। ଚଳିତବର୍ଷ ଉଡି ଆସିଥିବା ପକ୍ଷୀଙ୍କ ମଧ୍ୟରେ ସ୍ୟାଣ୍ଡ ପ୍ଲୋଭର ପ୍ରଜାତିର ପକ୍ଷୀଟି ରହିଥିବା ବିଶ୍ୱାସ କରାଯାଉଛି। ଗୋଡରେ ଲାଗିଥିବା ଟ୍ୟାଗ ସାଧାରଣତଃ ଏମାନଙ୍କର ଗତିବିଧି ଉପରେ ନଜର ରଖିବାପାଇଁ ବ୍ୟବହାର କରାଯାଇଥାଏ। ଅତ୍ୟଧିକ ପ୍ରତିକୂଳ ପରିସ୍ଥିତିରେ ଏହି ପକ୍ଷୀଗୁଡିକ କେଉଁ ପ୍ରକାର ପରିସ୍ଥାନକୁ ନିଜ ବାସସ୍ଥଳୀ ରୂପେ ବ୍ୟବହାର କରିଥାନ୍ତି ଏହା ଉପରେ ଗବେଷଣା କରାଯାଇଥାଏ ବୋଲି ପରିବେଶବିତ ରବୀନ୍ଦ୍ର କହିଛନ୍ତି। ଚଳିତବର୍ଷ ଆସିଥିବା ବିଦେଶୀ ପକ୍ଷୀ ଗବେଷକମାନଙ୍କୁ ସେମାନଙ୍କ ଗବେଷଣାରେ ସହାୟକ ହେବ ବୋଲି ରବୀନ୍ଦ୍ର ଆଶା କରିଛନ୍ତି।

# ଅତିରିକ୍ତ ତହସିଲଦାରଙ୍କ ପରିବାରକୁ କୁଳସମାଜରୁ ବାସନ୍ଦ ଅଭିଯୋଗ

## ବିବାହ ଭୋଜି କାର୍ଯ୍ୟକ୍ରମ ମନା, ଥାନାର ଦ୍ୱାରସ୍ଥ ହେଲେ ପରିବାର

ଛତ୍ରପୁର, ୨୭।୧୧ (ଦିଲ୍ଲୀପ ସାମଲ)


ବିଜୟଙ୍କ ପରିବାର ଲୋକଙ୍କ ଅଭିଯୋଗ ପରେ ଥାନାରେ ଚାଲିଥିବା ଆଲୋଚନା ।

ଗଞ୍ଜାମ ଜିଲା ଆସିକା ଅତିରିକ୍ତ ତହସିଲଦାର ସୌଦାଗର ବେହେରାଙ୍କ ପରିବାରକୁ କୁଳସମାଜରୁ ବାସନ୍ଦ କରାଯାଇଥିବା ଅଭିଯୋଗ ହୋଇଛି। ତାଙ୍କୁ ଅପମାନିତ କରାଯିବା ସହ ବିବାହ ଭୋଜି କାର୍ଯ୍ୟରେ ବାସନ୍ଦ କରାଯାଇଛି। ଏନେଇ ପରିବାର ଲୋକେ ଛତ୍ରପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅତିରିକ୍ତ ତହସିଲଦାର ବେହେରାଙ୍କ ଘର ଛତ୍ରପୁର ଥାନା ଅଧୀନ ମୁନିଷିପେଣ୍ଠ ଗ୍ରାମରେ। ସେ ଅନ୍ୟ ଜାତିର ଝିଅଙ୍କୁ ବିବାହ କରିଥିବାରୁ ତାଙ୍କ ପରିବାରକୁ କୈବର୍ତ୍ତ କୁଳ ସମାଜ ପକ୍ଷରୁ ବାସନ୍ଦ କରାଯାଇଛି। ଏନେଇ ଅତିରିକ୍ତ ତହସିଲଦାର ବେହେରାଙ୍କ ବାପା ବିଜୟ ବେହେରା କୈବର୍ତ୍ତ ସମାଜର କେତେ ଜଣ ବ୍ୟକ୍ତିଙ୍କ ବିରୋଧରେ ଛତ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ କୈବର୍ତ୍ତ ସମାଜ ପକ୍ଷରୁ ଅତିରିକ୍ତ ତହସିଲଦାର ବେହେରାଙ୍କ ପରିବାରକୁ କୁଳରୁ ବାସନ୍ଦ କରାଯାଇ ନାହିଁ, ଏହା ଭିତ୍ତିହୀନ ଅଭିଯୋଗ ବୋଲି ସଭାପତି ରମେଶ ବେହେରା କହିଛନ୍ତି। ଏନେଇ ଛତ୍ରପୁର ଥାନାରେ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ଚାଲିଥିଲା। ଦୀର୍ଘ ସମୟ ଧରି ଆଲୋଚନା ପରେ ମଧ୍ୟ କୋଣସି ସମାଧାନର ସୂତ୍ର ବାହାରି ପାରି ନ ଥିଲା। ପରବର୍ତ୍ତୀ ସମୟରେ କୈବର୍ତ୍ତ ସମାଜ ମହାସଭାର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ବୈଠକ କରାଯାଇ ଏ ସଂପର୍କରେ ଆଲୋଚନା କରାଯିବ ବୋଲି ଜଣାପଡିଛି। ତେବେ ଛତ୍ରପୁର ଥାନାରେ ଏସଂକ୍ରାନ୍ତରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ କହିଛନ୍ତି ।

ମଲ୍ଲ ସୂଚନା ଦେଇ କହିଛନ୍ତି, ଅତିରିକ୍ତ ତହସିଲଦାରଙ୍କ ବାପା ବିଜୟ ଗତ ଫେବୃଆରୀ ରେ ଅତିରିକ୍ତ ତହସିଲଦାର ତଥା ମୁନିସିପେଣ୍ଠ ନିବାସୀ ସୌଦାଗର ବେହେରା ଅନ୍ୟ ଜାତିର ଝିଅଙ୍କୁ ବିବାହ କରିଥିବା ଥାନାରେ ଜଣାଇଥିଲେ। ଏ ସମ୍ପର୍କରେ ବିଜୟ ମଧ୍ୟ ତାଙ୍କ କୈବର୍ତ୍ତ କୁଳ ସମାଜକୁ ଜଣାଇଥିଲେ। କୁଳସମାଜ ବିଜୟଙ୍କୁ ତମେ ପୁଅବୋହୁଙ୍କୁ ଛାଡିବ ନା କୁଳ ସମାଜକୁ ଛାଡିବ ବୋଲି ପଚାରିଥିଲେ। ବିଜୟ ଉଭୟଙ୍କୁ ଧରି ରହିବି ବୋଲି କହିଥିଲେ। ପରେ ବିଜୟ ତାଙ୍କ ପୁଅବୋହୁଙ୍କୁ ଧରି ପୁରୀ ଯାଇ ଜାତି କରିବାକୁ ତାଙ୍କୁ କୁହାଯାଇଥିଲା। ଗତ ୨୩ ତାରିଖରେ କୁଳର ଜଣେ ବ୍ୟକ୍ତିଙ୍କ ବିବାହ କାର୍ଯ୍ୟରେ ବିଜୟ ଯୋଗଦେଇଥିବାରୁ ତାଙ୍କୁ କୁଳ ସମାଜର କେତେ ଜଣ ବ୍ୟକ୍ତି ଭୋଜିରୁ ବାରଣ କରିଥିଲେ। ସେ ଏହାକୁ ଅପମାନ ମନେକରି ଏନେଇ ଛତ୍ରପୁର ଥାନାର ଦ୍ୱାରସ୍ଥ ହୋଇଥିଲେ ବୋଲି ଥାନା ଅଧିକାରୀ ମଲ୍ଲ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ କୁଳସମାଜ କର୍ମକର୍ତ୍ତାମାନେ କହିଛନ୍ତି, ଯେଉଁ ଲୋକଙ୍କ ବିବାହ କାର୍ଯ୍ୟ ହେଉଥିଲା ସେ ବିଜୟଙ୍କ ପରିବାରଙ୍କୁ ନିମନ୍ତ୍ରଣ କରି ନ ଥିଲେ। ସେଥିପାଇଁ ବାରଣ କରାଯାଇଥିଲା, ତାଙ୍କୁ କୁଳ ସମାଜରୁ କୋଣସି ପ୍ରକାର ବାସନ୍ଦ କରାଯାଇ ନାହିଁ ବୋଲି କର୍ମକର୍ତ୍ତା କହିଛନ୍ତି।

**ଦ.ପୂ. ରେଳପଥ – ଟେଣ୍ଡର**

**ଟେଣ୍ଡର ବିଜ୍ଞପ୍ତି ନଂ.: ଇ-ଟେଣ୍ଡର/୨୦୨୫/୪୦, ତାରିଖ: ୨୬।୧୧।୨୦୨୫।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳପଥ ପ୍ରବନ୍ଧକ (ଇଏନ୍‌ଜି.), ଦ.ପୂ. ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ସମ୍ପୃକ୍ତ ସାମଗ୍ରୀ ନିମନ୍ତେ ଦର୍ଶାଯାଇଥିବା ତାରିଖର **୧୫.୦୦ ଘଟିକା ପୂର୍ବରୁ** ଇ-ଟେଣ୍ଡର ଆହ୍ୱାନ କରାଯାଉଛି, ଯାହା **୧୫.୩୦ ଘଟିକାରେ ଖୋଲାଯିବ: କ୍ର.ସଂ. ଏବଂ ଟେଣ୍ଡର ନଂ.; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ଅମାନତ ରାଶି: (୧) ଇ-କେଜିପି-ସାଉଥ୍-୬୨-୨୦୨୫;** ବରିଷ୍ଠ ଡିଇଏନ୍ (ଦକ୍ଷିଣ/ଖଡ଼ଗପୁରଙ୍କ ଅଧୀନରେ ଖଡ଼ଗପୁର-ଭଦ୍ରକ ସେକ୍ସନରେ ବ୍ରିଜ୍ ନଂ. ୨୧୫ ୟୁପି ଓ ଡିଏନ୍ ଏବଂ ବ୍ରିଜ୍ ନଂ. ୨୬୩ ୟୁପି ଓ ଡିଏନ୍‌ର ରିଭର୍ ବେଡ୍ ମ୍ୟାପିଂ । (୨ୟ ଆହ୍ୱାନ); ₹୧୨,୨୦,୪୮୨.୪୦; ₹୨୪,୪୦୦/- । **(୨) ଇ-କେଜିପି-ୱେଷ୍ଟ-୫୪-୨୦୨୫;** ଚକୁଲିଆ - ରାଖାମାଇନ୍ସ : ଏଡିଇଏନ୍/ଝାରଗ୍ରାମଙ୍କ କ୍ଷେତ୍ରାଧିକାର ଅଧୀନରେ ଏଲ୍‌ସି ନଂ. ୧୦୭ ଓ ୧୨୮ଠାରେ ୦୨ ଗୋଟି ଏଲ୍ଏଚ୍ଏସ୍‌ର ନିର୍ମାଣ; ₹୧୫,୬୯,୧୦,୩୮୦.୯୮; ₹୯,୩୪,୬୦୦/- । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଉଭୟ ପାଇଁ ₹୦.୦୦ । **ଖୋଲାଯିବା ତାରିଖ:** କ୍ର.ସଂ. ୧ ପାଇଁ ତା୧୮।୧୨।୨୦୨୫ରିଖ ଏବଂ କ୍ର.ସଂ. ୨ ପାଇଁ ତା୨୨।୧୨।୨୦୨୫ରିଖ । **କାର୍ଯ୍ୟର ସମାପ୍ତି ଅବଧି:** କ୍ର.ସଂ. ୧ ପାଇଁ ୧୨ ମାସ ଏବଂ କ୍ର.ସଂ. ୨ ପାଇଁ ୧୮ ମାସ । **ବିଡିଂ ଆରମ୍ଭ ତାରିଖ:** କ୍ର.ସଂ. ୧ ପାଇଁ ତା୦୪।୧୨।୨୦୨୫ରିଖରୁ ତା୧୮।୧୨।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ ଏବଂ କ୍ର.ସଂ. ୨ ପାଇଁ ତା୦୮।୧୨।୨୦୨୫ରିଖରୁ ତା୨୨।୧୨।୨୦୨୫ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ବିନିର୍ଦ୍ଦିଷ୍ଟତା ପାଇଁ ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ଲାଗି ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବି.ଦ୍ର.:** ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି । (PR-888)

**Directorate of Tourism,
Department of Tourism, Art Culture, Sports and Youth Affairs,
Govt. of Jharkhand
MDI Building, 2nd Floor, Dhurwa, Ranchi-834004
GSTIN-20RCHD00786C1D4**
**Phone:**(0651)2400493, email:dirjharkhandtourism@gmail.com, **Web:**https://tourism.jharkhand.gov.in

**Short e-Tender Notice**

e-Tender No.: Tour/Dir/Yoj./08/2025-**1093**/ Ranchi Date :- **27.11.2025**

**Online (e-Tender) RFP for Procurement, Design, Fabrication Supply of Floating Restaurant to Directorate of Tourism, Govt. of Jharkhand.**

| NIT No. | Name of the works | Estimated cost (in Rs.) Including GST and other taxes as applicable | Earnest money to be deposited (in Rs.) | Time of completion of work |
|---|---|---|---|---|
| | RFP for Procurement, Design, Fabrication Supply of Floating Restaurant to Directorate of Tourism, Govt. of Jharkhand | 4,00,00,000.00 | 8,00,000.00 | 3 Months |
| Availability of tender documents on website | | | From 28/11/2025 (Friday) from 05:00 PM | |
| Last date and time for uploading of e-tender | | | Up to 12/12/2025 (Friday) at 3:00 PM | |
| Pre-bid Meeting Google Meet joining info Video call link: **https://meet.google.com/iro-pnzh-cyx** (For any query regarding RFP, kindly mail us before Pre -bid date and time to – dirjharkhandtourism@gmail.com) | | | 04/12/2025 (Thursday) at 01:00 PM | |
| Date and time for opening of Tender (Technical) | | | 15/12/2025 (Monday) at 04:00 PM | |
| Date and time for opening of Tender Part -II (Financial) | | | will be communicated later on | |
| Tendering officer and address for communication | | | Director, Directorate of Tourism, MDI Building, 2nd Floor, Dhurwa, Ranchi-834004 | |

1. e-Tender document and BOQ including terms & conditions, Tender specification, etc. can be downloaded from website https://jharkhandtenders.gov.in. Any details required in the regard can also be procured from the office of the undersigned (0651-2400493) during office hours. NIC helpline no. is 0651-2400178.
2. The bids will be received only through electronic tendering mode.
3. No claim shall be entertained on account of disruption of internet services while uploading the bid. Bidders are advised to upload their bids well in advance to avoid last minute technical snag.
4. Bidders must submit a copy of the UTR/reference number as proof of online payment of the tender fee and EMD, as mentioned in the NIT, before the specified cutoff date and time. The details of the finally uploaded BOQ, EMD, and payment instruments (DD/Cheque, etc.) must exactly match the details submitted online (scanned copies); any discrepancies will result in the bid being rejected. Additionally, all bidders are required to submit a hard copy of technical documents of the tender document to the Directorate of Tourism, Govt. of Jharkhand prior to the tender opening date as specified above.

Sd/-
**Director,**
Tourism

PR 367246 (Tourism, Art Culture Sports And Youth Affairs) 25-26 (D)

# ପ୍ରଥମରୁ ଚିକିତ୍ସା କଲେ ଭିନ୍ନକ୍ଷମତାକୁ ନିୟନ୍ତ୍ରଣ କରିହେବ: ମନ୍ତ୍ରୀ ନିତ୍ୟାନନ୍ଦ




## ନିରନ୍ତର ପୁନର୍ବାସ ଶିକ୍ଷା କାର୍ଯ୍ୟକ୍ରମର ରାଜ୍ୟସ୍ତରୀୟ କର୍ମଶାଳା

ଭୁବନେଶ୍ୱର,୨୭।୧୧(ସୁଚିସ୍ମିତା ସାହୁ)

ଶିଶୁଙ୍କୁ ପ୍ରଥମରୁ ଉପଯୁକ୍ତ ଯତ୍ନ ଓ ଚିକିତ୍ସା କରାଗଲେ ସେମାନଙ୍କ ଭିନ୍ନକ୍ଷମତାକୁ ନିୟନ୍ତ୍ରଣ କରିହେବ। ଭିନ୍ନକ୍ଷମ ପିଲାଙ୍କ ମଧ୍ୟରେ ଅନେକ ଅନ୍ତର୍ନିହିତ ପ୍ରତିଭା ରହିଛି। ସରକାର ସେମାନଙ୍କୁ ଗୁଣାତ୍ମକ ସେବା ଯୋଗାଇଦେବା ପାଇଁ ପ୍ରତିବଦ୍ଧ ବୋଲି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଲୋକସେବା ଭବନ ସମ୍ମିଳନୀ କକ୍ଷରେ ବିଭାଗ ଏବଂ ରାଜ୍ୟ ସ୍ୱତନ୍ତ୍ର ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ (ଏସ୍ଆଇଏସ୍ଇଆର୍) ପକ୍ଷରୁ ରାଜ୍ୟସ୍ତରୀୟ ନିରନ୍ତର ପୁନର୍ବାସ ଶିକ୍ଷା (ସିଆର୍ଇ) କାର୍ଯ୍ୟକ୍ରମରେ ଦୁଇଦିନିଆ ରାଜ୍ୟସ୍ତରୀୟ କର୍ମଶାଳା ଆରମ୍ଭ ହୋଇଛି। ପ୍ରସଙ୍ଗ ରହିଛି ‘ବହୁବିଧ ଦିବ୍ୟାଙ୍ଗମତା ପାଇଁ ପ୍ରାରମ୍ଭିକ ହସ୍ତକ୍ଷେପର ଗୁରୁତ୍ୱ’। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଗଣ୍ଡ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କହିଲେ, ଭିନ୍ନକ୍ଷମ ପିଲାଙ୍କ ପାଇଁ ଜିଲା ଓ ବ୍ଲକସ୍ତରରେ ଡିଡିଆର୍‌ସି, ଆଇଆଇସି ଏବଂ ଅନ୍ୟାନ୍ୟ ସଂସ୍ଥା ମାଧ୍ୟମରେ ପୁନର୍ବାସ କେନ୍ଦ୍ର ଖୋଲାଯାଇଛି। ସ୍ୱତନ୍ତ୍ର ଶିକ୍ଷକଙ୍କ ନିଯୁକ୍ତି ପାଇଁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ଏହାଦ୍ୱାରା ସାଧାରଣ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଭିନ୍ନକ୍ଷମ ପିଲାମାନେ ଉପଯୁକ୍ତ ଶିକ୍ଷା ପାଇପାରିବେ। ସେହିପରି ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସହାୟତା ଉପକରଣ ଯୋଗାଣ, ଜୀବିକା ନିର୍ବାହ ପାଇଁ ସହାୟତା, ସଚେତନତା କାର୍ଯ୍ୟକ୍ରମ ଆଦି ପଦକ୍ଷେପ ହାତକୁ ନିଆଯାଇ ସେମାନଙ୍କୁ ଆତ୍ମନିର୍ଭର କରିବା ଲାଗି ସରକାର ପ୍ରୟାସ ଜାରି ରଖିଛନ୍ତି। ଏସବୁର ସଫଳ ରୂପାୟନ ପାଇଁ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ସହିତ ନାଗରିକମାନେ ସମାଜ ନିମନ୍ତେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ମନ୍ତ୍ରୀ ଅନୁରୋଧ କରିଛନ୍ତି।

ବିଭାଗୀୟ ନିର୍ଦ୍ଦେଶକ ପାରୁଲ ପଟାୱରୀ କହିଲେ, ବିଭିନ୍ନ ପ୍ରକାର ଶାରୀରିକ ଭିନ୍ନକ୍ଷମତା ଥିବା ପିଲାଙ୍କ ସହ ଅଟିଜିମ୍‌ରେ ପୀଡିତ ଶିଶୁମାନଙ୍କୁ ସ୍ପିଚ୍ ଥେରାପି, ଅକୁପେଶନାଲ ଥେରାପି ଦିଆଯାଇ ସେମାନଙ୍କ ସାମର୍ଥ୍ୟରେ ଉନ୍ନତି ଆଣିହେବ। ଉପଯୁକ୍ତ ଶାରୀରିକ ଓ ମାନସିକ ମାର୍ଗଦର୍ଶନ ସହ ସ୍ୱତନ୍ତ୍ର ଶିକ୍ଷା ସେମାନଙ୍କୁ ଭବିଷ୍ୟତରେ ଆତ୍ମନିର୍ଭର ହୋଇ ଜୀବନଯାପନ କରିବାରେ ସମର୍ଥ କରିପାରିବ। ଅଭିଭାବକଙ୍କୁ ଏ ବାବଦରେ ଶିକ୍ଷିତ କରାଯିବା ସହ ଗୋଷ୍ଠୀଭିତ୍ତିକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ରଜନୀ ଜାନି, ଡ. ସ୍ମୃତି ମହାପାତ୍ର ଓ ଜିତେନ୍ଦ୍ର ବିଶ୍ୱାଳ ବକ୍ତବ୍ୟ ରଖିଥିବାବେଳେ ଅତିରିକ୍ତ ଶାସନ ସଚିବ ଭାସ୍କର ରଉତ, ଉପଶାସନ ସଚିବ ଦୀପକ ରାଉତରାୟ ଓ ସୋନିଆ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

**100+ AI Tools**

Scan to Master the Future of Technologies

ODISHA KNOWLEDGE CORPORATION LIMITED
Contact 0674-3520021 OR send ‘Hi’ to 7735552044
to know more about OS-CIT

**ଟ୍ରେଡିଂ ଜାଲିଆତିରେ ୩୫ କୋଟି ହରାଇଲେ ବୃଦ୍ଧ**

ମୁମ୍ବାଇର ଜଣେ ୭୨ ବର୍ଷୀୟ ବ୍ୟବସାୟୀ ଆର୍ଥିକ ଜାଲିଆତିର ଶିକାର ହୋଇ ପ୍ରାୟ ୩୫ କୋଟି ଟଙ୍କା ହରାଇଛନ୍ତି। ଭରତ ହରକଚାନ୍ଦ ଶାହଙ୍କ ଅଭିଯୋଗ ଅନୁଯାୟୀ, ଗ୍ଲୋବ୍ କ୍ୟାପିଟାଲ ମାର୍କେଟ ଲିଃ ନାମକ ଦଲାଲି ଫାର୍ମ ୪ ବର୍ଷ ହେଲା ତାଙ୍କ ସ୍ତ୍ରୀଙ୍କ ଆକାଉଣ୍ଟକୁ ବ୍ୟବହାର କରି ଅନଧିକୃତ ଟ୍ରେଡିଂ କରୁଥିଲା। ୨୦୨୦ରେ ଶାହ ତାଙ୍କ ନାମରେ ଓ ସ୍ତ୍ରୀଙ୍କ ନାମରେ ଉକ୍ତ କମ୍ପାନୀରେ ଟ୍ରେଡିଂ ଆକାଉଣ୍ଟ ଖୋଲିଥିଲେ ମଧ ଜାଲିଆତି ସମ୍ପର୍କରେ ଜାଣି ନ ଥିଲେ।

## ହଂକଂ ଉଚ୍ଚ ଅଟ୍ଟାଳିକାରେ ନିଆଁ: ମୃତ୍ୟୁସଂଖ୍ୟା ୭୫

**ହଂକଂ,୨୭।୧୧**

ହଂକଂର ତାଇ ପୋ ଜିଲାରେ ଥିବା ହାଉସିଂ କମ୍ପ୍ଲେକ୍ସର ୭ଟି ସୁଉଚ୍ଚ ଅଟ୍ଟାଳିକାରେ ବୁଧବାର ଘଟିଥିବା ଭୟାବହ ଅଗ୍ନିକାଣ୍ଡରେ ମୃତ୍ୟୁସଂଖ୍ୟା ୭୫ରେ ପହଞ୍ଚିଛି। ୨୭୯ ଜଣ ଏବେବି ନିଖୋଜ ଥିବା ଚାଇନା ସରକାରୀ ଗଣମାଧ୍ୟମରେ ପ୍ରକାଶ ପାଇଛି। ଏହାକୁ ହଂକଂରେ ବହୁବର୍ଷ ମଧ୍ୟରେ ସବୁଠୁ ଭୟାବହ ଅଗ୍ନିକାଣ୍ଡ ବୋଲି କୁହାଯାଉଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ପୋଲିସ ଏବଂ ଅଗ୍ନିଶମ ବିଭାଗ ଅଲଗା ତଦନ୍ତକାରୀ ଟିମ୍ ଗଠନ କରି ତଦନ୍ତ ଚଳାଇଛି। ବୁଧବାର ମଧ୍ୟରାତ୍ର ପରେ ନିଆଁକୁ ନିୟନ୍ତ୍ରଣ କରାଯାଇଥିବା ହଂକଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଜନ୍ ଲି କହିଛନ୍ତି। ଏହି ଘଟଣାରେ ୩ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଛି। ହସ୍ପିଟାଲରେ ୬୮ ଜଣ ଚିକିତ୍ସିତ ହେଉଥିବାବେଳେ ୧୬ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ବିଲ୍ଡିଂ ଚାରିପଟେ ଲାଗିଥିବା ସୁରକ୍ଷା ନେଟ୍, ୱାଟରପ୍ରୁଫ୍ କାନ୍‌ଭାସ୍ ଅଗ୍ନିନିରୋଧକ ମାନର ନ ଥିଲା ବୋଲି ପୋଲିସ କହିଛି।

**ଦିଲ୍ଲୀରେ ଆଜି**



ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଅନୁଷ୍ଠିତ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଓଡ଼ିଶା ପାଭିଲିୟନ ପ୍ରଥମ ହୋଇଛି। ଗୁରୁବାର ପୁରସ୍କାର ବିତରଣ ଉତ୍ସବରେ ଆଇଟିପିଓ ପରିଚାଳନା ନିର୍ଦ୍ଦେଶକ ଡ. ନୀରଜ ଖରୱାଲଙ୍କଠାରୁ ଓଡ଼ିଶା ସରକାରଙ୍କ ପକ୍ଷରୁ ଅତିରିକ୍ତ ଆବାସିକ କମିଶନର ସୁଚରିତା ଷଡ଼ଙ୍ଗୀ ଏବଂ ଓଡ଼ିଶା ପାଭିଲିୟନ ନିର୍ଦ୍ଦେଶକ ଅଶ୍ୱିନୀ ଭୋଇ ପୁରସ୍କାର ଗ୍ରହଣ କରୁଛନ୍ତି। (ଫଟୋ: ଚମନ ଗୌତମ)

## ଦୁର୍ନୀତି ମାମଲାରେ ହାସିନାଙ୍କୁ ୨୧ ବର୍ଷ ଜେଲ

**ଢାକା,୨୭।୧୧(ପି.ଟି.)**

ବାଂଲାଦେଶର ଏକ ଅଦାଲତ ୩ଟି ଦୁର୍ନୀତି ମାମଲାରେ ଦେଶର କ୍ଷମତାଚ୍ୟୁତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ଗୁରୁବାର ୨୧ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରୀ ହାଉସିଂ ପ୍ରକଳ୍ପ ପାଇଁ ଜମି ମଞ୍ଜୁରୀରେ ଅନିୟମିତତା ନେଇ ତାଙ୍କ ବିରୋଧରେ ଦୁର୍ନୀତି ମାମଲାର ବିଚାର ଚାଲିଥିଲା। ଢାକା ସ୍ୱତନ୍ତ୍ର ବିଚାରପତି କୋର୍ଟ-୫ର ବିଚାରପତି ମହମ୍ମଦ ଅବଦୁଲ୍ଲା ଅଲ୍ ମାମୁନ୍ ୭୮ ବର୍ଷୀୟ ହାସିନାଙ୍କୁ ୩ଟି ଦୁର୍ନୀତି ମାମଲାରେ ୭ ବର୍ଷ ଲେଖାଏ ଜେଲଦଣ୍ଡ ଶୁଣାଇଛନ୍ତି। ଏଥିସହିତ ତାଙ୍କୁ ପ୍ରତି ମାମଲା ପାଇଁ ୧ ଲକ୍ଷ ଟାକା ଲେଖାଏ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ସେ ଏହା ଜମା କରିବାରେ ବିଫଳ ହେଲେ ଅଧିକ ୧୮ ମାସ ଜେଲରେ ରହିବେ। ଏହା ବ୍ୟତୀତ ହାସିନାଙ୍କ ପୁଅ ସାଜିବ ୱାଜେଦ୍ ଜୟ ଏବଂ ଝିଅ ସାଇମା ୱାଜେଦ ପୁତୁଲଙ୍କୁ ୫ ବର୍ଷ ଲେଖାଏ ଜେଲଦଣ୍ଡ ହୋଇଛି। ରାଜଧାନୀ ନିକଟରେ ହାଉସିଂ ପ୍ରୋଜେକ୍ଟ ଘଟଣାରେ ସେମାନଙ୍କ ବିରୋଧରେ



ମାମଲା ଦାଏର ହୋଇଥିଲା। ସେମାନଙ୍କୁ ମଧ ୧ ଲକ୍ଷ ଟାକା ଲେଖାଏ ଜରିମାନା ହୋଇଛି। ବିନା ଆବେଦନରେ ହାସିନାଙ୍କୁ ଜମି ଆବଣ୍ଟନ କରାଯାଇଥିଲା ଯାହା ଆଇନ ଅନୁଯାୟୀ ଅଧିକୃତ କ୍ଷେତ୍ରାଧିକାର ବାହାରେ ବୋଲି ବିଚାରପତି ମାମୁନ୍ କହିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଛାତ୍ର ଆନ୍ଦୋଳନକୁ ଦମନ କରିବା ପାଇଁ ହାସିନାଙ୍କ ସରକାରର କାର୍ଯ୍ୟାନୁଷ୍ଠାନ ମାନବୀୟତା ବିରୋଧରେ ଅପରାଧ ବୋଲି ୧୦ ଦିନ ପୂର୍ବରୁ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ କହିବା ସହ ହାସିନାଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ।

# ହ୍ୱାଇଟ୍ ହାଉସ୍ ବ୍ଲକ୍‌ରୁ ଗୁଳିକାଣ୍ଡ

**୨ ସୁରକ୍ଷା କର୍ମୀ ଆହତ**

**ଆତଙ୍କବାଦୀ କାର୍ଯ୍ୟ କହିଲେ ଟ୍ରମ୍ପ୍**

**ୱାଶିଂଟନ,୨୭।୧୧**

ଆମେରିକାର ହ୍ୱାଇଟ୍‌ହାଉସ୍ ବ୍ଲକ୍‌ରୁ ବୁଧବାର ଅପରାହ୍ନରେ ଗୁଳିକାଣ୍ଡ ହୋଇଛି। ଜାତୀୟ ରାଜଧାନୀରେ ମୁତୟନ ଥିବା ୨ ଜଣ ୱେଷ୍ଟ ଭର୍ଜିନିଆ ନ୍ୟାଶନାଲ ଗାର୍ଡ ସଦସ୍ୟ ଗୁଳିମାଡ଼ରେ ଆହତ ହୋଇଛନ୍ତି। ସେମାନଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ହସ୍ପିଟାଲରେ ଚିକିତ୍ସା କରାଯାଉଥିବା ସଂଘୀୟ ତଦନ୍ତ ବ୍ୟୁରୋ (ଏଫ୍‌ବିଆଇ) ନିର୍ଦ୍ଦେଶକ କାଶ୍ ପଟେଲ ଏବଂ ୱାଶିଂଟନ ମେୟର ମ୍ୟୁରିୟଲ୍ ବୋସର କହିଛନ୍ତି। ଏହା ଏକ ଟର୍ଗେଟ ଆକ୍ରମଣ ବୋଲି ମେୟର ଦର୍ଶାଇଛନ୍ତି। ହ୍ୱାଇଟ୍ ହାଉସ୍‌ରେ ୨ ନ୍ୟାଶନାଲ ଗାର୍ଡଙ୍କୁ ଗୁଳିମାଡ଼ ଘଟଣାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନିନ୍ଦା କରିଛନ୍ତି। ଏହା ଏକ ଆତଙ୍କବାଦୀ କାର୍ଯ୍ୟ। ୨୦୨୧ରେ ଆଫଗାନିସ୍ତାନରୁ ସନ୍ଦିଗ୍ଧ ଜଣକ ଆମେରିକାରେ ପ୍ରବେଶ କରିଥିଲେ। ଜୋ ବାଇଡେନ୍‌ଙ୍କ ଶାସକ କାଳରେ ଆମେରିକାରେ ପ୍ରବେଶ କରିଥିବା ସମସ୍ତ ଆଫଗାନ ଶରଣାର୍ଥୀଙ୍କ ଉପରେ ପୁନର୍ବାର ତଦନ୍ତ କରିବାକୁ ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି।

ଫ୍ଲୋରିଡାରୁ ଉଦ୍‌ବୋଧନ ଦେଇ ଟ୍ରମ୍ପ୍ କହିଛନ୍ତି, ଧନ୍ୟବାଦ ପ୍ରଦାନ ଛୁଟିର ପୂର୍ବ ସନ୍ଧ୍ୟାରେ ୱାଶିଂଟନ ଡିସିରେ କାର୍ଯ୍ୟରତ ନ୍ୟାଶନାଲ ଗାର୍ଡର ୨ ସଦସ୍ୟଙ୍କୁ ଅଳ୍ପ ଦୂରତାରୁ ଗୁଳି କରାଯିବା ହ୍ୱାଇଟ୍ ହାଉସ୍‌ର ମାତ୍ର କେଇପାଦ ଦୂରରେ ଘାତକ ଆକ୍ରମଣ। ଏହି ବୀଭତ୍ସ ଆକ୍ରମଣ ଘୃଣିତ ଏବଂ ଆତଙ୍କବାଦୀ କାର୍ଯ୍ୟ। ଏହା ସମଗ୍ର ରାଷ୍ଟ୍ର ଏବଂ ମାନବତା ବିରୋଧରେ ଅପରାଧ। ସମସ୍ତ ଆମେରିକୀୟଙ୍କ ହୃଦୟ ନ୍ୟାଶନାଲ ଗାର୍ଡର ୨ ସଦସ୍ୟ ଓ ସେମାନଙ୍କ ପରିବାର ସହ ରହିଛି ବୋଲି ଟ୍ରମ୍ପ୍ କହିଛନ୍ତି।



ଗୁଳିକାଣ୍ଡ ସ୍ଥଳରେ ସୁରକ୍ଷା କର୍ମୀ ଅନୁଧ୍ୟାନ କରୁଛନ୍ତି।



ରହମନୁଲ୍ଲା ଲକନୱାଲ

ନ୍ୟାଶନାଲ ଗାର୍ଡ ଯବାନଙ୍କ ଉପରେ ଆକ୍ରମଣ ଘଟଣାରେ ଆମେରିକା ଆଫଗାନମାନଙ୍କ ଆପ୍ରବାସନ ନିବେଦନକୁ ସ୍ଥଗିତ ରଖିଛି। ଆକ୍ରମଣକାରୀ ୨୯ ବର୍ଷୀୟ ରହମନୁଲ୍ଲା ଲକନୱାଲ, ଯିଏ କି ଆମେରିକା ସେନା ଏବଂ ଆଫଗାନିସ୍ତାନରେ ସିଆଇଏରେ କାର୍ଯ୍ୟ କରିଥିଲେ। ୧୯୯୬ରେ କାବୁଲରେ ଜନ୍ମିତ ରହମନୁଲ୍ଲା ଆଫଗାନିସ୍ତାନରେ ଶେଷବର୍ଷ ଯୁଦ୍ଧ ସମୟରେ ଆମେରିକା ଠିକାଦାରଙ୍କ ଲଜିଷ୍ଟିକ୍ କୋଅର୍ଡିନେଟର ଭାବେ କାର୍ଯ୍ୟ କରିଥିଲେ। ହେଲ୍‌ମଣ୍ଡ ପ୍ରଦେଶରେ ଆମେରିକାର ସ୍ପେଶାଲ ଫୋର୍ସ ୟୁନିଟ୍‌କୁ ବିଭିନ୍ନ ସାମଗ୍ରୀ ଯୋଗାଣରେ ସେ ସହଯୋଗ କରୁଥିଲେ। କାନ୍ଦାହାରରେ ସେ ସିଆଇଏ ସହ କାର୍ଯ୍ୟ କରିଥିଲେ ବୋଲି ଏହାର ନିର୍ଦ୍ଦେଶକ ଜନ୍ ରାଟକ୍ଲିଫ୍ କହିଛନ୍ତି। ସୁରକ୍ଷା କର୍ମୀଙ୍କ ଗୁଳିରେ ଆହତ ହୋଇଥିବା ରହମନୁଲ୍ଲାଙ୍କୁ ହାଜତରେ ରଖାଯାଇଛି। ସଂଘୀୟ ତଦନ୍ତକାରୀ ସଂସ୍ଥା ଘଟଣାର ତଦନ୍ତ କରୁଛି।

## ଆତଙ୍କବାଦୀ ଆକ୍ରମଣ ଯୋଜନା: ସନ୍ଦିଗ୍ଧ ଗିରଫ

**ନୂଆଦିଲ୍ଲୀ,୨୭।୧୧**

ଆତଙ୍କବାଦୀ ଆକ୍ରମଣ ପାଇଁ ଯୋଜନା କରିବା ସହ ଏହାକୁ କାର୍ଯ୍ୟକାରୀ କରିବା ଲାଗି ଉଦ୍ୟମ କରୁଥିବା ଜଣେ ୧୯ ବର୍ଷୀୟଙ୍କୁ ଜମ୍ମୁ ପୋଲିସ ଗୁରୁବାର ଗିରଫ କରିଛି। ପାକିସ୍ତାନୀ ପରିଚାଳକଙ୍କ ସହ ତାଙ୍କର ଯୋଗାଯୋଗ ଥିବା ସନ୍ଦେହ କରାଯାଉଛି। ଅଭିଯୁକ୍ତଙ୍କ ଘର ରେଆସି ଜିଲାରେ ହୋଇଥିବାବେଳେ ସେ ଜମ୍ମୁର ବଠିଣ୍ଡି ଅଞ୍ଚଳରେ ରହୁଥିଲେ। ସେ ଅନ୍‌ଲାଇନରେ କଠୋରପନ୍ଥୀ ହେବା ସହ ତାଙ୍କ ଫୋନ୍‌ରୁ ପାକିସ୍ତାନ ଓ ଅନ୍ୟ ଦେଶର ଫୋନ୍ ନମ୍ବର ମିଳିଛି। ତାଙ୍କ ଡିଜିଟାଲ ଉପକରଣଗୁଡ଼ିକୁ ଫୋରେନ୍‌ସିକ୍ ତଦନ୍ତ ପାଇଁ ଜବତ କରାଯିବା ସହ ଜେରା କରାଯାଉଛି।

## ଆସାମରେ ବହୁବିବାହ ବିରୋଧରେ ବିଲ୍ ଗୃହୀତ

**ଗୁଆହାଟୀ,୨୭।୧୧**

ଆସାମ ବିଧାନସଭାରେ ଗୁରୁବାର ଆସାମ ବହୁବିବାହ ନିଷେଧ ବିଲ୍, ୨୦୨୫ ଗୃହୀତ ହୋଇଛି। ଏହି ପ୍ରସ୍ତାବିତ ଆଇନରେ ଅପରାଧୀଙ୍କ ପାଇଁ କଠୋର ଦଣ୍ଡ ବ୍ୟବସ୍ଥା ରହିଛି। ବିଲ୍‌କୁ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଯିବ। ବହୁବିବାହ ଓ ବାଲ୍ୟ ବିବାହକୁ ବେଆଇନ କରିବା ପାଇଁ ସରକାର ପୂର୍ବରୁ ଲକ୍ଷ୍ୟ ରଖିଥିଲେ। ମହିଳାମାନଙ୍କ ଅଧିକାର ସହ ସାଲିସ୍ କରାଯିବ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି।

## ସ୍କାଏରୁଟ୍‌ର ଅର୍ବିଟାଲ ରକେଟ୍ ଉନ୍ମୋଚନକଲେ ପ୍ରଧାନମନ୍ତ୍ରୀ

**ହାଇଦ୍ରାବାଦ,୨୭।୧୧(ପି.ଟି.)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ସ୍ପେସ୍ ଷ୍ଟାର୍ଟଅପ୍ ସ୍କାଏରୁଟ୍‌ର ପ୍ରଥମ ଅର୍ବିଟାଲ ରକେଟକୁ ଉନ୍ମୋଚନକରିବା ସହ ନୂଆ ପ୍ରଯୁକ୍ତି ସୃଷ୍ଟି ଲାଗି ଜେନ୍ ଜି ପେସାଦାରମାନଙ୍କୁ ଉଚ୍ଚପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ ସ୍କାଏରୁଟ୍‌ର ଇନ୍‌ଫିନିଟି କ୍ୟାମ୍ପସ୍‌କୁ ଭର୍ଚୁଆଲି ଉଦ୍‌ଘାଟନ କରିଛନ୍ତି। ଉକ୍ତ କମ୍ପାନୀର ଅର୍ବିଟ ରକେଟ ବିକ୍ରମ-୧ ଉପଗ୍ରହଗୁଡ଼ିକୁ କକ୍ଷପଥକୁ ପଠାଇପାରିବ। ଆଜି ଜେନ୍ ଜି ଇଞ୍ଜିନିୟର, ଡିଜାଇନର, କୋଡର ଏବଂ ବୈଜ୍ଞାନିକମାନେ ନୂଆ ପ୍ରଯୁକ୍ତି ସୃଷ୍ଟି କରିଛନ୍ତି। ମହାକାଶ କ୍ଷେତ୍ରରେ



ସଂସ୍କାର ସ୍ୱରୂପ ଏହ ସେକ୍ଟରକୁ ଘରୋଇ କମ୍ପାନୀମାନଙ୍କ ପାଇଁ ଖୋଲିଦିଆଯାଇଛି। ଫଳରେ ସ୍କାଏରୁଟ୍ ସମେତ ଅନ୍ୟ କମ୍ପାନୀମାନେ ବିଭିନ୍ନ ନବପ୍ରବର୍ତ୍ତନ ସହ ଆଗେଇ ଆସିଛନ୍ତି। ୩୦୦ରୁ ଊର୍ଦ୍ଧ୍ୱ ସ୍ପେସ୍ ଷ୍ଟାର୍ଟଅପ୍ ଏହି ସେକ୍ଟର ପାଇଁ ନୂଆ ଆଶା ଆଣିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

## କଠୋର ଆଇନ ଆଣ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୭।୧୧(ପି.ଟି.)**

**ଭିନ୍ନକ୍ଷମଙ୍କ ପ୍ରତି ଅପମାନଜନକ ମନ୍ତବ୍ୟ**

ଭିନ୍ନକ୍ଷମଙ୍କ ମର୍ଯ୍ୟାଦାର ସୁରକ୍ଷା ପାଇଁ କଠୋର ଆଇନର ଆବଶ୍ୟକତା ରହିଥିବା ସୁପ୍ରିମକୋର୍ଟ ଗୁରୁବାର କହିଛନ୍ତି। ଅନୁସୂଚିତ ଜାତି, ଜନଜାତି ଆଇନ ଭଳି ଭିନ୍ନକ୍ଷମ ଏବଂ ବିରଳ ଅନୁବଂଶିକ ବିକାରଗ୍ରସ୍ତ ବ୍ୟକ୍ତି ପ୍ରତି ପରିହାସପୂର୍ଣ୍ଣ ମନ୍ତବ୍ୟକୁ ଦଣ୍ଡନୀୟ ଅପରାଧ ଭାବେ ନେଇ କଠୋର ଆଇନ ପ୍ରଣୟନ ଦିଗରେ ବିଚାର କରିବାକୁ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ସରକାରଙ୍କୁ କହିଛନ୍ତି। ଅନୁସୂଚିତ ଜାତି, ଜନଜାତି(ଅତ୍ୟାଚାର ପ୍ରତିକାର)ଆଇନ, ୧୯୮୯ରେ ଜାତିକୁ ନେଇ ଗାଳିଦେବା, ପାତରଅନ୍ତର କରିବା, ଅପମାନିତ କରିବା ଏବଂ ସେମାନଙ୍କ ପ୍ରତି ହିଂସାକୁ ଜାମିନବିହୀନ ଅପରାଧ ଭାବେ ନିଆଯାଇଛି। ଭିନ୍ନକ୍ଷମଙ୍କ କ୍ଷେତ୍ରରେ ଏଭଳି ଆଇନ କାହିଁକି ଅଣାଯାଇପାରିବ ନାହିଁ ବୋଲି ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି। ହାସ୍ୟରସ କାହାର ମର୍ଯ୍ୟାଦାକୁ କ୍ଷୁଣ୍ଣ କରିପାରିବ ନାହିଁ ବୋଲି ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଛନ୍ତି। ଅନ୍‌ଲାଇନ ପ୍ଲାଟ୍‌ଫର୍ମରେ ଅଶ୍ଳୀଳ, ଅପମାନଜନକ କିମ୍ବା ବେଆଇନ କଣ୍ଟେଣ୍ଟକୁ ନିୟନ୍ତ୍ରଣ କରିବା ପାଇଁ ଏକ ନିରପେକ୍ଷ ଓ ସ୍ୱାଧୀନ ସଂସ୍ଥା ରହିବା ଆବଶ୍ୟକ ବୋଲି ଖଣ୍ଡପୀଠ କହିଛନ୍ତି।

'ଇଣ୍ଡିଆସ୍ ଗଟ୍ ଲାଟେଣ୍ଟ'ର ଉପସ୍ଥାପକ ସମୟ ରାଇନା ଏବଂ ଅନ୍ୟ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର କରୁଥିବା ପରିହାସ ବିରୋଧରେ ଏସ୍‌ଏମ୍‌ଏ କିଓର ଫାଉଣ୍ଡେଶନ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲା। ସେମାନଙ୍କୁ ଭବିଷ୍ୟତରେ ସାବଧାନ ହେବା ପାଇଁ ଖଣ୍ଡପୀଠ କହିବା ସହ ଭିନ୍ନକ୍ଷମଙ୍କ ସଫଳ କାହାଣୀ ଉପରେ ମାସକୁ ୨ଟି କାର୍ଯ୍ୟକ୍ରମ ବା ଶୋ' କରାଇ ସେମାନଙ୍କ ପୀଡ଼ିତଙ୍କ ଚିକିତ୍ସା ପାଇଁ ପାଣ୍ଠି ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଇମ୍ରାନ୍ ସମ୍ପୂର୍ଣ୍ଣ ସୁସ୍ଥ: ଜେଲ କର୍ତ୍ତୃପକ୍ଷ

**ଲାହୋର,୨୭।୧୧(ପି.ଟି.)**



ଇମ୍ରାନ୍ ଖାନ୍

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଆଡିଆଲା ଜେଲରେ ସମ୍ପୂର୍ଣ୍ଣ ସୁସ୍ଥ ଥିବା ଜେଲ କର୍ତ୍ତୃପକ୍ଷ ଗୁରୁବାର କହିବା ସହ ସୋସିଆଲ ମିଡିଆରେ ତାଙ୍କ ସ୍ୱାସ୍ଥ୍ୟକୁ ନେଇ ପ୍ରକାଶିତ ଗୁଜବକୁ ଖଣ୍ଡନ କରିଛନ୍ତି। ଇମ୍ରାନ୍‌ଙ୍କ ଦଳ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ନେତୃତ୍ୱକୁ ତାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ଅବଗତ କରାଯାଇଛି। ପିଟିଆଇ ମୁଖ୍ୟଙ୍କୁ ଜେଲ ଭିତରେ ସମସ୍ତ ଆବଶ୍ୟକ ସୁବିଧା ଯୋଗାଇ ଦିଆଯାଉଥିବା ଆଡିଆଲା ଜେଲ ପ୍ରଶାସନ କହିଛି। ବିଭିନ୍ନ ମାମଲାରେ ଇମ୍ରାନ୍ ୨୦୨୩ ଅଗଷ୍ଟରୁ ଜେଲରେ ରହିଛନ୍ତି। ତାଙ୍କୁ ଜେଲରେ ହତ୍ୟା କରାଯାଇଥିବା ନେଇ ସୋସିଆଲ ମିଡିଆରେ ଚର୍ଚ୍ଚା ଜୋର୍ ଧରିଥିଲା। ଆଫଗାନିସ୍ତାନ ଏବଂ ପାକିସ୍ତାନରୁ କେତେକ ସୋସିଆଲ ମିଡିଆ ହ୍ୟାଣ୍ଡେଲ୍‌ରେ ଏଭଳି ଖବର ପ୍ରକାଶ ପାଇବା ପରେ ଇମ୍ରାନ୍‌ଙ୍କୁ ଦେଖାକରିବା ପାଇଁ ୩ ଭଉଣୀ ଜେଲକୁ ଯାଇଥିଲେ। ସେମାନଙ୍କୁ ସୁରକ୍ଷା କର୍ମୀ ଜେଲ ବାହାରୁ ତଡ଼ିଦେଇଥିଲେ। ଇମ୍ରାନ୍‌ଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ଗୁଜବକୁ ନେଇ କେତେକ ବିଦେଶୀ ଗଣମାଧ୍ୟମରେ ମଧ ଖବର ପ୍ରକାଶ ପାଇଥିଲା ଏବଂ 'ଇମ୍ରାନ୍ ଖାନ୍ ଏବେ କେଉଁଠି' ବୋଲି Xରେ ଟ୍ରେଣ୍ଡ କରିଥିଲା। ଗୁଜବର କୌଣସି ସତ୍ୟତା ନାହିଁ ବୋଲି ଜେଲ କର୍ତ୍ତୃପକ୍ଷ କହିଛନ୍ତି।



## ପୁରୁଣା ପରମ୍ପରା ଭାଙ୍ଗିଲେ ସଲମାନ

ବଲିଉଡର ଭାଇଜାନ ସଲମାନ ଖାନ୍‌ଙ୍କ ପରବର୍ତ୍ତୀ ଫିଲ୍ମ 'ବ୍ୟାଟଲ୍ ଅଫ୍ ଗଲୱାନ' ରିଲିଜ ହେବାକୁ ଯାଉଛି। ସଲମାନ ଏହି ଫିଲ୍ମ ସେଟ୍‌ରେ ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ସକାରାତ୍ମକ ପରିବର୍ତ୍ତନ ଆଣିଛନ୍ତି। ଅଧିକାଂଶ କ୍ଷେତ୍ରରେ ଫିଲ୍ମ ସେଟ୍‌ରେ ସାଧାରଣତଃ ଅଭିନେତା ଏବଂ ମୁଖ୍ୟ କର୍ମଚାରୀଙ୍କ ପାଇଁ ଅଲଗା ଖାଦ୍ୟ ସ୍ତର ବ୍ୟବସ୍ଥା ଥାଏ। ସଲମାନ ଏହି ପାର୍ଥକ୍ୟକୁ ଦୂର କରିଦେଇଛନ୍ତି। ଏବେ ସମସ୍ତଙ୍କୁ ସମାନ ଖାଦ୍ୟ ପରିବେଷଣ କରାଯିବ। ଫିଲ୍ମ ସେଟରେ ସାଧାରଣତଃ ତିନି ପ୍ରକାରର ଖାଦ୍ୟ ପରିବେଷଣ କରାଯାଏ: ପ୍ରଥମଟି ତାରକାମାନଙ୍କ ପାଇଁ, ଦ୍ୱିତୀୟଟି ବିଭିନ୍ନ ବିଭାଗର ଟେକ୍ନିସିଆନ୍‌ଙ୍କ ପାଇଁ ଏବଂ ତୃତୀୟ ୟୁନିଟ ଅନ୍ୟ ଲୋକଙ୍କ ପାଇଁ। ସଲମାନ ଏହି ପାର୍ଥକ୍ୟକୁ ନାପସନ୍ଦ କରିଛନ୍ତି ଏବଂ ଏହି ପ୍ରଥାକୁ ଶେଷ କରିବାକୁ ପଦକ୍ଷେପ ନେଇଛନ୍ତି। ସେ ଏବେ ତାଙ୍କର ମୋବାଇଲ କିଚେନ୍ ବିଇଂ ହାଙ୍ଗ୍ରି ମାଧ୍ୟମରେ ସମସ୍ତଙ୍କୁ ସମାନ ଖାଦ୍ୟ ଯୋଗାଇବାର ବ୍ୟବସ୍ଥା ଆରମ୍ଭ କରିଛନ୍ତି। ଏହି ନୂତନ ବ୍ୟବସ୍ଥା ଅନୁଯାୟୀ, ଫିଲ୍ମ ସହିତ ଜଡିତ ସମସ୍ତେ ସମାନ ଖାଦ୍ୟ ଖାଇବେ। ଏହି କାର୍ଯ୍ୟ ସଲମାନ 'ସିକନ୍ଦର' ସେଟ୍‌ରେ ଆରମ୍ଭ କରିଥିଲେ। ଏହାକୁ ଏବେ 'ବ୍ୟାଟଲ୍ ଅଫ୍ ଗଲୱାନ'ର ଶୁଟିଂ ସମୟରେ ଜାରି ରଖାଯାଇଛି। ଫିଲ୍ମ ବ୍ୟତୀତ, ଏହାକୁ 'ବିଗ ବସ' ସେଟ୍‌ରେ ମଧ ବ୍ୟବହାର କରାଯାଏ।




## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..........................................



ସାଇ ରିପଂଶୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପ୍ରଥମ ଦିବସରେ ଓଡ଼ିଶାକୁ ୫ ପଦକ





ପଦକ ସହ ବନିତା ନାଏକ ଓ ମୀନା ସିଂ।

**ଭୁବନେଶ୍ୱର, ୨୭।୧୧ (ତପନ ସ୍ୱାଇଁ)**

କୋଲକାତାର ଖୁଦିରାମ ଅନୁଶୀଳନ କେନ୍ଦ୍ରରେ ଗୁରୁବାର ଉତ୍ତର ପୂର୍ବ ଜୋନାଲ ଭାରୋତ୍ତୋଳନ ପ୍ରତିଯୋଗିତା ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଓଡ଼ିଶା ପ୍ରତିଯୋଗୀମାନେ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ୩ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୪୮ କେଜି ଯୁବ ବର୍ଗରେ ବନିତା ନାଏକ ସ୍ୱର୍ଣ୍ଣ, ଜୁନିୟରରେ ରୌପ୍ୟ ଏବଂ ସିନିୟରରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେ ସ୍ନାଚ୍‌ରେ ୬୦, କ୍ଲିନ୍ ଆଣ୍ଡ ଜର୍କରେ ୮୦ ଏହିପରି ମୋଟ ୧୪୦ କେଜି ଉତ୍ତୋଳନ କରିଥିଲେ। ସେହିପରି ୫୩ କେଜି ବର୍ଗରେ ମୀନା ସିଂ ଜୁନିୟର ଓ ସିନିୟରରେ ୨ଟି ବ୍ରୋଞ୍ଜ ଜିତିଛନ୍ତି। ସେ ସ୍ନାଚ୍‌ରେ ୬୨, କ୍ଲିନ୍ ଆଣ୍ଡ ଜର୍କରେ ୭୯ କେଜି ଉତ୍ତୋଳନ କରିଥିଲେ। ପ୍ରତିଯୋଗିତାରେ ବିହାର, ଆସାମ, ମେଘାଳୟ, ଝାଡ଼ଖଣ୍ଡ, ତ୍ରିପୁରା, ମିଜୋରାମ, ମଣିପୁର, ପଶ୍ଚିମବଙ୍ଗ ଏବଂ ଓଡ଼ିଶାରୁ ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଉଭୟ ବନିତା ଓ ମିନା ଭୁବନେଶ୍ୱରସ୍ଥିତ ଭାରୋତ୍ତୋଳନ ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଛନ୍ତି।

# ଏକାମ୍ରର ଶୁଭଶ୍ରୀ, କୃଷ୍ଣପ୍ରିୟାଙ୍କ ସାଫଲ୍ୟ

**ଆନ୍ତଃ କଲେଜ ଆଥ୍‌ଲେଟିକ୍ସ**

**ଭୁବନେଶ୍ୱର, ୨୭।୧୧ (ତପନ ସ୍ୱାଇଁ)**

ଉତ୍କଳ ବିଶ୍ୱବିଦ୍ୟାଳୟର ୭୪ତମ ଆନ୍ତଃକଲେଜ ଆଥ୍‌ଲେଟିକ୍ସ ମିଟ୍ ଅଡଶପୁରସ୍ଥିତ ଉଦୟନାଥ କଲେଜ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଂଶଗ୍ରହଣ କରିଥିବା ଏକାମ୍ର କଲେଜର ଶୁଭଶ୍ରୀ ପରିଡ଼ା ଓ କୃଷ୍ଣପ୍ରିୟା ବରିସଲ୍ୟ ଏକାଧିକ ପଦକ ହାସଲର କୃତିତ୍ୱ ଅର୍ଜନ କରିଛନ୍ତି। ଶୁଭଶ୍ରୀ ୧୦୦ ଓ ୪୦୦ ମିଟରରେ ସ୍ୱର୍ଣ୍ଣ ଏବଂ ୨୦୦ ମିଟରରେ ରୌପ୍ୟ ପଦକ ଜିତିଛନ୍ତି। ସେହିପରି କୃଷ୍ଣପ୍ରିୟା ୧୦୦ ଓ ୨୦୦ ମିଟରରେ ତୃତୀୟ ସ୍ଥାନ ଅଧିକାର କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବିଶିଷ୍ଟ କ୍ରିକେଟ କୋଚ୍ ମନୋଜ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଉଭୟ ଶୁଭଶ୍ରୀ ଓ କୃଷ୍ଣପ୍ରିୟା ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ।



କୃଷ୍ଣପ୍ରିୟା ବରିସଲ୍ୟ, ମନୋଜ ମହାପାତ୍ର ଓ ଶୁଭଶ୍ରୀ ପରିଡ଼ା।

# ପ୍ରତ୍ୟାଶାଙ୍କୁ ରୌପ୍ୟ, କିଟ୍‌କୁ ୩ ବ୍ରୋଞ୍ଜ

**ଭୁବନେଶ୍ୱର, ୨୭।୧୧ (ତପନ ସ୍ୱାଇଁ)**

ରାଜସ୍ଥାନରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ଚତୁର୍ଥ ଦିବସରେ ଓଡ଼ିଶାକୁ ମୋଟ ୪ଟି ପଦକ ମିଳିଛି। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ପ୍ରତ୍ୟାଶା ରାୟ ମହିଳା ୨୦୦ ମିଟର ଫ୍ରିଷ୍ଟାଇଲ ସନ୍ତରଣରେ ରୌପ୍ୟ ପଦକ ପାଇଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟରୁ ପ୍ରତିନିଧିତ୍ୱ କରି ୨ ବ୍ରୋଞ୍ଜ ପଦକ ପାଇଥିବା ସନ୍ତରଣକାରୀ ହେଲେ ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ (ମହିଳା ୨୦୦ ମିଟର ବଟରଫ୍ଲାଏ) ଓ ନିଲବ୍‌ଜା ଘୋଷ (୧୦୦ ମିଟର ବଟରଫ୍ଲାଏ)। ଏହା ବ୍ୟତୀତ କିଟ୍ ୪x୧୦୦ ମିଟର ମହିଳା ମିଡ୍‌ଲେ ରିଲେ ଦଳ ମଧ୍ୟ ବ୍ରୋଞ୍ଜ ପଦକ ହାସଲ କରିଛି। ଏହାକୁ ମିଶାଇ କିଟ୍ ବିଶ୍ୱବିଦ୍ୟାଳୟ ଦଳ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ୭ ବ୍ରୋଞ୍ଜ ଜିତି ପଦକ ସଂଖ୍ୟାକୁ ୯ରେ ପହଞ୍ଚାଇଛି।

# ଆଇକନିକ୍ ଅନ୍ତର୍ଜାତୀୟ ଗେଟ୍‌ବଲ ୩୦ରୁ

**ଭୁବନେଶ୍ୱର, ୨୭।୧୧ (ତପନ ସ୍ୱାଇଁ)**

ଆଇକନିକ୍ ଇଣ୍ଡିଆ ଅନ୍ତର୍ଜାତୀୟ ଓପନ୍ ଗେଟବଲ୍ ଟୁର୍ନାମେଣ୍ଟ ଚଳିତ ମାସ ୩୦ରୁ ଡିସେମ୍ବର ୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଆଇକନିକ୍ ସ୍ପୋର୍ଟ୍ସ ଫେଡେରେଶନ ଆନୁକୂଲ୍ୟରେ ଏବଂ ଇଣ୍ଡିଆନ ଗେଟବଲ ୟୁନିୟନର ମିଳିତ ସହଯୋଗରେ ଏହା କଳିଙ୍ଗ ଷ୍ଟାଡିୟମ ପରିସରେ ଆୟୋଜନ ହେବ। ଏହ ଟୁର୍ନାମେଣ୍ଟରେ ଜାପାନ, ଥାଇଲାଣ୍ଡ, ଇଣ୍ଡୋନେସିଆ ଏବଂ ତାଇୱାନ ପରି ବିଶ୍ୱସ୍ତରୀୟ ଦଳ ସହିତ ଭାରତର ୧୮ ଟି ରାଜ୍ୟ ଦଳ ଅଂଶଗ୍ରହଣ କରିବେ। ଖେଳାଳିମାନେ କ୍ଲାସିକ୍ ଏବଂ ଡବଲ୍ସ ଉଭୟ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବେବୋଲି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ତାରିଣୀ ପ୍ରସାଦ ମହାନ୍ତି (ଚେୟାରମ୍ୟାନ୍, ଆଇକନିକ୍ ଇଣ୍ଡିଆ ଅନ୍ତର୍ଜାତୀୟ ଓପନ୍ ଗେଟବଲ୍ ଟୁର୍ନାମେଣ୍ଟ), ଚିଦାମ୍ବିକା ଖଟୁଆ (ନିର୍ଦ୍ଦେଶକ, ଆଇଏସଏଫ), ଦ୍ୱିପାୟନ ପଟ୍ଟନାୟକ (ନିର୍ଦ୍ଦେଶକ, ଏସିଆ ପାସିଫିକ୍ ଗେଟବଲ୍ ୟୁନିଅନ୍), ଉମାକାନ୍ତ ପାଣି (ସଭାପତି, ଆଇଜିୟୁ), ସଞ୍ଜୟ ଚୌଧୁରୀ (ନିର୍ଦ୍ଦେଶକ, ଆଇଏସ୍‌ଏଫ), ଶେଖ ଅବଦୁଲ ସମିମ୍ (ନିର୍ଦ୍ଦେଶକ, ଆଇଏସ୍‌ଏଫ), ସଞ୍ଜୟ ଦାସ (ରାଜ୍ୟ ସମ୍ପାଦକ, ଆଇଏସ୍‌ଏଫ) ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଥମଥର ମହିଳାଙ୍କ ପାଇଁ ୨ ଟିକେଟ କାଉଣ୍ଟର

**କଟକ, ୨୭।୧୧ (ଶିଳ୍ପା ପ୍ରିୟଦର୍ଶିନୀ)**



ବାରବାଟୀ ଷ୍ଟାଡିୟମର ଦର୍ଶକ ଗ୍ୟାଲେରିରେ ରଙ୍ଗ ଦିଆଯାଉଛି।

**ବାରବାଟୀରେ ଟି୨୦**

**ଛପା ହେବାକୁ ଗଲା ୪୨,୬୯୫ ଟିକେଟ୍**

ବାରବାଟୀ ଷ୍ଟାଡିୟମରେ ଭାରତ ଓ ଦକ୍ଷିଣ ଆଫ୍ରିକା ଟି୨୦ କ୍ରିକେଟ ମ୍ୟାଚ ପାଇଁ ପ୍ରସ୍ତୁତି ଜୋରଦାର ହୋଇଛି। ଦର୍ଶକ ମାନେ କିପରି ଶୃଙ୍ଖଳିତ ଭାବେ ଟିକେଟ୍ କାଟିବେ ସେଥିପ୍ରତି ଅଧିକ ଗୁରୁତ୍ୱ ଦିଆଯାଉଛି। ଓସିଏ ପକ୍ଷରୁ ୪୨,୬୯୫ ଟିକେଟ୍ ଛପାଯିବାକୁ ଦିଆଯାଇଛି। ଚଳିତ ମ୍ୟାଚ୍ ଲାଗି ୫ଟି ଟିକେଟ୍ କାଉଣ୍ଟର ଖୋଲାଯିବ । ସେଥିମଧ୍ୟରୁ ପ୍ରଥମକରି ମହିଳାଙ୍କ ପାଇଁ ୨ଟି କାଉଣ୍ଟର ଖୋଲାଯିବ। ଏହାସହ ପୁରୁଷଙ୍କ ଲାଗି ଦୁଇଟି କାଉଣ୍ଟର ରହିବାକୁ ଥିବା ବେଳେ ଭିଆଇପି ଓ କର୍ପୋରେଟ୍ ବକ୍ସ ନିମନ୍ତେ ଗୋଟିଏ କାଉଣ୍ଟର ଖୋଲାଯିବ। ବିଳମ୍ବିତ ରାତିରୁ କେହି ଟିକେଟ୍ ଲାଗି ଧାଡି ବାନ୍ଧି ପାରିବେ ନାହିଁ। ନିର୍ଦ୍ଧାରିତ ସମୟ ଅନୁସାରେ ଟିକେଟ୍ ଲାଗି ଦର୍ଶକ ଧାଡ଼ିରେ ରହିବେ। ଏ ନେଇ କମିଶନରେଟ୍ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଯୋଜନା କରାଯାଇଥିବା ଜଣାପଡ଼ିଛି। ଅନ୍ୟପଟେ ବାରବାଟୀର ନବୀକରଣ ପାଇଁ ଦର୍ଶକଙ୍କ ସଂଖ୍ୟା ହ୍ରାସ ପାଇବାରୁ ଏହାକୁ ଭରଣା ପାଇଁ ଗ୍ରାଉଣ୍ଡ ଓ ରୁଫ୍‌ରେ କିଛି ଚେୟାର ପକାଇବା ଲାଗି ଓସିଏ ଯୋଜନା କରୁଛି। ସୂଚନାଥାଉକି, ଡିସେମ୍ବର ୯ରେ ବାରବାଟୀ ଷ୍ଟାଡିୟମରେ ଚଳିତ ସିରିଜର ପ୍ରଥମ ଟି ୨୦ ମ୍ୟାଚ୍ ଖେଳାଯିବ। ଏହାକୁ ନେଇ ଏବେଠାରୁ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଲାଣି। ପୂର୍ବରୁ ବାରବାଟୀରେ ପ୍ରାୟ ୪୫ ହଜାର ଦର୍ଶକଙ୍କ କ୍ଷମତା ରହିଥିବାବେଳେ କେତେକ ଗ୍ୟାଲେରୀ ପ୍ରଶସ୍ତ କରାଯିବାରୁ ପାଖାପାଖି ୨୫୦୦ ଟିକେଟ୍ ହ୍ରାସ ପାଇଛି । କେତେ ଟିକେଟ ଅନଲାଇନ୍ ଓ ଅଫଲାଇନରେ ବିକ୍ରି ହେବ ଏବଂ କେତେ ଟିକେଟ ଓସିଏର ଅନୁବନ୍ଧିତ ସଂସ୍ଥାକୁ ପ୍ରଦାନ କରାଯିବ ତାହା ପରେ ସ୍ପଷ୍ଟ ହେବ। ଗ୍ରାଉଣ୍ଡ ଓ ରୁଫ୍‌ରେ କେତେ ଚେୟାର ପଡ଼ିବ ଏବଂ ସେଠାରେ କେଉଁମାନେ ବସିବେ ସେ ସଂକ୍ରାନ୍ତରେ ସମସ୍ତ ପ୍ରସ୍ତୁତି ଶେଷ ହେବା ପରେ ଓସିଏ ପକ୍ଷରୁ ସୂଚନା ଦିଆଯିବ।

# ପୁରୀରେ ଜୁନିୟର ଖୋ ଖୋ ଆରମ୍ଭ



ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି ଓ ଖେଳାଳିମାନେ।

**ଭୁବନେଶ୍ୱର, ୨୭।୧୧ (ତପନ ସ୍ୱାଇଁ)**

ଓଡ଼ିଶା ଖୋ ଖୋ ଆସୋସିଏଶନ ଆନୁକୂଲ୍ୟରେ ଜୁନିୟର ରାଜ୍ୟ ଖୋ ଖୋ (ବାଳିକା ଓ ବାଳକ) ଚାମ୍ପିୟନଶିପ୍‌ର ୧୩ଶ ସଂସ୍କରଣ ଗୁରୁବାର ପୁରୀରେ ଆରମ୍ଭ ହୋଇଛି। ଏଥିରେ ୧୨ ବାଳିକା ଓ ୨୩ ବାଳକ ଦଳ ଅଂଶଗ୍ରହଣ କରିଛନ୍ତି। ଲିଗ୍ ଫର୍ମାଟରେ ହେବାକୁଥିବା ଏହି ପ୍ରତିଯୋଗିତା ଡିସେମ୍ବର ୧ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାର ସୁପରିଚାଳନା ପାଇଁ ୪୦ ଅଫିସିଆଲ, ୪୫ କୋଚ୍ ଏବଂ ୪୫ ଟେକ୍ନିକାଲ ଅଫିସିଆଲ ଏଥିରେ ସାମିଲ ହୋଇଛନ୍ତି। ଏହି ପ୍ରତିଯୋଗିତା ଯୁବ ଖେଳାଳିଙ୍କ ପାଇଁ ଏକ ଭଲ ପ୍ଲାଟଫର୍ମ ସଦୃଶ ହୋଇଛି। ନୂଆ ପ୍ରତିଭାଙ୍କ ଅନୁସନ୍ଧାନ ମଧ୍ୟ ହୋଇପାରିବ। ଅଂଶଗ୍ରହଣକାରୀଙ୍କ ସଂଖ୍ୟା ବଢ଼ିବା ଦ୍ୱାରା ରାଜ୍ୟର ବିଭିନ୍ନ ଜିଲାରେ ଖୋ ଖୋ'ର ଲୋକପ୍ରିୟତା ବଢୁଥିବା ପ୍ରମାଣ ମିଳୁଛି ବୋଲି ରାଜ୍ୟ ସଂଘ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ପ୍ରକାଶ କରିଛନ୍ତି। ପୂର୍ବରୁ ପୁରୀରେ ୨୦୨୫ ମାର୍ଚ୍ଚ ୩୧ରୁ ଏପ୍ରିଲ ୪ ପର୍ଯ୍ୟନ୍ତ ୫୭ତମ ଜାତୀୟ ସିନିୟର ଖୋ ଖୋ ଚାମ୍ପିୟନଶିପ୍ ସଫଳତାର ସହ ଆୟୋଜନ ହୋଇଛି। ଏଥିରେ ମହିଳା ଓ ପୁରୁଷରେ ୪୦ ଜଣ ଲେଖାଏ ରେକର୍ଡ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରକାଶଯୋଗ୍ୟ ଯେ, ତେଲଙ୍ଗାନାରେ ୪୪ତମ ଆନ୍ତଃରାଜ୍ୟ ଖୋ ଖୋ ଚାମ୍ପିୟନଶିପ୍ ଚଳିତ ମାସ ୨୮ରୁ ୩୦ ମଧ୍ୟରେ ଅନୁଷ୍ଠିତ ହେବ।

# ରାଜ୍ୟସ୍ତରୀୟ ଦୃଷ୍ଟିହୀନ ମହିଳା କ୍ରିକେଟ୍ ;ମୟୂରଭଞ୍ଜ ଚାମ୍ପିୟନ

**ଭୁବନେଶ୍ୱର, ୨୭।୧୧ (ତପନ ସ୍ୱାଇଁ)**

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ, ଓଡ଼ିଶା ସରକାର ଏବଂ ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ସଂଘର ମିଳିତ ଆନୁକୂଲ୍ୟରେ ସୋଆ ବିଶ୍ୱବିଦ୍ୟାଳୟ କ୍ରିକେଟ୍ ଷ୍ଟାଡିୟମରେ ୩ ଦିନିଆ ୭ମ ରାଜ୍ୟସ୍ତରୀୟ ଦୃଷ୍ଟିହୀନ ମହିଳା କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ବାଲେଶ୍ୱର ରାଣୀପାଟଣାର ସ୍କୁଲ ଫର ଦି ବ୍ଲାଇଣ୍ଡକୁ ହରାଇ ମୟୂରଭଞ୍ଜ ଦଳ ଚାମ୍ପିୟନ ହୋଇଛି। ପ୍ରଥମ ସେମିଫାଇନାଲରେ ବାଲେଶ୍ୱର ଦଳ ୧୦ ଉଇକେଟରେ ଶୈଳବାଳା ମହାବିଦ୍ୟାଳୟ ଏବଂ ଦ୍ୱିତୀୟ ସେମିରେ ମୟୂରଭଞ୍ଜ ଦଳ ରମାଦେବୀ ବିଶ୍ୱବିଦ୍ୟାଳୟକୁ ହରାଇ ଫାଇନାଲରେ ପହଞ୍ଚିଥିଲା।

# ଡିଫ୍ ଅଲିମ୍ପିକ୍ ମେଡାଲିଷ୍ଟ ଲୋମାଙ୍କୁ ଭବ୍ୟ ସ୍ୱାଗତ



ଭୁବନେଶ୍ୱରରେ ପହଞ୍ଚିବା ପରେ ଲୋମା ସ୍ୱାଇଁଙ୍କୁ ସ୍ୱାଗତ କରାଯାଉଛି।

**ଭୁବନେଶ୍ୱର, ୨୭।୧୧ (ତପନ ସ୍ୱାଇଁ)**

ଜାପାନରେ ଅନୁଷ୍ଠିତ ଡିଫ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟିନୀ ଲୋମା ସ୍ୱାଇଁଙ୍କୁ ଗୁରୁବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ ପରେ ଭବ୍ୟ ସ୍ୱାଗତ କରାଯାଇଛି। ଲୋମା ଡିଫ୍ ଅଲିମ୍ପିକ୍ସର କରାଟେର ୫୦ କେଜି ଫାଇଟ ବର୍ଗରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେ ଭୁବନେଶ୍ୱରରେ ପହଞ୍ଚିବା ପରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଅଧିକାରୀ ବିଜୟ କୁମାର ରାଉତ, ଓଡ଼ିଶା ସ୍ପୋର୍ଟ୍ସ କାଉନ୍ସିଲ ଫର ଡିଫ୍‌ର ସଭାପତି ଅମିତ ମିଶ୍ର, ଉତ୍କଳ କରାଟେ ସ୍କୁଲର କରାଟେକା ତଥା ଜୁ-ଜିତ୍‌ସୁ କ୍ରୀଡ଼ାବିତ୍ ଅନୁପମା ସ୍ୱାଇଁ, ସନ୍ତୋଷ ମହାରଣା, ସ୍ୱରାଜ ଜାନି, ଓମ୍ ଶୁଭମ୍ ମହାନ୍ତି, କୃଷ୍ଣଚନ୍ଦ୍ର ନାୟକ, ରଜନୀ ବିଶି, ସୁସ୍ମିନ ପାଲଟାସିଂ, ନ୍ୟାଶା କୁମାରୀ ପ୍ରମୁଖ ଲୋମାଙ୍କୁ ସ୍ୱାଗତ କରିଥିଲେ। ଲୋମାଙ୍କ ମା' ଜ୍ୟୋତିର୍ମୟୀ ସ୍ୱାଇଁ ଓ ବାପା ସଞ୍ଜୟ କୁମାର ସ୍ୱାଇଁ ମଧ୍ୟ ଉପସ୍ଥିତ ଥିଲେ।

# ନ୍ୟୁଜିଲାଣ୍ଡକୁ ହରାଇଲା ଭାରତ

**ଆଜଲାନ ଶାହ କପ୍ ହକି**

**ଇପୋ, ୨୭।୧୧ (ପି.ଟି.)**

ଚଳିତ ସୁଲ୍‌ତାନ ଆଜଲାନ ଶାହ କପ୍ ହକି ଟୁର୍ନାମେଣ୍ଟର ଗୁରୁବାର ଖେଳାଯାଇଥିବା ଏକ ମ୍ୟାଚରେ ଭାରତ ୩-୨ ଗୋଲ୍‌ରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ସେଲଭମ କାର୍ଥି ଅନ୍ତିମ କ୍ୱାର୍ଟରରେ ବିଜୟସୂଚକ ଗୋଲ୍ ସ୍କୋର କରିଥିଲେ। ବୁଧବାର ମାଲେସିଆ ବିପକ୍ଷରେ ୪-୩ ଗୋଲ୍‌ରେ ରୋମାଞ୍ଚକ ବିଜୟ ଲାଭ କରିଥିବା ଭାରତ ତରଫରୁ ଅମିତ ରୋହିଦାସ (୪ର୍ଥ ମିନିଟ), ସଞ୍ଜୟ (୩୨ତମ) ଓ ସେଲ୍‌ଭାମ (୫୪ତମ) ଗୋଟିଏ ଲେଖାଏ ଗୋଲ୍ ସ୍କୋର କରିଥିବା ବେଳେ ନ୍ୟୁଜିଲାଣ୍ଡ ତରଫରୁ ଜର୍ଜ ବେକର (୪୨ତମ ଓ ୪୮ତମ) ଦୁଇଟି ଗୋଲ ଦେଇଥିଲେ। ମ୍ୟାଚ୍ ଆରମ୍ଭରେ ନ୍ୟୁଜିଲାଣ୍ଡ ମିଡ୍‌ଫିଲ୍ଡରେ ଆଧିପତ୍ୟ ବିସ୍ତାର କରିବାକୁ ଚେଷ୍ଟା କରିଥିଲା। ମାତ୍ର ଭାରତର ଡିଫେନ୍ସ ଦୃଢ଼ ରହିବାରୁ ସେମାନେ କୌଣସି କ୍ଷତି ଘଟାଇ ପାରି ନ ଥିଲେ। ଚତୁର୍ଥ ମିନିଟ୍‌ରେ ଏକ ପେନାଲଟି କର୍ନର ମିଳିଥିଲା। ଷ୍ଟଲୱାର୍ଟ ଅମିତ ରୋହିଦାସ ଚତୁର୍ଥ ମିନିଟ୍‌ରେ ମିଳିଥିବା ପେନାଲ୍ଟି କର୍ନରକୁ ଏକ ଚମତ୍କାର ଡ୍ରାଗ୍ ଫ୍ଲିକ ଜରିଆରେ ଗୋଲ୍‌ରେ ପରିଣତ କରି ଭାରତକୁ ପ୍ରଥମେ ଅଗ୍ରଣୀ କରାଇଥିଲେ।


# Classified Everyday

0674-2580101, 9692975378



REAL ESTATE

SALE

LIG House (136, 137, 138, 139) for sale at Sector- 3, Niladri Vihar, Near Pani Tanki, Bhubaneswar. Contact- 9437229575. D-2649

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍, 25ft. road ପଟ୍ଟାରୁ ବିକ୍ରିହେବ। 9437754190. D- 2685

**Own GHARABARI residential plot 3100Sqft. with compound wall & Electricity at Brahmanjharilo, 7km from Phulanakhara Cuttack & 12km from BBSR. Total Rs 41lakhs (Including Registration charges), 7809525452.** D-218




All types of physiotherapy Contact number 9556924059/ 7656969134, Jharapada. D-2686

The massage felt totally professional, & comfortable at all times- 7978109255. D-216

AFFIDAVIT

I, Hitherto Known As Dinabandu Matam S/O Mohan Majhi, R/O At 25, Godiput, Bilaput, Koraput, Odisha-764041, Have Changed My Name And Shall Hereafter Be Known As Dinabandhu Majhi For All Future Purposes. D-2693

# ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ପ୍ରଶାନ୍ତ କୁମାର ମିଶ୍ର**
ପ୍ରତିଷ୍ଠାତା - ସହକାରୀ ଆବାସ ପ୍ରଦ୍ୟୋଗ
ମାଁସଡ଼ା, ବିଞ୍ଝାରପୁର, ଯାଜପୁର
ଆବିର୍ଭାବ-୧୫।୦୬।୧୯୬୨
ତିରୋଧାନ- ୦୮।୧୨।୨୦୨୪
ହେ ପୁଣ୍ୟାତ୍ମା ଆପଣଙ୍କ ଅବର୍ତ୍ତମାନକୁ ଏକ ବର୍ଷ ବିତିଗଲାଣି। ହେଲେ ଆପଣଙ୍କ ଅନୁପସ୍ଥିତିକୁ ପ୍ରତିଟି ମୁହୂର୍ତ୍ତରେ ଅନୁଭବ କରୁଛୁ। ଭୁଲିହେଉନି ଆପଣଙ୍କ କର୍ମମୟ ଜୀବନଶୈଳୀ, ସ୍ନେହ, ଶ୍ରଦ୍ଧା, ତ୍ୟାଗ। ଆପଣଙ୍କ ଆଶୀର୍ବାଦ ଆମ ପାଇଁ ଚିର ପାଥେୟ ହେଉ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ।
ଭକ୍ତିପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ସହ:- ହତଭାଗିନୀ ସ୍ତ୍ରୀ-ସ୍ନେହଲତା, ଭାଉଜ-ଶାନ୍ତିଲତା, ଭାଇ-ସୁଶାନ୍ତ,ଭାଇବୋହୂ- ସୁନନ୍ଦା ପୁତ୍ର-ପ୍ରତୀକ,ଝିଅ-ପଲ୍ଲବୀ,ଜ୍ୱାଇଁ, ଦକ୍ଷପ୍ରସାଦ, ଗୋପୀନାଥ,ପୁତୁରା-ଗିରିଜା,ବିରଜା,ସ୍ୱସ୍ତିକ, ଝିଆରୀ-ଅନନ୍ୟା,ସ୍ୱୟଂସିଦ୍ଧା,ସୋନାଲୀ,ପରିବାରବର୍ଗ ଓ ସହକାରୀ ଆବାସ ପ୍ରଦ୍ୟୋଗର ସମସ୍ତ କର୍ମଚାରୀବୃନ୍ଦ।

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ଡା. ଯୁଗଳ କିଶୋର ପରିଜା**
ଜଗନ୍ନାଥପୁର, ଖୋର୍ଦ୍ଧା
ଆବିର୍ଭାବ: ୨୦।୧୦।୧୯୫୪
ତିରୋଧାନ: ୦୮।୧୨।୨୦୨୪
ଆପଣଙ୍କର ଅବର୍ତ୍ତମାନରେ ପ୍ରତିଟି କ୍ଷଣ ଆମପାଇଁ ଦୁର୍ବିସହ। ନିରନ୍ତର ସେବା ମନୋବୃତ୍ତି, ଅମାୟିକ ବ୍ୟବହାର, ପରୋପକାରିତା ଓ ସ୍ନେହଶ୍ରଦ୍ଧା ଆମ ସମସ୍ତଙ୍କ ପାଇଁ ଚିରସ୍ମରଣୀୟ। ଆଜିର ଏ ପୁଣ୍ୟତିଥିରେ ଆପଣଙ୍କ ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ: ପୁତ୍ର- ଜ୍ୟୋତିରଞ୍ଜନ, ଦୀପ୍ତିରଞ୍ଜନ, ସୌମ୍ୟରଞ୍ଜନ, ନାତି- ସାଇଜ୍ୟୋତି, ଦିବ୍ୟଜ୍ୟୋତି, ପରିଜା ପରିବାର ଓ ବନ୍ଧୁବର୍ଗ।

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ କାନନ ବିହାରୀ ଶତପଥୀ**
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।
ଆବିର୍ଭାବ- ୨୬।୧୦।୧୯୩୮
ତିରୋଧାନ- ୧୭।୧୧।୨୦୨୫
ଆପଣଙ୍କ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କ ଜୀବନର ପାଥେୟ ହେଉ। ଆପଣଙ୍କ ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା ।
ଶୋକସନ୍ତପ୍ତ:
ପୁଅ- ସମିତ, ସଂଜିତ, ପୁତ୍ରବଧୂ- ଚନ୍ଦ୍ରମା, ଅପରୂପା, ଝିଅ - ରିନା, ଲିନା, ଜ୍ୱାଇଁ - ନିର୍ମଳ, ବିକାଶ, ନାତିନାତୁଣୀ, ବନ୍ଧୁ ଏବଂ ଆତ୍ମୀୟସ୍ୱଜନ।

**ଏକାଦଶାହ ଉପଲକ୍ଷେ**



**୰ଦେବବ୍ରତ ପଟ୍ଟନାୟକ**
ପ୍ରତିଷ୍ଠାତା ସଭ୍ୟ ତଥା ପ୍ରାକ୍ତନ ସଭାପତି,
ବସ୍ ମାଲିକ ସଂଘ, ଭୁବନେଶ୍ୱର
ଆବିର୍ଭାବ: ୧୩।୦୩।୧୯୫୦
ତିରୋଧାନ: ୧୮।୧୧।୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ଭକ୍ତିପୂତ ପ୍ରାର୍ଥନା।
ଶୋକସନ୍ତପ୍ତ:
ବସ୍ ମାଲିକ ସଂଘ,
ଭୁବନେଶ୍ୱର।

**ଦ୍ୱାଦଶାହ କ୍ରିୟା**



ତା.୨୮।୧୧।୨୫ ରିଖ
**ସ୍ୱର୍ଗତା ସ୍ୱପ୍ନା ମିଶ୍ର**
ସାମନ୍ତରାପୁର, ଭୁବନେଶ୍ୱର
ଆବିର୍ଭାବ-୦୨।୦୭।୧୯୫୮
ତିରୋଧାନ- ୧୭।୧୧।୨୦୨୫
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ।
ଶୋକସନ୍ତପ୍ତ:
ହତଭାଗ୍ୟ ସ୍ୱାମୀ- ମନୋଜ, ଝିଅ -ପୁପୁନି ଓ ରୂପା, ଜ୍ୱାଇଁ -କୃତ୍ତିବାସ, ନାତୁଣୀ -ପୁଚ୍ଚୁ, ଭଉଣୀ -ଜ୍ୟୋସ୍ନା, କଳ୍ପନା, ସାନ୍ତ୍ୱନା ଓ ଅଞ୍ଜନା, ଭାଇ-ବାବୁଲି, ଭାଉଜ- ମୀନାକ୍ଷୀ, ପୁତୁରା-ମାଧବ ଓ ପରିବାର, ବନ୍ଧୁବାନ୍ଧବ ଏବଂ ଆତ୍ମୀୟସ୍ୱଜନ।

# ମୃତକଙ୍କ ସ୍ତ୍ରୀଙ୍କୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ନିର୍ଦ୍ଦେଶ



## ଜେଲରେ ଚିକିତ୍ସା ଅବହେଳାରୁ କଏଦୀଙ୍କ ମୃତ୍ୟୁ ମାମଲା

କଟକ,୨୭ା୧୧(କାର୍ତ୍ତିକ ସାହୁ)

ଜେଲରେ ଚିକିତ୍ସା ଅବହେଳାରୁ ଜଣେ କଏଦୀଙ୍କ ମୃତ୍ୟୁ ମାମଲାରେ ହାଇକୋର୍ଟ ମୃତ ବ୍ୟକ୍ତିଙ୍କ ସ୍ତ୍ରୀଙ୍କୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ବିଚାରପତି ବିରଜା ପ୍ରସନ୍ନ ଶତପଥୀ ୬ ସପ୍ତାହ ମଧ୍ୟରେ ଏହି କ୍ଷତିପୂରଣ ଦେବାକୁ ଜେଲ୍ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ଯେ, ଆବେଦନକାରିଣୀଙ୍କ ସ୍ୱାମୀ ଓପେରା ଓ ପାମସେରା ଗ୍ରାମପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଏକ ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ୨୦୧୬ ସେପ୍ଟେମ୍ବର ୨୦ରେ ପିପିଲି ଥାନା ପୋଲିସ ଗିରଫ କରି ନିମାପଡ଼ା ଉପକାରାଗାରରେ ରଖିଥିଲା। ଏହାପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିଥିଲା। ସେ ମଧୁମେହ ରୋଗରେ ପୀଡ଼ିତ ହୋଇଥିଲେ ମଧ୍ୟ ଦୀର୍ଘଦିନ ଧରି ଠିକ୍ ଭାବେ ତାଙ୍କର ଚିକିତ୍ସା କରାଯାଇ ନ ଥିଲା। ଫଳରେ ତାଙ୍କ ସ୍ୱାସ୍ଥ୍ୟ କ୍ରମାଗତ ଭାବେ ଖରାପ ହୋଇଥିଲା। ମୃତକଙ୍କ ସ୍ତ୍ରୀ ପିପିଲି ଜେଏମ୍‌ଏଫ୍‌ସି ଅଦାଲତରେ ଏନେଇ ଆବେଦନ କରିବା ପରେ ଅଦାଲତଙ୍କ ନିର୍ଦ୍ଦେଶକ୍ରମେ ୨୦୧୭ ଜାନୁଆରୀ ୨୫ରେ ତାଙ୍କୁ ପ୍ରଥମେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଏହାପରେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ୨୦୧୭ ଜାନୁଆରୀ ୨୭ରେ କଏଦୀଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଆବେଦନକାରିଣୀ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ପାଇଁ ଜେଲ୍ କର୍ତ୍ତୃପକ୍ଷଙ୍କୁ ଦାୟୀ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ସ୍ୱାମୀଙ୍କୁ ଉପଯୁକ୍ତ ଚିକିତ୍ସା ନ ମିଳିବାରୁ ମୃତ୍ୟୁ ହୋଇଛି ବୋଲି ସେ ଅଭିଯୋଗ କରିଥିଲେ। ଏଥିପାଇଁ ତାଙ୍କୁ କ୍ଷତିପୂରଣ ବାବଦକୁ ୫୦ ଲକ୍ଷ ଟଙ୍କା ଦେବାକୁ ସେ ପ୍ରାର୍ଥନା କରିଥିଲେ।

# ବଢ଼ୁଛି ଶୀତ: ଶିମିଳିପାଳରେ ୩ ଡିଗ୍ରୀ


ଲୋକେ ନିଆଁ ଜାଳି ବସିଛନ୍ତି

ବାରିପଦା/ ଠାକୁରମୁଣ୍ଡା, ୨୭ା୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ/ ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲାରେ ଶୀତର ଲହରି ବୃଦ୍ଧି ପାଉଛି। ଶିମିଳିପାଳ ଅଭୟାରଣ୍ୟରେ ପାରଦ ୩ ଡିଗ୍ରୀକୁ ଖସି ଆସିଛି। ଶୀତର ପ୍ରକୋପରେ ତାପମାତ୍ରା ହ୍ରାସ ପାଇ ତୁହିନର ଆସ୍ତରଣ(ତୁଷାରପାତ) ପଡ଼ିଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ କହିଛନ୍ତି। ଜିଲାରେ ଉତ୍ତର ପବନ ପ୍ରବାହିତ ହେଉଥିବାରୁ ଦିନକୁ ଦିନ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ସମଗ୍ର ଜିଲାରେ ଶୀତର ପ୍ରଭାବ ପାଇ ଲୋକେ ଶୀତବସ୍ତ୍ର ଘୋଡ଼ାଇ ରହୁଛନ୍ତି। ଜିଲାର ୨୬ ବ୍ଲକ୍ ମଧ୍ୟରୁ ଅଧିକାଂଶ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ପାଖାପାଖି ରହୁଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ଶିମିଳିପାଳରେ ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ ରେକର୍ଡ ହୋଇଛି। ଗୁରୁବାର ସକାଳ ୬ଟାରେ ଶିମିଳିପାଳ ଅଭୟାରଣ୍ୟ ଉତ୍ତର ଡିଭିଜନର ଉପରବରାହାକାମୁଡା ରେଞ୍ଜରେ ୩ଡିଗ୍ରୀ, ଚହଲା ରେଞ୍ଜରେ ୫ଡିଗ୍ରୀ, ବରେହପାଣିରେ ୭ଡିଗ୍ରୀ, ଗୁଡୁଗୁଡିଆରେ ୮ଡିଗ୍ରୀ, ରାମତୀର୍ଥ, କିଆଝରୀରେ ୧୨ଡିଗ୍ରୀ ଓ ସାତକୋଶିଆରେ ୧୩ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ୧୨ ଦିନ ପୂର୍ବରୁ ସର୍ବନିମ୍ନ ୩ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବା ବେଳେ ଚଳିତବର୍ଷର ଅଦ୍ୟାବଧିର ସର୍ବନିମ୍ନ ତାପମାତ୍ରା। ଶିମିଳିପାଳ ପାଦଦେଶରେ ଥିବା ଠାକୁରମୁଣ୍ଡା, ଯଶିପୁର, ଶୁକ୍ଳି ଶୀତର ଲହରୀ ଯୋଗୁ ଲୋକେ ରାସ୍ତାକଡ଼ରେ ନିଆଁ ଲଗାଇ ପୁଇଁ ହେଉଥିବା ଦେଖିବାକୁ ମିଳୁଛି। ରାତି ୮ଟା ବେଳକୁ ଦୋକାନ ବଜାର ବନ୍ଦ ହୋଇଯାଉଛି। ସେହିପରି ବାରିପଦା ସହରରେ ତାପମାତ୍ରା ଦିନକୁ ଦିନ ଖସିବାରେ ଲାଗିଛି। ରାତି ଓ ବଡ଼ିଭୋର ସମୟରେ କୁହୁଡ଼ି ପାଇଁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେଉଛି। ପାଣିପାଗ ବିଭାଗ ପକ୍ଷରୁ କୌଣସି ସତର୍କତା ସୂଚନା ଜାରି କରାଯାଇ ନ ଥିବାବେଳେ ପ୍ରତିଦିନ ଶୀତ ବଢ଼ିବାରେ ଲାଗିଛି। ଜିଲାରେ ତାପମାତ୍ରା ୧୫ ଡିଗ୍ରୀ ପାଖାପାଖି ରହୁଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବୃଦ୍ଧବୃଦ୍ଧା, ଶିଶୁ, ଗୃହପାଳିତ ପ୍ରାଣୀ ଓ ବନ୍ୟଜନ୍ତୁ କଷ୍ଟ ଭୋଗୁଛନ୍ତି। ସନ୍ଧ୍ୟା ହେଲେ ଗାଁଗଣ୍ଡାଗୁଡ଼ିକ ଶୁନ୍‌ଶାନ୍ ହୋଇଯାଉଛି। ଲୋକେ ନିଆଁ ଜାଳି ଶୀତକଷ୍ଟକୁ ଦୂର କରିବାରେ ଲାଗିଛନ୍ତି। ରାତି ୮ଟା ପରେ ସହର ଶୁନ୍‌ଶାନ୍ ହୋଇଯାଉଛି। ପ୍ରବଳ ଶୀତ ଜାରି ରହିଥିବାରୁ ଫୁଟପାଥ୍‌ରେ ଶୋଇ ରହୁଥିବା ଲୋକଙ୍କ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହେଉଛି।

# ଟ୍ରେନକୁ ପଥର ଫିଙ୍ଗିଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୭ା୧୧(ଅନୁରାଧା ମହାରଣା)

ପୂର୍ବତଟ ରେଳପଥ ଟ୍ରେନ ଉପରକୁ ପଥର ଫିଙ୍ଗିବାର ବିପଜ୍ଜନକ ଓ ବେଆଇନ ଅଭ୍ୟାସକୁ ରୋକିବାରେ ସାହାଯ୍ୟ କରିବାକୁ ଜନସାଧାରଣଙ୍କୁ ଅନୁରୋଧ କରିଛି। ଏପରି କାର୍ଯ୍ୟ ଯାତ୍ରୀ ଏବଂ କର୍ମଚାରୀଙ୍କୁ ବିପଦରେ ପକାଇବା ସହ କୋଚଗୁଡ଼ିକୁ କ୍ଷତି ପହଞ୍ଚାଇଥାଏ, କାର୍ଯ୍ୟରେ ବିଳମ୍ବ କରାଇଥାଏ ଏବଂ ଯାତ୍ରା ସମୟରେ ଭୟ ଓ ଅସୁବିଧା ସୃଷ୍ଟି କରିଥାଏ। ୨୦୨୫ରେ ପୂର୍ବତଟ ରେଳପଥର ରେଳ ସୁରକ୍ଷା ବଳ (ଆରପିଏଫ୍) ଏପରି ମାମଲା ପଞ୍ଜୀକରଣ ଓ ଚିହ୍ନଟ କରିବାରେ ବହୁତ ସକ୍ରିୟ ଅଛି। ବନ୍ଦେ ଭାରତ ରେକ୍‌ଗୁଡ଼ିକରେ ପଥର ଫିଙ୍ଗିବାର ମୋଟ ୨୨ଟି ଘଟଣା ରିପୋର୍ଟ ହୋଇଥିବାବେଳେ ୨୨ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ଅନ୍ୟ ଟ୍ରେନଗୁଡ଼ିକରେ ୫୯ଟି ଘଟଣା ରିପୋର୍ଟ ହୋଇଥିଲା, ଯେଉଁଥିରେ ୪୫ ଜଣଙ୍କୁ ଗିରଫ କରାଯାଇଛି। ରେଳପଥ ଆଇନର ଧାରା ୧୫୨ ଅନୁଯାୟୀ ପଥର ଫିଙ୍ଗିବା କାର୍ଯ୍ୟ ଏକ ବଡ଼ ଅପରାଧ। ଏହାଦ୍ୱାରା ଗିରଫ ହୋଇ ୧୦ ବର୍ଷ ପର୍ଯ୍ୟନ୍ତ କିମ୍ବା ଆଜୀବନ କାରାଦଣ୍ଡ ହୋଇପାରେ। ସମସ୍ତ ଚିହ୍ନଟ ହୋଇଥିବା ମାମଲାଗୁଡ଼ିକ ଉପରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ଏବଂ ଅଭିଯୁକ୍ତମାନଙ୍କୁ ରେଳ ସମ୍ପତ୍ତିର କ୍ଷତି ପାଇଁ ଦାୟୀ ମଧ୍ୟ କରାଯାଇପାରିବ ବୋଲି ରେଳବାଇ ପକ୍ଷରୁ କୁହାଯାଇଛି।


## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION, UDALA

No.O-1587

e-mail = rw_udala@yahoo.com

**e_Procurement Tender Call Notice No. Online 05/RWD/UDALA/2025-26**

1. Name of the work : BUILDING works, 2. Total No. of works : 38 Nos., 3. Estimated Cost : Approx Estimated Cost Rs.22.81 to Rs.42.03 Lakhs, 4. Class of Contractor : 'C' & 'B', 5. EMD : EMD@1% of Estimated Cost put to tender, 6. Period of completion : As per Annexure, 7. Other details :

| Procurement Officer | Bid Identification No. | Availability of tender online for Bidding | | Last Date & Time of Seeking Tender Clarification | Date & Time of Opening of Tender in the Office of the Superintending Engineer, R.W. Division, Udala |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| S.E.R.W Division, Udala | 05 (Online)/RWD-UDALA of 2025-26 | 29.11.2025 at 11.00 A.M. | 04.12.2025 up to 5.00 P.M. | 04.12.2025 up to 3.00 P.M. | 04.12.2025 up to 5.30 P.M. |

Further details can be seen from the website **www.tendersorissa.gov.in**

OIPR-

Sd./- Superintending Engineer
R.W. Division, Udala

## Odisha State Museum

Kalpana Square, Bhubaneswar-751014 (Odisha), Dist.-Khordha, Tel/Fax-0674-2431597
Email: supdt.museum@hotmail.com Website:www.odishamuseum.nic.in/index.htm

**NOTICE INVITING TENDER (NIT)**

E-Procurement Notice No.1798/OSM/Dated.25.11.2025 (On-line)

**No.RR-30: Name of Work: Renovation Works for the Musical Instrument Gallery, Including Upgraded Illumination, Enhanced Interior Display, And Installations of Digital Interactive Systems as per the Approved Specifications of the Odisha State Museum, Bhubaneswar.**

| Sl. No. | Name of Work | Eligibility | Time of Completion | E.M.D. (Through on-line transfer system) In Percentage | Cost of Tender Document (Through online transfer system) in Rs. |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Inviting Reputed Vendors to Submit Their Bids For **Renovation Works for the Musical Instrument Gallery, Including Upgraded Illumination, Enhanced Interior Display, And Installations of Digital Interactive Systems as per the Approved Specifications of the Odisha State Museum, Bhubaneswar** | Eligible Agency Experienced in Similar Works as Specified in the Tender Document | 60 Days | 6,00,000/- | 10,000/- (Non- Refundable) |

Availability of Tender in website Online: **From 27.11.2025, 10.00 AM to 17.12.2025, 5.00 PM**. Submission of Bid On-line: **From 27.11.2025, 10.00 AM to 17.12.2025, 5.00 PM**. Date & Time of Opening of Technical Bid: **18.12.2025, 12.30 PM**. **Further details can be seen from the Govt. website : www. tendersodisha.gov.in. Amendment, Corrigendum/ Cancellation if any shall be posted online only.**

OIPR-

**Sd./- Superintendent of Museum, Odisha, Bhubaneswar**

## ODISHA COOPERATIVE TASAR & SILK FEDERATION (SERIFED) LTD.

Sahid Nagar, Janpath, Bhubaneswar-751007,Tel:2545586/2545852
email: serifedodisha@gmail.com, website:www.serifedodisha.in

**TENDER CALL NOTICE**

**BID IDENTIFICATION NO.VI-11 (08)/SERIFED/2025-26/2063/DT.26.11.2025**

No.CAD-2487: The MANAGING DIRECTOR(SERIFED), Odisha, Bhubaneswar invites sealed tenders in double cover bids from the registered contractors for 02 nos. of work at Bhubaneswar. The bid documents such as DTCN/ BOQ etc. can be seen/downloaded from the website: www. tendersodisha.gov.in. during the period dt.29.11.2025 to 5.00 PM upto 12.12.2025. Tender shall be received till 5.00 PM on 12.12.2025 & shall be opened at 11.30 AM on 13.12.2025. Any addendum/ corrigendum/ cancellation of tender can also be seen in the said website.

OIPR-

**Sd./- Managing Director**

## OFFICE OF THE ADDITIONAL CHIEF ENGINEER-CUM-ELECTRICAL INSPECTOR, SAMBALPUR

PLOT NO.407 (FIRST FLOOR), AT-NEAR BIDYUT COLONY, AINTHAPALI, P.O-AINTHAPALI, DIST.-SAMBALPUR-768004, Email-eisambalpur-od@od.gov.in
No.1276/ Dated 26.11.2025

No.AA-41:

**TENDER NOTICE**

A suitable building is required to be taken on hire at Sambalpur for the office of the functioning of Zonal Standard Testing Laboratory office at Sambalpur.
The building should have an effective carpet area of about 2500 Sq. ft (approximately) with parking facilities excluding veranda, staircase, portico etc. It should have space on the front and backside for parking vehicles and shall be in complete shape in all respects with sanitary and electrical fittings. The building should be located preferably near main roads or easily approachable from the main roads. The owner desire to let out his /her building is requested to submit sealed quotation in plain paper on or before 23/12/2025 by 1 P.M. as per this notice to the O/o the Additional Chief Engineer Cum- Electrical Inspector, Sambalpur stating inter-alia in his/her offer. 1. Location of the building. 2. A copy of approved plan of building. 3. Minimum monthly rent acceptable. It will be the responsibility of the owner to take up repair and maintenance of the building. The tenders will be opened on 24/12/2025 at 11 A.M, the next working day of the last date for submission thereof in presence of the tenderers or their authorized representatives in the office of the Additional Chief Engineer- Cum-Electrical Inspector, Sambalpur, At-Plot No.407 (First Floor), Near Bidyut Colony, Ainthapali, P.o- Ainthapali, Sambalpur-768004. Incomplete tenders and those received after due date are liable to be rejected. The quote rate should be exclusive of Electricity Bill. The authority reserves the right to reject any or all tenders without assigning any reasons whatsoever.
**Encl:** Approx. Room Size with nos.

OIPR-

**Sd./- Additional Chief Engineer-Cum- E.I., Sambalpur**

## ODISHA STATE CIVIL SUPPLIES CORPORATION LTD.

(A Govt. of Odisha Undertaking)
REGISTERED OFFICE:C/2, NAYAPALLI, BHUBANESWAR-751012
CIN:U51211OR1980SGC000894
Tel No.0674-239539, Fax No:0674-2395291, website:www.oscsc.in

**Tender No.16649/P-II/25/2025/PDS** **Dt.27.11.25**

No.CAD-2497: Managing Director, Odisha State Civil Supplies Corporation Ltd., invites tenders in Double Cover System through ONLINE MODE ONLY for the works below:

| | | |
|---|---|---|
| 1 | Name of the Work | Selection and appointment of transport contractor for inter-district transportation of Custom Milled Rice (CMR) from source districts to recipient districts in the State of Odisha. |
| 2 | Availability of bid document in the portal | From 28.11.2025 |
| 3 | Last Date/Time for receipt of bids in the portal | Dt.08.12.2025 upto 5.00 P.M. |
| 4 | Date/Time of Opening of Technical Bid | Dt.09.12.2025 at 11.00 AM |
| 5 | Name and address of the Officer Inviting Tender | Managing Director, OSCSC Ltd., C/2 Nayapalli, Bhubaneswar |

Tender documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in. Amendments/corrigendum/cancellation/retenders etc. if any shall be published only in above websites.

**By order of Managing Director**

OIPR-

**Sd./- General Manager (Distribution)**

## OFFICE OF THE DEAN AND PRINCIPAL SAHEED LAXMAN NAYAK MEDICAL COLLEGE AND HOSPITAL, KORAPUT

**At/P.O./Dist.: Koraput - 764020 (Odisha)**
**E-mail: slnmchkoraput.od@od.gov.in // Website: www.slnmch.nic.in**

**Letter No. 6741/2025** **Dated: 25.11.2025**

**TENDER CALL NOTICE**

No. E-542: Sealed tenders are invited from the registered firms for "Subscription of Journals" (Indian & Foreign) (Medical) for the financial year 2025-26 in Double bid system (Technical & Financial) so as to rach the office of the undersigned on or before 18.12.2025 till 5 P.M. The detailed tender paper, terms & conditions and list of Journals can be obtained from the office of the undersigned on payment of Rs.2000/- by cash (non-refundable) in the Accounts Section. The details are also available in the website **"https://koraput.odisha.gov.in/or"**. Those who will download the tender documents from website should enclose a DD for Rs.2000/- towards cost of tender paper in favour of the Dean & Principal, S.L.N. Medical College, Koraput.
The undersigned reserves the right to cancel the tender in full or part at any time without assigning any reason thereof.

**Sd./- Dean & Principal**

OIPR:

**SLN Medical College, Koraput**

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, MALKANGIRI

**Letter No.4904/25** **Date:27.11.2025**
**Tender Ref. No.-12691/25- Diet/DHH (38-B) Malkangiri**

**2nd CORRIGENDUM**

No.E-547: Due to unavoidable circumstances the last date for submission of proposal and opening of the tender for "Outsourcing of Diet Services for Indoor Patients of DHH, Malkangiri" is rescheduled as below mentioned.

1. **The last date for submission of proposal-**
   **Date- 08.12.2025, Time- 5 PM**
   **Address- DMO (MS)-cum-Superintendent, DHH, Malkangiri**
2. **Date, Time and Place of Opening of Proposal and Presentation**
   **Date- 09.12.2025, Time- 11 AM**
   **Place- 5th Floor Conference Hall, DHH, Malkangiri**

The other terms and conditions as per the tender call notice under reference will remain unchanged.
Attachment:- 1. Revised Notice Inviting proposal (page-3)

**Sd./- Dolamani Pradhan**
**Chief District Medical & Public Health Officer, Malkangiri**

OIPR-

## ODISHA HYDRO POWER CORPORATION LIMITED
## OFFICE OF THE SENIOR GENERAL MANAGER (ELECTRICAL)

OHPC

BALIMELA HYDRO ELECTRIC PROJECT, POST BALIMELA, DIST-MALKANGIRI (ODISHA), PIN-764051
Phones: 06861-291058 (O)/ 06861-291048 (R)
<E mail- bhep.balimela@gmail.com, unit.head_balimela@yahoo.com>

**TENDER CALL NOTICE NO: BHEP/44/2025-26** **DATED. 25.11.2025**

**No.CAD-2463:** Sealed Tenders are invited in single part bid basis from Vehicle Owners/ Travel Agencies individuals fulfilling the eligibility criteria as per the tender specification for the work as mentioned below.

| Sl. No. | Description of Services | Cost of tender paper (Non-refundable) in Rs. | EMD in shape of DD/BC (Refundable) in Rs. | Period of availability of tender at OHPC website | Last date & time of receipt of tender | Date & Time of opening of Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01. | Hiring of 01 (One) number of (TUV 300/ BOLERO/ SUMO GOLD/ERTIGA) vehicle with single driver provision for three years under BHEP, Balimela | Rs.7080/- (Rupees Seven Thousand Eighty) only | Rs.17,500/- | From 29.11.2025 to upto 11.30 hrs on 15.12.2025 | 11.30 Hrs. of 15.12.2025 | 12.30 Hrs. of 15.12.2025 |

For details of the tender documents, terms and conditions please visit our website **www.ohpcltd.com**

OIPR-

**Sd./- C & P Head, BHEP, Balimela**

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, KALAHANDI RWS&S DIVISION, BHAWANIPATNA

No.O-1604:

e-mail:eerwsskld@gmail.com, eerwss_kld@nic.in, Phone No:06670-230784

**CANCELLATION OF TENDER**

**Bid Identification No.41/SE/RWSS/2025-26/Bpt Dated 29.10.2025**

**01. Name of the Work: As per ANNEXURE-A**

| Procurement Officer | Bid Identification No. | Availability of tender online for bidding on office hour only | | Date of opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Kalahandi RWS&S Division, Bhawanipatna | 41/SE/RWSS/2025-26/Bpt Dated 29.10.2025 | 10.11.2025 10.00 AM | 25.11.2025 05.30 PM | 26.11.2025 10.00 AM onwards |

**The tender has been cancelled due to unavoidable circumstances. Further details can be seen from the e-procurement portal http://tenderodisha.gov.in. The original documents should be scanned and uploaded.**

OIPR-

**Sd./- Superintending Engineer, Kalahandi RWS&S Division, Bhawanipatna**

## Bhubaneswar Development Authority

Akash Sova Building, Pandit Jawaharlal Nehru Marg, Bhubaneswar, Odisha-751001
Visit us at : http://www.bda.gov.in

**'e' Procurement Notice BID IDENTIFICATION NO.633/EE-II/BDA/2025-26**

**No. : 633/EE-II/BDA/2025-26** **Dated : 26.11.2025**

**No.CAD-2485** : Executive Engineer, Division No.II, BDA on behalf of Bhubaneswar Development Authority invites Percentage Rate bid in **DOUBLE COVER SYSTEM** to be received in online mode only for the work detailed below.

| | | |
|---|---|---|
| 1. | Name of the Work | Construction of road in front of Ekamra Residency Housing Project & adjacent to O.H Tank at K-4, Subudhipur, Bhubaneswar |
| 2. | Estimated Cost | ₹60.45 Lakh |
| 3. | Period of Completion | 02 (Two) Calendar Months |
| 4. | Tender Cost | ₹10,000.00 + 18% GST= ₹11,800.00 |
| 5. | Date and time of availability of Bid | From 29/11/2025 to 5.30 P.M. of 15/12/2025 in the website |
| 6. | Class of Contractor | 'B' Class |

The Bidders have to participate in online bidding only. Further details can be seen from the website : http://tendersodisha.gov.in
**NB : The quoted rate should be all inclusive but excluding GST applicable under works contract.**

**Sd./- Executive Engineer,**
**Division No-II, BDA, BBSR**

OIPR-

## GOVT. OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION, NUAPADA

Email- rd_nuapada@rediffmail.com

**BID IDENTIFICATION NO.RWNPD-03 (Online) of 2025-26**

**"e" PROCUREMENT NOTICE**

**No.O-1545:** Bid documents consisting of Work, Estimate Cost, Cost of tender Paper, EMD/ BID security, Time of Completion, Class of Contractor and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in.**
1.Name of the Work : Road & Building works in the District of Nuapada as mentioned in DTCN. 2.Total No. of Works : 30 Nos.
3.Estimated Cost: Rs.5.04 to 47.39 Lakhs **(Roads & Building).** 4.Period of Completion: 01 (One), 03 (Three) & 06 (Six) Calendar Month. 5.Other Details:

| Procurement Officer | Bid Identification | Availability of Tender online for bidding | | Last date & time of Seeking tender | Date & Time of Opening of |
|---|---|---|---|---|---|
| | | From | To | | |
| Superintending Engineer, Rural Works Division, Nuapada | RWNPD- 03/ 2025-26 (Online) | 28.11.2025 at 10.00 AM | 08.12.2025 upto 5.00 PM | 07.12.2025 upto 05.00 P.M. | 09.12.2025 at 11.00 AM |

Further details can be seen from the website www.tendersodisha.gov.in.

OIPR-

**Sd./- Executive Engineer, Rural Works Division, Nuapada**

## GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS DIVISION : TITILAGARH

No.O-1543

E-Mail ID : eerw_titilagarh@yahoo.co.in

**e Procurement Notice**

**IFB IDENTIFICATION NO.EETIG-online-13/2025-26**

1. Name of Work : **Building Works**
2. Total Number of Works : **02 (Two) Nos.**
3. Approximate Estimated Cost : Varies from Rs.96.57 to 99.57 lakhs
4. Time for Completion : **09 (Nine) calendar months**
5. Mode of Submission of Tender : **Tender should be submitted online in www.tenders.ori.nic.in**
6. **Other details are as follow** : As per TCN No.SETIG-online-13/2025-26

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking tender Clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Executive Engineer, R.W. Divn., Titilagarh | EETIG-online -13/2025-26 | 29.11.2025 at 11.00 A.M. | 10.12.2025 upto 5.00 P.M. | 09.12.2025 to 11.00 A.M. | 11.12.2025 at 11.00 A.M. | The date will be intimated to the technically qualified bidders |

* Further details can be seen from the website www.tenders.ori.nic.in.
* Any Corrigendum/Addendum will be displayed in the above e tender website only.

**Sd./- Executive Engineer**
**R.W. Division, Titilagarh**

OIPR-

## ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଓଡ଼ିଶା ସରକାର
Housing & Urban Development Department, Govt. of Odisha

No.C-1590

## ଜଟଣୀ ପୌରପରିଷଦ, ଜଟଣୀ
## OFFICE OF THE MUNICIPAL COUNCIL : JATANI

ସ୍ଥାନ – ଜଟଣୀ, ଜିଲ୍ଲା – ଖୋର୍ଦ୍ଧା, ୭୫୨୦୫୦
At/PS - Jatani, Dist. - Khordha (Odisha), PIN - 752050, E-mail : municipalityjatni@gmail.com, Phone No. 0674-2490826
**No.6433/Jatani, Date-26.11.2025**

**2nd Corrigendum Notice**

Under unavoidable circumstances, the availability of tender invited vide e-Procurement Notice No.EO/JMC/085/2025-26 of Jatni Municipality is hereby rescheduled as follow.

| Procurement Officer | Bid Identification Number with Tender ID | Availability of Tender on line for bidding | | Date & time of Opening of Tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Officer, Jatni Municipality | EO/JMC/085/2025-26 2025_ORULB_119743_1 | 18.10.2025 | 04.12.2025 | 05.12.2025 11.00 A.M. |

All other terms and conditions are remain unchanged.

OIPR-

**Sd./- Executive Officer,**
**Jatni Municipality**

## OFFICE OF THE NOTIFIED AREA COUNCIL : CHANDBALI

**Pin : 756133 (Odisha)**
E.Mail : chandbali.nac@gmail.com

**Letter No.3081** **Dt.26.11.2025**

**Corrigendum**

**No.C-1592** : With reference to the Tender Call Notice No.2945/CN-01-2025-26, Dt.11.11.2025 for 81 no. of Individual Civil Construction works of Chandbali NAC, last date for selling & receipt of tender paper along date of opening have been extended as detailed below.

| Sl. No. | Parameter | Present Date | Extended Date |
|---|---|---|---|
| 1 | Date and Time of availability of bid documents at the Municipality office | From 11:00 A.M. of 15.11.2025 to 5:30 P.M. of 27.11.2025 | From 11:00 A.M. of 15.11.2025 to 5:30 P.M. of 06.12.2025 |
| 2 | Last Date and Time for receipt of bids | 28.11.2025 by 5:30 P.M. | 09.12.2025 by 5:30 P.M. |
| 3 | Date and Time of Opening of bids | 29.11.2025 by 11:00 A.M. | 10.12.2025 by 11:00 A.M. |

All other terms and conditions remain unchanged.

OIPR-

**Sd./- Executive Officer, Chandbali NAC**

## BRIEF TENDER CALL NOTICE

**Dated 21.11.2025**

**Chief District Veterinary Officer, Ganjam, Berhampur**

**No.M-41** : Sealed tenders are invited from interested reputed firms for purchase of 25 Nos. Desktop Computer, 25 Nos. UPS & 25 Nos. of Printer cum Scanner. The tenderers can assess the detailed Terms and Conditions of the Tender issued vide this Office Tender Notice No. 8728. dtd. 21.11.2025 available at the District Website http://ganjam.nic.in or may obtain from the Office of the C.D.V.O., Ganjam, Berhampur in any working days from 10 AM to 5 PM to till 26.12.2025-2 PM. The last date of receipt of the tender is on or before 26.12.2025 up to 4.00 PM and the technical bid will be opened on 30.12.2025 at 11 AM & Financial bid on 30.12.2025 at 4.00 PM in the office chamber of the CDVO, Ganjam, Berhampur.

OIPR-

**Sd/- C.D.V.O, Ganjam, Berhampur**

## GOVT. OF ODISHA
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KEONJHAR

**eMail: se_nerwkjr@rediffmail.com**

**eProcurement Notice for Road Works under MMSY-Impvt. to Existing R.D. Roads & MMSY-TRIP**
**Bid Identification No.NCB-31/RWCKJR/2025-26**
**No.4953/ Date: 20.11.2025**

**No.O-1549:** 1. Name of the Work: Construction and Maintenance of roads under MMSY-Impvt. to Existing R.D. Roads & MMSY-TRIP in the District of Keonjhar. 2. No. of Work: 03 (Three) Nos., 3. Estimated Cost: As per Annexure in NIT. 4. Class of Contractor (Eligible): As per Annexure in NIT. 5. Period of Completion: As per Annexure in NIT. 6. Other details:

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking tender clarification | Date & Time of Opening of Tender in O/o C.C.E.,R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-31/ RWCKJR/ 2025-26 | Dt.27.11.25 at 11.00 A.M. | Dt.11.12.25 upto 5.00 P.M. | Dt.10.12.25 upto 5.00 P.M. | Dt.12.12.25 at 11.00 A.M. | Will be intimated later |

Further details can be seen from the website www.tendersorissa.gov.in

OIPR-

**Sd./- Chief Construction Engineer, R.W. Circle, Keonjhar**

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION, BARIPADA

**e_mail = rw_mayurbhanj@yahoo.co.in**

**e_Procurement Tender Call Notice No. Online 10/RWD/BPD/2025-26**

No.O-1547:01. Name of the Work : Building Works, 2. Total No. of Works: 27 Nos. 3. Estimated Cost: Approx Estimated Cost Rs.50.73 lakhs & Rs.91.07 lakhs. 4. Class of Contractor: 'B', 5. EMD : EMD @ 1% of Estimated Cost put to tender, 6. Period of Completion : As per Annexure. 7. Other Details.

| Procurement Officer | Bid Identification No. | Availability of tender On-line for Bidding | | Last Date & Time of seeking tender Clarification | Date & Time of Opening of Tender in O/o S.E., Rural Works Division, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| S.E.,R.W. Division, Baripada | 10 (Online)/ RWD-BPD of 2025-26 | 28.11.25 at 11.00 A.M. | 08.12.25 upto 5.00 P.M. | 08.12.25 upto 3.00 P.M. | 08.12.25 at 5.30 A.M. | Intimate later |

Further details can be seen from the website www.tendersorissa.gov.in

OIPR-

**Sd./- Superintending Engineer**
**R.W. Division, Baripada**



ନିର୍ମଳ କୁମାର ମିଶ୍ର

# ଓସିଏର ବାରବାଟୀ ପ୍ରସ୍ତୁତି




ଫଟୋ: ରାଜକିଶୋର ମହାନ୍ତି

**ଆସନ୍ତା ଡିସେମ୍ବର ୯ରେ କଟକର ବାରବାଟୀ ଷ୍ଟାଡିୟମରେ ହେବାକୁ ଯାଉଛି ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ। ମ୍ୟାଚ୍‌କୁ ଶୃଙ୍ଖଳିତ ଏବଂ ସଫଳତାର ସହ ସମ୍ପନ୍ନ ପାଇଁ ଓସିଏ ପକ୍ଷରୁ ପ୍ରସ୍ତୁତିକୁ ଜୋର୍‌ଦାର କରାଯାଇଛି। ଗୋଟିଏ ବର୍ଷରେ ୨ଟି ଅନ୍ତର୍ଜାତୀୟ ମ୍ୟାଚ୍ ହେଉଥିବାରୁ ଓଡ଼ିଶା କ୍ରିକେଟପ୍ରେମୀଙ୍କ ଉତ୍ସାହ ବଢ଼ିଛି...**

ବାରବାଟୀକୁ ଆସିଛି ଆଉ ଏକ ଅନ୍ତର୍ଜାତୀୟ ମ୍ୟାଚ ଆୟୋଜନର ସୁଯୋଗ। ଗୋଟିଏ ବର୍ଷରେ ମିଳିଛି ଦୁଇଟି ଅନ୍ତର୍ଜାତୀୟ ମ୍ୟାଚ। ୧୦ ମାସ ପରେ ଡିସେମ୍ବର ୯ରେ ହେବାକୁ ଯାଉଛି ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ସିରିଜର ପ୍ରଥମ ମ୍ୟାଚ। ଗତ ଫେବୃଆରୀ ୯ରେ ଇଂଲଣ୍ଡ ବିପକ୍ଷରେ ଏକଦିବସୀୟ ମ୍ୟାଚ ଖେଳିଥିଲା ଭାରତୀୟ ଦଳ ବାରବାଟୀରେ। ଏକ ସୁନ୍ଦର ବ୍ୟାଟିଂ ଉଇକେଟରେ ଭାରତୀୟ ଦଳ ଚମତ୍କାର ପ୍ରଦର୍ଶନକରି ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ ଫ୍ଲଡ୍ ଲାଇଟ୍ ତ୍ରୁଟି ପାଇଁ ଅଧଘଣ୍ଟା ଖେଳ ବିଳମ୍ବ ହେବା ଯୋଗୁ ଓସିଏକୁ ସମାଲୋଚିତ ହେବାକୁ ପଡିଥିଲା। ବିଶ୍ୱରେ ନିନ୍ଦିତ ହେଲା ଓଡ଼ିଶା। ଯଦିଓ ଏପରି ତ୍ରୁଟି ମନୁଷ୍ୟକୃତ ନ ଥିଲା ତଥାପି ଓସିଏ ଯେପରି ଯତ୍ନବାନ୍ ହେବା କଥା ସେପରି ହୋଇପାରି ନ ଥିଲା। ଓଡ଼ିଶା କ୍ରିକେଟ ଆସୋସିଏଶନ୍‌ର ଅନ୍ତର୍ଜାତୀୟ ମ୍ୟାଚ ଅନୁଷ୍ଠିତ କରିବାରେ ସଫଳତାର ହାର ଅଧିକ । ଏପର୍ଯ୍ୟନ୍ତ ମୋଟ ୨୭ଟି ଅନ୍ତର୍ଜାତୀୟ ମ୍ୟାଚ ଆୟୋଜନ କରାଇବାର ଅଭିଜ୍ଞତା ରହିଛି। ଏଥିମଧ୍ୟରେ ୨୨ଟି ଏକଦିବସୀୟ, ୨ଟି ଟେଷ୍ଟ ଏବଂ ୩ଟି ଟି୨୦ ମ୍ୟାଚ ରହିଛି। ତ୍ରୁଟି ଶୂନ୍ୟ ମ୍ୟାଚ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି ଓସିଏ। ଛୋଟ ବଡ ଭୁଲ୍ ସୁଧାରିବା ପାଇଁ ପ୍ରଚେଷ୍ଟା ଆରମ୍ଭ କରିଛି। ଗ୍ୟାଲେରି ଓ ପଡ଼ିଆ କାର୍ଯ୍ୟ ଆରମ୍ଭ ହୋଇଛି। ଏପରିକି ଏକ ହାଇସ୍କୋରିଂ ମ୍ୟାଚ ଦର୍ଶକମାନେ କିପରି ଦେଖିବେ ସେଥିପାଇଁ ପିଚ୍ ପ୍ରସ୍ତୁତି କାର୍ଯ୍ୟ ପାଖାପାଖି ସରିବା ଉପରେ ରହିଛି। ଏଥିମଧ୍ୟରେ ବାରବାଟୀ ମ୍ୟାଚକୁ ନେଇ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ମୁଖ୍ୟମନ୍ତ୍ରୀ ଏବଂ ଓସିଏ କର୍ମକର୍ତ୍ତାମାନଙ୍କ ମଧ୍ୟରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଏହି ମ୍ୟାଚର ସଫଳତାକୁ ନେଇ ଅନୁଷ୍ଠିତ ହୋଇଯାଇଛି।

ପ୍ରତ୍ୟେକ ଦୃଷ୍ଟିକୋଣରୁ ବ୍ୟାପକ ସତର୍କତା ଅବଲମ୍ବନ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ଗତ ମ୍ୟାଚ୍‌ର ତ୍ରୁଟି ସଜାଡିବା ସହ ଶାନ୍ତିଶୃଙ୍ଖଳା ବଜାଇ ରଖିବା ଓ ଦିଲ୍ଲୀ ବିସ୍ଫୋରଣ ପରେ ପୋଲିସ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ, ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେବା ସହିତ ଏପରି ଏକ ଅନ୍ତର୍ଜାତୀୟ ମ୍ୟାଚ ଆୟୋଜନ କରିବା ଆମ ସମସ୍ତଙ୍କର ଆତ୍ମସମ୍ମାନର ପ୍ରଶ୍ନ ବୋଲି ସ୍ପଷ୍ଟ ସୂଚନା ଦେବା ସହ ବାରମ୍ବାର ସମୀକ୍ଷା ବୈଠକ ଅନୁଷ୍ଠିତ କରିବାକୁ ମଧ୍ୟ କହିଛନ୍ତି। କ୍ରିକେଟର ୩ଟି ଫର୍ମାଟ୍ ମଧ୍ୟରୁ ଟି୨୦ ମ୍ୟାଚ ଅଧିକ ଲୋକପ୍ରିୟ ଫର୍ମାଟ୍। ଭରପୂର ଦର୍ଶକଙ୍କ ମଧ୍ୟରେ ଏହି ମ୍ୟାଚ ଖେଳାଯିବ। ପୂର୍ବ ଅଭିଜ୍ଞତା ଅନୁସାରେ ବାରବାଟୀ ଷ୍ଟାଡିୟମରେ ଯେତେବେଳେ କୌଣସି ଏକଦିବସୀୟ କିମ୍ବା ଟି୨୦ ମ୍ୟାଚ ଖେଳାଯାଇଥାଏ ଷ୍ଟାଡିୟମ କ୍ଷମତାଠାରୁ ମଧ୍ୟ ଅଧିକ ଦର୍ଶକ ମ୍ୟାଚ୍ ଦେଖିଥାନ୍ତି। ପ୍ରାୟ ୨ବର୍ଷ ପରେ ଟି୨୦ ମ୍ୟାଚ ଆୟୋଜନ କରିବ ବାରବାଟୀ। ଦର୍ଶକମାନଙ୍କ ମଧ୍ୟରେ ଏବେଠାରୁ ପ୍ରବଳ ଉତ୍କଣ୍ଠା।

ଓସିଏ ସମ୍ପାଦକ ସଞ୍ଜୟ ବେହେରାଙ୍କ କହିବା ଅନୁସାରେ ପାଖାପାଖି ୬ଟି ଗ୍ୟାଲେରିର ନିର୍ମାଣ କାର୍ଯ୍ୟ ଚାଲିଛି। ତେଣୁ ଟିକେଟ ସଂଖ୍ୟା କମିବାର ଯଥେଷ୍ଟ ସମ୍ଭାବନା ରହିଛି। ସେ ଏହା ପ୍ରକାଶ କରିବା ପରେ ଦର୍ଶକମାନେ କିପରି ଟିକେଟ ଖଣ୍ଡିଏ ହାତେଇବେ ସେଥିପାଇଁ ଚିନ୍ତାରେ ଅଛନ୍ତି। ଓଡ଼ିଶାରେ କୌଣସି ଅନ୍ତର୍ଜାତୀୟ ମ୍ୟାଚ ଉପଭୋଗ କରିବାର ସୁଯୋଗ ହାତଛଡ଼ା କରିବା ପାଇଁ ଚାହୁଁନାହାନ୍ତି କ୍ରିକେଟପ୍ରେମୀ। ଦକ୍ଷିଣ ଆଫ୍ରିକା ସହିତ ମ୍ୟାଚର ଅନେକ ଗୁରୁତ୍ୱ ରହିଛି। ଭାରତ ଟି୨୦ ବିଶ୍ୱକପ୍ ଚାମ୍ପିୟନ ହୋଇଥିବା ବେଳେ ଦକ୍ଷିଣ ଆଫ୍ରିକା ଦଳ ରନର ଅପ୍ ହୋଇଥିଲା। ଆଗାମୀ ଫେବୃଆରୀରେ ଭାରତ ଓ ଶ୍ରୀଲଙ୍କା ଆୟୋଜକ ଭାବେ ଟି୨୦ ବିଶ୍ୱକପ୍‌ର ସଫଳ ଆୟୋଜନ କରିବାକୁ ଯାଉଛନ୍ତି। ବାରବାଟୀର ଏହି ମ୍ୟାଚ ଉପରେ ସମଗ୍ର କ୍ରିକେଟ ଜଗତର ନଜର ରହିବ।

ଡିସେମ୍ବର ୧ରୁ ଅନ୍‌ଲାଇନରେ ଟିକେଟ ବିକ୍ରିହେବ। ଗତ ଥର ପରି ଏଥର ମଧ୍ୟ ଅନ୍‌ଲାଇନ ଟିକେଟ ବିକ୍ରି ଶୀଘ୍ର ସରିଯିବା ସମ୍ଭାବନା ରହିଛି। ଡିସେମ୍ବର ୩ ଓ ୪ ରେ ଓସିଏର ଅନୁବନ୍ଧିତ ଜିଲା ଆସୋସିଏସନ, କ୍ଲବ ଓ ଖେଳାଳିମାନଙ୍କ ପାଇଁ ଟିକେଟ ପ୍ରଦାନ କରାଯିବ। ସେହିପରି ୫ ତାରିଖରେ ୪ଟି କାଉଣ୍ଟରରେ ସାଧାରଣ ଦର୍ଶକଙ୍କୁ ୨ଟି ଲେଖାଏ ଟିକେଟ ଦିଆଯିବ। ଗୋଟିଏ ଦିନ ପୂର୍ବରୁ ଲମ୍ବା ଲାଇନ ଟିକେଟ କିଣିବା ପାଇଁ ଲାଗିବ। ଗତ ଥର ପରି ଏଥର ଯେପରି କୌଣସି ବିଶୃଙ୍ଖଳା ନ ହୁଏ, ସେଥିପ୍ରତି ଓସିଏ ସତର୍କତା ଅବଲମ୍ବନ କରିବା ଉଚିତ। ଟିକେଟ କଳାବଜାର ଏକ ମୁଖ୍ୟ ସମସ୍ୟା। ଏହା ଉପରେ ନିୟନ୍ତ୍ରଣ ରହିବା ନିହାତି ଆବଶ୍ୟକ। ସାଧାରଣ ଦର୍ଶକଟିଏ ମ୍ୟାଚ ଦେଖି ନ ପାରିଲେ ଗତଥର ପରି ମଧ୍ୟ ଷ୍ଟାଡିୟମ ବାହାରେ ବଡ଼ ପରଦାରେ ମ୍ୟାଚ ଯେପରି ଦେଖିବାର ସୁଯୋଗ ପାଇପାରିବେ ଏଥିପ୍ରତି ଓସିଏ ଯତ୍ନବାନ୍ ନିଶ୍ଚିତ ହେବ। ଦେଶର ଅନ୍ୟାନ୍ୟ ଷ୍ଟାଡିୟମ ପରି ବାରବାଟୀ ଷ୍ଟାଡିୟମର ଦର୍ଶକ କ୍ଷମତା କମ୍ ରହିଥିବାରୁ ବହୁ ଦର୍ଶକ ମ୍ୟାଚ ଦେଖିବାରୁ ବଞ୍ଚିତ ହୋଇଥାନ୍ତି। ସେଥିପାଇଁ ଗ୍ୟାଲେରି କାର୍ଯ୍ୟ ଓ ସମ୍ପ୍ରସାରଣ ଏତେ ଶୀଘ୍ର ସରିବାର ସମ୍ଭାବନା ନ ଥିବାରୁ ପୁଣି ଟିକେଟ ପାଇଁ ମହାସଂଗ୍ରାମ ହେବାର ସମ୍ଭାବନା ରହିଛି। ସୀମିତ ସଂଖ୍ୟାରେ ପାସ୍ ବଣ୍ଟାଯିବା ଆବଶ୍ୟକ। ଟିକେଟର ମୂଲ୍ୟ ଉପରେ ସମସ୍ତଙ୍କର ନଜର ଏବେ ରହିଛି। ଗତ ଥରର ମ୍ୟାଚ ସମୟରେ ଫ୍ଲଡ୍ ଲାଇଟ୍ ଚାଲିଯିବାର ସମସ୍ୟା ଯେପରି ନ ହୁଏ, ସେଥିପାଇଁ ମଧ୍ୟ ବହୁ ପୂର୍ବରୁ ଜେନ୍‌ସେଟ୍‌ଗୁଡିକର ଉପଯୁକ୍ତ ପରୀକ୍ଷଣର ବ୍ୟବସ୍ଥା ସହ ଗୋଟିଏ ଗୋଟିଏ ଷ୍ଟାଣ୍ଡବାଇ ଜେନ୍‌ସେଟ୍ ରହିବା ସ୍ୱାଗତଯୋଗ୍ୟ ପଦକ୍ଷେପ।

ତୃତୀୟ ଥର ପାଇଁ ଦକ୍ଷିଣ ଆଫ୍ରିକା ବାରବାଟୀରେ ଟି୨୦ ଖେଳିବାକୁ ଯାଉଛି। ପୂର୍ବରୁ ୨୦୧୫ ଓ ୨୦୨୨ରେ ଖେଳିଥିବା ୨ଟି ମ୍ୟାଚକୁ ଦକ୍ଷିଣ ଆଫ୍ରିକା ଜିତିଥିଲା। ଶ୍ରୀଲଙ୍କା ସହ ଖେଳିଥିବା ଅନ୍ୟ ଏକ ଟି୨୦ ମ୍ୟାଚରେ ଭାରତ ଏକତରଫା ଭାବରେ ୯୯ରନ୍‌ରେ ବିଜୟୀ ହୋଇଥିଲା। ୨୦୧୫ରେ ଖେଳାଯାଇଥିବା ଟି୨୦ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୬ ଉଇକେଟରେ ଏବଂ ୨୦୨୨ରେ ଅନୁଷ୍ଠିତ ମ୍ୟାଚରେ ୪ ଉଇକେଟରେ ବିଜୟୀ ହୋଇଥିଲା। ୨୦୧୭ ମ୍ୟାଚ୍‌ରେ ଶ୍ରୀଲଙ୍କା ବିପକ୍ଷରେ ଭାରତ ୩ ଉଇକେଟ ହରାଇ ୧୮୦ ରନ କରିଥିବା ବେଳେ ଶ୍ରୀଲଙ୍କା ମାତ୍ର ୮୭ ରନରେ ଆଲଆଉଟ ହୋଇଥିଲା। ସେହିପରି ୨୦୨୨ରେ ଦକ୍ଷିଣ ଆଫ୍ରିକାକୁ ଭାରତ ୧୪୮ରନ୍‌ର ଟାର୍ଗେଟ ଦେଇଥିବା ବେଳେ ଦକ୍ଷିଣ ଆଫ୍ରିକା ୪ଉଇକେଟରେ ବିଜୟୀ ହୋଇଥିଲା। ୨୦୧୫ରେ ଭାରତର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ରହିଥିଲା। ମାତ୍ର ୯୨ରନରେ ଅଲ୍‌ଆଉଟ୍ ହୋଇଥିବା ଭାରତୀୟ ଦଳ ସମ୍ପୂର୍ଣ୍ଣ ୨୦ ଓଭର ଖେଳିପାରି ନ ଥିଲା। ଦକ୍ଷିଣ ଆଫ୍ରିକା ୬ ଉଇକେଟରେ ଏହି ମ୍ୟାଚ ଜିତିଥିଲା। ବାରବାଟୀ ପାଇଁ ଏହା ମଧ୍ୟ ଏକ ତିକ୍ତ ଅନୁଭୂତ ଆଣିଥିଲା। ଭାରତର ନୈରାଶ୍ୟଜନକ ପ୍ରଦର୍ଶନ ପାଇଁ ଦର୍ଶକମାନେ ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବା ଯୋଗୁ ଖେଳ ବାରମ୍ବାର ବନ୍ଦ ହୋଇଥିଲା। ବାରବାଟୀ ପାଇଁ ଏହା ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି କରିଥିଲା। ବାରବାଟୀକୁ ଦୀର୍ଘଦିନ ପାଇଁ ଅନ୍ତର୍ଜାତୀୟ ମ୍ୟାଚ୍ ମିଳି ନ ଥିଲା। ସେସବୁ ଘଟଣାର ପରିସମାପ୍ତି ଘଟିଛି। ନୂଆ ରୂପରେ ବାରବାଟୀ ଇତି ମଧ୍ୟରେ ଅନେକ ଅନ୍ତର୍ଜାତୀୟ ମ୍ୟାଚ ସଫଳତାର ସହ ଆୟୋଜନ କରିବାରେ ସକ୍ଷମ ହୋଇଛି। ଓଡ଼ିଶା କ୍ରିକେଟ ଆସୋସିଏଶନ ତା'ର ତ୍ରୁଟି ସଜାଡିବା ସହ ଅତ୍ୟାଧୁନିକ ଜ୍ଞାନ କୌଶଳ, ଶୃଙ୍ଖଳିତ ଭାବେ ମ୍ୟାଚ ପରିଚାଳନା, ନୂଆ ନିର୍ମାଣ, ସୁପର ସକର, ଡ୍ରେନେଜ ସିଷ୍ଟମ, ସମ୍ପୂର୍ଣ୍ଣ ପଡିଆକୁ ଆଚ୍ଛାଦିତ କଲା ଭଳି ଫିଲ୍‌ଡ କଭର, ଫାଷ୍ଟ ଆଉଟ ଫିଲ୍‌ଡ, ଫିଲ୍‌ଡରମାନଙ୍କ ସୁରକ୍ଷା ପାଇଁ ଗ୍ରାସ୍‌ରେ ପରିପୂର୍ଣ୍ଣ ଆଉଟ ଫିଲ୍ଡ ପରି ଅନ୍ୟାନ୍ୟ ସୁବିଧା ସୁଯୋଗ ସୃଷ୍ଟି କରିପାରିଛି।

ସେଣ୍ଟର ପିଚ୍‌କୁ ଏଥର ମଧ୍ୟ ବ୍ୟବହାର କରାଯିବ। ବ୍ଲାକ୍ ଓ ରେଡ୍ ସଏଲରେ ନିର୍ମିତ ଏହି ପିଚ୍ ପୁଣି ଏକ ହାଇସ୍କୋରିଂ ମ୍ୟାଚ ଅପେକ୍ଷାରେ ରହିଛି। ହାତରେ ଅଳ୍ପ କେତୋଟି ଦିନ ରହିଥିବା ବେଳେ ନୂତନ ରୂପ ନେବାରେ ଲାଗିଛି ବାରବାଟୀ ଗ୍ରାଉଣ୍ଡ। ବିସିସିଆଇ କ୍ୟୁରେଟର ଟିମ୍ ପିଚ୍ ଦେଖିବେ। ବିସିସିଆଇ ଉଚ୍ଚ ପଦସ୍ଥ ଅଧିକାରୀ, ଖେଳାଳି ଓ ମ୍ୟାଚ ଅଫିସିଆଲ ଏବଂ ସପୋର୍ଟ ଷ୍ଟାଫମାନଙ୍କର ଅନୁଧ୍ୟାନ କରିବେ। ଅଭ୍ୟାସ ପାଇଁ ୨ଟି ପିଚ୍‌କୁ ମଧ୍ୟ ଦେଖିବେ। ଖେଳାଳିମାନଙ୍କ ଗ୍ରାଉଣ୍ଡରେ ଅଭ୍ୟାସ ଓ ଯାତାୟାତର ସମସ୍ତ ବ୍ୟବସ୍ଥା ମଧ୍ୟ ଦେଖିବେ। ଆଉ ଏକ ବାରବାଟୀ ଲଢ଼େଇ ଅପେକ୍ଷାରେ ଓଡ଼ିଶାର କ୍ରିକେଟପ୍ରେମୀ। ଭାରତୀୟ ଦଳ ଏଥର ବିଜୟୀ ହେବ ବୋଲି ଆଶା ରଖିଛି।

# ମହିଳା କବାଡ଼ିରେ ଭାରତର ଆଧିପତ୍ୟ

**ଲଗାତର ଦ୍ୱିତୀୟ ବିଶ୍ୱକପ୍ ବିଜୟ ମହିଳା କବାଡ଼ିରେ ଭାରତର ଦୀର୍ଘ ବର୍ଷ ହେଲା ଚାଲି ଆସୁଥିବା ଆଧିପତ୍ୟକୁ ଦର୍ଶାଉଛି। ଶୃଙ୍ଖଳିତ ଦଳଗତ ପ୍ରଦର୍ଶନ, ଉଦୀୟମାନ ପ୍ରତିଭାଙ୍କ ବଳରେ ଭାରତୀୟ ଦଳ ବିଶ୍ୱ କବାଡ଼ି ପ୍ରତିଯୋଗିତାରେ ଉତ୍କୃଷ୍ଟତାର ନୂଆ ମାନଦଣ୍ଡ ସ୍ଥାପନ କରିଛି। ଏଥିପୂର୍ବରୁ ୨୦୧୨ରେ ପାଟନାଠାରେ ଅନୁଷ୍ଠିତ ପ୍ରଥମ ସଂସ୍କରଣରେ ଭାରତ ଚାମ୍ପିୟନ ହୋଇଥିଲା। ଦ୍ୱିତୀୟ ଭଳି ପ୍ରଥମ ସଂସ୍କରଣରେ ମଧ୍ୟ ଭାରତୀୟ ଦଳ ଅପରାଜିତ ରହି ଟ୍ରଫି ଉଠାଇଥିଲା...**

ବାଂଲାଦେଶ ରାଜଧାନୀ ଢାକାଠାରେ ଅନୁଷ୍ଠିତ ମହିଳା କବାଡ଼ି ବିଶ୍ୱକପ୍‌ରେ ଭାରତୀୟ ଦଳ ଚାମ୍ପିୟନ ହୋଇଛି। ଚାଇନିଜ୍ ତାଇପେ ବିପକ୍ଷ କଡ଼ା ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଫାଇନାଲ ମ୍ୟାଚ୍‌କୁ ୨୮-୩୫ ବ୍ୟବଧାନରେ ଜିତି ଭାରତ ଲଗାତର ଦ୍ୱିତୀୟ ଥର ଟ୍ରଫି ଉଠାଇଛି। ଏହି ଐତିହାସିକ ବିଜୟ ମହିଳା କବାଡ଼ିରେ ଭାରତର ଦୀର୍ଘ ବର୍ଷ ହେଲା ଚାଲି ଆସୁଥିବା ପ୍ରଭୁତ୍ୱକୁ ଦର୍ଶାଉଛି। ଶୃଙ୍ଖଳିତ ଦଳଗତ ପ୍ରଦର୍ଶନ, ଗଭୀର କୌଶଳ ଓ ଉଦୀୟମାନ ପ୍ରତିଭାଙ୍କ ବଳରେ ଭାରତୀୟ ଦଳ ବିଶ୍ୱ କବାଡ଼ି ପ୍ରତିଯୋଗିତାରେ ଉତ୍କୃଷ୍ଟତାର ନୂଆ ମାନଦଣ୍ଡ ସ୍ଥାପନ କରିଛି। ଏଥିପୂର୍ବରୁ ୨୦୧୨ରେ ବିହାର ରାଜଧାନୀ ପାଟନାଠାରେ ଅନୁଷ୍ଠିତ ପ୍ରଥମ ସଂସ୍କରଣରେ ଭାରତ ଚାମ୍ପିୟନ ହୋଇଥିଲା। ୧୩ ବର୍ଷ ତଳେ ଇସ୍‌ଲାମିକ୍ ରିପବ୍ଲିକ୍ ଅଫ୍ ଇରାନକୁ ଫାଇନାଲରେ ଭାରତ ହରାଇଥିଲା।

ଏହି କବାଡ଼ି ବିଶ୍ୱକପ୍ ପ୍ରତିଯୋଗିତାରେ ଆୟୋଜକ ବାଂଲାଦେଶ ସହ ଚାଇନିଜ ତାଇପେ, ଜର୍ମାନୀ, ଇରାନ, କେନିଆ, ନେପାଳ, ପୋଲାଣ୍ଡ, ଥାଇଲାଣ୍ଡ, ଉଗାଣ୍ଡା ଓ ଜାଞ୍ଜିବର ଆଦି ୧୧ ଦଳ ଭାଗ ନେଇଥିଲେ। ପ୍ରକୃତରେ ଏହି ପ୍ରତିଯୋଗିତାରେ ୧୨ ଦଳ ଭାଗନେବାର ଥିଲା। କିନ୍ତୁ ଅନ୍ତିମ ମୁହୂର୍ତ୍ତରେ ଟୁର୍ନାମେଣ୍ଟରୁ ଆର୍ଜେଣ୍ଟିନା ଓହରିଯାଇଥିଲା। ଏଥିଯୋଗୁ ଗ୍ରୁପ୍-ଏ'ରେ ୫ ଓ ଗ୍ରୁପ୍-ବି'ରେ ୬ ଦଳକୁ ରଖାଯାଇଥିଲା। ଗତ ୧୧ ତାରିଖରେ ଆମେଚର କବାଡ଼ି ଫେଡେରେଶନ ଅଫ୍ ଇଣ୍ଡିଆ (ଏକେଏଫ୍‌ଆଇ) ପକ୍ଷରୁ ରିତୁ ନେଗୀଙ୍କ ନେତୃତ୍ୱରେ ୧୪ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଥିଲା। ଏହି ଦଳରେ ଅନୁ, ଭାବନା ଦେବୀ, ଚମ୍ପା ଠାକୁର, ଧନଲକ୍ଷ୍ମୀ, ମିନି, ପୂଜା, ପୂଜା ନରୱାଲ, ରିତୁ, ପୁଷ୍ପା ରାଣା (ଉପ ଅଧିନାୟିକା), ରିତୁ (ଡିଫେଣ୍ଡର), ସାକ୍ଷି ଶର୍ମା, ସଞ୍ଜୁ ଦେବୀ, ସୋନାଲି ଶିଙ୍ଗ୍‌ଟେ ସ୍ଥାନ ପାଇଥିଲେ। ମୁଖ୍ୟ କୋଚ୍ ତେଜସ୍ୱିନୀ ବାଇ ଓ କବାଡ଼ି କୋଚ୍ କବିତା ସେଲ୍‌ଭାରାଜ ଦଳର ମାର୍ଗଦର୍ଶନ କରିଥିଲେ।

ଟୁର୍ନାମେଣ୍ଟରେ ଗ୍ରୁପ୍ ପର୍ଯ୍ୟାୟରେ ଭାରତ ୪ ମ୍ୟାଚ୍ ଖେଳି ଏକତରଫା ବିଜୟ ହାସଲ କରିଥିଲା। ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଭାରତ ପ୍ରଥମେ ଥାଇଲାଣ୍ଡକୁ ୬୫-୨୦ ପଏଣ୍ଟରେ ଓ ଦ୍ୱିତୀୟ ମ୍ୟାଚ୍‌ରେ ୪୩-୧୮ ବ୍ୟବଧାନରେ ଆୟୋଜକ ବାଂଲାଦେଶକୁ ହରାଇଥିଲା। ସେହିଭଳି ତୃତୀୟ ଓ ଚତୁର୍ଥ ମ୍ୟାଚ୍‌ରେ ଯଥାକ୍ରମେ ଜର୍ମାନୀକୁ ୬୩-୨୨ରେ ଓ ଉଗାଣ୍ଡାକୁ ୫୧-୧୬ରେ ପରାସ୍ତ କରିଥିଲା। ଭାରତ ୪ ମ୍ୟାଚ୍‌ରେ ୪ ବିଜୟ ଓ ୮ ପଏଣ୍ଟ ସହ ନକ୍‌ଆଉଟ୍ ପର୍ଯ୍ୟାୟରେ ପ୍ରବେଶ କରିଥିଲା। ଗ୍ରୁପ୍-ବି'ରେ ଚାଇନିଜ ତାଇପେ ୫ରୁ ୫ ବିଜୟ ଓ ୧୦ ପଏଣ୍ଟ ସହ ନକ୍‌ଆଉଟ୍ ରାଉଣ୍ଡରେ ସ୍ଥାନ ପକ୍କା କରିଥିଲା। ସେମିଫାଇନାଲକୁ ଉନ୍ନୀତ ହୋଇଥିବା ଅନ୍ୟ ୨ ଦଳ ବାଂଲାଦେଶ ଓ ଇରାନ କେବଳ ଗୋଟିଏ ଗ୍ରୁପ୍ ମ୍ୟାଚ୍‌ରେ ପରାଜିତ ହୋଇ ସେମିଫାଇନାଲରେ ପହଞ୍ଚିଥିଲେ। ସେମିଫାଇନାଲରେ ଭାରତ ୩୩-୨୧ ବ୍ୟବଧାନରେ ଇରାନକୁ ହରାଇଥିଲା। ସେହିଭଳି ଚାଇନିଜ ତାଇପେ ସେମିଫାଇନାଲରେ ଆୟୋଜକ ବାଂଲାଦେଶକୁ ହରାଇ ଫାଇନାଲରେ ପହଞ୍ଚିଥିଲା। ପୂରା ଟୁର୍ନାମେଣ୍ଟରେ ଶୃଙ୍ଖଳିତ ଓ ସଫଳତାର ସହ ନିଜ ଯୋଜନାକୁ କାର୍ଯ୍ୟକାରୀ କରିଥିବା ଭାରତୀୟ ଦଳ ଫାଇନାଲରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲା। ଫାଇନାଲରେ ଆରମ୍ଭରୁ ଡିଫେନ୍ସିଭ ଫର୍ମେଶନ ସହ ଖେଳିଥିଲା ଭାରତୀୟ ଦଳ। କେବଳ ହାତଗଣତି ରେଡ୍ସ ପଏଣ୍ଟ ଯୋଗୁ ପ୍ରଥମାର୍ଦ୍ଧ ସୁଦ୍ଧା ସ୍ୱଳ୍ପ ପଏଣ୍ଟ ବ୍ୟବଧାନରେ ଭାରତ ଆଗରେ ରହିଥିଲା। ମ୍ୟାଚ୍ ବେଳେ ଭାରତୀୟ ଦଳର ଅଧିନାୟକ ରିତୁ ନେଗୀ ଆହତ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏପରିକି ତାଙ୍କୁ ଷ୍ଟ୍ରେଚର ଜରିଆରେ ମ୍ୟାଚ୍‌ରୁ ନିଆଯାଇଥିଲା। ତାଙ୍କ ଅନୁପସ୍ଥିତି ସତ୍ତ୍ୱେ ଭାରତୀୟ ଦଳ ମୁମେଣ୍ଟମ ନ ହରାଇ ଆଟାକିଂ ଖେଳ ପ୍ରଦର୍ଶନ କରିଥିଲା। ଦଳୀୟ ଖେଳାଳିଙ୍କ ମିଳିତ ଉଦ୍ୟମରେ ମ୍ୟାଚ୍‌ର ପ୍ରତ୍ୟେକ ପର୍ଯ୍ୟାୟରେ ଭାରତ ଆଗରେ ରହିବା ସହ ପ୍ରତିପକ୍ଷ ଚାଇନିଜ ତାଇପେ ଦଳକୁ ରିକଭରି କରିବାକୁ ସମୟ ଦେଇ ନ ଥିଲା। ଫଳରେ ରିତୁ ନେଗୀଙ୍କ ନେତୃତ୍ୱାଧୀନ ଦଳ ଚାମ୍ପିୟନ ହୋଇଥିଲା।

ଚାମ୍ପିୟନ ହେବା ପରେ ଅଧିନାୟିକା ରିତୁ ନେଗୀ କହିଛନ୍ତି, ଭାରତ ପାଇଁ ବିଶ୍ୱକପ୍ ଉଠାଇବାକୁ ମୁଁ ଶବ୍ଦରେ ପ୍ରକାଶ କରିପାରିବି ନାହିଁ। ଜଣେ ଅଧିନାୟିକା ଭାବେ ମୁଁ ଜାଣିଛି ଯେ, ଏହି ମହିଳା ଦଳ ପ୍ରତ୍ୟେକ ଚ୍ୟାଲେଞ୍ଜରେ ଏକାଠି ହୋଇ ଛିଡ଼ାହୋଇଥିଲେ। ମହିଳା କବାଡ଼ିର ଖୁବ୍ ଆଗକୁ ବଢ଼ିଛି। ଏହି ପ୍ରତିଯୋଗିତା ଦିନକୁ ଦିନ ଅଧିକ କଷ୍ଟକର ହେଉଛି। କିନ୍ତୁ ଆମେ ପରସ୍ପର ଉପରେ ଅନ୍ତିମ ହୁଇସିଲ ବାଜିବା ପର୍ଯ୍ୟନ୍ତ ଭରସା ରଖିଥିଲୁ। ପ୍ରତିପକ୍ଷ ଚାଇନିଜ ତାଇେପ ଆମ ଉପରେ ଖୁବ୍ ଚାପ ପକାଇଥିଲା। କିନ୍ତୁ ଆମର ଏକତା ଓ ବିଶ୍ୱାସ ଦୁଇ ଦଳ ମଧ୍ୟରେ ପ୍ରାର୍ଥକ୍ୟ ସୃଷ୍ଟି କରିଥିଲା। ଭାରତକୁ ପ୍ରତିନିଧିତ୍ୱ କରିବାକୁ ସ୍ୱପ୍ନ ଦେଖୁଥିବା ପ୍ରତ୍ୟେକ ଝିଅଙ୍କର ଏହି ବିଜୟ। ସେହିଭଳି ପୂରା ଟୁର୍ନାମେଣ୍ଟରେ ଉଲ୍ଲେଖନୀୟ ପ୍ରଦର୍ଶନ ଲାଗି ମୋଷ୍ଟ ଭାଲ୍ୟୁଏବଲ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ଭାବେ ପୁରସ୍କୃତ ହୋଇଥିବା ସଞ୍ଜୁ ଦେବୀ ପ୍ରକାଶ କରିଛନ୍ତି, ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ନାମିତ ହେବା ଏକ ସମ୍ମାନ। ଏହାକୁ ସାରା ଜୀବନ ମନେରଖିବି। କିନ୍ତୁ ଏହି ମୁହୂର୍ତ୍ତ ପୂରା ଦଳର। ପ୍ରତ୍ୟେକ ରେଡ୍, ପ୍ରତ୍ୟେକ ଟ୍ୟାକେଲ, ପ୍ରତ୍ୟେକ ପଏଣ୍ଟ ସାମୂହିକ ପ୍ରଦର୍ଶନରେ ମିଳିଥିଲା। ଚାଇନିଜ ତାଇପେ ବିପକ୍ଷ ଫାଇନାଲ ଆମର ପରୀକ୍ଷା ନେଇଥିଲା। କିନ୍ତୁ ଆମେ ଏହି ଟ୍ରଫିକୁ ଘରକୁ ନେବା ସ୍ୱପ୍ନ ସହ ଆଗକୁ ବଢ଼ିଥିଲୁ। ଏହି ବିଜୟର ମୂଲ୍ୟ ଭାରତରେ ମହିଳା କବାଡ଼ି ପାଇଁ ଅନେକ କିଛି। ଏହା ଦର୍ଶାଉଛି ଯେ, ଆମେ କେତେଦୂରକୁ ଆସି ସାରିଛୁ ଏବଂ ଆହୁରି ଆଗକୁ ଯିବା ପାଇଁ ଆମେ ପ୍ରସ୍ତୁତ।

## ଭାରତ ବାହାରେ ପ୍ରଥମ ବିଶ୍ୱକପ୍

ଏହି ଟୁର୍ନାମେଣ୍ଟ ଭାରତ ବାହାରେ ଅନୁଷ୍ଠିତ ହେବାରେ ପ୍ରଥମ କବାଡ଼ି ବିଶ୍ୱକପ୍ ଥିଲା। ଏଥିପୂର୍ବରୁ ଉଭୟ ପୁରୁଷ ଓ ମହିଳା ବିଭାଗରେ ପ୍ରତ୍ୟେକ ଥର ବିଶ୍ୱକପ୍ ଭାରତରେ ଆୟୋଜିତ ହୋଇଥିଲା। ହେଲେ ୧୩ ବର୍ଷର ବ୍ୟବଧାନରେ ହେଉଥିବା ଏହି ଟୁର୍ନାମେଣ୍ଟ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥିଲା। ଟୁର୍ନାମେଣ୍ଟକୁ ବାରମ୍ବାର ବାତିଲ କରାଯିବା ସହ ଅନେକ ଥର ଭେନ୍ୟୁ ପରିବର୍ତ୍ତନ କରାଯାଇଥିଲା। ପ୍ରକୃତରେ ଏହି ଟୁର୍ନାମେଣ୍ଟ ବିହାରରେ ହେବାର ଥିଲା। ପରେ ହାଇଦ୍ରାବାଦକୁ ସ୍ଥାନାନ୍ତର କରାଯାଇଥିଲା। ଶେଷରେ ପ୍ରୋ କବାଡ଼ି ଲିଗ୍ ସହ କାର୍ଯ୍ୟସୂଚୀ ବିବାଦ ଓ ପ୍ରଶାସନିକ ସମସ୍ୟା ଯୋଗୁ ଏହାକୁ ବାଂଲାଦେଶର ଢାକାକୁ ସ୍ଥାନାନ୍ତର କରାଯାଇଥିଲା।

### ବିଶ୍ୱକପ୍‌ରେ ଭାରତୀୟ ଦଳର ପ୍ରଦର୍ଶନ

| ପ୍ରତିପକ୍ଷ | ଫଳାଫଳ |
|---|---|
| **ଗ୍ରୁପ୍ ପର୍ଯ୍ୟାୟ** | |
| ଥାଇଲାଣ୍ଡ | ୬୫-୨୦ |
| ବାଂଲାଦେଶ | ୪୩-୧୮ |
| ଜର୍ମାନୀ | ୬୩-୨୨ |
| ଉଗାଣ୍ଡା | ୫୧-୧୬ |
| **ସେମିଫାଇନାଲ** | |
| ଇରାନ | ୩୩-୨୧ |
| **ଫାଇନାଲ** | |
| ଚାଇନିଜ ତାଇପେ | ୩୫-୨୮ |




## ବାପାଙ୍କଠାରୁ ପ୍ରଶିକ୍ଷଣ ପାଇଥିଲେ ପୁଷ୍ପା

ମହିଳା କବାଡ଼ି ବିଶ୍ୱକପ୍ ଚାମ୍ପିୟନ ଦଳର ଗୁରୁତ୍ୱପୂର୍ଣ୍ଣ ରାଇଡର ହେଲେ ପୁଷ୍ପା ରାଣା। ଏପରିକି ସେ ଦଳର ଉପ ଅଧିନାୟିକା। ଫାଇନାଲରେ ରିତୁ ନେଗିଙ୍କ ଅନୁପସ୍ଥିତିରେ ସେ ଦଳର ଭାର ସମ୍ଭାଳିଥିଲେ। ୧୯୯୮ ଜାନୁଆରୀ ୧୧ରେ ହିମାଚଳ ପ୍ରଦେଶର ସିରମୋର ଜିଲାରେ



ଜନ୍ମିତ ପୁଷ୍ପାଙ୍କ ବାପା ଜୟପାଲ ଜଣେ ଶିକ୍ଷକ। ପୁଷ୍ପାଙ୍କ ଭାଇ ସଞ୍ଜୀବ ଜଣେ କବାଡ଼ି ଖେଳାଳି। ସେ ବାପା ଓ ଭାଇଙ୍କଠାରୁ ଅନ୍ତର୍ଜାତୀୟ କବାଡ଼ି ଖେଳାଳିଙ୍କ ବିଷୟରେ ଶୁଣିଥିଲେ ଏବଂ କମ୍ ବୟସରେ ପ୍ରଶିକ୍ଷଣ ନେବା ଆରମ୍ଭ କରିଥିଲେ। ପୁଷ୍ପା କବାଡ଼ିରେ ଜଣେ ରାଇଟ୍ ରାଇଡର। ଏହାର ଅର୍ଥ ସେ ମ୍ୟାଟର ଡାହାଣ ପଟରୁ ଆକ୍ରମଣ କରନ୍ତି। ସେ ହ୍ୟାଣ୍ଡଟଚ୍ ସ୍କିଲ ମାଧ୍ୟମରେ ବୋନସ ପଏଣ୍ଟ ହାସଲ କରିବାରେ ମାହିର। ସେ କବାଡ଼ି ଖେଳିବା ସହ ଇତିହାସରେ ସ୍ନାତକ କରିଛନ୍ତି ଏବଂ ପରେ ମାଷ୍ଟର ଡିଗ୍ରୀ କରିବାର ଲକ୍ଷ୍ୟ ରଖିଛନ୍ତି। ସେ ୨୦୨୩ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟ ଥିଲେ, ଯାହାକି ତାଙ୍କ କ୍ୟାରିୟରର ସବୁଠୁ ବଡ଼ ଉପଲବ୍ଧି। କବାଡ଼ି ଛଡ଼ା ନିଜକୁ ଫିଟ୍ ରଖିବା ପାଇଁ ଭଲିବଲ, ହ୍ୟାଣ୍ଡବଲ ଓ ଫୁଟବଲ ଖେଳନ୍ତି।

# ପ୍ରଥମ ସନ୍ତାନଙ୍କ ମୁଣ୍ଡନ ପାଳଟିଛି ପରମ୍ପରା

**ମା’ ଲୋଭୀ ଠାକୁରାଣୀ ହେଉଛନ୍ତି ପ୍ରତ୍ୟକ୍ଷ ଦେବୀ। ତାଙ୍କ ଉପରେ ଗଡ଼ସନ୍ତ୍ରୀ ଓ ତୁଳସୀପାଳ ଗ୍ରାମବାସୀଙ୍କର ରହିଛି ଅତୁଟ ବିଶ୍ୱାସ। ମା’ଙ୍କ ପୂଜା ଓ ଆଶିଷ ବିନା କୌଣସି ଶୁଭ କାର୍ଯ୍ୟ ଗ୍ରାମବାସୀ କରନ୍ତି ନାହିଁ। ଏପରି କି ଝିଅ, ପୁଅ ବାହାଘର ପରେ ପ୍ରଥମ ପିଲାଙ୍କ ମୁଣ୍ଡନ ମା’ଙ୍କ ପୀଠରେ କରାଯିବା ସହ ଭବିଷ୍ୟତ ପାଇଁ ଆଶୀର୍ବାଦ ନେବା ଗଡ଼ସନ୍ତ୍ରୀ ଓ ତୁଳସୀପାଳ ଗ୍ରାମରେ ଏକ ପରମ୍ପରାରେ ପରିଣତ ହୋଇଛି।**

ଅନୁଗୋଳ ଜିଲ୍ଲା ବଣ୍ଡରପାଳ ବ୍ଲକର ଗଡ଼ସନ୍ତ୍ରୀ ଓ ତୁଳସୀପାଳ ଗ୍ରାମରେ ରହିଛି ମା’ ଲୋଭୀ ଠାକୁରାଣୀଙ୍କ ପୀଠ। ପ୍ରତିବର୍ଷ କାର୍ତ୍ତିକ ପୂର୍ଣ୍ଣିମୀ ସମୟରେ ୫ ଦିନ ଧରି ମା’ଙ୍କ ଜନ୍ମ ବାର୍ଷିକ ଉତ୍ସବ ଧୁମ୍‌ଧାମରେ ପାଳନ କରାଯାଏ। ରାଜ୍ୟର କୋଣ ଅନୁକୋଣରୁ ପ୍ରତିଦିନ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ଏଠାରେ ହୋଇଥାଏ। ଦୁଇ ଗାଁର ଲୋକମାନଙ୍କ ସହ ସରକାରଙ୍କ ସହାୟତାରେ ଗଠିତ ଟ୍ରଷ୍ଟ ବୋର୍ଡ ଦ୍ୱାରା ମା’ଙ୍କ ଏହି ଉତ୍ସବ ପରିଚାଳନା କରାଯାଏ। ଏହି ଉତ୍ସବ ସମୟରେ ପଡୁଥିବା ମେଳାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ବ୍ୟବସାୟୀ ବିଭିନ୍ନ ସାମଗ୍ରୀ ଧରି ଆସିଥାନ୍ତି। ଏହି ଅଞ୍ଚଳର ଲୋକମାନେ ଝିଅପୁଅଙ୍କ ବାହାଘର ସାମଗ୍ରୀ ମଧ୍ୟ ଉକ୍ତ ମେଳାରୁ କ୍ରୟ କରିଥାନ୍ତି। ଅନୁଗୋଳ ସହର ଠାରୁ ମାତ୍ର ୧୫ କିଲୋମିଟର ଦୂରରେ ମା’ ଲୋଭୀ ଠାକୁରାଣୀଙ୍କ ପୀଠ ରହିଛି। ନିକଟରେ ଶେଷ ହୋଇଥିବା ମା’ଙ୍କ ବାର୍ଷିକ ଉତ୍ସବରେ ୫ ହଜାରରୁ ଅଧିକ ମାତାପିତା ସେମାନଙ୍କ ପ୍ରଥମ ସନ୍ତାନଙ୍କ ମୁଣ୍ଡନ କରି ମା’ଙ୍କ ଆଶିଷ ଭିକ୍ଷା କରିଥିଲେ। ନିକଟ ଅତୀତରେ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ମା’ ଲୋଭୀ ଠାକୁରାଣୀଙ୍କ ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦିଆଯାଇଛି। ପୀଠର ଉନ୍ନତୀକରଣ ପାଇଁ ୨.୨୬ କୋଟି ଟଙ୍କା ମଞ୍ଜୁର ହୋଇଛି। ଡିପିଆର୍ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶୁଭେନ୍ଦୁ ଜେନା ସୂଚନା ଦେଇଛନ୍ତି।

ମୁଖ୍ୟ ପୂଜକ ରଞ୍ଜନ କୁମାର ଗଡ଼ନାୟକ କହିଛନ୍ତି, ବିଶ୍ୱାସ ରହିଛି ଯେ ପ୍ରଭୁ ରାମଚନ୍ଦ୍ର ପୁଷ୍ପକ ବିମାନରେ ଯାଉଥିବା ବେଳେ ମା’ ଲଙ୍କାଦେବୀଙ୍କୁ ଏଠାରେ ଦେଖି ଓହ୍ଲାଇଥିଲେ। ମା’ଙ୍କୁ କହିଥିଲେ ତୁମକୁ ଅଯୋଧାରେ ପୂଜାକରି ମୁଁ ବାହାରିଥିଲି, ତୁମେ ଏଠାରେ କେମିତି ବିରାଜମାନ କଲ, ତୁମେ ବହୁତ ଲୋଭୀ। ସେହିଦିନଠାରୁ ମା’ ଲୋଭୀ ଠାକୁରାଣୀ ନାମରେ ପରିଚିତ। ଟ୍ରଷ୍ଟ ବୋର୍ଡ ସଭାପତି ସୁନୀଲ କୁମାର ମାଝୀ କହିଛନ୍ତି, ଏହା ପର୍ଯ୍ୟଟନସ୍ଥଳୀର ମାନ୍ୟତା ଲାଭ କରିଥିବାରୁ ଉନ୍ନତୀକରଣ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ଅନୁଗୋଳର ବରିଷ୍ଠ ପ୍ରଶାସନିକ ଅଧିକାରୀ ପ୍ରତାପ ପ୍ରତିମଯ଼ଙ୍କ ଲିଖିତ ‘ଅନନ୍ୟ ଅନୁଗୋଳ’ ପୁସ୍ତକରେ ମା’ ଲୋଭୀ ଠାକୁରାଣୀଙ୍କ ବିଷୟରେ ଉଲ୍ଲେଖ ରହିଛି ଯେ ଇତିହାସ କହେ– ଗଡ଼ସନ୍ତ୍ରୀ ଗ୍ରାମର ନାମ ‘ସନ୍ତ୍ରାସ’ ଶବ୍ଦରୁ ଆସିଥିବାର ମନେହୁଏ। ଉକ୍ତ ଅଞ୍ଚଳଟି ପାଇକ କ୍ଷତ୍ରିୟ ଅଧ୍ୟୁଷିତ ଅଞ୍ଚଳ। ଏକଦା ଦୁର୍ଦ୍ଧର୍ଷ ପାଇକଗଣ ପଡ଼ୋଶୀ ରାଜ୍ୟ ଢେଙ୍କାନାଳ ସହିତ ସର୍ବଦା ଯୁଦ୍ଧରେ ଲିପ୍ତ ରହୁଥିଲେ। ସେମାନଙ୍କ ପରାକ୍ରମ ଓ ବୀରତ୍ୱରେ ଶତ୍ରୁପକ୍ଷ ମଧ୍ୟରେ ସନ୍ତ୍ରାସ ଖେଳିଯାଉଥିବାରୁ ଏହି ଗଡ଼ର ନାମ ‘ସନ୍ତ୍ରାସଗଡ଼’ ବା ‘ଗଡ଼ସନ୍ତ୍ରୀ’ ଭାବେ ନାମିତ କରାଯାଇଥିବା ଅନୁମେୟ। ଅନ୍ୟ ଏକ ମତରେ ମା’ ଲୋଭୀ ଠାକୁରାଣୀଙ୍କ ଆଶୀର୍ବାଦରୁ ଅନୁଗୋଳର ରାଜା ସୋମନାଥ ସିଂହ ୧୮୨୫ ମସିହା ବୁଢ଼ାପଙ୍କ ଯୁଦ୍ଧରେ ବିଜୟ ଲାଭ କରିଥିଲେ। ଏଣୁ କୁହାଯାଏ ‘ଜୋର ଯା’ର, ବୁଢ଼ାପଙ୍କ ତାହାର’।

– ରିପୋର୍ଟ: ମାନସ ବିଶ୍ୱାଳ, ଅନୁଗୋଳ



**ଗଡ଼ସନ୍ତ୍ରୀ ଓ ତୁଳସୀପାଳ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା’ ଲୋଭୀ ଠାକୁରାଣୀ**


ISO 9001 CERTIFIED
EXCELLENCY OF 17th GLORIOUS YEAR
PP
ପ୍ରାଣକ୍ରିଷ୍ଣ ଜୁଏଲାରୀ ପାଲେସ୍
(HUID)
ଷ୍ଟେସନ ବଜାର (ପି.ଏନ୍.ବି. ଏଟିଏମ୍ ପାଖ) ରୁପସା, ବାଲେଶ୍ୱର - ୨୮
ଫୋନ୍ ନଂ. - ୦୬୭୮୧-୨୫୪୦୨୬
‘ରବିବାର ବନ୍ଦ’
A Palace of an abstract idea in Jewellery Shopping
.... bond with the best

SRIRAM GROUP OF INSTITUTIONS
SORO, BALASORE
12 YEARS
CHSE RESULTS 2025
COURSES OFFERED
+2 SCIENCE (CHSE)
+2 SCIENCE (CBSE)
+3 SCIENCE
AMIT KUMAR NAYAK 94.33%
ALINA PRIYADARSHANI PANDA 91.66%
JAY PRAKASH PRUSTY 91.66%
AKANKSHYA PANDA 91.50%
SUBHANKAR NAYAK 90.66%
AMAR MALIK 90.16%
SATABDIKA NAYAK Odisha Civil Services (OCS) Rank- 238
For Admission Contact : 7978620299, 9437385534, 9861049103

K.B. HIST COLLEGE
+2, +3 ARTS/SCIENCE, P.G. (ARTS)
PHULBANI
LECTURE REQUIRED
For the Following Subjects
1. HISTORY 2. POL. SC. 3. ODIA 4. SOCIOLOGY 5. EDUCATION. 6. ENGLISH 7. IT 8. PHYSICS 9. CHEMISTRY 10. BOTANY 11. ZOOLOGY 12. DATA ENTRY OPERATOR (PGDCA) 13. MCA OR COMPUTER SCIENCE
Preferred M.Phil & Ph.D Candidates
QUALIFICATION - 55% at PG LEVEL
Salary - Never Constraint for Deserving Candidate
Contact
Mob : 94372 42387, 79781 63487
Email : anilchoudhury06@gmail.com

ଧରିତ୍ରୀ ଖବରକାଗଜର ୫୧ ବର୍ଷ ପୂର୍ତ୍ତି ତଥା ୫୨ ବର୍ଷରେ ପଦାର୍ପଣ ଅବସରରେ ଧରିତ୍ରୀ ପରିବାରକୁ ଅଜସ୍ର
ଅଭିନନ୍ଦନ
ଡ. ସି.ଏସ୍. ରାଜୀନ୍ ଏକ୍କା
ବିଧାୟକ, ରାଜଗାଙ୍ଗପୁର

ଧରିତ୍ରୀର ୫୨ତମ ସ୍ୱନକ୍ଷତ୍ର ଅବସରରେ ଖୋର୍ଦ୍ଧା ଜିଲ୍ଲାର ଅଗଣିତ ପାଠକ, ପାଠିକା, ଖବରଦାତାଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ
ଅଭିନନ୍ଦନ
ରାଜୀବ ପଟ୍ଟନାୟକ
ଜିଲ୍ଲା କଂଗ୍ରେସ ସଭାପତି, ଖୋର୍ଦ୍ଧା ଜିଲ୍ଲା

ଅଭିନନ୍ଦନ
ଧରିତ୍ରୀ ଖବରକାଗଜ ର ୫୨ତମ ସ୍ୱନକ୍ଷତ୍ର ଦିବସ ଅବସରରେ ରାଜ୍ୟ ତଥା ଅନୁଗୋଳବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ
ଶୁଭକାମନା
ପ୍ରବୋଧ କୁମାର ସାଇଁ
ସମାଜସେବୀ, ଅନୁଗୋଳ

“ରକ୍ତ ଦାନ ମହାପୁଣ୍ୟ”
“ସୁସ୍ଥ ପରିବେଶ, ଜୀବନ ସରସ”
‘ଧରିତ୍ରୀ’ର ଶୁଭ ଜନ୍ମଦିବସରେ ସମସ୍ତଙ୍କୁ ପ୍ରୀତି ଭରା
ଅଭିନନ୍ଦନ
ଲକ୍ଷ୍ମୀନାରାୟଣ ହାଇସ୍କୁଲ ସ୍କୋର ଓ ସୁରେନ୍ଦ୍ର ନାଥ ଜେନା ସ୍ମୃତି କମିଟି ତରଫରୁ ସମଗ୍ର ବାଲେଶ୍ୱରବାସୀଙ୍କ ସୁଖ, ସମୃଦ୍ଧି କାମନା କରୁଛି।
ସୁମନ୍ତ କୁମାର ଜେନା
ବିଶିଷ୍ଟ ସମାଜସେବୀ ତଥା ପରିବେଶପ୍ରେମୀ
ବସ୍ତା, ବାଲେଶ୍ୱର

ଅଭିନନ୍ଦନ
ଦୈନିକ ଓଡ଼ିଆ ଖବରକାଗଜ “ଧରିତ୍ରୀ”ର ସ୍ୱନକ୍ଷତ୍ର ଦିବସ ଅବସରରେ ନୀଳଗିରି ପଞ୍ଚାୟତ ସମିତିର ସମସ୍ତ ଗୁରୁଜନ ଭାଇ ଓ ଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି। ଆସନ୍ତୁ ପରିଶ୍ରମ ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ ହାତକୁ ହାତ ମିଳାଇ ଆଗେଇ ଯିବା, ଭବିଷ୍ୟତ ପିଢ଼ିଙ୍କ ପାଇଁ ନୂତନ ଉଦାହରଣ ସୃଷ୍ଟି କରିବା।
ଶ୍ରୀମତୀ ଶୁଭଲକ୍ଷ୍ମୀ ମାଝୀ
ନୀଳଗିରି ବ୍ଲକ ଅଧକ୍ଷା (ଧରିତ୍ରୀର ଶୁଭଚିନ୍ତକ)

Are You Interested for
Residential Plot, Duplex & Apartment at Dhenkanal & Bhubaneswar
Contact
7853001470 / 9178150844

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ
ଶୁଭେଚ୍ଛା
ଜଣେ ଶୁଭାକାଂକ୍ଷୀ, ଢେଙ୍କାନାଳ

AJ FOUNDATION
ଧରିତ୍ରୀ ଖବରକାଗଜର ୫୨ତମ ସ୍ୱନକ୍ଷତ୍ର ଅବସରରେ ବିଭିନ୍ନ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରଛାତ୍ରୀ, ଜନସାଧାରଣ ଓ ଧରିତ୍ରୀ ପରିବାରକୁ ହାର୍ଦ୍ଦିକ ଅଭିନନ୍ଦନ ଓ
ଶୁଭେଚ୍ଛା
ଆସନ୍ତୁ, ସମସ୍ତେ ସ୍ୱଚ୍ଛ ଅଭ୍ୟାସ, ସୁସ୍ଥ ଭବିଷ୍ୟତ, ପାଇଁ ସଂକଳ୍ପ ନେବା
AMAR JYOTI FOUNDATION
N/6-134, IRC Village, Bhubaneswar, Odisha - 751015
Website : www.amarjyotifoundation.org

ବାର୍ତ୍ତା
ଓଡ଼ିଶାର ଲୋକପ୍ରିୟ ଖବରକାଗଜ “ଧରିତ୍ରୀ”ର ୫୨ତମ ବାର୍ଷିକୀ ସ୍ୱତନ୍ତ୍ର ସଂସ୍କରଣ ପ୍ରକାଶନର ଶୁଭ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।
ସତ୍ୟ, ସାହସ ଓ ସମାଜସେବା ପଥରେ ଧରିତ୍ରୀର ଅବିରତ ପ୍ରୟାସ ୫୦ ବର୍ଷଧରି ପାଠକମାନଙ୍କୁ ଜ୍ଞାନ, ସଚେତନତା ଓ ପ୍ରେରଣା ଦେଇଆସୁଛି। ଏହି ଖବରକାଗଜ ଓଡ଼ିଶାର ପ୍ରତିଟି ଜନମାନସରେ ଏକ ଅଲିଭା ରେଖା ହୋଇ ରହିଆସିଛି।
ରାଜ୍ୟ, ଦେଶ ଓ ସର୍ବୋପରି ପୃଥିବୀର ସମସ୍ତ ଘଟଣାକୁ ପାଠକଙ୍କ ନିକଟରେ ଯଥା ସମୟରେ ନିର୍ଭୁଲ ଓ ନିର୍ଭୀକ ଭାବରେ ପହଞ୍ଚାଇବାରେ ଏହି ଖବରକାଗଜ ପ୍ରମୁଖ ଭୂମିକା ନିର୍ବାହ କରିଆସିଛି। ଦୀର୍ଘ ପଚାଶ ବର୍ଷ ଧରି ଓଡ଼ିଶାର ପ୍ରିୟ ପାଠକମାନଙ୍କର ସୂଚନା ଓ ଜ୍ଞାନର ଏକ ପ୍ରମୁଖ ତଥା ନିର୍ଭରଯୋଗ୍ୟ ସ୍ରୋତ ଭାବେ ଏହା ନିଜକୁ ପ୍ରତିଷ୍ଠିତ କରି ପାରିଛି।
ଆଗାମୀ ଦିନରେ ଏହି ଖବରକାଗଜର ଲେଖା, ସମାଚାର ଓ ବିଚାର ଓଡ଼ିଆ ସମାଜକୁ ଆହୁରି ସଶକ୍ତ କରିବା ସହ ଓଡ଼ିଆ ଅସ୍ମିତାକୁ ପରିପୁଷ୍ଟ କରୁ ଏହି କାମନା କରୁଛି।
ସୁକାନ୍ତ କୁମାର ପାଣିଗ୍ରାହୀ
ସାଂସଦ (ଲୋକସଭା), କନ୍ଧମାଳ ସଂସଦୀୟ ମଣ୍ଡଳୀ

‘ଧରିତ୍ରୀ’ର ୫୨ତମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତଙ୍କୁ ଅଭିନନ୍ଦନ। ସତ୍ୟ, ନିର୍ଭୀକ ଓ ନିରପେକ୍ଷ ଖବର ପରିବେଷଣ ଦିଗରେ ଓଡ଼ିଶାର ପ୍ରମୁଖ ଖବରକାଗଜ ‘ଧରିତ୍ରୀ’ର ଭୂମିକା ସର୍ବଦା ପ୍ରଶଂସନୀୟ। ପ୍ରଧାନମନ୍ତ୍ରୀଙ୍କ ‘ମନ୍ କି ବାତ୍’ କାର୍ଯ୍ୟକ୍ରମରେ ଯୋଗ୍ଦେବାକୁ ସମସ୍ତଙ୍କୁ ବିନମ୍ର ନିବେଦନ।
କୃଷ୍ଣଚନ୍ଦ୍ର ଦତ୍ତ
ମନ୍ କି ବାତ୍ ସଂଯୋଜକ, ବାଲେଶ୍ୱର (ଉତ୍ତର)

ବିଜୁ ଜନତା ଦଳ
କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ତଥା ଜିଲ୍ଲାବାସୀଙ୍କୁ ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଅବସରରେ
ଶୁଭେଚ୍ଛା
ଶ୍ରୀଯୁକ୍ତ ଗଣେଶ୍ୱର ବେହେରା
ବିଧାୟକ, କେନ୍ଦ୍ରାପଡ଼ା

ଅଭିନନ୍ଦନ
ବିଶ୍ୱ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧୀୟ ଯୁବ ସମାବେଶ ଓ ପ୍ରତିଷ୍ଠିତ ସମ୍ବାଦପତ୍ର “ଧରିତ୍ରୀ”ର ୫୨ତମ ପ୍ରତିଷ୍ଠା ଦିବସ ଅବସରରେ “ଧରିତ୍ରୀ” ପରିବାରର ସମସ୍ତଙ୍କୁ ଅଶେଷ ଅଭିନନ୍ଦନ। ଜଳବାୟୁ ପରିବର୍ତ୍ତନ ପ୍ରତି ଧରିତ୍ରୀର ଏହି ଅଭିନବ ପ୍ରୟାସ ନିଶ୍ଚିତ ଭାବରେ ସୁଫଳ ଆଣିବାରେ ସହାୟକ ହେବ ବୋଲି ମୋର ଦୃଢ଼ ବିଶ୍ୱାସ। “ଧରିତ୍ରୀ”ର ଧରିତ୍ରୀ ମାଁ ପାଇଁ ଏହି ଅବଦାନ ସଦାସର୍ବଦା ପ୍ରଶଂସନୀୟ ହୋଇ ରହିବ। “ଧରିତ୍ରୀ” ଓଡ଼ିଆ ଜନମାନସକୁ ସବୁ ସମୟରେ ତା’ର କାଳଜୟୀ ବାର୍ତ୍ତା ଦେଇ ଆସିଛି ଓ ଦେଇ ଚାଲିଥାଉ। ଏହାହିଁ ମାଆ ସମଲେଇଙ୍କ ପାଖରେ ଆମ ପ୍ରାର୍ଥନା।
ସଞ୍ଜୟ ନନ୍ଦ (ପିଲୁ)
ଅଧକ୍ଷ, ଜୟ ଜଗନ୍ନାଥ ଟ୍ରକର୍ସ ଆସୋସିଏସନ

ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଅନୁଗୋଳ
GOVT. AUTONOMOUS COLLEGE, ANGUL
Approved by AICTE-Govt. of India, New Delhi
Recognised by Department of Higher Education Govt. of Odisha
Affiliated to Utkal University, Bhubaneswar
COURSE OFFER

| Course | Duration | Eligibility |
|---|---|---|
| MASTER OF COMPUTER APPLICATION (MCA) | 2 YEARS (4 SEMESTERS) COURSE FEE 50000/- Per Year | OJEE MANDATORY OJEE-2026 Rank Card Holder Passed any graduation degree (e.g: B.E./B.Tech/BSC/B.Com/BA/BCA etc.) with Mathematics obtained atleast 50% marks (45% marks of candidates belonging to reserve category) in the qualifying examination |

For any query call 7846891263/ 6371984637
Email : mcagovtautonomousangul@gmail.com





# ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ୯ରୁ

ଭୁବନେଶ୍ୱର,୨୭।୧୧(ଅନାଦି କର)

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଏବଂ ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ (ଓଏସ୍‌ବିଏ) ମିଳିତ ଆନୁକୂଲ୍ୟରେ କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଆସନ୍ତା ୯ରୁ ୧୪ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ବିଡବ୍ଲ୍ୟୁଏଫ୍ ସୁପର ୧୦୦ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏ ନେଇ ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଓଏସ୍‌ବିଏ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଓଏସ୍‌ବିଏ ସଭାପତି ରାଜେଶ ପ୍ରଭାକର ପାଟିଲ ଏବଂ କ୍ରୀଡ଼ା ଓ ଯୁବ ସେବା ବିଭାଗର କମିଶନର ତଥା ସଚିବ ରାମଚନ୍ଦ୍ର ଯାଦବ ଯୋଗଦେଇଥିଲେ।

୨୦୨୨ରେ ପ୍ରଥମ ଥର ପାଇଁ ଆୟୋଜିତ ହୋଇଥିବା ଓଡ଼ିଶା ମାଷ୍ଟର୍ସର ଏହା ଚତୁର୍ଥ ସଂସ୍କରଣ ହେବ। ଏଥିରେ ୨୨ ଦେଶର ୪୦୦ରୁ ଊର୍ଦ୍ଧ୍ୱ ଖେଳାଳି ଭାଗ ନେବାକୁ ଥିବା ବେଳେ ପୁରୁଷ ସିଙ୍ଗଲ୍ସରେ ଏଚ୍ ଏସ୍ ପ୍ରନୟ, କିଡାମ୍ବି ଶ୍ରୀକାନ୍ତ, ଗତ ସଂସ୍କରଣର ରନରଅପ୍ ଥରୁନ ମନେପାଲି, ମହିଳା ସିଙ୍ଗଲ୍ସରେ ଉନ୍ନତି ହୁଡା, ଅନମୋଲ ଖାର୍ବଙ୍କ ଭଳି ଷ୍ଟାର ଖେଳାଳିଙ୍କ ସମେତ ଦେଶର ୧୦୦ରୁ ଊର୍ଦ୍ଧ୍ୱ ଖେଳାଳି ଭାଗ ନେବେ। ଓଡ଼ିଶାରୁ ତନଭି ପତ୍ରି, ରତପର୍ଣ୍ଣା-ଶ୍ୱେତପର୍ଣ୍ଣା ପଣ୍ଡା, ଆୟୁଷ ଦାଶ, ପୂର୍ବ ପ୍ରତ୍ୟାଶ ପଣ୍ଡା, ହର୍ଶିତା ରାଉତଙ୍କ ଭଳି ୧୩ ଖେଳାଳି ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟରେ ଭାଗ ନେବାକୁ ଯାଉଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ପୂର୍ବରୁ କଳିଙ୍ଗ ଷ୍ଟାଡିୟମସ୍ଥିତ ପୁଲେଲା ଗୋପିଚାନ୍ଦ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ଏକାଡେମୀ ଭାରତୀୟ ବ୍ୟାଡ୍‌ମିଣ୍ଟନ ମହାସଂଘ (ବାଇ) ଆନୁକୂଲ୍ୟରେ ଓଏସ୍‌ବିଏ ଦ୍ୱାରା ଆସନ୍ତା ୧ରୁ ୬ ତାରିଖ ପର୍ଯ୍ୟନ୍ତ ୩୭ତମ ସବ୍‌ଜୁନିୟର ନ୍ୟାଶନାଲ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ୧୫ ଓ ୧୭ ବର୍ଷରୁ କମ୍ ବର୍ଗରେ ଉଭୟ ବାଳିକା ଓ ବାଳକ ଖେଳାଳି ଭାଗ ନେବେ।

**ଓଡ଼ିଶା ଦକ୍ଷ:** କ୍ରମାଗତ ଚତୁର୍ଥ ଥର ପାଇଁ ରାଜ୍ୟରେ ଓଡ଼ିଶା ମାଷ୍ଟର୍ସ ଭଳି ମର୍ଯ୍ୟାଦାପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟ ହେବାକୁ ଯାଉଛି। ଏଥିପୂର୍ବରୁ ୩୭ତମ ସବ୍‌ଜୁନିୟର ନ୍ୟାଶନାଲ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ମଧ୍ୟ ଆୟୋଜିତ ହେବ। ଏଣୁ ୨ ସପ୍ତାହ ମଧ୍ୟରେ ଓଡ଼ିଶା ଲଗାତର ଦୁଇଟି ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବ। ଓଡ଼ିଶା ମାଷ୍ଟର୍ସ ୯ ତାରିଖରୁ ଆରମ୍ଭ ହେବାକୁ ଥିବାବେଳେ ସେହି ଦିନ କଟକର ବାରବାଟୀ ଷ୍ଟାଡିୟମରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ୍ ଖେଳାଯିବ। ଏକା ସମୟରେ ଅନେକ ଇଣ୍ଟରନ୍ୟାଶନାଲ ଇଭେଣ୍ଟ ଆୟୋଜନ କରିବାର ଓଡ଼ିଶାର ଦକ୍ଷତା ଓ ଅଭିଜ୍ଞତାକୁ ଏହା ଦର୍ଶାଉଛି ବୋଲି କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ଏହା ବ୍ୟତୀତ ସେ ପ୍ରକାଶ କରିଛନ୍ତି ଯେ, ଓଡ଼ିଶାର ଖେଳାଳିମାନେ ବ୍ୟାଡ୍‌ମିଣ୍ଟନ କ୍ଷେତ୍ରରେ ବହୁ ସୁନାମ ଲାଭ କରିଛନ୍ତି। ଆମର ତନଭି ପତ୍ରିଙ୍କଠାରୁ ଆରମ୍ଭ କରି ଅନେକ ଯୁବ ଓ ଉଦୀୟମାନ ଖେଳାଳି ଆଗକୁ ଆସୁଛନ୍ତି। ସେମାନେ ଭବିଷ୍ୟତରେ ଅଲିମ୍ପିକ୍ ପୋଡିୟମରେ ସ୍ଥାନ ପାଇବେ ବୋଲି ଆମେ ଆଶା କରୁଛୁ।




ଖବରଦାତା ସମ୍ମିଳନୀରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଟୁର୍ଣ୍ଣାମେଣ୍ଟ ଆୟୋଜନ ସମ୍ପର୍କରେ ସୂଚନା ଦେଉଛନ୍ତି। (ଫଟୋ: ବିକାଶ ନାୟକ)

# ଦୀପ୍ତିଙ୍କୁ ୩.୨୦ କୋଟିରେ ନେଲା ୱାରିଅର୍ଜ

ନୂଆଦିଲ୍ଲୀ, ୨୭।୧୧ (ପି.ଟି.)

ଆସନ୍ତା ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ପାଇଁ ଖେଳାଳି ନିଲାମି ପ୍ରକ୍ରିୟା ଏଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୀପ୍ତି ଶର୍ମା ଆଶାତୀତ ବହୁ ମୂଲ୍ୟରେ ବିକ୍ରି ହୋଇଛନ୍ତି। ୟୁପି ୱାରିଅର୍ଜ ରାଇଟ୍ ଟୁ ମ୍ୟାଚ (ଆରଟିଏମ୍)ର ଉପଯୋଗ କରି ଏହି ଭାରତୀୟ ଅଲ୍‌ରାଉଣ୍ଡରଙ୍କୁ ସର୍ବାଧିକ ୩.୨୦ କୋଟି ଟଙ୍କାରେ କ୍ରୟ କରିଛି। ଡବ୍ଲୁପିଏଲ୍ ଇତିହାସରେ ସବୁଠାରୁ ଦାମି ଖେଳାଳି ହେଉଛନ୍ତି ସ୍ମୃତି ମନ୍ଧାନା।

## ମହିଳା ପ୍ରିମିୟର ଲିଗ୍ ନିଲାମି

୨୦୨୩ରେ ଟୁର୍ଣ୍ଣାମେଣ୍ଟର ପ୍ରଥମ ସଂସ୍କରଣରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ତାଙ୍କୁ ୩.୪୦ କୋଟି ଟଙ୍କାରେ କ୍ରୟ କରିଥିଲା। ମୁମ୍ବାଇ ଇଣ୍ଡିଆନ୍ସ ଗତ ସିଜନର ଯୁଗ୍ମ ସର୍ବାଧିକ ଉଇକେଟ ହାସଲକାରୀ ବୋଲର ନ୍ୟୁଜିଲାଣ୍ଡ ଅଲ୍‌ରାଉଣ୍ଡର ଆମେଲିଆ କେରଙ୍କୁ ୩ କୋଟି ଟଙ୍କା ମୂଲ୍ୟରେ ନେଇଛି। ଦାମୀ ଖେଳାଳିଙ୍କ ମଧ୍ୟରେ ଦୁଇ ପୁରୁଖା ଖେଳାଳି ଅଷ୍ଟ୍ରେଲିଆ ମେଗ୍ ଲାନିଂ ଓ ନ୍ୟୁଜିଲାଣ୍ଡର ସୋଫି ଡିଭାଇନ ରହିଛନ୍ତି। ଗୁଜରାଟ ଜାଏଣ୍ଟ୍ସ ଡିଭାଇନ୍‌ଙ୍କୁ ୨ କୋଟିରେ ନେଇଥିବା ବେଳେ ଦିଲ୍ଲୀ କ୍ୟାପିଟାଲ୍ସ ସହିତ ବିଡିଂ ଲଢେଇ ପରେ ଲାନିଂଙ୍କୁ ୧.୯୦ କୋଟି ଟଙ୍କାରେ କ୍ରୟ କରିଛି ୟୁପି ୱାରିଅର୍ଜ। ସର୍ବାଧିକ ୧୪.୫ କୋଟି ପ୍ରାଇଜ୍ ପର୍ସ ସହ ନିଲାମିକୁ ଓହ୍ଲାଇଥିବା ୱାରିଅର୍ଜ ଦଳ ନିଲାମିରେ ବେଶ୍ ସକ୍ରିୟ ରହିବା ସହ ଆରଟିଏମ୍ କାର୍ଡର ଉପଯୋଗ କରି ପୁନର୍ବାର ଇଂଲଣ୍ଡର ଅଗ୍ରଣୀ ସ୍ପିନର ସୋଫି ଏକ୍ଲେଷ୍ଟୋନ୍‌ଙ୍କୁ ୮୫ ଲକ୍ଷ ଟଙ୍କାରେ କ୍ରୟ କରିଛି। ଦକ୍ଷିଣ ଆଫ୍ରିକା ଓପନର ଲାଉରା ଓଲ୍‌ଭାର୍ଡ୍ଟ ୧.୧୦ କୋଟି ଟଙ୍କାରେ ଦିଲ୍ଲୀ କ୍ୟାପିଟାଲ୍ସକୁ ଯାଇଥିବା ବେଳେ ଭାରତ ପେସର ରେଣୁକା ସିଂଙ୍କୁ ଜାଏଣ୍ଟ୍ସ ଦଳ ୬୦ ଲକ୍ଷ ଟଙ୍କାରେ କ୍ରୟ କରିଛି। ନିଲାମି ବେଳେ ପ୍ରଥମେ ଅଷ୍ଟ୍ରେଲିଆ ଅଧିନାୟକ ଏଲିସା ହିଲିଙ୍କ ନାମ ଡକା ଯାଇଥିଲା। ମାତ୍ର ଆଶ୍ଚର୍ଯ୍ୟଜନକ ଭାବେ ତାଙ୍କ ପ୍ରତି କୌଣସି ଫ୍ରାଞ୍ଚାଇଜ ଆଗ୍ରହ ପ୍ରକାଶ କରି ନ ଥିଲେ।



ଦୀପ୍ତି ଶର୍ମା







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ